ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 41 •ISSUE-328 •BHUBANESWAR •SATURDAY •25 MAY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୨୮ •ଭୁବନେଶ୍ୱର •ଶନିବାର •୨୫ ମେ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦




ଅନୁଷ୍କାଙ୍କ ମାର୍ଗରେ **କ୍ୟାଟ୍ରିନା**

▶ପୃଷ୍ଠା ୧୪ ଦେଖନ୍ତୁ...

## ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ

# ଆଜି ଭୋଟ



### ୬ ଲୋକସଭା, ୪୨ ବିଧାନସଭା ଆସନ ପାଇଁ ନେତା ବାଛିବେ ଜନତା

■ **ଭୁବନେଶ୍ୱର, ୨୪।୫ (ସମିସ):** ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ମୋଟ ୬ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ୪୨ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାକୁ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି। ପୋଲିଂ ପାର୍ଟିଗୁଡ଼ିକ ବୁଥ୍‌ରେ ପହଞ୍ଚି ସାରିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ପର୍ଯ୍ୟାୟରେ ରାଜ୍ୟର ବହୁ ହେଭିୱେଟ୍ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ବେଳେ ନିର୍ବାଚନକୁ ନେଇ ସାଧାରଣରେ ବେଶ୍ ଉତ୍କଣ୍ଠା ଏବଂ ଉତ୍ସୁକତା ପ୍ରକାଶ ପାଇଛି। ଭୋଟର୍ କାହା ପ୍ରତି ସମର୍ଥନ ଅଜାଡ଼ିବେ, କିଏ ନିର୍ବାଚନୀ ସଫଳତା ପାଇବେ; ଏହାକୁ ନେଇ ଗାଁଠାରୁ ସହର ଯାଏଁ ଆଲୋଚନା ଜୋର୍ ଧରିଥିବା ବେଳେ ଏପଟେ ପ୍ରାର୍ଥୀଙ୍କ ଛାତି ଧଡ଼ଧଡ଼ ହେଲାଣି। ନିଜ ପକ୍ଷକୁ ଭୋଟରଙ୍କୁ ଆଣିବା ପାଇଁ ପ୍ରାର୍ଥୀ ଏବଂ ସେମାନଙ୍କ ଦଳ ମଇଦାନରେ ଖୁବ୍ ଝାଳ ବୁହାଇଥିବା ବେଳେ ଜନତା କାହା ମୁଣ୍ଡରେ ଶିରିପା ବାନ୍ଧୁଛନ୍ତି; ତାହାକୁ ନେଇ ଉତ୍କଣ୍ଠା ଚରମସୀମାରେ ପହଞ୍ଚିଛି।

ଆସନ୍ତାକାଲି ସମ୍ବଲପୁର, ପୁରୀ, ଭୁବନେଶ୍ୱର, କଟକ, ଢେଙ୍କାନାଳ ଓ କେନ୍ଦୁଝର ଲୋକସଭା ଏବଂ ଏହା ଅନ୍ତର୍ଗତ ୪୨ ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ଗତ ୨୦୧୯ ମସିହା ସାଧାରଣ ନିର୍ବାଚନରେ ଏହି ୬ ସଂସଦୀୟ ଆସନ ମଧ୍ୟରୁ ବିଜେଡି ୪ଟିରେ ବିଜୟୀ ହୋଇଥିବା ବେଳେ ବିଜେପି ଖାତାକୁ ୨ଟି ଆସନ ଯାଇଥିଲା। ସେହିପରି ୪୨ ବିଧାନସଭା ଆସନରେ ଶାସକ ବିଜୁ ଜନତା ଦଳକୁ ବିପୁଳ ବିଜୟ ମିଳିଥିଲା। ୪୨ ଆସନ ମଧ୍ୟରୁ ବିଜେଡି ସର୍ବାଧିକ ୩୪ ଆସନରେ ବିଜୟୀ ହୋଇଥିଲା। ଅପରପକ୍ଷେ, ବିଜେପି ଖାତାକୁ ୬ଟି ଏବଂ କଂଗ୍ରେସ ମାତ୍ର ୨ଟି ଆସନରେ ସନ୍ତୁଷ୍ଟ ହୋଇଥିଲା। ଚଳିତଥର ମଧ୍ୟ ବିଧାନସଭାରେ ସମାନ ପରିସଂଖ୍ୟାନ ବଜାୟ ରଖିବାକୁ ବିଜେଡି ପ୍ରଚାର କାର୍ଯ୍ୟକ୍ରମକୁ ଶାଣିତ କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଉପରୋକ୍ତ ଲୋକସଭା କ୍ଷେତ୍ରକୁ ଘନଘନ ଗସ୍ତ କରି ଦଳୀୟ ▶ପୃଷ୍ଠା-୯

- **ଭାଗ୍ୟ ପରୀକ୍ଷା କରୁଛନ୍ତି ମୋଟ ୪୪୭ ପ୍ରାର୍ଥୀ, ମଇଦାନରେ ବହୁ ହେଭିୱେଟ୍**
- **ଧର୍ମେନ୍ଦ୍ର-ପ୍ରଣବ, ଅପରାଜିତା-ମନ୍ମଥ, ଅରୂପ-ସମ୍ବିତଙ୍କ ଉପରେ ସମସ୍ତଙ୍କ ନଜର**
- **ଗତଥର ୪୨ବିଧାନସଭା ଆସନରୁ ବିଜେଡିକୁ ମିଳିଥିଲା ସର୍ବାଧିକ ୩୪ ଆସନ**
- **୬ ଲୋକସଭା ଆସନରୁ ୪ଟିରେ ବିଜୟ ବାନା ଉଡ଼ାଇଥିଲା ବିଜେଡି**

## ବିଜେପିକୁ ନବୀନଙ୍କ କଡ଼ା ଜବାବ

# ମୁଁ ଫିଟ୍; ମିଛର ଏକ ସୀମା ଥାଏ

■ **ଭୁବନେଶ୍ୱର, ୨୪।୫ (ସମିସ):** ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅପପ୍ରଚାର କରୁଥିବା ବିଜେପିକୁ ସଂକ୍ଷେପରେ ଅତ୍ୟନ୍ତ କଡ଼ା ଶବ୍ଦରେ ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମିଛ କହିବାର ଗୋଟିଏ ସୀମା ଥାଏ ବୋଲି ଉଲ୍ଲେଖ କରିବା ସହ ନୀଚ ରାଜନୀତି କରୁଥିବା ବିଜେପି ନେତାଙ୍କୁ ଏଥିରୁ କ୍ଷାନ୍ତ ରହିବା ପାଇଁ ପରୋକ୍ଷରେ ବାର୍ତ୍ତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

"ମୁଁ ଗତ ଏକ ମାସ ହେବ ରାଜ୍ୟସାରା ବୁଲୁଛି, ନିର୍ବାଚନ ପ୍ରଚାର କରୁଛି। ଆପଣମାନେ ଦେଖୁଛନ୍ତି ମୁଁ ସୁସ୍ଥ ଅଛି। ତେଣୁ ବିଜେପି ନେତାମାନେ ସୀମା ଭିତରେ ରହି ମିଛ କହନ୍ତୁ ବୋଲି ସ୍ପଷ୍ଟ ଶବ୍ଦରେ କହିଛନ୍ତି ମୁଖ୍ୟମନ୍ତ୍ରୀ। ଏପରିକି ବିରୋଧୀ ଆଉ କେତେ ଅପପ୍ରଚାର କରିବେ ବୋଲି ବିଜେଡି ସୁପ୍ରିମୋ ତାତ୍ସଲ୍ୟ କରିଛନ୍ତି।

ଗତ ୧୦ ବର୍ଷ ହେଲା ବିଜେପି ନେତାମାନେ ବିଭିନ୍ନ ନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ପ୍ରଚାର କରନ୍ତି, ଅପପ୍ରଚାର ଚଳାଇଥାଆନ୍ତି। ଗତ ୨୦୧୯ ବିଧାନସଭା ନିର୍ବାଚନ ହେଉ ଅବା ପଞ୍ଚାୟତ ନିର୍ବାଚନ, ପରାଜୟ ଭୟରେ ପ୍ରତି ସମୟରେ ବିଜେପିର ▶ପୃଷ୍ଠା-୯



## ଲୋକପ୍ରିୟ ନେତାଙ୍କ ସ୍ୱାସ୍ଥ୍ୟକୁ ନେଇ ମିଛ ପ୍ରଚାର ଦୁର୍ଭାଗ୍ୟଜନକ: ପାଣ୍ଡିଆନ

■ **ଭୁବନେଶ୍ୱର, ୨୪।୫ (ସମିସ):** ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ବିଜେପି ଯେପରି ରଣନୀତି ଆପଣେଇଛି ତାହା ଅତ୍ୟନ୍ତ ନୀଚସ୍ତରର କାର୍ଯ୍ୟ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡ଼ିଶା ବିଜେପି କିଛି ନୂଆ ରଣନୀତି ସହିତ ନିର୍ବାଚନ ଲଢ଼ିବା ଆବଶ୍ୟକ ବୋଲି ତାତ୍ସଲ୍ୟ କରିଛନ୍ତି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ କୋଟି କୋଟି ଓଡ଼ିଶାବାସୀଙ୍କ ହୃଦୟରେ ସ୍ଥାନ ପାଇଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ନେଇ ଓଡ଼ିଶାବାସୀଙ୍କୁ ଭ୍ରମିତ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ବିଜେପି ନେତାମାନେ ବାରମ୍ବାର ମିଛ କହି ଚାଲିଛନ୍ତି। ଆପଣମାନେ ସମସ୍ତେ ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ କେତେ ଫିଟ୍ ଅଛନ୍ତି। ରାଜ୍ୟସାରା ବୁଲି ବୁଲି ନିର୍ବାଚନ ପ୍ରଚାର କରୁଛନ୍ତି; କିନ୍ତୁ ଏତେ ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ସ୍ୱାସ୍ଥ୍ୟ ନେଇ ହୀନ ରାଜନୀତି କରାଯାଉଛି। ଓଡ଼ିଶାବାସୀ ଏହାକୁ କେବେ ବି ବରଦାସ୍ତ କରିବେ ନାହିଁ। ଆମ ସହିତ ଲଢ଼ିବା ପାଇଁ ବିଜେପି କିଛି ନୂଆ ଏବଂ ଅଭିନବ ରଣନୀତି ନେଇ ଆସୁ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

> **ନିର୍ବାଚନ ଲଢ଼ିବାକୁ କିଛି ନୂଆ ରଣନୀତି ପ୍ରସ୍ତୁତ କରନ୍ତୁ ବିରୋଧୀ**

## ଲୋକକଥା



ନିନ୍ଦା-ପ୍ରଶଂସାଠୁ ଉର୍ଦ୍ଧ୍ୱରେ ଜାଣ ହେ
ଆମ ମୁଖ୍ୟମନ୍ତ୍ରୀ ନବୀନ,
ଦେଶରେ ଏଭଳି ଜଣେ କିଏ କାହିଁ
ତାଙ୍କ ସହ ହେବ ସମାନ !
ନ ହୁଅ ବାବୁ ହେ ଉଚ୍ଛନ୍ନ,
ଈର୍ଷାରେ ଜଳିଲେ ନିଜେ ଜଳିଯିବ
ପାଉଁଶ ହୋଇବ ସମ୍ମାନ !!

# ଆଇଆଇଟି ପିଲାଙ୍କୁ ବି ମିଳୁନି ଚାକିରି

### ଏବର୍ଷ ନିଯୁକ୍ତି ପାଇନାହାନ୍ତି ୩୮ ପ୍ରତିଶତ ଛାତ୍ରଛାତ୍ରୀ

■ **ଭୁବନେଶ୍ୱର, ୨୪।୫(ସମିସ):** ଦେଶରେ ବେକାରୀ ସଂଖ୍ୟା ହୁ ହୁ ବଢ଼ିବାରେ ଲାଗିଛି। ଦେଶରୁ ସବୁଠାରୁ ଶ୍ରେଷ୍ଠ ତଥା ମର୍ଯ୍ୟାଦା ସମ୍ପୂର୍ଣ୍ଣ ଶିକ୍ଷାନୁଷ୍ଠାନରୁ ପାଠ୍ୟକ୍ରମ ଶେଷ କରିବା ପରେ ଯେ ସହଜରେ ଚାକିରି ମିଳିଯିବ ଏହାର କୌଣସି ଗ୍ୟାରେଣ୍ଟି ନାହିଁ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ଦେଶର ମୋଟ ୩୮ ପ୍ରତିଶତ ଆଇଆଇଟି ଛାତ୍ରଛାତ୍ରୀ କ୍ୟାମ୍ପସ ପ୍ଲେସମେଣ୍ଟ ପାଇ ନାହାନ୍ତି। ୨୦୨୪ ମସିହାରେ ପ୍ରାୟ ୮ ହଜାର ଆଇଆଇଟି ଛାତ୍ରଛାତ୍ରୀଙ୍କୁ ଚାକିରି ମିଳିପାରି ନାହିଁ। ଆଇଆଇଟି ଅନୁଷ୍ଠାନଗୁଡ଼ିକର ପ୍ଲେସ୍‌ମେଣ୍ଟ ସମ୍ପର୍କିତ ଏହି ରିପୋର୍ଟ ଦେଶର ମେଧାବୀ ଛାତ୍ରଛାତ୍ରଙ୍କ ଚିନ୍ତା ବଢ଼ାଇ ଦେଇଛି।



ଭାରତରେ ଆଇଆଇଟି ଶିକ୍ଷାନୁଷ୍ଠାନଗୁଡ଼ିକ ଇଞ୍ଜିନିୟରିଂ ପାଠ୍ୟକ୍ରମର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ। ଏଠାରେ ପାଠ ପଢ଼ିବାକୁ ଅନେକ ଛାତ୍ରଛାତ୍ରୀ ସ୍ୱପ୍ନ ଦେଖିଥା'ନ୍ତି। ଆଇଆଇଟିରେ ସିଟ୍ ଖଣ୍ଡେ ମିଳିବା ମାତ୍ରେ ପରିବାର ଲୋକେ ପିଲାର ଭବିଷ୍ୟତ ସମ୍ପର୍କରେ ଆଉ ଚିନ୍ତା କରନ୍ତି ନାହିଁ। କାରଣ ଏଠାରୁ ବାହାରିବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ହାତରେ ୨ରୁ ୩ଟି ଚାକିରି ରହିଥାଏ। ହେଲେ ଭାରତର ଏହି ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଏବେ ପ୍ଲେସମେଣ୍ଟ ସମସ୍ୟା ମଧ୍ୟ ଦେଇ ଗତି କରୁଛି। ଚଳିତବର୍ଷ କେତେଜଣ ଆଇଆଇଟିଆନଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ମିଳିଛି, ସେନେଇ କାନପୁର ଆଇଆଇଟିର ପୂରାତନ ଛାତ୍ର ଧିରଜ ସିଂ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ସାର୍ବଜନୀନ ▶ପୃଷ୍ଠା-୯




ସକାଳ THE SAKALA
www.sakalaepaper.com

## ପୁଅ କି ଝିଅ ଜାଣିବାକୁ ସ୍ତ୍ରୀର ପେଟ କାଟିଦେଲା ସ୍ୱାମୀ



ବଦାଉଁ,୨୪।୫(ଏଜେନ୍ସି): ୨୨ ବର୍ଷର ବୈବାହିକ ଜୀବନ। ଗୋଟିଏ ପରେ ଗୋଟିଏ ୫ ଝିଅ ଜନ୍ମ ହୋଇଛନ୍ତି। କେବଳ ଝିଅ ଜନ୍ମ ଦେଉଥିବାରୁ ସ୍ତ୍ରୀକୁ ସର୍ବଦା ମିଳୁଥିଲା ସ୍ୱାମୀଠାରୁ କ୍ରୁର ଲାଞ୍ଛନା। ଅନେକ ସମୟରେ ଭୀଷଣ କଳି ହେଉଥିଲା ଉଭୟଙ୍କ ମଧ୍ୟରେ। ତେବେ, ପୁଣି ଗର୍ଭବତୀ ହେଲା ସ୍ତ୍ରୀ। ୮ ମାସର ଗର୍ଭ ଧାରଣ ଅବସ୍ଥାରେ ତା' ପେଟରେ ବଢୁଥିବା ଶିଶୁର ଲିଙ୍ଗ ଜାଣିବାକୁ ସ୍ୱାମୀ ପାନ୍ନାଲାଲ ପତ୍ନୀ ଅନିତାର ପେଟକୁ ଏକ ଦା'ରେ ଚିରିଦେଲା। କ୍ଷତ ଏତେ ଗଭୀର ଓ ଚଉଡ଼ା ଥିଲା ଯେ ଅନିତାଙ୍କ ଅନ୍ତବୁଜୁଳା ପଦାକୁ ବାହରିପଡ଼ି ଝୁଲି ରହିଥିଲା। ଅନିତାଙ୍କ ଭାଇ ନିକଟସ୍ଥ ଏକ ଦୋକାନରେ କାର୍ଯ୍ୟ କରନ୍ତି। ସେ ଅନିତାଙ୍କ ଚିତ୍କାର ଶୁଣି ଦୌଡ଼ି ଆସିଥିଲେ। ତାଙ୍କୁ ଦେଖି ପାନ୍ନାଲାଲ ସେଠାରୁ ଖସିଯାଇଥିଲା। ପରେ ଅନିତାଙ୍କୁ ହସ୍ପିଟାଲ ନିଆଗଲା। ଡାକ୍ତର ଅନିତାଙ୍କୁ ବଞ୍ଚାଇଦେଲେ ହେଲେ ତାଙ୍କ ଗର୍ଭସ୍ଥ ଶିଶୁକୁ ବଞ୍ଚାଇ ପାରି ନ ଥିଲେ। ଏ ଘଟଣା ଘଟିଥିଲା ୨୦୨୦ ସେପ୍ଟେମ୍ବରରେ। ପୁଲିସ୍ ପାନ୍ନାଲାଲକୁ ଗିରଫ କରି କୋର୍ଟରେ ହାଜର କରାଇଥିଲା। ଏହି ମାମଲାରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

## ବିଶ୍ୱର ସର୍ବକନିଷ୍ଠ ଚିତ୍ରକର ଏସି-ଲିଆମ୍



ନୂଆଦିଲ୍ଲୀ,୨୪।୫ (ଏଜେନ୍ସି): ଘାନାର ଜଣେ ଯୁବ ପ୍ରବୀଣ ଏସି-ଲିଆମ୍ ନାନା ସାମ ଅଙ୍କ୍ରା ବିଶ୍ୱର ସର୍ବକନିଷ୍ଠ ପୁରୁଷ ଚିତ୍ରକର ହୋଇଛନ୍ତି। ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସାମିଲ କରିଛନ୍ତି। ଛଅ ମାସ ବୟସରେ ସେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ବର୍ଷେ ୫୨ ଦିନର ଏହି ଶିଶୁ ଅନେକ ଚିତ୍ର ଆଙ୍କିବା ସହ ପ୍ରଦର୍ଶନୀରେ ମଧ୍ୟ ସାମିଲ ହେଉଛନ୍ତି। ତାଙ୍କର ଅନେକ ଚିତ୍ର ବିକ୍ରି ହୋଇସାରିଲାଣି। ଏହି କାର୍ଯ୍ୟ କେବଳ ତାଙ୍କ ସ୍ଥାନୀୟ ସମ୍ପ୍ରଦାୟକୁ ଖୁସି କରିନାହିଁ ବରଂ ବିଶ୍ୱବ୍ୟାପୀ ପ୍ରଶଂସା ମଧ୍ୟ ସୃଷ୍ଟି କରିଛି। ଅଙ୍କ୍ରାଙ୍କ ମାଆ କହିଛନ୍ତି ଯେ ଚିତ୍ର ଆଙ୍କିବା ପୁଅର "ପ୍ରିୟ କାର୍ଯ୍ୟକଳାପ" ହୋଇସାରିଛି। ଏବେ ଏହି ଛୋଟ ପିଲାଟି ଘାନାର ସେଲିବ୍ରିଟି ହୋଇଯାଇଛି। ସେ କେବଳ ଜାତୀୟ, ଅନ୍ତର୍ଜାତୀୟ ଗଣମାଧ୍ୟମର ଧ୍ୟାନ ଆକର୍ଷଣ କରିନାହାଁନ୍ତି ବରଂ ଘାନାର ପ୍ରଥମ ଲେଡି ଅଫ୍ ଟଡଲରଙ୍କ ପ୍ରଦର୍ଶନୀକୁ ମଧ୍ୟ ଆକର୍ଷିତ କରିଛନ୍ତି। ନିକଟରେ ଏସି-ଲିଆମ୍ ତାଙ୍କର ପ୍ରଥମ ଗୋଷ୍ଠୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କର ଦଶଟି କଳାକୃତି ପ୍ରଦର୍ଶିତ ହୋଇଥିଲା। ଏହି ଚିତ୍ରରୁ ନଅଟି ବିକ୍ରି ହୋଇ ଯାଇଥିଲା।

## ଆମେରିକା ସମ୍ପତ୍ତି ଜବତ କରିବ ରୁଷ୍



ମସ୍କୋ, ୨୪।୫ (ଏଜେନ୍ସି): ରୁଷ୍ ଆମେରିକାର ସମ୍ପତ୍ତି ଜବତ କରିବାକୁ ଯାଉଛି। ଏ ସମ୍ବନ୍ଧିତ ଆଦେଶକୁ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ମୋହର ମାରିଛନ୍ତି। ସୂଚନା ଅନୁଯାୟୀ ୨୦୨୨ ଫେବୃଆରୀ ୨୪ରେ ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଆମେରିକା ଏବଂ ପଶ୍ଚିମ ଦେଶ ମସ୍କୋ ଉପରେ ଅନେକ କଟକଣା ଲଗାଇଛନ୍ତି। ଏହା ଦ୍ୱାରା ରୁଷ୍‌ର ବିପୁଳ କ୍ଷତି ହୋଇଛି। ଏହି କ୍ଷତିର ଭରଣା କରିବା ପାଇଁ ରୁଷ୍ ନିଜ ଦେଶରେ ଥିବା ଆମେରିକାର ସମ୍ପତ୍ତି ଜବତ କରିବାକୁ ନିଷ୍ପତ୍ତି ନେଇଛି। ଏ ପର୍ଯ୍ୟନ୍ତ ଆମେରିକା ଏବଂ ପଶ୍ଚିମ ଦେଶ ରୁଷ୍‌ର ୨୪ ଲକ୍ଷ କୋଟିରୁ ଅଧିକ ଟଙ୍କା (୩୦୦ ବିଲିୟନ ଡଲାର)ର ସମ୍ପତ୍ତି ଜବତ କଲେଣି। ଏହା ପୂର୍ବରୁ ଗତ ମାସରେ ଆମେରିକା ସଂସଦରେ ଏକ ବିଲ୍ ପାରିତ ହୋଇଥିଲା। ଏଥିରେ ୟୁକ୍ରେନକୁ ସହଯୋଗ କରିବା ପାଇଁ ଆମେରିକାର ଥିବା ରୁଷ୍ ସମ୍ପତ୍ତି ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ଏହାର ଜବାବ ଦେଇ ରୁଷ ଅନେକ ବିଦେଶୀ ନିବେଶକଙ୍କ ସମ୍ପତ୍ତିକୁ ସ୍ୱତନ୍ତ୍ର ଖାତାକୁ ଟ୍ରାନ୍ସଫର କରିଥିଲା।

## କୋଠାରେ ନିଆଁ ଲାଗି ୧୪ ମୃତ

ହନୋଇ, ୨୪।୫ (ଏଜେନ୍ସି): ଭିଏତନାମର ରାଜଧାନୀ ହନୋଇ ସ୍ଥିତ ଏକ ପାଞ୍ଚ ମହଲା କୋଠାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ୬ ଜଣ ଆହତ ହୋଇଛନ୍ତି। ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ପ୍ରଥମେ କୋଠାର ଗ୍ୟାରେଜରେ ବିସ୍ଫୋରଣ ହୋଇଥିଲା। ଏଠାରେ ଇଲେକ୍ଟ୍ରିକ ବାଇକ ଏବଂ ଚାର୍ଜ ସିଷ୍ଟମ ଲାଗିଥିଲା। ଏହି ନିଆଁ ଏତେ ଭୟାବହ ଥିଲା ଯେ ଦେଖୁ ଦେଖୁ ଆଖପାଖରେ ଥିବା କୋଠାଗୁଡ଼ିକୁ ବ୍ୟାପି ଯାଇଥିଲା। ନିଆଁ ଲାଗିଥିବା ସ୍ଥାନଟି ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା। ତେଣୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ହୋଇଥିଲା। ଉଦ୍ଧାରକାରୀ ଦଳ ସିଡ଼ି ମାଧ୍ୟମରେ ଲୋକଙ୍କୁ ବାହାର କରିଥିଲେ।

## ଆଜମ ଖାନ୍, ପତ୍ନୀ, ପୁଅଙ୍କୁ ଜାମିନ

ପ୍ରୟାଗରାଜ, ୨୪।୫ (ଏଜେନ୍ସି): ଜାଲ୍ ପ୍ରମାଣପତ୍ର ମାମଲାରେ ସମାଜବାଦୀ ପାର୍ଟି (ଏସ୍‌ପି) ନେତା ଆଜମ ଖାନ, ତାଙ୍କ ପତ୍ନୀ ତଞ୍ଜିନ ଫାତିମା ଏବଂ ପୁଅ ଅବଦୁଲ୍ଲା ଆଜମଙ୍କୁ ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ଏବେ ତିନି ଜଣ ଯାକ ଅଲଗା ଅଲଗା ଜେଲ୍‌ରେ ବନ୍ଦୀ ଅଛନ୍ତି। ପ୍ରାୟ ୭ ମାସ ତଳେ ପୁଅ ଅବ୍‌ଦୁଲ୍ଲାଙ୍କ ୨ଟି ଜନ୍ମ ପ୍ରମାଣପତ୍ର ମାମଲାରେ ରାମପୁର ସ୍ୱତନ୍ତ୍ର ଏମ୍‌ପି/ଏମଏଲଏ କୋର୍ଟ ସମସ୍ତଙ୍କୁ ୭ ମାସ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ। ହାଇକୋର୍ଟ କେବଳ ଆଜମ୍‌ଙ୍କ ଜେଲ୍ ଦଣ୍ଡ ଉପରେ କଟକଣା ଲଗାଇ ଦେଇଛନ୍ତି। ଆଶ୍ୱସ୍ତି ସତ୍ତ୍ୱେ ଆଜମ ଖାନ୍ ଜେଲ୍‌ରେ ରହିବେ। କାରଣ ଘୃଣାପୂର୍ଣ୍ଣ ମନ୍ତବ୍ୟ ଦେବା ମାମଲାରେ ତାଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ହୋଇଛି।

## ମେଧା ପାଟେକର ଦୋଷୀ

ନୂଆଦିଲ୍ଲୀ, ୨୪।୫(ଏଜେନ୍ସି): ଦିଲ୍ଲୀର ସାକେତ କୋର୍ଟ ସାମାଜିକ କର୍ମୀ ତଥା ନେତ୍ରୀ ମେଧା ପାଟେକରଙ୍କୁ ଶୁକ୍ରବାର ମାନହାନୀ ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ ବର୍ଷ ତଳର ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସକ୍ସେନାଙ୍କ ଦ୍ୱାରା ଦାଏର ମାମଲାରେ କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ମେଧା ଏକ ସାକ୍ଷାତକାରରେ ତାଙ୍କ ବିରୋଧରେ ବିବାଦୀୟ ବୟାନ ଦେଇଥିଲେ ବୋଲି ସକ୍ସେନା ଅଭିଯୋଗ କରିଥିଲେ। ମାନହାନୀ ଆଇନ ଅନୁଯାୟୀ ତାଙ୍କୁ ଏବେ ଦୁଇବର୍ଷ ଜେଲଦଣ୍ଡ କିମ୍ବା ଜୋରିମନା କିମ୍ବା ଉଭୟ ଦଣ୍ଡ ମିଳିପାରେ।

# ଆଜି ୮୮୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ନୂଆଦିଲ୍ଲୀ, ୨୪।୫(ଏଜେନ୍ସି)

ଲୋକସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଆସନ୍ତା କାଲି(ଶନିବାର) ୭ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ ୫୮ଟି ସଂସଦୀୟ କ୍ଷେତ୍ରରେ ମତଦାନ ହେବ। କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀରର ରାଜୌରୀ-ଅନନ୍ତନାଗ ସଂସଦୀୟ କ୍ଷେତ୍ରରେ ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ(ମେ' ୧୩)ରେ ମତଦାନ ହେବାର ଥିଲା କିନ୍ତୁ ପାଗ ଖରାପ ଥିବାରୁ ନିର୍ବାଚନ କମିସନ ତାହାକୁ ଷଷ୍ଠ ପର୍ଯ୍ୟାୟକୁ ଘୁଞ୍ଚାଇଥିଲେ। ୨୦୧୯ ଲୋକସଭା ନିର୍ବାଚନରେ ଷଷ୍ଠ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ଏହି ୫୮ ସଂସଦୀୟ କ୍ଷେତ୍ର ମଧ୍ୟରୁ ବିଜେପି ୪୦, ବହୁଜନ ସମାଜ ପାର୍ଟି ୪, ବିଜୁ ଜନତା ଦଳ ୪, ସମାଜବାଦୀ ପାର୍ଟି ୧, ସଂଯୁକ୍ତ ଜନତା ଦଳ ୩, ତୃଣମୂଳ କଂଗ୍ରେସ ୩, ଲୋକ ଜନଶକ୍ତି ପାର୍ଟି ୧ ଓ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିଅନ ୧ ସଂସଦୀୟ କ୍ଷେତ୍ରରେ ଜିତିଥିଲେ। ୨୦୧୯ ଲୋକସଭା ନିର୍ବାଚନରେ ଏହି ୫୮ ସଂସଦୀୟ କ୍ଷେତ୍ରରୁ କୌଣସିଟିରେ ମଧ୍ୟ ଆମ୍ ଆଦମୀ ପାର୍ଟି କିମ୍ବା କଂଗ୍ରେସର ପ୍ରାର୍ଥୀ ଜିତି ନ ଥିଲେ।

ଷଷ୍ଠ ପର୍ଯ୍ୟାୟରେ ୩ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କୃଷ୍ଣପାଲ୍ ସିଂହ ଗୁଜ୍ଜର ଓ ରାଓ ଇନ୍ଦ୍ରଜିତ ସିଂହ ମୈଦାନକୁ ଓହ୍ଲାଇଛନ୍ତି। ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି, ମନୋହର ଲାଲ ଖଟ୍ଟର ଓ ଜଗଦମ୍ବିକା ପାଲଙ୍କ ଭାଗ୍ୟ ମଧ୍ୟ ଶନିବାର ନିର୍ଦ୍ଧାରିତ ହେବ। ଏମାନଙ୍କ ବ୍ୟତୀତ ମନୋଜ ତିୱାରୀ, ନବୀନ ଜିନ୍ଦଲ, ମେନକା ଗାନ୍ଧୀ, ବାଂଶୁରୀ ସ୍ୱରାଜ, ରାଜ ବବ୍ବର, କଲକାତା ହାଇକୋର୍ଟର ପୂର୍ବତନ ଜଜ୍ ଅଭିଜିତ ଗଙ୍ଗୋପାଧ୍ୟାୟ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ଏହି ପର୍ଯ୍ୟାୟରେ



ମତଦାନ ହେବାକୁ ଥିବା ୫୮ ସଂସଦୀୟ କ୍ଷେତ୍ରରେ ୯୨ ମହିଳା ପ୍ରାର୍ଥୀଙ୍କୁ ମିଶାଇ ମୋଟ ୮୮୯ ଜଣ ପ୍ରାର୍ଥୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ବିଜେପିର କୁରୁକ୍ଷେତ୍ର ପ୍ରାର୍ଥୀ ନବୀନ ଜିନ୍ଦଲ ସବୁଠୁ ଧନୀ (୧୨୪୧ କୋଟିର ସମ୍ପତ୍ତି। ମୋଟ ୮୮୯ ପ୍ରାର୍ଥୀଙ୍କ ମଧ୍ୟରୁ ୧୮୩ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ୧୪୧ ଜଣଙ୍କ ବିରୋଧରେ ହତ୍ୟା, ଅପହରଣ ଭଳି ଗୁରୁତର ମାମଲା ରହିଛି। ୧୨ଜଣ ପ୍ରାର୍ଥୀ କୌଣସି ନା କୌଣସି ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଲୋକସଭା ନିର୍ବାଚନର ପ୍ରଥମ ୫ଟି ପର୍ଯ୍ୟାୟରେ ୪୨୯ଟି ସଂସଦୀୟ କ୍ଷେତ୍ରରେ ମତଦାନ ସରିଛି। ଆସନ୍ତାକାଲିର ୫୮ ସଂସଦୀୟ କ୍ଷେତ୍ରକୁ ମିଶାଇଲେ ମେ' ୨୫ ସନ୍ଧ୍ୟା ୬ଟା ସୁଦ୍ଧା ମତଦାନ ସରିଥିବା ସଂସଦୀୟ କ୍ଷେତ୍ରର ସଂଖ୍ୟା ୪୮୭ ହେବ। ବଳକା ୫୬ ସଂସଦୀୟ କ୍ଷେତ୍ରରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ଭାବେ ଜୁନ୍ ପହିଲାରେ ମତଦାନ ହେବ। ଷଷ୍ଠ ପର୍ଯ୍ୟାୟରେ ବିଜେପି ୫୧, କଂଗ୍ରେସ ୨୫, ସମାଜବାଦୀ ପାର୍ଟି ୧୨, ତୃଣମୂଳ କଂଗ୍ରେସ ୯, ବିଜୁ ଜନତା ଦଳ ୬, ଆମ୍ ଆଦମୀ ପାର୍ଟି ୫ ଓ ରାଷ୍ଟ୍ରୀୟ ଜନତା ଦଳ ୪ ଜଣଙ୍କୁ ପ୍ରାର୍ଥୀ କରିଛନ୍ତି।

## ବାଂଲାଦେଶ ସାଂସଦଙ୍କୁ କରାଯାଇଥିଲା ନୃଶଂସ ହତ୍ୟା

ନୂଆଦିଲ୍ଲୀ, ୨୪।୫(ଏଜେନ୍ସି): କଲିକତା କ୍ରାଇମବ୍ରାଞ୍ଚ ଆଜି ବାଂଲାଦେଶ ସାଂସଦ ଅନୱାରଲ ଅଜିମଙ୍କ ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଜିହାଦ ହାୱଲଦାରକୁ ଗିରଫ କରିଛି । ହତ୍ୟା ପରେ ସାଂସଦ ଅନୱାରଙ୍କ ଚର୍ମ କାଢି ନିଆ ଯାଇଥିଲା। ମାଂସ ବାହାର କରିଦିଆଯାଇଥିଲା। ମୃତଦେହକୁ ଖଣ୍ଡ ଖଣ୍ଡ କରି ପ୍ୟାକେଟ୍‌ରେ ଭର୍ତ୍ତି କରାଯାଇଥିଲା। ପରେ ବ୍ୟାଗ୍‌ରେ ଭର୍ତ୍ତି କରି ଏହାକୁ ବିଭିନ୍ନ ସ୍ଥାନରେ ଫିଙ୍ଗା ଯାଇଥିଲା। ଏହାର ସିସିଟିଭି ଫୁଟେଜ ମିଳିଥିବା ନେଇ ମଧ୍ୟ ଦାବି କରାଯାଉଛି। କ୍ରାଇମବ୍ରାଞ୍ଚ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଦିଗ୍ଧ ଜିହାଦ ହାୱଲଦାର ସାଂସଦଙ୍କୁ କଲିକତାରେ ହତ୍ୟା କରିଛି। ହାୱଲଦାର ଜଣେ କଂସେଇ ଯିଏ ପଶୁ ହତ୍ୟା କରିବା ସହ ସେମାନଙ୍କ ଚମଡା ବାହାର କରିଥାଏ। ସେ ବାଂଲାଦେଶର ଖୁଲନା ଜିଲ୍ଲାର ବାରକପୁରର ବାସିନ୍ଦା ହୋଇଥିବା ବେଳେ ବେଆଇନ ଭାବେ ମୁମ୍ବାଇରେ ରହୁଥିଲା ।

**୪୮ ଘଣ୍ଟା ଭିତରେ ଭୋଟିଂ ଡାଟା ଅପ୍‌ଲୋଡ୍ ମାମଲା**

## ଏପରି ଆଦେଶ ଦେଇପାରିବୁନି: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୪।୫(ଏଜେନ୍ସି)

ମତଦାନ ସରିବାର ୪୮ ଘଣ୍ଟା ଭିତରେ ବୁଥ୍ ୱାଇଜ୍ ଭୋଟିଂ ଡାଟା ଓ ଫାର୍ମ ୧୭ସି ଡାଟା ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବା ନିମନ୍ତେ ଜାତୀୟ ନିର୍ବାଚନ କମିସନ୍(ଇସିଆଇ)ଙ୍କୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ଗତକାଲି ରୁଲିଂ ଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ର, କଂଗ୍ରେସ ନେତା ପୱନ ଖେରା ଓ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରାଇଟ୍‌ସ(ଏଡିଆର) ପକ୍ଷରୁ ଫାଇଲ୍ କରାଯାଇଥିବା ପିଟିସନ୍ ନିଃଷ୍ଫଳ ହୋଇଛି। ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ସୁପ୍ରିମ୍‌କୋର୍ଟ ଭେକେସନ୍ ବେଞ୍ଚ୍ ଏହି ପିଟିସନ୍‌ର ଶୁଣାଣୀ ବେଳେ କହିଥିଲେ, ଯାବତୀୟ ବ୍ୟସ୍ତତା ଭିତରେ ବୁଥ୍ ୱାଇଜ୍ ଭୋଟିଂ ଡାଟା ଓ ଫାର୍ମ ୧୭ସି ଡାଟା ଅପଲୋଡ୍ ପାଇଁ ଅତିରିକ୍ତ ମାନବ ସମ୍ବଳ ଓ ସଂସାଧନ ଯୋଗାଡ଼ କରାଯିବା ଏକ ମୁସ୍କିଲ କାର୍ଯ୍ୟ। ଲୋକସଭା ନିର୍ବାଚନର ସାତଟି ପର୍ଯ୍ୟାୟ ମଧ୍ୟରୁ ପାଞ୍ଚଟି ସରିଲାଣି। ନିର୍ବାଚନ ସରୁ। ରେଗୁଲାର୍ ବେଞ୍ଚ୍ ପିଟିସନ୍'ର ଯଥାର୍ଥତା ନେଇ ବିଚାର କରିବେ। ସୁପ୍ରିମକୋର୍ଟ ଭୋଟର ଟର୍ଣ୍ଣଆଉଟ୍ ସମ୍ପର୍କିତ ଚୂଡ଼ାନ୍ତ ସଂଖ୍ୟା ପ୍ରକାଶନରେ ଅତ୍ୟଧିକ ବିଳମ୍ବ ହେବାର କାରଣ ସମ୍ପର୍କରେ ଇସିଆଇ'ଙ୍କ ମତ ଜାଣିବାକୁ ଚାହିଁବାରୁ ଦୁଇ ଦିନ ତଳେ ଇସିଆଇ'ଙ୍କ ତରଫରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା ଯେଉଁଥିରେ ଦର୍ଶାଯାଇଛି ଯେ ସଠିକ୍ ଭୋଟିଂ ରେକର୍ଡ ତୁରନ୍ତ ପ୍ରକାଶ କରାଗଲେ ନିର୍ବାଚନ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହୁଛି। ନିର୍ଭୁଲ ଭୋଟର ଟର୍ଣ୍ଣଆଉଟ୍ ରେକର୍ଡ ପ୍ରସ୍ତୁତି ଏକ ଜଟିଳ ପ୍ରକ୍ରିୟା। ତେଣୁ ତୁରନ୍ତ ନିର୍ଭୁଲ ଭୋଟର ଟର୍ଣ୍ଣଆଉଟ୍ ରେକର୍ଡ ପ୍ରସ୍ତୁତ କରାଯିବା ବାସ୍ତବତା ଦୃଷ୍ଟିରୁ ସମ୍ଭବ ନୁହେଁ। କୌଣସି ବୁଥ୍‌ରେ ମତଦାନ ସରିଲେ ମୋଟ କେତେ ଭୋଟର ମତଦାନ କରିଛନ୍ତି ତାହାର ସଂଖ୍ୟା ଲେଖାଥିବା ଫର୍ମ ୧୭ସି'ର ନକଲ ଏଜେଣ୍ଟଙ୍କୁ ମିଳେ। କିନ୍ତୁ ଏହା ବିଧି ନୁହେଁ ଯେ ଏଜେଣ୍ଟଙ୍କୁ ପ୍ରାପ୍ତ ଫର୍ମ ୧୭ସି'ଗୁଡ଼ିକ ନିର୍ବାଚନ କମିସନଙ୍କ ୱେବ୍‌ସାଇଟ୍‌ରେ ତୁରନ୍ତ ଅପ୍‌ଲୋଡ୍ ହେବ। ସେପରି ହେଲେ ସଂଖ୍ୟାକୁ ନେଇ ସନ୍ଦେହ ଜନ୍ମିବା ଓ ନିର୍ବାଚନର ସ୍ୱଚ୍ଛତାରେ ପ୍ରଶ୍ନ ଚିହ୍ନ ଲାଗିବା ସମ୍ଭାବନା ରହିବ। ବୁଥ୍ ସ୍ତରରେ କେତେ ଭୋଟ ପୋଲିଂ ହେଲା ତାହା ବିଭିନ୍ନ ବିଷୟ ଯାଞ୍ଚ୍ ପରେ ହିଁ ପ୍ରକାଶିତ ହେବା ଉଚିତ ବୋଲି ଇସିଆଇ ମତ ରଖିଥିଲେ। ଇସିଆଇ ଏପ୍ରିଲ ୩୦ରେ ପ୍ରଥମ ଦୁଇ ପର୍ଯ୍ୟାୟ ମତଦାନର ଫାଇନାଲ ଭୋଟର ଟର୍ଣ୍ଣ ଆଉଟ୍ ଡାଟା ପ୍ରକାଶ କରିଥିଲେ, ମାତ୍ର କେତେ ଭୋଟର ଭୋଟ ଦେଇଛନ୍ତି ତାହା ଜଣାଇ ନଥିଲେ।

## 'ମଣିପୁର ସ୍ଥିତି ଅତ୍ୟନ୍ତ ଗମ୍ଭୀର'

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ସୁପ୍ରିମକୋର୍ଟ ୨୦୨୩ ସେପ୍ଟେମ୍ବର ୨୫ରେ ମଣିପୁରର ହିଂସା ଉପଦ୍ରୁତ ଅଞ୍ଚଳରୁ ପ୍ରାଣ ବଞ୍ଚାଇବାକୁ, ଘରଦ୍ୱାର, ସମ୍ପତ୍ତି ଆଦି ଛାଡ଼ି ଶୂନ୍ୟହସ୍ତରେ ଅନ୍ୟତ୍ର ପଳାୟନ କରିଥିବା ଲୋକଙ୍କ ସମ୍ପତ୍ତି ଯେପରି ସୁରକ୍ଷିତ ରହେ ତାହା ସୁନିଶ୍ଚିତ କରିବାକୁ କେନ୍ଦ୍ର ଓ ମଣିପୁର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଲିସର ଉପସ୍ଥିତିରେ ପଳାୟନ କରିଥିବା ଲୋକଙ୍କ ସମ୍ପତ୍ତିକୁ ଆକ୍ରମଣକାରୀମାନେ ଲୁଟି ନେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ବିସ୍ଥାପିତଙ୍କ ସମ୍ପତ୍ତିର ସୁରକ୍ଷା କ୍ଷେତ୍ରରେ ନିଷ୍କ୍ରିୟ ରହିଥିବାରୁ ତାହା ଅଦାଲତ ଅବମାନନା ଦର୍ଶାଇ ମଣିପୁର ମୁଖ୍ୟ ଶାସନ ସଚିବ ଓ ଅନ୍ୟ



ସଂପୃକ୍ତଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାଏର ପିଟିସନକୁ ଆଜି ଜଷ୍ଟିସ ବେଲା ଏମ ତ୍ରିବେଦୀ ଓ ଜଷ୍ଟିସ ପଙ୍କଜ ମିଥାଲଙ୍କ ସୁପ୍ରିମକୋର୍ଟ ଭେକେସନ୍ ବେଞ୍ଚ୍ ଅଗ୍ରାହ୍ୟ କରିଛନ୍ତି। ବେଞ୍ଚ ତାଙ୍କ ରୁଲିଂରେ କହିଛନ୍ତି, ମଣିପୁରର ପରିସ୍ଥିତି ଅନ୍ୟନ୍ତ ଗମ୍ଭୀର। ସେଠାରେ କୁକି ଓ ମୈତେୟୀଙ୍କ ମଧ୍ୟରେ ହିଂସା ଲାଗିରହିଛି। ଶାନ୍ତି ଫେରାଇ ଆଣିବାକୁ କେନ୍ଦ୍ର ଓ ମଣିପୁର ସରକାର ସାଧ୍ୟମତେ ପ୍ରୟାସ କରୁଛନ୍ତି। ତେଣୁ ମଣିପୁର ମୁଖ୍ୟ ଶାସନ ସଚିବ ଅଦାଲତ ଅବମାନନା କରିଛନ୍ତି ବୋଲି କୁହାଯିବ ନାହିଁ। ପିଟିସନ୍ ବିଚାର ପାଇଁ ଗ୍ରହଣୀୟ ହେଉନାହିଁ।

## ପ୍ରଜ୍ୱଳଙ୍କୁ ବିଦେଶ ମନ୍ତ୍ରାଳୟର ନୋଟିସ

ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): କର୍ଣ୍ଣାଟକ ସେକ୍ସ ସ୍କାଣ୍ଡାଲର ମୁଖ୍ୟ ଅଭିଯୁକ୍ତ ତଥା ହାସନ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କୁ ବିଦେଶ ମନ୍ତ୍ରାଳୟ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଖୁବଶୀଘ୍ର ତାଙ୍କୁ ନୋଟିସ୍‌ର ଜବାବ ଦେବାକୁ କୁହାଯାଇଛି। ସେ ଏପ୍ରିଲ ୨୬ରେ ଭୋଟିଂ ପରେ ୨୭ରେ ଜର୍ମାନୀ ଚାଲି ଯାଇଥିଲେ। ଅନ୍ୟପକ୍ଷରେ ଜେଡିଏସ୍ ସାଂସଦ ପ୍ରଜ୍ୱଳଙ୍କ କୂଟନୈତିକ ପାସପୋର୍ଟ ରଦ୍ଦ କରିବା ପାଇଁ ରାଜ୍ୟ ସରକାର କରିଥିବା ନିବେଦନ ଉପରେ କାର୍ଯ୍ୟ ଜାରି ରହିଛି ବୋଲି ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଏଥିପାଇଁ ଗତ ୨୧ ତାରିଖରେ ବୈଦେଶିକ ମନ୍ତ୍ରାଳୟକୁ ଅନୁରୋଧ କରାଯାଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି।

## ଅଭିନେତ୍ରୀ ଲୈଲାଙ୍କ ସାବତ ବାପାଙ୍କୁ ଫାଶୀଦଣ୍ଡ

ମୁମ୍ବାଇ, ୨୪।୫ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଲୈଲା ଖାନଙ୍କ ହତ୍ୟା ମାମଲାରେ ତାଙ୍କ ସାବତ ବାପା ପରଭେଜ ଟକ୍‌ଙ୍କୁ ମୁମ୍ବାଇର ସେସନ କୋର୍ଟ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। କୋର୍ଟ ଟକ୍‌ଙ୍କୁ ହତ୍ୟା ଦୋଷୀ ମାନିଛନ୍ତି। ସେ ଲୈଲାଙ୍କ ସମେତ ୬ ଜଣଙ୍କୁ ହତ୍ୟା କରି ବାଡ଼ିରେ ପୋତି ଦେଇଥିଲେ। ଏହି ମାମଲା ୧୩ ବର୍ଷ ତଳର। ଲୈଲାଙ୍କ ମାଆ ସେଲିନା ୩ ଥର ବିବାହ କରିଥିଲେ। ଲୈଲାଙ୍କ ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ଝିଅ। କିନ୍ତୁ ତାଙ୍କ ତୃତୀୟ ପତି ସମ୍ପତ୍ତି ଲୋଭରେ ଲୈଲାଙ୍କୁ ଇଗତପୁରି ସ୍ଥିତ ଫାର୍ମହାଉସରେ ହତ୍ୟା କରିଥିଲା।

## ଭୂସ୍ଖଳନରେ ୧୦୦ ଜଣଙ୍କ ମୃତ୍ୟୁ



ପୋର୍ଟ ମୋର୍ସେବି, ୨୪।୫ (ଏଜେନ୍ସି): ଭୂକମ୍ପର ଦିନକ ପରେ ପପୁଆ ନ୍ୟୁ ଗିନିର କାଓକଲାମ ଗାଁରେ ଶୁକ୍ରବାର ବଡ଼ି ଭୋରରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଅନେକ ମଧ୍ୟ ଆହତ ହୋଇଛନ୍ତି। ଆହୁରି କିଛି ଲୋକ ନିଖୋଜ ଥିବା କୁହାଯାଉଛି। ରିପୋର୍ଟ ଅନୁଯାୟୀ ଏହି ଗାଁ ରାଜଧାନୀ ପୋର୍ଟ ମୋର୍ସେବି ୬୦୦ କିମି ଦୂରରେ ରହିଛି। ଲୋକେ ଶୋଇଥିବାବେଳେ ରାତି ପ୍ରାୟ ୩ଟାରେ କାଓକଲାମ ପାହାଡ଼ ଧସି ଯାଇଥିଲା। ଫଳରେ କେହି ଜୀବନ ବଞ୍ଚାଇବାକୁ ସୁଯୋଗ ପାଇ ନ ଥିଲେ। ତେଣୁ ଅନେକ ଗ୍ରାମବାସୀ ଅବଶେଷ ତଳେ ଫସିଯାଇଥିଲେ। ଏଥିପାଇଁ ଅଧିକ କ୍ଷୟକ୍ଷତି ହୋଇଥିଲା। ଏହାର ସୂଚନା ମିଳିବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛି। ଭୂସ୍ଖଳନ ଯୋଗୁଁ ଗାଁରୁ ସହରକୁ ଯୋଡୁଥିବା ରାସ୍ତା ବନ୍ଦ ହୋଇଯାଇଛି। ସରକାର ସ୍ଥିତିକୁ ଦେଖି ସହଯୋଗ ପାଇଁ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକୁ ଅନୁରୋଧ କରିଛନ୍ତି। ଏହାର ଦିନକ ପୂର୍ବରୁ ଗୁରୁବାର ସକାଳେ ଦେଶରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ୫.୩ ରେକର୍ଡ କରାଯାଇଥିଲା।

## କେଦାରନାଥରେ ହେଲିକପ୍ଟରର ଜରୁରୀ ଅବତରଣ

ଡେରାଡୁନ, ୨୪।୫(ଏଜେନ୍ସି): ବାବା କେଦାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ହେଲିକପ୍ଟର ନିୟନ୍ତ୍ରଣ ହରାଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅବତରଣ କରିବାର ଶହେ ମିଟର ପୂର୍ବରୁ ବିମାନଟି ୮ ଥର ଘୂରି ବୁଲିଛି। ପରେ ହେଲିପ୍ୟାଡ୍ ପରିବର୍ତ୍ତେ ଅନ୍ୟ ସ୍ଥାନରେ ଶୁକ୍ରବାର ସକାଳେ ଜରୁରୀ ଅବତରଣ କରିଛି। ପାଇଲଟ କଲ୍ପେଶଙ୍କ ଉପସ୍ଥିତି ବୁଦ୍ଧି ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ଅଳ୍ପକେ ତାମିଲନାଡୁର ୭ ଯାତ୍ରୀଙ୍କ ଜୀବନ ବର୍ତ୍ତି ଯାଇଛି। ଉଦ୍ଧାରକାରୀ ଦଳ ସମସ୍ତଙ୍କୁ ଉଦ୍ଧାର କରି ମନ୍ଦିରରେ ପହଞ୍ଚାଇଛନ୍ତି। ଡିଜିସିଏ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ହେଲିକପ୍ଟରଟି କ୍ରିଟନ ଆଭିଏନସ କମ୍ପାନୀର ଥିଲା।

**● ଅଧା ରହିଗଲା ବୈଷ୍ଣୋଦେବୀ ଦର୍ଶନ**

## ଦୁର୍ଘଟଣାରେ ଗଲା ୭ ଶ୍ରଦ୍ଧାଳୁଙ୍କ ଜୀବନ

ଚଣ୍ଡିଗଡ଼, ୨୪।୫ (ଏଜେନ୍ସି): ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ବସ୍‌ରେ ଜମ୍ମୁ-କାଶ୍ମୀର ଯାଉଥିବା ବେଳେ ହରିୟାଣାର ଅମ୍ବାଲାରେ ଏକ ଟ୍ରକ୍ ଧକ୍କା ଦେବାରୁ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨୫ରୁ ଅଧିକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୯ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଅମ୍ବାଲା-ଦିଲ୍ଲୀ-ଜମ୍ମୁ ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଥିଲା। ମୃତାହତମାନେ ଉତ୍ତରପ୍ରଦେଶର ବୁଲନ୍ଦସହର ବାସିନ୍ଦା। ସମସ୍ତେ ଏକ ଟ୍ରାଭେଲରରେ ଯାତ୍ରା କରୁଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍‌ଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଛି। ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବସ୍ ଭିତରୁ ମୃତାହତମାନଙ୍କୁ ବାହାର କରିଥିଲା।





**ମଣିପୁରରୁ ଘଉଡ଼ା ଯାଇଥିଲା**

# ମିଜୋରାମରେ ପଶିଲେ ୫ ହଜାର ମ୍ୟାଁମାରୀ

ଆଇଜୋଲ, ୨୪।୫ (ଏଜେନ୍ସି)

ମଣିପୁରରୁ ଘଉଡ଼ା ଯାଇଥିବା ମ୍ୟାଁମାରର ଚୀନ୍-କୁକି ଲୋକ ବେଆଇନ ଭାବେ ମିଜୋରାମରେ ଅନୁପ୍ରବେଶ କରିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ ପ୍ରାୟ ୫ ହଜାର ଅନୁପ୍ରବେଶକାରୀ ଜଙ୍ଗଲ ରାସ୍ତା ଦେଇ ମିଜୋରାମ ଆସିଛନ୍ତି। ଏମାନେ ଚମ୍ପାଇ ଜିଲ୍ଲାର ଖୁଆଙ୍ଗଫାହ ଏବଂ ୱାଇଖାବଲଙ୍ଗ ଭଳି ସୀମାନ୍ତ ଗ୍ରାମକୁ ନିଜ ଠିକଣା ବନାଇଛନ୍ତି। ଚମ୍ପାଇ ଉପାୟୁକ୍ତ ଜେମ୍ସ ଲାଲିଞ୍ଚାନା କହିଛନ୍ତି ଯେ ଗତ ୧୭ ତାରିଖରୁ ମ୍ୟାଁମାରୀ ଅନୁପ୍ରବେଶ ଜାରି ରଖିଛନ୍ତି। ଚମ୍ପାଇରେ ଏମାନଙ୍କ ସଂଖ୍ୟା ୧୬ ହଜାରରୁ ଅଧିକ ହୋଇଗଲାଣି। ବେଆଇନ ଭାବେ ୭-୮ ଗାଁକୁ କବ୍ଜା କରି ରହିଛନ୍ତି। ଅଧିକାଂଶ ଅନୁପ୍ରବେଶକାରୀ ଭାରତ-ମ୍ୟାଁମାର ଅନ୍ତର୍ଜାତୀୟ ସୀମା ନିକଟସ୍ଥ ଖୁଆଙ୍ଗଫା



ଏବଂ ବେଖାବତଲାଙ୍ଗ ଅଞ୍ଚଳରେ ଥିବା ନିଜ ସମ୍ପର୍କୀୟଙ୍କ ଘରେ ଶରଣ ନେଇଛନ୍ତି। ଏମାନେ ନିଜକୁ ମ୍ୟାଁମାରରେ ଚାଲିଥିବା ସଂଘର୍ଷର ପୀଡ଼ିତ ବୋଲି କହୁଛନ୍ତି। ମାତ୍ର ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ମଣିପୁରରୁ ତଡ଼ା ଖାଇ ଆସିଛନ୍ତି।

ଅଧିକାରୀଙ୍କ ସୂଚନା ଅନୁଯାୟୀ ମ୍ୟାଁମାରରେ ଜୀବନ ପ୍ରତି ବିପଦ ରହିଛି ବୋଲି ଅନୁପ୍ରବେଶକାରୀ କହିଛନ୍ତି। ଏଥିପାଇଁ ଭାରତ ପଳାଇ ଆସିଛନ୍ତି। ଏମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ସ୍ଥିତି ସ୍ୱାଭାବିକ ହେଲେ ଏମାନଙ୍କୁ ଘରକୁ ପଠାଇ ଦିଆଯିବ। ସୂଚନାଯୋଗ୍ୟ ଯେ ମ୍ୟାଁମାରକୁ ଲାଗିଥିବା ମିଜୋରାମ ସୀମା ମୁକ୍ତ ରହିଛି। ଏହା ମିଜୋରାମର ୬ ଜିଲ୍ଲା ପର୍ଯ୍ୟନ୍ତ ବ୍ୟାପିଛି। ଏଠାକାର ୧୧ ଜିଲ୍ଲାରେ ୩ ବର୍ଷ ହେଲା ୩୫ ହଜାରରୁ ଅଧିକ ମ୍ୟାଁମାରୀ ବେଆଇନ ଭାବେ ରହୁଛନ୍ତି। ଆଇଜୋଲ ସ୍ଥିତ ସଚିବାଳୟ ପକ୍ଷରୁ କୁହାଯାଇଛି ଯେ ଅନୁପ୍ରବେଶକାରୀଙ୍କ ମଧ୍ୟରେ ପ୍ରାୟ ୧୩୦୦ ବାଂଲାଦେଶୀ ଅଛନ୍ତି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-328 ♦BHUBANESWAR ♦SATURDAY ♦25 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୨୮ ♦ଭୁବନେଶ୍ୱର ♦ଶନିବାର ♦୨୫ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


**ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ**

## ଆଜି ୫୮ ଆସନରେ ମତଦାନ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଲୋକସଭା ନିର୍ବାଚନର ୫ଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇ ସାରିଲାଣି। ଷଷ୍ଠ ପର୍ଯ୍ୟାୟ ପାଇଁ ୭ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ ୫୮ଟି ସଂସଦୀୟ କ୍ଷେତ୍ରରେ ଶନିବାର ମତଦାନ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ କୃଷ୍ଣପାଲ୍ ସିଂହ ଗୁର୍ଜର, ରାଓ ଇନ୍ଦ୍ରଜିତ ସିଂହଙ୍କ ସମେତ ତିନି କେନ୍ଦ୍ରମନ୍ତ୍ରୀ ଏବଂ ମେହବୁବା ମୁଫତି, ମନୋହର ଲାଲ ଖଟରଙ୍କ ସହିତ ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ମୈଦାନକୁ ଓହ୍ଲାଇଛନ୍ତି। ଏମାନଙ୍କ ବ୍ୟତୀତ ମନୋଜ ତିୱାରୀ, ନବୀନ ଜିନ୍ଦଲ, ମେନକା ଗାନ୍ଧୀ, ବାଂଶୁରୀ ସ୍ୱରାଜ, ରାଜ ବବ୍ବର, କଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ଏହି ପର୍ଯ୍ୟାୟରେ ୯୨ ମହିଳା ପ୍ରାର୍ଥୀଙ୍କୁ ମିଶାଇ ମୋଟ ୮୮୯ ଜଣ ପ୍ରାର୍ଥୀ ଅଛନ୍ତି। ଏମାନଙ୍କ ମଧ୍ୟରେ ବିଜେପିର ୫୧, କଂଗ୍ରେସର ୨୫, ଏସ୍‌ପିର ୧୨, ଟିଏମ୍‌ସିର ୯, ବିଜେଡିର ୬, ଆପ୍‌ର ୫ ଏବଂ ଆରଜେଡିର ୬ ଜଣ ପ୍ରାର୍ଥୀ ସାମିଲ ଅଛନ୍ତି।

### ଅବପାତର ରୂପ ନେଲା ଲଘୁଚାପ; ୨୬ରେ ସ୍ଥଳଭାଗ ଛୁଇଁବ 'ରେମଲ୍'

# ଆଜିଠୁ ୪ ଜିଲ୍ଲାରେ ପ୍ରବଳ ବର୍ଷା



**ସତର୍କ ରହିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ**

**୨୮ରୁ ରାଜ୍ୟରେ ପୁଣି ବଢ଼ିବ ତାତି**

■ **ଭୁବନେଶ୍ୱର, ୨୪।୫ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହୋଇଛି। ଏହା ଅଧିକ ଶକ୍ତିଶାଳୀ ହୋଇ ୨୫ ତାରିଖ ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି। ୨୫ ତାରିଖ ରାତି ସୁଦ୍ଧା ଏହା ଭୀଷଣ ରୂପ ନେଇ ଉତ୍ତର ଦିଗକୁ ଗତି କରିବ। ୨୬ ତାରିଖ ମଧ୍ୟରାତିରେ ବାତ୍ୟା 'ରେମଲ୍' ସାଗର ଦ୍ୱୀପ ଓ ଖେପୁପରା ମଝିରେ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ସୀମା ଦେଇ ସ୍ଥଳଭାଗ ଅତିକ୍ରମ କରିବ। ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ନ ପଡ଼ିଲେ ହେଁ ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ପାଣିପାଗ କେନ୍ଦ୍ର କହିଛି ଯେ ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏଥିସହ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ। ସେହିପରି ୨୬ ତାରିଖ ସକାଳଠାରୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ କେନ୍ଦ୍ରାପଡ଼ା ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନାକୁ ଆଧାର କରି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ସତର୍କ ସୂଚନା ଜାରି କରିଛନ୍ତି। ମୁଖ୍ୟତଃ ବାତ୍ୟା ଯୋଗୁଁ ପ୍ରଭାବିତ ହେବାକୁ ଥିବା ଓଡ଼ିଶାର ୪ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ, ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟାରେ ପରିଣତ ହୋଇ ୨୬ ତାରିଖ ସନ୍ଧ୍ୟାରେ ପଶ୍ଚିମବଙ୍ଗ ଓ ବଙ୍ଗଳାଦେଶ ସଂଲଗ୍ନ ସାଗର ଦ୍ୱୀପ ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏହା କେନ୍ଦ୍ରୀୟ ବଙ୍ଗୋପସାଗରରେ ବଳ ଗୋଟାଉଥିବା ବେଳେ ଶନିବାର ଏହା ବାତ୍ୟା ଓ ୨୬ରେ ଭୀଷଣ ବାତ୍ୟାର ରୂପ ନେଇ ସ୍ଥଳଭାଗ ଛୁଇଁବ। ତେବେ ଏହି ବାତ୍ୟା ପ୍ରଭାବରେ ତୃତୀୟ ପର୍ଯ୍ୟାୟ ଭୋଟ୍ ଦିନ (ଶନିବାର) ଭୁବନେଶ୍ୱର, କଟକ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁରରେ ସନ୍ଧ୍ୟା ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ▶ପୃଷ୍ଠା-୯

### ବିରୋଧୀ ସାଂସଦଙ୍କୁ ଘାଇଲା କଲେ ନବୀନ

# କେବଳ ମିଛ କହି ଜାଣନ୍ତି; କାମରେ ଶୂନ୍





ମୟୂରଭଞ୍ଜ, ବାଲେଶ୍ୱର ଏବଂ ଯାଜପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାରାଥନ୍ ପ୍ରଚାର

**ବିରୋଧୀଙ୍କୁ ପାଣ୍ଡିଆନଙ୍କ ଶାଣିତ ଜବାବ**

- ଆଦିବାସୀଙ୍କୁ କେବଳ ଭୋଟ ବ୍ୟାଙ୍କ କରିଛନ୍ତି ବିରୋଧୀ
- ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି ଆଦିବାସୀ
- ମୁଖ୍ୟମନ୍ତ୍ରୀ ଯାହା କରିଛନ୍ତି, ଅନ୍ୟ ରାଜ୍ୟ ଚିନ୍ତା ବି କରିନାହାନ୍ତି

■ **ଭୁବନେଶ୍ୱର, ୨୪।୫ (ସମିସ):** ଆପଣମାନେ ବିରୋଧୀଙ୍କୁ ସାଂସଦ କରି ଦିଲ୍ଲୀ ପଠାଇଲେ। ସେ ଆପଣମାନଙ୍କ ପାଇଁ କ'ଣ କରିଛନ୍ତି? ସେ କେବଳ ମିଛ କହି ଜାଣନ୍ତି; କାମରେ କିନ୍ତୁ ଶୂନ୍। ଲୋକ ସବୁ ବୁଝି ସାରିଲେଣି। ତାଙ୍କର ଛଳନା ଆଉ ଚଳିବ ନାହିଁ। ମୟୂରଭଞ୍ଜ, ବାଲେଶ୍ୱର ଏବଂ ଯାଜପୁର ଜିଲ୍ଲାରେ ନିର୍ବାଚନ ପ୍ରଚାର କରିବା ଅବସରରେ ବିରୋଧୀଙ୍କୁ ଏଭଳି ଢଙ୍ଗରେ ଶାଣିତ ସମାଲୋଚନା କରଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଶୁକ୍ରବାର ରାଇରଙ୍ଗପୁର, ବାରିପଦା, ବାଲେଶ୍ୱର ଓ କୋରେଇଠାରେ ଆୟୋଜିତ ନିର୍ବାଚନୀ ସଭାରେ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତେଇବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିଥିଲେ। ଜନସଭାରେ ଉପସ୍ଥିତ ଜନତା ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ରାଇରଙ୍ଗପୁର ଓ ବାରିପଦାରେ ଅନୁଷ୍ଠିତ ଜନସଭାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏ ମାଟିର ଝିଅ, ମୋ ଭଉଣୀ। ଏ ମାଟିର ଝିଅକୁ ସମ୍ମାନ ଦେଇକି ବିଜୁ ଜନତା ଦଳ ତାଙ୍କ ରାଷ୍ଟ୍ରପତି ପ୍ରାର୍ଥିତ୍ୱକୁ ପୂର୍ଣ୍ଣ ସମର୍ଥନ କରିଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ, ଜୁଲାଇରୁ ଆଉ ବିଜୁଳି ବିଲ୍ ଆସିବ ନାହିଁ। ବିଜୁ ଜନତା ଦଳ ସରକାର ବିଜୁଳି ମାଗଣା ଦେବ। ଆପଣମାନେ ଖୁସି ତ? ଉତ୍ତରରେ "ହଁ" ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଆପଣମାନଙ୍କୁ କେମିତି ଲାଗୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ବିଏସ୍‌କେୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀ ବସ୍, କାଳିଆ, '୫-ଟି' ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାର୍‌ସିପ୍, ମଧୁବାବୁ ପେନସନ ଯୋଜନା, ଚାଉଳ କାର୍ଡ, ପୁରୀ ମନ୍ଦିର କାମ କିଏ କରିଛି ଆଉ କେମିତି ଲାଗୁଛି ଇତ୍ୟାଦି ସବୁପ୍ରଶ୍ନରେ ଉଚ୍ଛ୍ୱସିତ ସ୍ୱରରେ ଲୋକେ କହିଥିଲେ 'ନବୀନ ପଟ୍ଟନାୟକ', "ବହୁତ ଭଲ'। ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ପରେ ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ▶ପୃଷ୍ଠା-୯

**ବିଜେଡିର ପ୍ରଶ୍ନବାଣ**

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଘାଇଲା



- ଜଣେ କେନ୍ଦ୍ରମନ୍ତ୍ରୀ ଭାବରେ ଓଡ଼ିଆ ଅସ୍ମିତା ପାଇଁ ଅବଦାନ କ'ଣ?
- ସମ୍ବଲପୁରୀ ଅସ୍ମିତାକୁ ଗୋଇଠା ମାରି ଆସାମ ଅସ୍ମିତାକୁ ଦରଦ କାହିଁକି?
- ଓଡ଼ିଶାକୁ କାହିଁକି ଆଣିଲେ ନାହିଁ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ?
- ସମ୍ବଲପୁରୀ-କୋଶଳୀ ଭାଷାକୁ ସ୍ୱୀକୃତି ପ୍ରସଙ୍ଗରେ ନିରବ କାହିଁକି?
- 'ହୋ' ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲକୁ ନେଇ କାହିଁକି ଚୁପ୍?

■ **ଭୁବନେଶ୍ୱର, ୨୪।୫ (ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ 'ଅସ୍ମିତା' ବାଣରେ ଘାଇଲା କରିଛି ବିଜେଡି। ଅସ୍ମିତା କଥା କହୁଥିବା ଧର୍ମେନ୍ଦ୍ର ସମ୍ବଲପୁର-କୋଶଳୀ ଭାଷାର ଅସ୍ମିତା ପାଇଁ କି କାମ କରିଛନ୍ତି ବୋଲି ବିଜେଡି ପ୍ରଶ୍ନ କରିବା ସହ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପ୍ରସଙ୍ଗରେ କାହିଁକି ମୌନବ୍ରତ ଧାରଣ କରିଛନ୍ତି ତାହାର ଜବାବ ଲୋଡ଼ିଛି। ଅନୁରୂପ ଭାବରେ ସମ୍ବଲପୁରୀ ଅସ୍ମିତାକୁ ପାଦରେ ଠେଲି ଦେଇ ସେ ଅହମିଆ ଭାଷାକୁ ଦରଦ ଦେଖାଇବା ପଛରେ କି ରହସ୍ୟ ଅଛି ବୋଲି ମଧ୍ୟ ଦଳ ପ୍ରଶ୍ନ କରିଛି।

ଶୁକ୍ରବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ିର ବରିଷ୍ଠ ମୁଖପାତ୍ର ତଥା ପୂର୍ବତନ ସାଂସଦ ଡ. ଅମର ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଆ ଭାଷା, ସଂସ୍କୃତି, ସଙ୍ଗୀତ, ଐତିହ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କରିଛନ୍ତି ତାହାର ତୁଳନା ନାହିଁ। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ଅଧିକ ଆଦୃତ କରିବା ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପଟେ କେନ୍ଦ୍ରରେ ଶିକ୍ଷାମନ୍ତ୍ରୀ ଭଳି ଗୁରୁ ଦାୟିତ୍ୱ ତୁଲାଉଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ଓଡ଼ିଆ ଭାଷା ଓ ଓଡ଼ିଆ ଅସ୍ମିତା କ୍ଷେତ୍ରରେ କୌଣସି ଅବଦାନ ନ ଥାଇ କେବଳ ବଡ଼ ବଡ଼ କଥା କହି ଚାଲିଛନ୍ତି। ଓଡ଼ିଆ ଅସ୍ମିତା ନାମରେ ଭୋଟ୍ ମାଗୁଥିବା ଧର୍ମେନ୍ଦ୍ର ବାବୁ ଓଡ଼ିଆ ଭାଷା ପ୍ରତି କାହିଁକି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ▶ପୃଷ୍ଠା-୯




ସିଟି ଫରେଷ୍ଟ ପାର୍କ

# ଗେଟ୍‌ରେ ମାଡ଼ିଗଲାଣି ଗଛଲତା, ନାକ ଟେକୁଛନ୍ତି ସହରବାସୀ





**ବଲାଙ୍ଗିର, ୨୪।୫(ସମିସ)**

ସହର ଭିତରେ ଜଙ୍ଗଲର ଅନୁଭୂତି। ପ୍ରାତଃଭ୍ରମଣ ସହ ସାନ୍ଧ୍ୟା ଭ୍ରମଣର ମଜା ଉଠାଇବେ ସହରବାସୀ। ଏହାସହିତ ଜଙ୍ଗଲର ଅନୁଭୂତି ସାଉଁଟିବା ପାଇଁ ସହରବାସୀ ଏକ ସୁଯୋଗ ପାଇବେ। କିଛି ଏହିଭଳି ଲକ୍ଷ୍ୟ ନେଇ ବଲାଙ୍ଗିର କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଲାଗି ବନବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା ସିଟି ଫରେଷ୍ଟ ପାର୍କ। ଲକ୍ଷ୍ୟ ମୁତାବକ ବେଶ କିଛି ଦିନ ଲୋକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା ଏହି ପାର୍କରେ। କିନ୍ତୁ ପାର୍କର ଆବଶ୍ୟକ ରକ୍ଷାଣାବେକ୍ଷଣର ଅଭାବ, ସୁରକ୍ଷା ଓ ଆଲୋକୀକରଣର ଅବ୍ୟବସ୍ଥା, ପାନୀୟ ଜଳ ସମସ୍ୟା ଭଳି ଅନେକ କାରଣରୁ ଏହି ପାର୍କ ଏବେ ପରିଚୟ ହଜାଇଦେଇଛି। କିଛି ବର୍ଷ ହେଲା ଏହି ପାର୍କ ଶ୍ରୀହିନ ହୋଇପଡ଼ିରହିଛି। ଏମିତିରେ ପାର୍କ ଭିତର ଦୃଶ୍ୟ ନ କହିବା ଭଲ। ଯୁଆଡ଼େ ଦେଖିଲେ ଅନାବନା ଘାସ ମାଡ଼ି ବସିଥିବା ବେଳେ ପରିତ୍ୟକ୍ତ ଅବସ୍ଥାରେ ଏହି ପାର୍କ ପଡ଼ି ରହିଛି।

ସହରର କଂକ୍ରିଟ ଜଙ୍ଗଲ ଭିତରେ ସବୁଜ ଜଙ୍ଗଲର ମଜା ଉଠାଇବା ପାଇଁ ବନ ବିଭାଗ ଅଧୀନରେ ନିର୍ମାଣ ହୋଇଥିଲା ଏହି ପାର୍କ। ୨୦୧୮ ମସିହାରେ ଏହି ପାର୍କର ଉଦ୍‌ଘାଟନ କରାଯାଇଥିଲା। କିନ୍ତୁ ମାତ୍ର କିଛି ମାସ ଭିତରେ ହିଁ ଏହି ପାର୍କ ପ୍ରତି ଲୋକେ ବିମୁଖ ହେବା ଆରମ୍ଭ କରିଥିଲେ। ଉକ୍ତ ପାର୍କର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଉଦ୍‌ଘାଟନ ସମୟରେ ବେଶ ଆକର୍ଷଣୀୟ ଲାଗୁଥିବା ଏହି ପାର୍କ କିଛି ମାସପରେ କେବଳ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳରେ ପରିଣତ ହୋଇଥିଲା। ସକାଳୁ ଓ ସଂଧ୍ୟାରେ ବ୍ୟାୟାମ ପାଇଁ ଆସୁଥିବା ଲୋକେ ମଧ୍ୟ ଆସିବା ବନ୍ଦ କରିଦେଇଥିଲେ। ଅନେକ ସମସ୍ୟା ଭିତରେ ଏହି ପାର୍କ ମାତ୍ର କିଛି ମାସ ଭିତରେ ହିଁ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ କରୋନା ସମୟରେ ପାର୍କକୁ ବନ୍ଦ କରିଦିଆଯାଇଥିଲା। ଏହା ପୂର୍ବରୁ ୨୦୧୯ରେ ହୋଇଥିବା ବନ୍ୟା ସମୟରେ ମଧ୍ୟ ପାର୍କ ଭିତରକୁ ନିକଟସ୍ଥ ଲକ୍ଷ୍ମୀଯୋରର ପାଣି ମାଡିଯାଇ ବାକି ରହିଥିବା ଶୋଭାକୁ ମଧ୍ୟ ନଷ୍ଟ କରିଦେଇଥିଲା। ଉଭୟ ବନ୍ୟା ଓ କରୋନା ସମୟରେ

**ରକ୍ଷଣାବେକ୍ଷଣ କଲାନି ବନ ବିଭାଗ ପାଣିରେ ପଡ଼ିଲା ଟଙ୍କା**

ପାର୍କ ହରାଇଦେଇଥିବା ସୌନ୍ଦର୍ଯ୍ୟ ଆଉ ଫେରିପାଇ ନ ଥିବା ବେଳେ କେବେ ଏହାର ପୁନରୁଦ୍ଧାର ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ସୂଚନା ଅନୁସାରେ ଏହି ପାର୍କ ନିର୍ମାଣ କରିବା ପାଇଁ ପ୍ରଥମେ ୪୮ ଲକ୍ଷ ଟଙ୍କାର ପ୍ରକଳ୍ପ ଅଟକଳ ମଞ୍ଜୁର କରାଯାଇଥିଲା। କିନ୍ତୁ କେବଳ ୧୬ ଲକ୍ଷ ଟଙ୍କା ୨୦୧୯ ସୁଦ୍ଧା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ଉ ସମୟରେ ପାର୍କର ଉନ୍ନତିକରଣ ପାଇଁ ଆସିବାକୁ ଥିବା ଉକ୍ତ ଅନୁଦାନ ଆସିଲା ନା ନାହିଁ! ଯଦି ଆସିଲା ତାହା କିଭଳି ଖର୍ଚ୍ଚ କରାଗଲା ନା ବିଭାଗ ପାଖରେ ଟଙ୍କା ପଡ଼ିରହିଛି ସେନେଇ ବିଭାଗୀୟ ଅଧିକାରୀ କୌଣସି ସୂଚନା ଦେବାକୁ ମନା କରିଦେଇଛନ୍ତି। କିନ୍ତୁ ଏହି ତିନି ବର୍ଷ ଭିତରେ ଏହି ପାର୍କରେ କୌଣସି ଉନ୍ନତିମୂଳକ କାମ କରାଯାଇ ନ ଥିବା ଜଣାପଡ଼ିଛି। ବର୍ତ୍ତମାନ ସହରରେ ପାର୍କ ମାନଙ୍କର ସୌନ୍ଦର୍ଯ୍ୟକରଣକୁ ଧ୍ୟାନ ଦିଆଯାଇଛି। ପୌରପରିଷଦ ଅଧୀନରେ ଥିବା ଦୁଇଟିପାର୍କର ଉନ୍ନତିକରଣ କାମ କରାଯାଇଥିଲା। ଜୋଗର୍ସ ପାର୍କ ନିର୍ମାଣ କରାଯାଇଥିଲା। ପାଞ୍ଚ କୋଟି ଟଙ୍କାର ଏକ ପାର୍କର ନିର୍ମାଣ କରାଯାଇଛି। ବନବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ଫରେଷ୍ଟ ପାର୍କ ନିର୍ମାଣ କରାଯାଇଛି। ଏହି ସବୁ ଭିତରେ ଗତ ପ୍ରାୟ ତିନି ବର୍ଷରୁ ଅଧିକ ସମୟ ହେଲା ବନ୍ଦ ହୋଇପଡରହିଥିବା ଏହି ଫରେଷ୍ଟ ପାର୍କର ଭାଗ୍ୟ ବଦଳିବ ନା ନିଶ୍ଚିହ୍ନ ହୋଇଯିବ ତାହା ଆଲୋଚନାର ବିଷୟ ପାଲଟିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପୁଣିଥରେ ଏହାକୁ ଆରମ୍ଭ କରିବା ଦିଗରେ ଅବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଥାନା ନିକଟରେ ସଟ୍ଟା କାରବାର, ୪ ଗିରଫ

**ବଲାଙ୍ଗିର, ୨୪।୫(ସମିସ):** ବଲାଙ୍ଗିର ସହରରେ ପୁଣି ବୃଦ୍ଧି ପାଇବାରେ ଲାଗିଲାଣି ଅପରାଧିକ କାର୍ଯ୍ୟକଳାପ। ପୁଲିସ କୁ ବି ଖାତିର ନାହିଁ। ଥାନା ଚାରିପଟେ ସଟ୍ଟା, ମଦ, କଫସିରପ କାରବାର ଚାଲିଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥାଏ। କାଁ ଭାଁ କିଛି ସ୍ଥାନରେ ପୁଲିସ ଚଢ଼ଉ କରିଦେଇ ପୁଣି ଚୁପ ହୋଇଥାଏ। ଏହିଭଳି କିଛି ଅଭିଯୋଗ ପାଇବାପରେ ଟାଉନଥାନା ପକ୍ଷରୁ ଥାନା ନିକଟସ୍ଥ ହାତୀଶାଳପଡ଼ା, ଠିକାଦାରପଡ଼ା ଛକ ନିକଟରେ ଚଢ଼ଉ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ବଲାଙ୍ଗିର ଟାଉନ ଥାନା ଚାରିପଟେ ସଟ୍ଟା, ମଦ, କଫସିରପ୍ କାରବାର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଆସୁଥିଲା। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଟାଉନ ଥାନା ପୁଲିସର ଏକ ଟିମ ଥାନା ନିକଟସ୍ଥ ଅଞ୍ଚଳ, ହାତୀଶାଳପଡ଼ା ଓ ଠିକାଦାରପଡ଼ା ଛକ ନିକଟରେ ଚଢ଼ଉ କରିଥିଲା। ଏହି ସମୟରେ ସଟ୍ଟା କାରବାର ଅଭିଯୋଗରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନଭାଟି ର ରୁଦ୍ରମଣି ମେହେର, ଟିକ୍ରାପଡ଼ାର କୃଷ୍ଣ ବେହେରା, ଶାନ୍ତିପଡ଼ାର ସୁଭମ ବାଗ ଓ ତାଲପାଲିପଡ଼ାର ବିକାଶ ଭୋଇ ବୋଲି ଜଣାପଡ଼ିଛି। ଏହି ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଏହିଭଳି ଚଢ଼ଉ ଜାରି ରହିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି।

■ ରବିଧାନ ମଣ୍ଡି ଖୋଲିବାରେ ବିଳମ୍ବ, ଚିନ୍ତାରେ ଚାଷୀ

## ଚାଷୀଙ୍କୁ ଟୋକନ୍ ମିଳିଛି, ମଣ୍ଡିକୁ ଟାର୍ଗେଟ୍ ନାହିଁ

**ଦେଓଗାଁ, ୨୪।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ରବି ଧାନ ଅମଳ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ ରବିଧାନ ମଣ୍ଡି ଖୋଲି ନ ଥିବାରୁ ଚାଷୀ ମହଲରେ ଭାଲେଣି ଦେଖାଯାଇଛି। ଅମଳ ହୋଇଥିବା ଧାନକୁ କଣ କରିବେ ସେ ନେଇ ଚିନ୍ତାରେ ରହିଥିବା ବେଳେ କେତେକ ଚାଷୀ ସ୍ଥାନୀୟ ବେପାରୀଙ୍କୁ ଅଭାବୀ ଦରରେ ବିକ୍ରି କରିଦେଉଥିବା ନଜରକୁ ଆସିଛି। ଅନ୍ୟପଟରେ ଗତ ୩ଦିନ ତଳେ ହୋଇଥିବା ଅଦିନିଆ ବର୍ଷା ରେ ଅନେକ ଚାଷୀଙ୍କ ଅମଳ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଯାଇଥିବା ନଜରକୁ ଆସିଥିଲା। ବ୍ଲକରେ ଧାନମଣ୍ଡି ଖୋଲିବା ବର୍ତ୍ତମାନ ଅନିଶ୍ଚିତତାରେ ରହିଥିବା ବେଳେ ଚାଷୀ ଅମଳ ଧାନକୁ କଣ କରିବ ସେ ନେଇ ଆଶଙ୍କାରେ ରହିଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। କୃଷି ବିଭାଗର ସୂଚନାନୁସାରେ ଚଳିତବର୍ଷ ବ୍ଲକର ୨୬ ଟି ପଞ୍ଚାୟତରେ୧୦୪୧ ହେକ୍ଟର ଜମିରେ ରବିଧାନ ଚାଷ ହୋଇଛି। ଅନ୍ୟବର୍ଷ ମେ' ମାସରେ ରବିଧାନ ମଣ୍ଡି ଆରମ୍ଭ ହୋଇଯାଇଥିବା ବେଳେ ଚଳିତବର୍ଷ ଧାନ ମଣ୍ଡି ପାଇଁ ଏଯାଏ ଚାଷୀଙ୍କୁ କୌଣସୀ ସୂଚନା ମିଳି ନ ଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନଙ୍କ ମୋବାଇଲକୁ ଟୋକନ ମେସେଜ ଆସିଥିବାବେଳେ ଏଯାଏ କୌଣସି ମଣ୍ଡିକୁ ଧାନକ୍ରୟ ପାଇଁ ଟାର୍ଗେଟ ଦିଆଯାଇ ନାହିଁ। ଫଳରେ କେବେ ଧାନକ୍ରୟ ହେବ ସେ ନେଇ ଚାଷୀ ମାନେ ଅନିଶ୍ଚିତତାରେ ରହିଥିବା କହିଛନ୍ତି। ବିଭାଗୀୟ ଅବହେଳା ପାଇଁ ଚାଷୀମାନେ ଅଭାବୀ ଦରରେ ଧାନ ବିକ୍ରୟ କରି କ୍ଷତିଗ୍ରସ୍ତ ହେଉଥିବା ଏକ ପରିତାପର ବିଷୟ ବୋଲି ଚାଷୀ ସଂଗଠନ ଅଭିଯୋଗ କରିଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଶାନ୍ତ କୁମାର ପଧାନଙ୍କୁ ପଚାରିବାରୁ ଚଳିତବର୍ଷ ନିର୍ବାଚନ ରହିଥିବାରୁ ରବିଧାନ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଛି। କିଛି ଦିନ ମଧ୍ୟରେ ମଣ୍ଡି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦେବାସହ ବ୍ଲକରେ ୧୧ଟି ପାକ୍ସ ଓ ଥାଲବନ୍ଧ ଠାରେ ଥିବା ସ୍ୱୟଂ ସହାୟକଦଳକୁ ଧାନ କ୍ରୟ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟାର୍ଗେଟ ଆସିଲେ ଧାନ କ୍ରୟ ଆରମ୍ଭ ହୋଇଯିବ ବୋଲି କହିଥିଲେ। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

ହରିଶଙ୍କର ମହୋତ୍ସବ ଉଦ୍‌ଯାପିତ

## 'ପାପନାଶିନୀ'ରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ



**ଖପ୍ରାଖୋଲ, ୨୪।୫(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ହରିଶଙ୍କର ଠାରେ ଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ମେଳା ତଥା ହରିଶଙ୍କର ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଦେବୋତ୍ତର କମିଟି ସଦସ୍ୟ ଅଭୟ ତ୍ରିପାଠୀ, ରୋହିତ ମେହେର, ସବ କମିଟି ସଦସ୍ୟ ସୁଶିଲ କୁମାର ଗୁରୁ, କ୍ଷମାନିଧି ଭୋଇ, ବଳରାମ ବେହେରା, ଶତ୍ରୁଘ୍ନ ନାୟକ, ଗୋପାଳ ପାତ୍ର, ସଦାନନ୍ଦ ଭୋଇ, ତାପସ ରଞ୍ଜନ ବେହେରା, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ତିନିଦିନ ଧରି ପ୍ରବଳ ଜନ ସମାଗମ ହୋଇଥଲା। ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ନାୟକ ଶେଷଦିନ ଉପସ୍ଥିତ ରହି ମେଳାର ତଦାରଖ କରିଥିଲେ। ପାଟଣାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୂଜାରୀଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ମେଳାରେ ଭୁଲିଆ ସମାଜ, ଯୁବ କୁଲତା ସମାଜ ଓ କୁମ୍ଭାର ସମାଜ ତରଫରୁ ଅନ୍ନବଣ୍ଟନ ବ୍ୟବସ୍ଥା ହୋଇଥିଲା। ସେହିପରି ସତ୍ୟ ସାଇ ସେବା ସମିତି, ବିଶା ଶହେ ଦଳକନ୍ଧ ସମାଜ, ସ୍ୱାଭିମାନ ପାରିବାର, ମାହେଶ୍ୱରୀ ସଂଗଠନ ପ୍ରମୁଖ ସେବା ଦଳ ତରଫରୁ ଜଳଛତ୍ର ବ୍ୟବସ୍ଥା କରିଥିଲେ।



## କାମ ଆରମ୍ଭରୁ ଠିକା ସଂସ୍ଥାର ମନମାନି

**ତୁରେକେଲା, ୨୪।୫(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକରେ ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ଦୁଇଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ନିର୍ମାଣସ୍ଥଳଠାରୁ ଆରମ୍ଭ କରି ରାସ୍ତାଘାଟ, ନଦୀବନ୍ଧ, ନାଳ ବନ୍ଧ, ପଡ଼ିଆ, ଗୋଚର ଏବଂ ଗ୍ରାମାଞ୍ଚଳ ରାସ୍ତା ପାଇପ ବିଛାଇବା ପାଇଁ ଖୋଳାଯାଉଥିବାରୁ ରାସ୍ତା ଅବସ୍ଥା ବେହାଲ ହୋଇଯାଇଛି। ଯାହାଫଳରେ



ଯାତାୟାତରେ ଘୋର ସମସ୍ୟା ଦେଖା ଦେବା ସହ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି। ପାଇପ ବିଛାଇବା ପାଇଁ ରାସ୍ତାରୁ ୨ ମିଟର ଦୂରରୁ ଗାତ ଖୋଳିବା କଥା ହେଲେ ଉକ୍ତ ଠିକାଦାର ରାସ୍ତା ସହ ଯୋଡ଼ିକି ଗାତ ଖୋଳୁଥିବାରୁ ଅନେକ ନୂତନ ନିର୍ମିତ ରାସ୍ତା ଖରାପ ହେଉଥିବା ଦେଖିବାକୁ ମିଳିଛି। ଶୀଘ୍ର ପାଇପ ବିଛା କାମ ସାରିବା ପାଇଁ ଅଳ୍ପଗାତ କରି ପାଇପ ବିଛାଇ ଦେଉଥିବା ନଜିର ରହିଛି। ଠିକାଦାରମାନେ ମାଲେମାଲ ହେବା ନିମନ୍ତେ ମେସିନ ସାହାଯ୍ୟରେ ପାଇପ ବିଛାଇବା ନିମନ୍ତେ ୨ ଶହ ଏମଏମ ପାଇପ ବିଛାଇବା ପାଇଁ ୩ ଶହ ଏମଏମର ଜେସିବିରେ ବକେଟ ଲଗାଇବା ପରିବର୍ତ୍ତେ ୭ ଶହ ଓ ୯ ଶହ ବକେଟ ଲଗାଯାଉଛି। ନଦୀବନ୍ଧ, ପୂର୍ବରାସ୍ତା, ଗ୍ରାମ୍ୟ ରାସ୍ତାଗୁଡିକ ଖୋଳାଯିବା ଫଳରେ ଏହା ଦୁର୍ବଳ ହେବାରେ ଲାଗିଛି। ଏହି ମାଟି ଖୋଳା ସମୟରେ ରାସ୍ତା ଉପରେ ୫ ରୁ ୬ ଇଞ୍ଚ ବହଳର ମାଟି ଧୂଳି ଜମି ରହୁଛି। ପାଇପ ବିଛା ସମୟରେ ବିଭିନ୍ନ ବିଭାଗ ଠାରୁ ଅନୁମତି ନେବାରେ ନିୟମ ଥିବାବେଳେ ମେଗା ପ୍ରକଳ୍ପର ଠିକାଦାର ନିୟମକୁ ବେଖାତିର କରୁଛନ୍ତି। କମ୍ପାନୀର ଏଭଳି କାର୍ଯ୍ୟପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସରକାରଙ୍କ ନିୟମକୁ ଫୁ କରୁଥିବା କମ୍ପାନୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ପାଟଣାଗଡ଼ ସହରର ଟ୍ରାଫିକ ସମସ୍ୟାର ସମାଧାନ କେବେ?

**ପାଟଣାଗଡ଼, ୨୪।୫(ସମିସ):** ପାଟଣାଗଡ଼ ସହରର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ଧରି ଟ୍ରାଫିକ ସମସ୍ୟା ଲାଗି ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ରାସ୍ତାର ହାଟପଦାଠାରୁ ବ୍ରହ୍ମପୁରା ପର୍ଯ୍ୟନ୍ତ ଅନେକ ସମୟରେ ଟ୍ରାଫିକ ସମସ୍ୟା ଲାଗିରହିଥାଏ।ମୁଖ୍ୟତଃ ରାସ୍ତା ସଂକୁଚିତ ହୋଇଥିବାରୁ ଟ୍ରାଫିକ ସମସ୍ୟା ଉପୁଜିଛି। ସକାଳ ୯ ଟାରୁ ୧୨ ଟା ପର୍ଯ୍ୟନ୍ତ ଭାରୀଯାନଗୁଡିକ ସହର ଭିତରକୁ ପ୍ରବେଶ ନିଷେଧ ମଧ୍ୟ କରାଯାଇଛି ତଥାପି ମଧ୍ୟ ରାସ୍ତା ସଂକୁଚିତ କାରଣରୁ ଟ୍ରାଫିକ ସମସ୍ୟା ଲାଗିରହିଛି। ସକାଳ ୯ ଟା ପରେ ଓ ସନ୍ଧ୍ୟା ସମୟରେ ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦିଏ। ରବିବାର ବଜାର ଦିନ ହୋଇଥିବାରୁ ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟା ପାଇଁ ଲୋକଙ୍କୁ ନାକେଦମ ହେବାକୁ ପଡେ। ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହୋଇଥାଏ। ଅନ୍ୟପଟେ ପାର୍କିଂ ଜୋନ୍ ନ ଥିବାରୁ ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ସମ୍ମୁଖରେ ଲୋକେ ନିଜ ଯାନବାହାନ ରଖୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଥିବା ମତ ପ୍ରକାଶ ପାଇଛି। ଅନ୍ୟପଟେ ଚାଷୀ ନେତା ଜତି ପଧାନ



ପାଟଣାଗଡ଼ ସହରର ଟ୍ରାଫିକ ସମସ୍ୟାକୁ ନେଇ ଗତ ୨୦୧୧ ମସିହାରେ ହାଇକୋର୍ଟରେ ଏକ ଜନ ସ୍ୱାର୍ଥ ମାମଲା ରୁଜୁ କରିଥିଲେ ଓ ଏହି କେଶ ଉପରେ ହାଇକୋର୍ଟ ତାଙ୍କ ଅର୍ଡରରେ ପାଟଣାଗଡ଼ ମୁଖ୍ୟ ରାସ୍ତାରେ ଥିବା ଜବରଦଖଲକାରୀଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସମୟରେ ପ୍ରଶାସନ ତରଫରୁ ଜବରଦଖଲ କରିଥିବା ସ୍ଥାନକୁ ଭଙ୍ଗା ଯାଇଥିଲା। ତଥାପି ମଧ୍ୟ ଟ୍ରାଫିକ ସମସ୍ୟା ସୁଧୁରି ପାରିନାହିଁ। ଅପରପକ୍ଷରେ ତତ୍କାଳୀନ ଉପଜିଲ୍ଲାପାଳ ଓ ଏସ୍‌ଡିପିଓ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପାଟଣାଗଡ଼ର ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକ, ବରିଷ୍ଠ ନାଗରିକ, ବଣିକ ସଙ୍ଘ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ଡାକି ବୈଠକ ମଧ୍ୟ କରିଥିଲେ କିନ୍ତୁ କୌଣସି ସଫଳତା ମିଳିପାରି ନାହିଁ। ଅନ୍ୟପଟେ ସ୍ଥାନୀୟ ବିଧାୟକ ସରୋଜ ମେହେର ଗତ ୨୦୧୯ ନିର୍ବାଚନ ସମୟରେ ବାଇପାସ ରାସ୍ତା ପାଇଁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ବାଇପାସ ରାସ୍ତା ପାଇଁ ଜମି ଚିହ୍ନଟ ହୋଇସାରିଛି ଓ ଟଙ୍କା ମଧ୍ୟ ମଞ୍ଜୁର ହୋଇସାରିଥିବା ତାଙ୍କ ବିଭିନ୍ନ ସଭା ଗୁଡିକରେ କହିଛନ୍ତି। ୨୦୨୪ ନିର୍ବାଚନ ପରେ କାମ ଆରମ୍ଭ ହେବା ନେଇ କହୁଛନ୍ତି। ପାଟଣାଗଡ଼ ସହରରେ ଏବେ ଟ୍ରାଫିକ ସମସ୍ୟା ମୁଖ୍ୟ ସମସ୍ୟା ପାଲଟିଛି। ସହରର ବିଭିନ୍ନ ଛକ ଗୁଡିକରେ ଟ୍ରାଫିକ ପୋଷ୍ଟ ସହ ବାଇପାସ ରାସ୍ତା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜନସାଧାରଣ ମହଲରେ ଦାବି ହେଉଛି।

## ବିଭିନ୍ନ ଗ୍ରାମରେ ଚନ୍ଦନଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ମୁରିବାହାଲ, ୨୪।୫(ସମିସ):** ମୁରିବାହାଲ ବ୍ଲକ ମୁରିବାହାଲ, ବନବାହାଲ ଓ ଯମୁନା ଗ୍ରାମରେ ଚନ୍ଦନ ଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ପ୍ରତିଦିନ ମହାଭାରତର ବିରାଟ ପର୍ବ ପୁରାଣ ପଠନ, ନାବକେଳି ସାଙ୍ଗକୁ ପ୍ରତିଦିନ ରାତିରେ ଗୁପ୍ତବନବାସ, କିଚକ ବଧ, ଗୋଧନ ହରଣ, କର୍ଣ୍ଣଙ୍କ ସହ ସମସ୍ତ ଯମୁନା ଗ୍ରାମବାସୀ ଓ ଶ୍ରଦ୍ଧାଳୁ ମହିଳାମାନେ ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ। ଆୟୋଜକ ପୂଜା କମିଟି ସଭାପତି ସୁଧୀର ବେହେରା, ଉପସଭାପତି ଗୋପବନ୍ଧୁ ଭୋଇ, ସମ୍ପାଦକ ସୁରେଶ ଧରୁଆ ଓ କୋଷାଧ୍ୟକ୍ଷ ପରମାନନ୍ଦ କୁଅଁରଙ୍କ ସହ ଶ୍ରଦ୍ଧାଳୁ ମହିଳା ଓ ଗ୍ରାମବାସୀ ସହଯୋଗ



ଅଭିମନ୍ୟୁ- ଉତ୍ତରାବାଲି ବିବାହ ଆଦି ବିରାଟ ପର୍ବର ପୌରାଣିକ ନାଟକ ଗୁଡ଼ିକ ମଞ୍ଚସ୍ଥ ହୋଇଥିଲା। ଯମୁନା ଗ୍ରାମରେ ଗାନ୍ଧୀଲାଲ ମହାକୁର ଓ ତାଙ୍କ ଧର୍ମପତ୍ନୀ ସୌରୀ ମହାକୁର କର୍ତ୍ତା, ଦୁର୍ଯ୍ୟୋଧନ ପାଣିଗ୍ରାହୀ ଓ ବ୍ରଜମୋହନ ଥନାପତି ପୂଜକ ଦାୟିତ୍ୱରେ ଥିଲେ। ଆୟୋଜକ ଯମୁନା ଗ୍ରାମର ହୃଦାନନ୍ଦ କର୍ଣ, ସୁଶୀଲ ମେର୍ଲି, ବ୍ରଜମୋହନ ମହାକୁର, ମଲିଆ ପଧାନ, ମାର୍କଣ୍ଡ ମହାକୁର, ପରମାନନ୍ଦ ମହାକୁର, ଉଦ୍ଧାଧର ମହାକୁର, ନଟବର ମେର୍ଲି, ଦେବେନ୍ଦ୍ର ପଧାନ, ଜେହେରୁ ମହାକୁର, ମଧୁସୁଦନ କର୍ମୀ, ବୁଡୁ ଡ଼ାଙ୍ଗ, ବିଶ୍ୱାମିତ୍ର ଜାଲ, ସୁରେଶ ପଧାନ, ସଙ୍କୀର୍ତ୍ତନ୍ୟ କର୍ମୀ, ଦିଲୀପ କରୁଥିଲେ। ମୁରିବାହାଲ ଷ୍ଟେସନପଡ଼ାରେ ଅନୁଷ୍ଠିତ ତୃତୀୟ ବର୍ଷ ଚନ୍ଦନ ଯାତ୍ରାରେ ଦନାର ସାହୁ ଓ ତାଙ୍କ ଧର୍ମପତ୍ନୀ ଅହଲ୍ୟା ସାହୁ କର୍ତ୍ତା ଓ ସଞ୍ଜୀବ ଯୋଶୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଗୁଡିଘାଟ ପଞ୍ଚାୟତ ବାରବନ୍ଧ ଗ୍ରାମରେ ନରେନ୍ଦ୍ର ନାଏକ ଓ ତାଙ୍କ ଧର୍ମପତ୍ନୀ ମେନକା ନାଏକ କର୍ତ୍ତା, ଘାସିରାମ ପାଣିଗ୍ରାହୀ ପୂଜକ ଦାୟିତ୍ୱରେ ଥିବା ବେଳେ ଆୟୋଜକ କମିଟିର ବଳବନ୍ତ ଭୋଇ, ଦେବାର୍ଚ୍ଚନ ନାଏକ, ଦୁର୍ବାସା ସାହୁ, ଲୋକନାଥ ବଘାର, ଅଭି ଖର୍ସେଲ, ଗିରିଧାରୀ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଥିଲେ।

ଘରୋଉ ବସ୍ କର୍ମଚାରୀଙ୍କ ମନମାନି

# ନେଉଛନ୍ତି ଅଧିକ ଭଡ଼ା; ପ୍ରତିବାଦ କଲେ ନାଲିଆଖି

**ବଲାଙ୍ଗିର, ୨୪।୫(ସମିସ)**

ବଲାଙ୍ଗିର ଜିଲ୍ଲାରେ ଘରୋଇ ବସ୍ କର୍ମଚାରଙ୍କ ମନମାନୀ। ବସ୍ ଭିତରେ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଧାର୍ଯ୍ୟଦର ଅନୁସାରେ ବସ୍ କର୍ମଚାରୀମାନେ ଟଙ୍କା ନେଉ ନ ଥିବାବେଳେ ନିୟମାନୁସାରେ ଫାଷ୍ଟଏଡ, କ୍ୟାମେରାର ମଧ୍ୟ ବ୍ୟବସ୍ଥା ନାହିଁ। ସମସ୍ତେ ନେଉଛନ୍ତି ଆମେ ବି ନେବୁ କହି ଗରିବ ବସଯାତ୍ରୀଙ୍କ ଠାରୁ ଲୁଟ କରୁଛନ୍ତି ବସ କର୍ମଚାରୀ। ସାଧାରଣ ବସ୍‌ରେ ବି କିଲୋମିଟର ପିଛା ଦେଢ ଟଙ୍କା ଜୋରଜବରଦସ୍ତ କରୁଥିବାବେଳେ ଏହାକୁ ପ୍ରତିବାଦ କଲେ ବସ୍ କର୍ମଚାରୀ ମାନେ ବିଭିନ୍ନ କଥା କହି ହିନସ୍ତ କରୁଥିବା ଅଭିଯୋଗ ହୋଇଛି। ଲୋକେ ମଧ୍ୟ କହିବ କାହାକୁ ଶୁଣିବ କିଏ ନ୍ୟାୟରେ ନିରବ ରହୁଥିବା ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ ସମୟରେ ବସ୍ କର୍ମଚାରୀଙ୍କ ନାମରେ ଅଭିଯୋଗ ଆସିଥାଏ। ଦରଠାରୁ ଅଧିକ ଟଙ୍କା ଯାତ୍ରୀଙ୍କ ଠାରୁ ନେବା, ଯାତ୍ରୀ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଭଳି ଅଭିଯୋଗ ପୂର୍ବରୁ ରହିଥିବା ବେଳେ ଏହାକୁ କେହି ଗୁରୁତ୍ୱ ଦେଇ ନ ଥାନ୍ତି। ଏବେ କିନ୍ତୁ ବସ୍ କର୍ମଚାରୀ ମାନଙ୍କ ମନମାନୀ ଯୋଗୁ ଗରିବ ଯାତ୍ରୀମାନେ ହଇରାଣ ହେବା ସହ ଠକେଇର ଶୀକାର ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟରୁ ବରଗଡ଼, ସମ୍ବଲପୁର, ଭବାନୀପାଟଣା, ନୂଆପଡ଼ା, ଭୁବନେଶ୍ୱର, ନବରଙ୍ଗପୁର ଭଳି ଅଞ୍ଚଳକୁ ପ୍ରତିଦିନ ବହୁ

■ ତଦାରଖ କରିବାକୁ କେହିନାହାନ୍ତି

■ କ୍ଷମତା ବାହାରେ ଯାତ୍ରୀ ଓ ମାଲ୍ ପରିବହନ

■ ଯାତ୍ରୀ କହିବେ କାହାକୁ, ଶୁଣିବ କିଏ ?

ସଂଖ୍ୟାରେ ବସ ଯାତାୟାତ କରିଥାଏ। ଗମନାଗମନ ପାଇଁ ଜିଲ୍ଲା ପାଇଁ ବସସେବା ଏକ ଗୁରୁତ୍ୱପୂର୍ଣ୍ଣ ସେବା ହୋଇଥିବା ବେଳେ ପ୍ରତ୍ୟହ ବହୁ ଲୋକ ବସ୍ ଉପରେ ହିଁ ନିର୍ଭର କରିଥାନ୍ତି। ଛାତ୍ରଛାତ୍ରୀ, ଶ୍ରମିକ, ସରକାରୀ ଓ ବେସରକାରୀ ଚାକିରିଆ, ସାଧାରଣ ବ୍ୟକ୍ତି, ମହିଳାମାନେ ବସ୍‌ରେ ଯାତାୟାତ କରିଥାନ୍ତି। ପ୍ରତିଦିନ ଏହି ବର୍ଗର ଲୋକେ ଘରୋଇ ବସ୍‌ରେ ଠକେଇର ଶୀକାର ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଯାତ୍ରୀ ମାନଙ୍କ ସୁବିଧା ପାଇଁ ରାଜ୍ୟ ସରକାର ସାଧାରଣ, ଏକ୍ସପ୍ରେସ, ଡିଲକ୍ସ, ଏସିଡିଲକ୍ସ ବସ୍‌ଗୁଡିକ ପାଇଁ କିଲୋମିଟର ପିଛା ଦର ନିର୍ଦ୍ଧାରିତ କରିଛନ୍ତି। ସେହି ଅନୁସାରେ ବସ୍ କଣ୍ଡକଟର ମାନେ ଆବଶ୍ୟକ ଟିକଟ ଦେଇ ଉପଯୁକ୍ତ ଦର ନେବା କଥା। କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସାଧାରଣ ବର୍ଗର ବସ୍‌ଗୁଡିକ ଏସି ବସ୍ ଦରରୁ ବି ଅଧିକ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏକ ଘରୋଇ ସାଧାରଣ ବସ୍‌ର ଦର ଅନୁସାରେ ବଲାଙ୍ଗିରରୁ ୨୦ କିମି ଦୂରରେ ଥିବା ଲୋଇସିଂହାକୁ ୩୦ ଟଙ୍କା, ୩୦ କିମି ଦୂରରେ ଥିବା ସାଲେଭଟା କୁ ୩୫ ରୁ ୪୦ ଟଙ୍କା, ୬୦ କିମି ଦୂରରେ ଥିବା ବରଗଡ଼କୁ ୮୦ ରୁ ୯୦ ଟଙ୍କା ନିଆଯାଉଥିବା ଅଭିଯୋଗ ହୋଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ। ଏପରିକି ଫାସଡ଼ରୁ ବୁର୍ଡା ପର୍ଯ୍ୟନ୍ତ ୭ କିମି ରାସ୍ତାକୁ ଯାତ୍ରୀ ମାନଙ୍କ ପାଖରୁ ୨୦ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏହିଭଳି ମନମାନୀକୁ ପ୍ରତିବାଦ କରୁଥିବା ଯାତ୍ରୀ ମାନଙ୍କୁ ବସ୍ କର୍ମଚାରୀମାନେ ଲୋକଙ୍କ ସାମ୍ନାରେ ଅପଦସ୍ତ କରିବାକୁ ମଧ୍ୟ ପଛାଉନାହାନ୍ତି। ଏପରିକି ତାଙ୍କ ଅନୁସାରେ ଟଙ୍କା ନଦେଲେ ବସରୁ ଓହ୍ଲାଇଯିବାକୁ ମଧ୍ୟ କହୁଥିବା ଦେଖିବାକୁ ମିଳିଛି। ବସ୍ କର୍ମଚାରୀମାନଙ୍କ ଏହିଭଳି ବ୍ୟବହାର ଦିନକୁଦିନ ବୃଦ୍ଧି ପାଉଥିବାବେଳେ ଏଥିପ୍ରତି ଘରୋଇ ବସ୍ ମାଲିକ ସଂଘ ଯତ୍ନବାନ ହେବାକୁ ଲୋକେ ଦାବି କରିଛନ୍ତି। କେବଳ ଏତିକି ନୁହଁ ବଲାଙ୍ଗିରରୁ ଯାତାୟାତ କରୁଥିବା ବସ୍‌ରେ ଅନ୍ୟ ନିୟମ ଗୁଡିକର ମଧ୍ୟ ଖିଲାପୀ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି କ୍ଷମତା ବାହାରେ ଯାତ୍ରୀକୁ ନେବା, କ୍ଷମତା ବାହାରେ ସାମଗ୍ରୀ ପରିବହନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଏହି ସବୁ କାରବାରର ତଦାରଖ କରିବା ଦାୟିତ୍ୱ କାହାର, ଲୋକେ କାହା ପାଖରେ ଅଭିଯୋଗ କରିବେ ତାହା ସ୍ପଷ୍ଟ ନ ଥିବାରୁ ଯାତ୍ରୀମାନେ ଚାହିଁଲେ ମଧ୍ୟ ଚୁପ ରହିବାକୁ ବାଧ୍ୟ ହେଉଥିବା କହିଛନ୍ତି। ଏଥିପ୍ରତି ପରିବହନ ବିଭାଗ ଅଧିକାରୀ ଯତ୍ନବାନ ହୋଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-328 ◆BHUBANESWAR ◆SATURDAY ◆25 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୮ ◆ଭୁବନେଶ୍ୱର ◆ଶନିବାର ◆୨୫ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# ଯାଞ୍ଚ ବେଳେ ଗାଡ଼ିରୁ ନଗଦ ୬ ଲକ୍ଷ ଟଙ୍କା ଜବତ

■ **ବାଲେଶ୍ୱର(ଉତ୍ତର), ୨୪।୫ (ସମିସ) :** ନିର୍ବାଚନ ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ଉ ଓ ଯାଞ୍ଚ ଚାଲିଛି। ଏହି କ୍ରମରେ ଆଜି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥର ନହରାଠାରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଥିବା ବେଳେ ଗୋଟିଏ କାର୍‌ରୁ ନଗଦ ୬ ଲକ୍ଷ ଟଙ୍କା ଜବତ ହୋଇଛି। ନହରା ପୋଲ ନିକଟରେ ଚାରିଚକିଆ ଗାଡ଼ି ଯାଞ୍ଚ ଚାଲିଥିଲା। ଏହି ସମୟରେ ଓଡି ୦୧ ଜେ ୫୩୦୦ ନମ୍ବର ବିଶିଷ୍ଟ ଏକ କାର ଭୋଗରାଇରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ସ୍କ୍ୱାଡ୍ ଟିମ୍ ଅଟକାଇ ଯାଞ୍ଚ କରିବା ବେଳେ ସେହି ଗାଡ଼ିରୁ ୬ ଲକ୍ଷ ଟଙ୍କା ନଗଦ ବାହାରିଥିଲା। ପୁଲିସ ଗାଡ଼ି ସହିତ ଜବତ ଟଙ୍କାକୁ କମର୍ଦ୍ଦା ଥାନାକୁ ନେଇଥିଲା। ସେଠାରେ ଟଙ୍କା ଜିମା ଦେଇଥିବା ବେଳେ ସମ୍ପୃକ୍ତ ଗାଡ଼ିଟିକୁ ପୁଲିସ ଛାଡ଼ି ଦେଇଥିବା ସୂଚନା ମିଳିଛି। ଏବେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ଏହି ଗାଡ଼ିଟି କାହାର ଏବଂ କେଉଁ ଉଦ୍ଦେଶ୍ୟରେ ରାତି ସମୟରେ ଏତେଗୁଡ଼ିଏ ନଗଦ ଟଙ୍କା ନେଇ ଯାଉଥିଲା; ତାହା ଏବେ ସନ୍ଦେହଘେରରେ ରହିଛି। ଅପରପକ୍ଷେ ପୁଲିସ କେବଳ ନଗଦ ଟଙ୍କା ଜବତ କରିଥିବା ବେଳେ ଗାଡ଼ିଟିକୁ କାହିଁକି ଛାଡ଼ିଲା, ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ କାର୍ ମଧ୍ୟରେ ଥିବା ବ୍ୟକ୍ତିଜଣକ ହେଲେ ଭୋଗରାଇ ଥାନା ଅନ୍ତର୍ଗତ ମହେଶପୁର ଗ୍ରାମର ଶଶାଙ୍କ ଶେଖର ନାୟକ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।




# ୨୬ରେ ମାଟ୍ରିକ୍ ଓ +୨ ଫଳ

■ **କଟକ/ଭୁବନେଶ୍ୱର, ୨୪।୫ (ସମିସ):** ଉଭୟ ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷାଫଳ ଏଥରକ ଗୋଟିଏ ଦିନରେ ପ୍ରକାଶ ପାଇବ। ଆସନ୍ତା ୨୬ ତାରିଖ ପୂର୍ବାହ୍ନ ସାଢ଼େ ୧୦ଟାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ), ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ପାଇବାକୁ ଥିବା ବେଳେ ଅପରାହ୍ଣ ୩ଟାରେ ଯୁକ୍ତ ୨ ପରୀକ୍ଷାଫଳ ବାହାରିବ ବୋଲି ସୂଚନା ଦିଆଯାଇଛି। ଆଜି ବୋର୍ଡ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ନୀହାର ରଞ୍ଜନ ମହାନ୍ତି ସବିଶେଷ ସୂଚନା ଦେଇ କହିଛନ୍ତି ଯେ ମାଟ୍ରିକ ପରୀକ୍ଷା ଫଳ ସେହି ଦିନ ସାଢ଼େ ୧୧ଟା ସୁଦ୍ଧା ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍‌ରୁ ସେମାନଙ୍କ ମାର୍କ ଓ ଗ୍ରେଡ ଡାଉନଲୋଡ୍ କରିପାରିବେ। ପରୀକ୍ଷାର୍ଥୀମାନେ ୫୬୭୬୭୫୦ ନମ୍ବରକୁ ଏସ୍‌ଏମ୍‌ଏସ୍ କରି ମଧ୍ୟ ଫଳ ଜାଣିପାରିବେ। ବୋର୍ଡ ପକ୍ଷରୁ ଏଥର ପ୍ରଥମ କରି ପ୍ରଚଳିତ ଡିଜିଟାଲ ପ୍ରମାଣପତ୍ରକୁ ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ (bseodisha.in)ରୁ ▶ପୃଷ୍ଠା-୯

# ବିଜେପିର ପରିବର୍ତ୍ତନ ନାରାରେ ଓଡ଼ିଶା 'ରୂପାନ୍ତରଣ' ଛବି



**ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ସଂଖ୍ୟାଗରିଷ୍ଠତା ହାତେଇବ ବିଜେଡି**

■ **ଭୁବନେଶ୍ୱର, ୨୪।୫ (ସମିସ):** ଓଡ଼ିଶାରେ ବଡ଼ ବ୍ୟବଧାନରେ ସରକାର କରିବ ବିଜେଡି। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ରାଜ୍ୟବାସୀ ଓ ମହାପ୍ରଭୁଙ୍କ ଆଶୀର୍ବାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସହଜରେ ସଂଖ୍ୟାଗରିଷ୍ଠତା ମିଳିବ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ଶୁକ୍ରବାର ଶ୍ରୀ ପାଣ୍ଡିଆନ୍ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଜେପି ୨୦୧୪ରୁ ପରିବର୍ତ୍ତନ କଥା କହି ଆସୁଛି। ପ୍ରତି ଉପନିର୍ବାଚନରେ ମଧ୍ୟ ପରିବର୍ତ୍ତନ କଥା କହିଥା'ନ୍ତି। ଏବେ ସେହି ପନ୍ଥା ବିଜେପି ଆପଣାଇଛି। ଏହା ବିଜେପିର ରାଜନୈତିକ ରଣନୀତି। ମାତ୍ର ରାଜ୍ୟରେ ସବୁ ସ୍ଥାନରେ ନବୀନ ବାବୁଙ୍କର ହାୱା ରହିଛି। ଯଦି ସେ ଏହା ଦେଖି ପାରି ନ ଥା'ନ୍ତେ, ତେବେ ସେ ଆତ୍ମବିଶ୍ୱାସର ସହ ବିଜେଡି ତିନି ଚତୁର୍ଥାଂଶ ଆସନରେ ବିଜୟୀ ହେବ ବୋଲି ସେ କହି ନ ଥା'ନ୍ତେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ଲୋକଙ୍କର ଭଲ ପାଇବା ଦେଖାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ପୁଣି ଥରେ ସେମାନଙ୍କ ନେତା ଭାବେ ବାଛିବାକୁ ଚାହୁଁଛନ୍ତି। ତେବେ ବିଜେପି ଯେଉଁ ପରିବର୍ତ୍ତନ କଥା କହୁଛି, ତାହା ଓଡ଼ିଶାର ରୂପାନ୍ତରଣରେ ହିଁ ଦୃଶ୍ୟମାନ ହେଉଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି କଟକ ବସ୍‌ଷ୍ଟାଣ୍ଡ ଓ ସ୍କୁଲ, କଲେଜ ଓ ସ୍ୱାସ୍ଥ୍ୟ କ୍ଷେତ୍ର ଆଦିରେ ହୋଇଥିବା ରୂପାନ୍ତରଣ ହିଁ ପରିବର୍ତ୍ତନ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ଶ୍ରୀ ପାଣ୍ଡିଆନ୍ ଆହୁରି କହିଛନ୍ତି ଯେ ସାରା ରାଜ୍ୟବାସୀ ଚାହୁଁଥିଲେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଅଞ୍ଚଳରୁ ନିର୍ବାଚନ ଲଢ଼ନ୍ତୁ। କିନ୍ତୁ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିକୁ ବାଛିଲେ ଏବଂ ଦୁଇଟି ଯାକ ଆସନରେ ବହୁତ ଆଶୀର୍ବାଦ ପାଇଛନ୍ତି। ବିଏସ୍‌କେୱାଇ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ପ୍ରଭାବ ପକାଇଛି। ତେଣୁ ରାଜ୍ୟର ଏଧିକାରୀ ସରକାରୀ କର୍ମଚାରୀ ସଂଘ ବିଏସ୍‌କେୱାଇରେ ସାମିଲ ପାଇଁ ଦାବି କରି ଆସୁଥିଲେ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟ ସସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବାର ଗ୍ୟାରେଣ୍ଟି ଓ ସୁନିଶ୍ଚିତ କରିବାକୁ ଚାହୁଁଥିଲେ। ସେଥିପାଇଁ ରାଜ୍ୟର ସବୁ ବର୍ଗର ଲୋକଙ୍କୁ ଏହି ସେବା ଦେବା ପାଇଁ ଯୋଜନା କରାଯାଇଛି। ଏହିଭଳି ପଦକ୍ଷେପ ପାଇଁ ଲୋକସଭା ଆସନ କ୍ଷେତ୍ରରେ ରାଜ୍ୟରେ ୨୦୧୯ ତୁଳନାରେ ରାଜ୍ୟରେ ବିଜେଡି ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।



# ରବି ଧାନ ମଣ୍ଡି ଶୁଭାରମ୍ଭ





**କଲମପୁର, ୨୪।୫(ସମିସ)**

କଳାହାଣ୍ଡି ଜିଲ୍ଲାରେ ରବିଧାନ ମଣ୍ଡି ମେ ମାସ ୨୦ ତାରିଖରେ ଆରମ୍ଭ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଏହାକୁ ଦୃଷ୍ଟିରେ ରଖି କଲମପୁର ଅଞ୍ଚଳରେ ଧାନ ମଣ୍ଡି ଶୁଭାରମ୍ଭ କରାଯାଇଛି। ଏହି କ୍ରମରେ ବନ୍ଦକନା ଧାନ ମଣ୍ଡିକୁ ଯୋଗମାୟା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳନା କରାଯାଉଛି। ଏହି ମଣ୍ଡିକୁ ବନ୍ଦକନା ସରପଞ୍ଚ ହିମାଦ୍ରୀ ବାଗ ଶୁଭାରମ୍ଭ କରିଛନ୍ତି। ଶୁକ୍ରବାର ବଙ୍କାପଲା ସବ୍ ମଣ୍ଡିକୁ କଲମପୁର ତହସିଲଦାର, ପାକ୍ସ ସଭାପତି, ଧର୍ମଗଡ଼ ଡିଆରସିଏସଙ୍କ ଉପସ୍ଥିତିରେ ଅଞ୍ଚଳର ଚାଷୀଙ୍କୁ ନେଇ ମଣ୍ଡି ଶୁଭାରମ୍ଭ କରାଯାଇଛି। ଯୋଗମାୟା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଗୌରୀ ମାଝୀ, ସମ୍ପାଦିକା ବୈଦେଇ ନାଏକ, ଚାଷୀ ନବୀନ ପାଢ଼ୀ, ସୁଦର୍ଶନ ଖମାରୀ, ଦୀପକ ରଞ୍ଜନ ପଣ୍ଡା, ଶ୍ରୀକାନ୍ତ ପାଢ଼ୀ, ଉମାକାନ୍ତ ଖମାରୀ, ଭାରତ ରାଉତ, ପ୍ରଦ୍ୟୁମ୍ନ ରାଉତ, ନିର୍ମଳ ପଣ୍ଡା, ସରପଞ୍ଚ ପ୍ରତିନିଧି ଶତ୍ରୁଘନ ବାଗ, ବଳରାମ ଛତ୍ରିଆ ପ୍ରମୁଖଙ୍କ ଉପସ୍ଥିତିରେ ବନ୍ଦକନା ମଣ୍ଡି ଶୁଭାରମ୍ଭ କରାଯାଇଛି। ସେହିପରି ଶୁକ୍ରବାର ବଙ୍କାପଲା ସବ୍ ମଣ୍ଡିକୁ କଲମପୁର ତହସିଲଦାର ମୋହନ ଚରଣ ଜେନା, ପାକ୍ସ ସଭାପତି ଶଙ୍କର୍ଷଣ ବେହେରା, ପାକ୍ସ ସମ୍ପାଦକ କ୍ଷେତ୍ରମୋହନ ବାଗ, ବଙ୍କାପଲା ଚାଷୀ, ମିଲ୍ ଏଜେଣ୍ଟ ପ୍ରମୁଖଙ୍କ ଉପସ୍ଥିତିରେ ମଣ୍ଡି ଶୁଭାରମ୍ଭ କରାଯାଇଛି। ତେବେ ବଙ୍କାପଲା ସବ୍ ମଣ୍ଡିକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ।

# ଅଂଶୁଘାତରେ ଗୃହରକ୍ଷୀଙ୍କ ମୃତ୍ୟୁ ଅଭିଯୋଗ

**ନୂଆପଡ଼ା, ୨୪।୫(ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଖରିଆରରୋଡ ଜୋଙ୍କ ଥାନା ଅଧୀନ ବଲୋଦା ଗାଁର ଶତ୍ରୁଘ୍ନ ରାଉତ(୪୭)ନାମକ ଜଣେ ହୋମଗାର୍ଡଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ଶତ୍ରୁଘ୍ନ ପଡ଼ୋଶୀ ବରଗଡ଼ ଜିଲ୍ଲା ନିର୍ବାଚନ କାମ ସାରି ଫେରିବାପରେ ଘରେ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଖବର ପାଇ ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ର ଘରକୁ ଯାଇ ମରଶରୀରର ଶେଷ

**● ଶେଷ ଦର୍ଶନ କଲେ ଏସ୍‌ପି**

ଦର୍ଶନ କରିଛନ୍ତି। ବଲୋଦା ଗାଁର ଶତ୍ରୁଘ୍ନ ଆଜିକୁ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜିଲ୍ଲା ପୁଲିସ ଅଧୀନରେ କାମ କରିଆସୁଥିଲେ। ତାଙ୍କର ଦୁଇ ଝିଅ ଏବଂ ଗୋଟିଏ ପୁଅ ରହିଛନ୍ତି। ଚଳିତ ସାଧାରଣ ନିର୍ବାଚନ ସମୟରେ ନୂଆପଡ଼ା ଜିଲ୍ଲାରେ କାମ କରିଥିବାବେଳେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲ୍ଲାକୁ ଡ୍ୟୁଟିରେ ଯାଇଥିଲେ। ୨୦ତାରିଖ ଦିନ ନିର୍ବାଚନ କାମସାରି ୨୧ ତାରିଖରେ ନିଜ ଘରକୁ ଫେରିଥିଲେ। ଫେରିବା ବେଳେ ଖରା ଯୋଗୁଁ କିଛିଟା ଅସୁସ୍ଥତା ଅନୁଭବ କରିଥିବା ପରିବାର ଲୋକଙ୍କୁ କହିଥିଲେ। ଗୁରୁବାର ରାତିରେ ଖାଇ ବସିଥିବା ସମୟରେ ହଠାତ୍ ଟଳି ପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରବଳ ତାତିସହ ଗୁଳୁଗୁଳିରେ ଡ୍ୟୁଟି କରିଥିବାରୁ ଏଭଳି ହୋଇଥିବା ପରିବାର ଲୋକ ଅଭିଯୋଗ ଆଣିଛନ୍ତି। ତେବେ ଶୁକ୍ରବାର ସକାଳେ ମୃତ ଦେହ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ କରାଯାଇଥିଲା। ମୃତଦେହ ଘରକୁ ଆସିବାପରେ ମଧ୍ୟାହ୍ନରେ ନୂଆପଡ଼ା ଏସ୍‌ପି ଜିଆର୍ ରାଘବେନ୍ଦ୍ର ବଲୋଦା ଗାଁକୁ ଆସି ନିଜର ମହନୀୟତା ଦେଖାଇଥିଲେ। ସ୍ୱର୍ଗୀୟ ଶତ୍ରୁଘ୍ନଙ୍କ ମରଶରୀରର ଶେଷ ଦର୍ଶନ କରି ପରିବାର ଲୋକଙ୍କୁ ୧୦ହଜାର ଟଙ୍କା ଦେଇ ସମବେଦନା ଜଣାଇଥିଲେ। ଏହି ଅବସରରେ ନିର୍ବାଚନ ଆୟୋଗ ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଘୋଷଣା



କରିବା ସହ ନିର୍ଦ୍ଧାରିତ ସହାୟତା ରାଶି ଯୋଗାଇଦେବାକୁ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହିଭଳି ଜିଲ୍ଲା ହୋମଗାର୍ଡ ଆସୋସିଏସନ୍ ସଭାପତି ଶରତ କୁମାର ହଂସ ଏସ୍‌ପିଙ୍କ ସହାନୁଭୂତି ପାଇଁ ସଂଘ ତରଫରୁ ଧନ୍ୟବାଦ ଜଣାଇଥିବାବେଳେ ସମ୍ପୃକ୍ତ ନିର୍ବାଚନ ବିଭାଗ ଏହାକୁ ନିର୍ବାଚନ ଜନିତ ମୃତ୍ୟୁ ବୋଲି ଘୋଷଣା କରି ପରିବାରକୁ ସରକାରଙ୍କ ତରଫରୁ ସହାୟତା ଯୋଗାଇଦେବାକୁ ଦାବି ରଖିଛନ୍ତି। ଗାଁରେ ସ୍ଥାନୀୟ ଥାନାଧିକାରୀ ଗୁରୁଦେବ କର୍ମୀ, ହୋମଗାର୍ଡ ଆରଆଇ ଚିତ୍ତରଞ୍ଜନ ନାଏକ, ମନୁଲାଲ ବେହେରା, କାମଦେବ ସାହୁ, ଖିଲେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଣୀମୁହାସରେ ବୈଶାଖମେଳା



**କୋମନା, ୨୪।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡାସ୍ଥିତ ରାଣୀମୁହାସରେ ବୈଶାଖମେଳା ସମ୍ପନ୍ନ ହୋଇଛି। ଏଥିପାଇଁ ଯଜ୍ଞମଣ୍ଡପ ସ୍ଥାପନ ସହ କୁମ୍ଭ ଭରଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞରେ ଖୋଲିଗାଁ, ମଝାଗାଁ, ହଲୁଆପାଲି, ଗାତିବେଡା, ସିଲେଟପାଣି ଭଳି ୬ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ହରିନାମ ଜପ କରିଥିଲେ। ଏଠାରେ ଥିବା ରାଣୀମୁହାସ ଦେବୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ମାନସିଂ ଧରୁଆ ଓ କଳାବତି ଧରୁଆ ଉପସ୍ଥିତ ଥିଲେ। ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ରାଜକୁମାର ଧରୁଆ, ଡିଙ୍ଗର ମାଝୀ, ଗଙ୍ଗାରାମ ଧରୁଆ, ବିଶ୍ୱମ୍ବର ମାଝୀ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ସାପ କାମୁଡ଼ାରେ ନାବାଳିକା ମୃତ

**ସିନାପାଲି, ୨୪।୫(ସମିସ):** ସିନାପାଲି ବ୍ଲକ ଅଧୀନ କୁସୁମଜୋର ପଞ୍ଚାୟତ ହଲଦିଖୋଲ ଗ୍ରାମର ବିଷ୍ଣୁପ୍ରିୟା ମାଝୀ (୧୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗତ ୧୦ ତାରିଖ ରାତିରେ ଘରେ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଝିଅର ଅବସ୍ଥା ଅଧିକ ଗୁରୁତର ଥିବାରୁ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ମଧ୍ୟ ଝିଅର ଉତ୍ତମ ଚିକିତ୍ସା ହୋଇପାରି ନ ଥିବାରୁ ପରିବାର ଲୋକେ ଖଡିଆଳ ମିଶନ ହସ୍‌ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ।ଏହି ଖବର ଶୁଣି ସ୍ଥାନୀୟ ସରପଞ୍ଚ ଉଦିତ ପ୍ରତାପ ସିଂ ଜ୍ୟୋତି ଘଟଣା ସ୍ଥାନରେ ପହଞ୍ଚି ଝିଅର ଅଧିକ ଚିକିତ୍ସା ପାଇଁ ନୂଆପଡ଼ା ଜିଲ୍ଲାପାଳ ହେମକାନ୍ତ ସାଏଙ୍କୁ ଜଣାଇଥିଲେ। ସେଠାରୁ ଜିଲ୍ଲାପାଳଙ୍କ ସହଯୋଗ କ୍ରମେ ଝିଅର ଅଧିକ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଥିବା ବେଳେ କିଛି ଆର୍ଥିକ ସହାୟତା ସହଯୋଗ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଝିଅର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ସିନାପାଲି ପୁଲିସ ଏଏସଆଇ ବିଘ୍ନରାଜ ମାଝୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ନାବାଳିକା ଝିଅର ଶବ ବ୍ୟବଚ୍ଛେଦ କଲାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରକାଶ ଯେ ମୃତ ନାବାଳିକା ଜଣକ ସ୍ଥାନୀୟ ରାଧାକୃଷ୍ଣ ଆଦିବାସୀ ଗାର୍ଲ୍ସ ହଷ୍ଟେଲ ସ୍କୁଲରେ ଦଶମଶ୍ରେଣୀ ପାଠ ପଢୁଥିଲେ। ମୃତ ନାବାଳିକାଙ୍କ ବାପା ତିଲଚନ ମାଝୀ (୪୦) ମା' ଦୁଇଭାଇ ଓ ଗୋଟିଏ ଭଉଣୀ ରହୁଥିଲେ।

**● ସଡ଼କ ଦୁର୍ଘଟଣାରେ ସିଆରପିଏଫ୍ ଯବାନଙ୍କ ମୃତ୍ୟୁ ଘଟଣା**

# 'ସ୍ୱାମୀ ଯୁଦ୍ଧରେ ସହିଦ ହୋଇଥିଲେ ଖୁସି ହୋଇଥାନ୍ତି'

**ନୂଆପଡ଼ା, ୨୪।୫(ସମିସ):** ମୋ ସ୍ୱାମୀଙ୍କୁ ଦେଶ ସେବା କରିବାକୁ ପଠାଇଥିଲି। ଏପଟେ ଦୁଇ କୁନି ଛୁଆଙ୍କୁ ନିଜେ ସେବାକରି ସ୍ୱାମୀଙ୍କୁ ସବୁ ପ୍ରକାରେ ଉତ୍ସାହିତ କରୁଥିଲି। ଦେଶ ସେବାରେ ଯୁଦ୍ଧ କରି ସହିଦ ହୋଇଥିଲେ ମୁଁ ଏବଂ ମୋ ପରିବାର ଖୁସି ହୋଇଥାନ୍ତେ। ହେଲେ ଏକ ଅଭାବନୀୟ ଘଟଣାରେ ମୃତ୍ୟୁବରଣ କରିବା ସାରା ପରିବାର ପାଇଁ ଏକ ଅଭୁଲା ଘଟଣା ହୋଇ ରହିଯିବ। ଏହା ଆମପାଇଁ ଦୁର୍ଭାଗ୍ୟ ବୋଲି ନିକଟରେ ସଡ଼କ ଦୁର୍ଘଟଣାରେ ମୃତାହତ ହୋଇଥିବା ସିଆରପିଏଫ୍ ଯବାନଙ୍କ ସ୍ତ୍ରୀଙ୍କ କୋହଭରା କଣ୍ଠରେ ଶବ୍ଦ। ମୃତ୍ୟୁର ସାତଦିନପରେ ମଧ୍ୟ ଘର ଶୂନଶାନ ହୋଇପଡ଼ିଥିବାବେଳେ ଖାଁ ଖାଁ ଲାଗୁଛି। ଘରର ଚୂଲି ଜଳୁ ନ ଥିବାବେଳେ ବନ୍ଧୁସାଦରଙ୍କ ସହାନୁଭୂତିରେ ଦିନରାତି କାଟୁଛନ୍ତି। ସୂଚନାଯୋଗ୍ୟ ଯେ ବୋଡେନ ଥାନା ଅଧୀନ ଖିରମାଲ ଗାଁର ମତିରାମ ଶବରଙ୍କ ଦୁଇ ପୁଅ ମଧ୍ୟରୁ ସାନ ପୁଅ ଚୈତନ୍ୟ (୪୦)। ବଡ ପୁଅ କୌଣସି ଏକ ରୋଗରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଚୈତନ୍ୟ ୨୦୦୮ ମସିହାରେ ଚାକିରିରେ ଯୋଗ ଦେଇଥିଲେ। ପରେ ୨୦୧୩ରେ ସ୍ଥାନୀୟ ଲାଞ୍ଜି ଗ୍ରାମର ପଙ୍କଜିନିଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ



**● ଖାଁ ଖାଁ ଲାଗୁଛି ଆଦିବାସୀଙ୍କ କୁଡ଼ିଆ**

ଆଜିକୁ ପାଞ୍ଚ ବର୍ଷ ହେବ ନୂଆପଡ଼ା ଜିଲ୍ଲାକୁ ବଦଳି ହୋଇ ଆସି ସିଆରପିଏଫ ୨୧୬ ବାଟାଲିୟନରେ ଇନଟେଲିଜେନ୍ସ ବିଭାଗରେ କାମ କରିଆସୁଥିଲେ। ଏଠିକାର ଖଡୁପାଣି, ବରକୋଟ, ଧରମବନ୍ଧା ପରେ ଦାତୁନାମା ଅସ୍ଥାୟୀ କ୍ୟାମ୍ପରେ ନିୟୋଜିତ ଥିଲେ। ଘଟଣାଦିନ ଖଡିଆଳରୁ କୌଣସି କାମରେ କୋମନାକୁ ଏକ ବାଇକ୍ ରେ ଯାଉଥିବା ସମୟରେ କୋମନା ବିଜା ଖମନ ନିକଟରେ ଏକ ଟ୍ରକ୍ ଚାପି ଯାଇଥିଲା। ଦୁଇ ଗୋଡ କଟିଯିବାପରେ ନୂଆପଡ଼ା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତ କରିବା ସମୟରେ ମୃତ୍ୟୁ ଘଟିଥିଲା। ତାପର ଦିନ ଶବ ବ୍ୟବଚ୍ଛେଦ ପରେ ସିଆରପିଏଫ କ୍ୟାମ୍ପରେ ମରଶରୀରକୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଯବାନଙ୍କ ମୃତ୍ୟୁର ଆଜିକୁ ଛଅ ଦିନ ବିତିଯାଇଛି। ତାଙ୍କ ନିଜ ଗାଁ ଘର ଖାଁ ଖାଁ ହୋଇପଡ଼ିଛି। ସ୍ୱର୍ଗୀୟ ଚୈତନ୍ୟଙ୍କ ପିତା ମତିରାମଙ୍କ କହିବାନୁଯାୟୀ ପୁଅକୁ ପାଠ ପଢ଼ାଇ ଦେଶ ମାତୃକାର ସେବା କରିବାକୁ ପଠାଇଥିଲି। ହେଲେ ଶେଷରେ ଘରକୁ ଶବ ହୋଇ ଫେରିଲା। ବର୍ତ୍ତମାନ ଦୁଇ ପୁଅଙ୍କୁ ହରାଇ ବେସହାରା ହୋଇ ପଡ଼ିରହିଛୁ। ଏତେବଡ ପରିବାରରେ ରୋଜଗାରକ୍ଷମ କେହିନାହାଁନ୍ତି। ସରକାର ତାଙ୍କ ପରିବାର ପ୍ରତି କୃପାକରନ୍ତୁ ବୋଲି କୋହଭରା କଣ୍ଠରେ କହିଛନ୍ତି। ଏଥିପ୍ରତି ସିଆରପିଏଫ୍ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ପରିବାର ପ୍ରତି ସହାନୁଭୂତି ଜଣାଇବାକୁ ଦାବି ହୋଇଛି।

# ଭୋଟ୍ ଗଣତି ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

**ଭବାନୀପାଟଣା, ୨୪।୫(ସମିସ):** କଳାହାଣ୍ଡି ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀଗୁଡିକ ନିମନ୍ତେ ଜୁନ୍ ୪ ତାରିଖରେ ଭୋଟ୍ ଗଣତି ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଭବାନୀପାଟଣା ସହରସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସାଇନ୍ସ ବ୍ଲକରେ ଲାଞ୍ଜିଗଡ଼, ଭବାନୀପାଟଣା ଓ ନର୍ଲା ନିର୍ବାଚନମଣ୍ଡଳୀ ନିମନ୍ତେ ଭୋଟ ଗଣତି ଅନୁଷ୍ଠିତ ହେବ। ସେହିଭଳି ଧର୍ମଗଡ଼ ସହରସ୍ଥିତ ପଞ୍ଚାୟତ କଲେଜରେ ଜୁନାଗଡ଼ ଓ ଧର୍ମଗଡ଼ ନିର୍ବାଚନମଣ୍ଡଳୀ ନିମନ୍ତେ ଭୋଟ ଗଣତି ହେବ। ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଗୋଟିଏ କାଉଣ୍ଟିଂ ହଲ୍ ଓ ପ୍ରତି ହଲ୍‌ରେ ୧୪ଟି କାଉଣ୍ଟିଂ ଟେବୁଲ ରହିବ। କେବଳ ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ୧୨ଟି କାଉଣ୍ଟିଂ ଟେବୁଲ ରହିବ। ଉଭୟ ଲୋକସଭା ଓ ବିଧାନସଭା ନିମନ୍ତେ ଅନ୍ୟ ନିର୍ବାଚନମଣ୍ଡଳୀରେ ୧୪ଟି ଲେଖାଏଁ କାଉଣ୍ଟିଂ ଟେବଲ ହେବ। ସମୁଦାୟ ପ୍ରାୟ ୨୨ ରାଉଣ୍ଡ ଗଣତି ଅନୁଷ୍ଠିତ ହେବ। ପୋଷ୍ଟାଲ ଭୋଟିଂ ଓ ହୋମ୍ ଭୋଟିଂ ନିମନ୍ତେ ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଗୋଟିଏ କାଉଣ୍ଟିଂ ହଲ୍, ଗୋଟିଏ ଇଟିପିବି ସ୍କାନର ସହିତ ପ୍ରତ୍ୟେକ କାଉଣ୍ଟିଂ ହଲ୍‌ରେ ୪ଟି କାଉଣ୍ଟିଂ ଟେବୁଲ ଦ୍ୱାରା ଭୋଟ୍ ଗଣତି ଅନୁଷ୍ଠିତ ହେବ। ଜୁନ୍ ୪ ସକାଳ ୮ଟାରୁ ପ୍ରଥମେ ହୋମ୍ ଭୋଟିଂ ଓ ପୋଷ୍ଟାଲ ବାଲଟ ଭୋଟିଂ ଗଣତି ହେବ। ପରେ ଇଭିଏମ ଭୋଟ୍ ଗଣତି ଆରମ୍ଭ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିନିମନ୍ତେ ପୁଲିସ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କର୍ମଚାରୀଙ୍କୁ ମଧ୍ୟ କାଉଣ୍ଟିଂ ନିମନ୍ତେ ତାଲିମ ଦିଆଯାଇଛି। ଭବାନୀପାଟଣା ଓ ଧର୍ମଗଡ଼ରେ ଇଭିଏମ୍‌ଗୁଡ଼ିକୁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ପୁଲିସ ଓ ଅର୍ଦ୍ଧ ସମରିକ ବଳ ପକ୍ଷରୁ ପହରା ଦିଆଯାଉଛି। ସିସି ଟିଭିକୁ ମଧ୍ୟ ବ୍ୟାପକ ଭାବେ ବ୍ୟବହାର କରାଯାଇଛି।

# ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

**ଜୁନାଗଡ଼, ୨୪।୫(ସମିସ):** ଜୁନାଗଡ଼ ସହରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଜୁନାଗଡ଼ ସହର ଲକ୍ଷ୍ମୀସାଗରପଡ଼ାର ଅବସରପ୍ରାପ୍ତ ଶିକ୍ଷକ ସୌମିତ୍ରୀ ମୁଣ୍ଡ। ସେ ପଟଯୋଶୀ ପେଟ୍ରୋଲପମ୍ପରୁ ଫେରୁଥିଲେ। ଏତିକିବେଳେ ଅପରପଟୁ ବାରବେସାଲ ଗ୍ରାମର ବାଦଲ ନାଏକ ଓ ତାଙ୍କ ସାଙ୍ଗ ବାଇକ୍‌ରେ ଆସୁଥିଲେ। ଶ୍ରୀମନ୍ଦିର କପଡ଼ା ଦୋକାନ ସାମ୍ନାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

**● ଅନ୍ୟ ଜଣେ ଗୁରୁତର**

ହୋଇଥିଲା। ତେବେ ବାଦଲଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ଅଛି। ତାଙ୍କୁ ପ୍ରଥମେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନା ଓ ପରେ ରାୟପୁର ସ୍ଥାନାନ୍ତର କରାଯାଇଛି।

# ଝିଅର ଆତ୍ମହତ୍ୟା ପରେ ବାପାର ମୃତ୍ୟୁ

**ଜୟପାଟଣା, ୨୪।୫(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଜାମଚୁଆ ଗାଁର ଜଣେ ବିବାହିତା ମହିଳା ଆତ୍ମହତ୍ୟାର କିଛି ଦିନ ପରେ ତାଙ୍କ ବାପାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଟିଙ୍ଗପଖାନରେ ବିବାହ କରିଥିବା ଜାମଚୁଆର ପୂର୍ଣ୍ଣମୀ ମାଝୀ ବିଷ ପିଇ ନିକଟରେ ଆତ୍ମହତ୍ୟା କରିଥିଲେ।



ପୂର୍ଣ୍ଣମୀଙ୍କ ବାପା କରଣ ମାଝୀଙ୍କ ଶେଷରେ ଶୁକ୍ରବାର ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ପୂର୍ଣ୍ଣମୀଙ୍କ ଦଶାହ କାର୍ଯ୍ୟ ପାଇଁ ପରିବାର ବର୍ଗ ସହ ଆଲୋଚନା ହୋଇଥିଲା। ତେବେ କରଣ ଶୌଚ ଲାଗି ପୋଖରୀକୁ ଯାଇଥିବାବେଳେ ହୁଡାରେ ପଡ଼ିଥିବା ବେଳେ ଘର ଲୋକେ ଉଦ୍ଧାର କରିଥିଲେ।

**● ଦିନ ଦ୍ୱିପହରରେ ଚାଲିଛି ବାଲି ଚାଲାଣ**

# ଲିଜ୍‌ଧାରୀ ମାନୁନାହାନ୍ତି ହାଇକୋର୍ଟଙ୍କ ନିର୍ଦ୍ଦେଶ

**କେସିଙ୍ଗା, ୨୪।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ବିଭିନ୍ନ ବାଲିଘାଟରୁ ବାଲି ମାଫିଆ ଦିନ ଦିପ୍ରହରେ ବାଲି ଉତ୍ତୋଳନ କରି ଚାଲାଣ କରୁଛନ୍ତି। ପ୍ରଶାସନ କିନ୍ତୁ ସବୁ ଦେଖି ମଧ୍ୟ ଆଖି ବୁଜି ଦେଇଛି। କେସିଙ୍ଗା ବ୍ଲକର ବୋରିଆ ଘାଟରୁ ଦିନ ବେଳା ମେସିନ୍ ଯୋଗେ ବାଲି ଉତ୍ତୋଳନ କରାଯାଇ କେସିଙ୍ଗା ସହର ତଥା ସହର ବାହାରକୁ ଚାଲାଣ କରାଯାଉଛି। ଖଣିଜ ବିଭାଗ ଏଥିପ୍ରତି ଆଖି ବନ୍ଦ କରିଦେଇଛି। ପ୍ରତିଦିନ ହାଇୱା ଯୋଗେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ବାଲି ଚାଲାଣ ହେଉଛି। ତେବେ କିଛି ମାସ ତଳେ ହାଇକୋର୍ଟ ଏକ ନିର୍ଦ୍ଦେଶ

**● ସବୁ ଜାଣି ଖଣିଜ ବିଭାଗ ଚୁପ୍**

ଜାରି କରି ଦିନ ବେଳା ସକାଳ ୭ରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ଉପରେ ସଂପୂର୍ଣ୍ଣ ରୋକ ଲଗାଇଛି। ଖଣିଜ ବିଭାଗ କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରୁନାହିଁ।

# ପାତାଳଗଙ୍ଗାରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**ସିନାପାଲି, ୨୪।୫(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକସ୍ଥିତ ପ୍ରସିଦ୍ଧ ପାତାଳଗଙ୍ଗାରେ ବୈଶାଖ ପୂର୍ଣ୍ଣିମା ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇ ତିଳତର୍ପଣ କରିଛନ୍ତି। ଏହି ଦିନରେ ପ୍ରଭୁ ଶ୍ରୀରମ, ଅନୁଜ ଲକ୍ଷ୍ମଣ ଓ ଜନକନନ୍ଦିନୀ ମା' ସୀତା ବନବାସ ସମୟରେ ଏହି ସ୍ଥାନ କୁ ଅସି ପହଞ୍ଚିଥିଲେ। ଏଠାରେ ଜଳ ନ ପାଇବାରୁ ଜନକ ନନ୍ଦିନୀ ମା ସୀତା ମନେ ମନେ ଅନୁତାପ କଲେ। ପ୍ରଭୁ ଶ୍ରୀ ରାମ ସୀତାଙ୍କ ମନକଥା ଜାଣି ପାରି ଅନୁଜ ଲକ୍ଷ୍ମଣଙ୍କୁ ଗଙ୍ଗାଙ୍କୁ ଭୂମି ପୃଷ୍ଠକୁ ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲକ୍ଷ୍ମଣ ଶର ନିକ୍ଷେପ କରି ଗଙ୍ଗାଙ୍କୁ ଆବିର୍ଭାବ କରାଇଥିଲେ ଓ ପିତୃ ପୁରୁଷ ଙ୍କୁ ତିଳ ତର୍ପଣ କରିଥିଲେ। ସେହି ଦିନ ଠାରୁ ଅନବରତ ଭାବରେ ସୁଶିଳ ଜଳ ରାଶି ଉଦ୍‌ଗୀରଣ ହେଉଛି। ଏହି ପର୍ଯ୍ୟଟନସ୍ଥଳୀଠାରେ ବୈଶାଖ ମେଳା ଅନୁଷ୍ଠିତ ହେଇଥାଏ। ଯାହା ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ଶ୍ରଦ୍ଧାଳୁ ପୁଣ୍ୟତୋୟା ପାତାଳ ଗଙ୍ଗାରେ ବୁଡ଼ ପକାଇ ମାନସିକ ରଖିଥାନ୍ତି। ବୈଶାଖ ଏକାଦଶୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ମେଳା ଦେଖିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଏହି ପୀଠରେ ଥିବା ମୃତ୍ୟୁଞ୍ଜୟ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଗାୟତ୍ରୀ ମନ୍ଦିର ଆଦିରେ ପୂଜାର୍ଚ୍ଚନା ସହ ଭକ୍ତଙ୍କ ଗହଳି ଲାଗି ରହିଛି। ରାଧାକୃଷ୍ଣ ମନ୍ଦିର ପରିସରରେ ଯାଦବ ସମାଜ ତରଫରୁ ନାମଯଜ୍ଞ ସହ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ସେହିଭଳି ପଣ୍ଡରାମାଳି ସମାଜ, ସାହୁ ସମାଜ ସମେତ ଅନେକ ଅନୁଷ୍ଠାନ ତରଫରୁ ଜଳ ଓ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶା ସରକାର ଏହି କ୍ଷେତ୍ରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛନ୍ତି ଓ ବିଭିନ୍ନ ଉନ୍ନୟନ ମୂଳକକାର୍ଯ୍ୟ ହାତକୁ ନେଉଛନ୍ତି। ବର୍ଷ ତମାମ ଏହି ସ୍ଥାନରେ ପର୍ବପର୍ବାଣୀ ପାଳିତ ହେଉଥିବା ବେଳେ ବୈଶାଖ ମେଳାରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥାଏ। ଲୋକଙ୍କ ଭିଡକୁ ଦେଖି ପୁଲିସ ପ୍ରଶାସନ ତରଫରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଭାରତର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ବୈଶାଖ ମେଳା ଅନ୍ୟତମ, ବିଶେଷ କରି ଓଡ଼ିଆ ସଂସ୍କୃତିରେ ଆଷାଢ଼, କାର୍ତ୍ତିକ, ମାର୍ଗଶୀର ଓ ବୈଶାଖ(ଆକାମାବୈ) ମାସକୁ ପୁଣ୍ୟ ମାସ ବୋଲିମନେ କରାଯାଏ। ଗୌତମ ବୁଦ୍ଧ ଏହି ବୈଶାଖ ପୂର୍ଣ୍ଣିମା ଦିନ ଜନ୍ମ ହୋଇଥିବାବେଳେ ଜ୍ଞାନପ୍ରାପ୍ତି ଓ ନିର୍ବାଣପ୍ରାପ୍ତି ମଧ୍ୟ ଏହି ଦିନରେ ହୋଇଥିବାରୁ ବୌଦ୍ଧ ଧର୍ମୀଙ୍କ ପାଇଁ ଏହି ଦିନ ଏକ ପବିତ୍ର ଦିବସ ଭାବେ ମାନ୍ୟତା ପାଇଛି। ସନ୍ଥକବି ଭୀମଭୋଇ ଏହି ତିଥିରେ ଜନ୍ମ ହୋଇଥିବାରୁ ମହିମା ଧର୍ମାବଲମ୍ବୀମାନଙ୍କ ପାଇଁ ମଧ୍ୟ ଏହି ଦିନ ସ୍ୱତନ୍ତ୍ର ମାନ୍ୟତା ରଖିଥାଏ। ମୋଟ ଉପରେ କହିବାକୁ ଗଲେ ବୁଦ୍ଧି ଓ ଜ୍ଞାନପ୍ରାପ୍ତିର ଦିବସ ହେଉଛି ବୈଶାଖ ପୂର୍ଣ୍ଣିମା, ଅନ୍ଧକାରରୁ ଆଲୋକକୁ ଗତି କରିବାର ଦିନ ହେଉଛି ବୈଶାଖ ପୂର୍ଣ୍ଣିମା।



# ବୁଦ୍ଧ, ଭୀମ ଭୋଇଙ୍କ ଜୟନ୍ତୀ

**ଭବାନୀପାଟଣା, ୨୪।୫(ସମିସ)**

ଭବାନୀପାଟଣା ସହରସ୍ଥିତ ଗୋଦାମପଡ଼ା ସତ୍ୟ ମହିମା ଆଶ୍ରମରେ ସନ୍ଥକବି ଭୀମ ଭୋଇ ଓ ସିଦ୍ଧ ରତ୍ନମଣି ବାବାଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଉତ୍ସବରେ ଆୟୋଜକ ତଥା ଆଶ୍ରମର ମଠାଧୀଶ ଅବଧୂତ ଭଗବାନ ବାବା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟବକ୍ତା ବଙ୍ଗୋମୁଣ୍ଡା ଦିବ୍ୟ ଚେତନା ମହିମା ଆଶ୍ରମର ମଠାଧୀଶ କପିଳେନ୍ଦ୍ର ବାବା, କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳସଚିବ ପୀତାମ୍ବର ଭୋଇ ସନ୍ଥକବି ଭୀମଭୋଇଙ୍କ ଜୀବନ ଦର୍ଶନ ସହ ରତ୍ନମଣି ବାବାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧୁ ପ୍ରଭାକର ଦାସ ଓ ଗୋବର୍ଦ୍ଧନ ଦାସ ନିଜର ବକ୍ତବ୍ୟ ରଖିଥିଲେ। ସୁଧାକର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧୁ ଝସକେତନ ଦାସ, ସଦାନନ୍ଦ ଦାସ, ଉତ୍ତମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବଧୂତ ମଦନ ବାବା ବ୍ରହ୍ମଧୁନି ଯଜ୍ଞ ନିର୍ବାହ କରିଥିଲେ।



କୋକସରା

**କୋକସରା:** କୋକସରା ବ୍ଲକ ଲଦୁଗାଁ ସାବିତ୍ରୀ ରମା ମହିଳା ମଞ୍ଚ ପକ୍ଷରୁ ଆମ୍ବେଦକର ପଡ଼ାରେ ତଥାଗତ ବୁଦ୍ଧ ଏବଂ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ଭୁବନେଶ୍ୱର ଦୁର୍ଗା, ପ୍ରଧାନୀ ବାଗ, ତପନ ନାଏକ, ରାହୁଲ ନୀଆଲ, ଉଦ୍ଧବ ବାଗ, ଉର୍ମିଳା ମେହେର ଏବଂ ଗଜିନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାନେତ୍ରୀ ଭାରତୀ ନାଏକ ଏବଂ ଦିବ୍ୟ ଭାରତୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପଡ଼ାର ଛାତ୍ରଛାତ୍ରୀ, ମହିଳା ଉପସ୍ଥିତ ଥିଲେ। ହସିନା ମହାନନ୍ଦ ଗୌତମ ବୁଦ୍ଧଙ୍କ କଠିନ ତପସ୍ୟା ଓ ସାଧନା ଉପରେ ଆଲୋଚନା କରିଥିଲେ। ଗଜିନ୍ଦ୍ର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡଲି ପାଣିଗ୍ରାହୀ, ସୁମନ ମହାନନ୍ଦ, ପ୍ରିୟଙ୍କା ଛତ୍ରିଆ, ହମିତା ଛତ୍ରିଆ, ବିନ୍ଦିଆ, ମମତା ଠାକୁର ପ୍ରମୁଖ ସହଯୋଗ କରିଥିଲେ।



ଜୁନାଗଡ଼

**ଜୁନାଗଡ଼:** ଜୁନାଗଡ଼ ସହରର ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ବହୁଜନ ସଂଗ୍ରାମ ସମିତି ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା ଓ ଭୀମ ଭୋଇ ଜୟନ୍ତୀ ପାଳିତ ହୋଇଛି। ନିଲୁ ପୁର୍ଣ୍ଣେନ୍ଦୁ ମାଝୀ, ଅଞ୍ଜନ କ୍ଷିତି, ରତନ ଧାଙ୍ଗଡ଼ା ମାଝୀ, ରିଷି କ୍ଷିତି, ଶିବ ଶଙ୍କର ମହାନନ୍ଦ, ଗୌରାଙ୍ଗ ମାଝୀ, ଘାସି କ୍ଷତି ଶରତ ଶବର, ଲାରା ନାଗ ଓ ଧନଞ୍ଜୟ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-328 ◆BHUBANESWAR ◆SATURDAY ◆25 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୮ ◆ଭୁବନେଶ୍ୱର ◆ଶନିବାର ◆୨୫ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ପୋକ୍ସୋ ମାମଲାରେ ପୀଡ଼ିତ ଶିଶୁଙ୍କୁ ସାନି ଜେରା ପାଇଁ ପୂର୍ଣ୍ଣ ପ୍ରତିବନ୍ଧକ ନାହିଁ



ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

■ **କଟକ, ୨୪।୫(ସମିସ):** ପୋକ୍ସୋ ଆଇନ ଅନ୍ତର୍ଗତ ମାମଲାରେ ପୀଡ଼ିତ ଶିଶୁଙ୍କୁ ପୁନଃ ବା ସାନି ଜେରା କରିବାରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ନାହିଁ। ନ୍ୟାୟିକ ସ୍ୱାର୍ଥ ପାଇଁ ଯଦି ଆବଶ୍ୟକ ପଡ଼େ, ତାହେଲେ ପୀଡ଼ିତ ଶିଶୁଙ୍କୁ ପୁନଃ ଜେରା କରାଯାଇପାରିବ। ହେଲେ ଏହାକୁ ଲାଇସେନ୍ସ ବୋଲି ଧରି ନିଆନଯାଉ। ଏହା ସମ୍ପୃକ୍ତ ପୀଡ଼ିତାଙ୍କୁ ନିର୍ଯାତନା ଦେବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ତପନ କୁମାର ସ୍ୱାଇଁ ପକ୍ଷରୁ ଦାୟର ଏକ ଆବେଦନର ଶୁଣାଣି କରି ଜଷ୍ଟିସ ଶିବଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଅଭିଯୁକ୍ତଙ୍କ ପକ୍ଷରୁ ପ୍ରସ୍ତୁତ ପ୍ରଶ୍ନାବଳୀକୁ ତର୍ଜମା କରିବା ପରେ ତାଙ୍କର ଆବେଦନକୁ ଅଦାଲତ ଅଗ୍ରାହ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ପୋକ୍ସୋ ଆଇନ ଅନୁସାରେ ରୁଜୁ ଯୌନ ନିର୍ଯାତନା ମାମଲାର ଜଣେ ଅଭିଯୁକ୍ତ। ଏହି ମାମଲାରେ ପୀଡ଼ିତ ଶିଶୁଙ୍କୁ ପୁନଃ ଜେରା ପାଇଁ ଭଦ୍ରକସ୍ଥିତ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତରେ ଆବେଦନକାରୀ ଅଭିଯୁକ୍ତ ସିଆରପିସିର ଧାରା ୩୧୧ଅନୁସାରେ ଏକ ଆବେଦନ କରିଥିଲେ। ହେଲେ ଏହାକୁ ଭଦ୍ରକ ଅଦାଲତ ଖାରଜ କରିଦେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସରକାରୀ ଓକିଲ କିନ୍ତୁ ଦର୍ଶାଇଥିଲେ ଯେ ସିଆରପିସିର ଧାରା ୩୩(୫)ଅନୁସାରେ ପୀଡ଼ିତାଙ୍କୁ ବାରମ୍ବାର ଜେରା ପାଇଁ ଡକାଯିବା କ୍ଷେତ୍ରରେ ପ୍ରତିବନ୍ଧକ ରହିଛି।

# ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱ ନେଲେ ଅରବିନ୍ଦ ପାଢ଼ୀ

**ରଥଖଳାକୁ ଯାଇ ରଥ ନିର୍ମାଣ କାମ ବୁଝିଲେ**



■ **ପୁରୀ, ୨୪।୫ (ସମିସ):** ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ବୀରବିକ୍ରମ ଯାଦବ ୨୧ ଦିନିଆ ବିଦେଶ ଗସ୍ତରେ ଯାଇଛନ୍ତି। ତେଣୁ ରାଜ୍ୟ ସରକାର ଶ୍ରୀ ପାଢ଼ୀଙ୍କୁ ଏହି ସମୟ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶୁକ୍ରବାର ଶ୍ରୀ ପାଢ଼ୀ ପୁରୀରେ ପହଞ୍ଚି ପ୍ରଥମେ ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ସେବାୟତଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଆଗକୁ ରଥଯାତ୍ରା ଆସୁଛି। ତେଣୁ ପ୍ରସ୍ତୁତି ନେଇ ଅଧିକାରୀଙ୍କ ସହ ଆଲୋଚନା ପରେ ରଥଖଳାକୁ ଯାଇଥିଲେ। ସେଠାରେ ରଥ ନିର୍ମାଣକାରୀ ମହାରଣା, ଭୋଇ ସେବକଙ୍କ ସହ ରଥ ନିର୍ମାଣର ଅଗ୍ରଗତି ନେଇ ପଚାରି ବୁଝିଥିଲେ।

## ମହଙ୍ଗା ମାଡ଼ରେ 'ଉଜ୍ଜ୍ୱଳା' ଅଚେତ

# ଗ୍ୟାସ୍ ଭରୁନାହାନ୍ତି ୭୦% ହିତାଧିକାରୀ

■ **ଭୁବନେଶ୍ୱର, ୨୪।୫ (ସମିସ):** ମହଙ୍ଗା ମାଡ଼ରେ ସବୁ ଗଣିତ ଓଲଟପାଲଟ। ରୋଷେଇଘର ବଜେଟ ବିଗିଡ଼ିବା ପରେ ସାଧାରଣ ଖାଉଟିଙ୍କଠାରୁ ମଧ୍ୟବିତ୍ତଙ୍କ ପର୍ଯ୍ୟନ୍ତ ସବୁଠି ବଢ଼ିଛି ଅସନ୍ତୋଷ। ପ୍ରଭାବିତ ହୋଇଛି ବେପାର ବଣିଜ। ନିର୍ବାଚନକୁ ଦୃଷ୍ଟିରେ ରଖି କିଛି ସପ୍ତାହ ତଳେ ପେଟ୍ରୋଲ ଓ ଡିଜେଲ ଦରରେ ୨ ଟଙ୍କା ହ୍ରାସ କରାଯାଇଛି। ଏଲ୍‌ପିଜି ଦରକୁ ଟିକିଏ କମା ଯାଇଛି। ମାତ୍ର ଜୁନ ୧ରେ ନିର୍ବାଚନ ଶେଷ ପରେ ପୁଣି ପେଟ୍ରୋଲିୟମ ସାମଗ୍ରୀ ଓ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏକପକ୍ଷରେ ଏଲ୍‌ପିଜି ମହଙ୍ଗା ହେବା ପରେ ପରିବାରର ଆର୍ଥିକ ଗଣିତ ବିଗିଡ଼ି ଯାଇଛି। ଗତ ୭ ବର୍ଷମଧ୍ୟରେ ପେଟ୍ରୋଲ, ଡ଼ିଜେଲ୍, ରନ୍ଧନଗ୍ୟାସ ଦର ଦୁଇଗୁଣ ହୋଇଛି। ମହଙ୍ଗା ଏଲ୍‌ପିଜି ସବୁ ବର୍ଗକୁ ପ୍ରଭାବିତ କରିଛି। ଏପରିକି ଯେଉଁ 'ଉଜ୍ଜ୍ୱଳା'କୁ ନେଇ କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡ଼ିଏ ସରକାର ବାହାବାହା ନେଉଛନ୍ତି ସେହି ଉଜ୍ଜ୍ୱଳା ହିତାଧିକାରୀ ବର୍ଦ୍ଧିତ ଦର ଯୋଗୁଁ ସିଲିଣ୍ଡରକୁ ବାନ୍ଧିବୁନ୍ଧି ଖଟତଳେ ଗଡ଼ାଇ ଦେଲେଣି। ପୁଣି ଚୂଲି, କାଠ, ଘସି, ନଡ଼ାକୁ ମୁହାଁଇଛନ୍ତି ଗ୍ରାମର ଗରିବ ମହିଳା। ଗ୍ୟାସ୍ ସିଲିଣ୍ଡରର ଉଚ୍ଚ ଦର ଗରିବ ଓ ମଧ୍ୟବିତ୍ତ ପରିବାରର ପକେଟ୍‌କୁ ସୁହାଉନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଉଜ୍ଜ୍ୱଳା ହିତାଧିକାରୀ ସିଲିଣ୍ଡର ନ ଭରିବା। ୭୦ ପ୍ରତିଶତ ଉଜ୍ଜ୍ୱଳା ହିତାଧିକାରୀ ଗ୍ୟାସ୍ ଭରୁନାହାଁନ୍ତି। ଏମିତିକି ଏଲ୍‌ପିଜି ସିଲିଣ୍ଡରର ଉଚ୍ଚ ଦର ଯୋଗୁ ଖାଉଟି ଆଉ ସିଲିଣ୍ଡର ଭରିବାରେ ଆର୍ଥିକ ଦୃଷ୍ଟିରୁ ସମର୍ଥ ହେଉନାହାନ୍ତି।

**ଗ୍ୟାସ ଛାଡ଼ି କାଠ ଚୁଲିକୁ ପୁଣି ଫେରିଲେଣି ମା'-ଭଉଣୀ**

**ଜୁନ ୧ ପରେ ପେଟ୍ରୋଲିୟମ ସାମଗ୍ରୀ ମୂଲ୍ୟ ବୃଦ୍ଧି ଆଶଙ୍କା**




ବର୍ତ୍ତମାନ ବଜାରରେ ଏକ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୯୨୬ ଟଙ୍କା ରହିଛି। ଏଭଳି ମହଙ୍ଗା ମାଡ଼ ସମୟରେ ଏଲ୍‌ପିଜି ଗ୍ରାହକ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର କିଣିବାକୁ ସକ୍ଷମ ହେଉନାହିଁ। ଘର ଦୁଆରମୁହଁରେ ସିଲିଣ୍ଡର ଧରି ଆସିଥିବା ଡେଲିଭରୀ ବଏକୁ ପେମେଣ୍ଟ ଦେବାକୁ ଗ୍ରାହକଙ୍କ ପକେଟ୍‌ରେ ପଇସା ନାହିଁ। ଏହାଛଡା ଗରିବ ଲୋକଙ୍କୁ ଯୋଗାଇ ଦିଆଯାଇଥିବା ଉଜ୍ଜ୍ୱଳା ଗ୍ୟାସ୍‌ର ସିଲିଣ୍ଡର ଏବେ ଫାଙ୍କା। ଏହାର ମୁଖ୍ୟ କାରଣ ହେଉଛି ଏହି ସିଲିଣ୍ଡରରେ ଗ୍ୟାସ୍ ଭରିବାକୁ ସେହି ହିତାଧିକାରୀଙ୍କ ପାଖରେ ପାଇସା ନାହିଁ। ଯାହାର ଫଳସ୍ୱରୂପ ବର୍ତ୍ତମାନ ଉଜ୍ଜ୍ୱଳା ଯୋଜନାରେ ବ୍ୟବସାୟ ଅଧା କମିଯାଇଛି।

ଏ ସମ୍ପର୍କରେ ଜଣେ ଏଲ୍‌ପିଜି ବିତରକ କହିଛନ୍ତି ଯେ ସିଲିଣ୍ଡର ବିକ୍ରି କମିବା ଯୋଗୁ ଆମ ଭଳି ଡିଷ୍ଟ୍ରିବ୍ୟୁଟର ବେଶୀ ପ୍ରଭାବିତ। ଆମକୁ ପ୍ରତି ସିଲିଣ୍ଡର ପିଛା ଡେଲିଭରୀ ବାବଦ ଖର୍ଚ୍ଚ ୬୪ ଟଙ୍କା ମିଳିଥାଏ। ଏହାବାଦ୍ ଗ୍ରାହକଙ୍କ ଦ୍ୱାରଦେଶରେ ଡେଲିଭରି ପାଇଁ ଖର୍ଚ୍ଚ ତେଲ ଦର ବଢ଼ିବା ପରେ ସିଲିଣ୍ଡର ପିଛା ପ୍ରାୟ ୩୫ ଟଙ୍କା ପଡ଼ିଯାଉଛି। ଡେଲିଭରୀ ବୟ ଚାର୍ଜ ୩୦ ଟଙ୍କା ଖର୍ଚ୍ଚ ହେଉଛି। ଏଲ୍‌ପିଜି ଦର ବଢ଼ିବା ଯୋଗୁ ଲୋକେ ଖୁବ୍ କମ୍ ସିଲିଣ୍ଡର ଭରୁଛନ୍ତି। ଯେଉଁଠି ଆମେ ମାସକୁ ୧୨, ୦୦୦ ଏଲ୍‌ପିଜି ସିଲିଣ୍ଡର ଯୋଗାଣ କରୁଥିଲୁ ଏବେ ତାହା ୯୦୦୦କୁ ଖସିଆସିଛି। ଦରବୃଦ୍ଧି ଯୋଗୁ ସହରାଞ୍ଚଳରେ ଏଲ୍‌ପିଜି ବ୍ୟବସାୟ ୩୦ ପ୍ରତିଶତ ଏବଂ ଗ୍ରାମାଞ୍ଚଳରେ ୫୦ ପ୍ରତିଶତ ହ୍ରାସ ଘଟିଛି। ଅପରପକ୍ଷେ ଆମର କ୍ଷତି ବଢ଼ିବାରେ ଲାଗିଛି। ସହରାଞ୍ଚଳର ଯେଉଁ ମଧ୍ୟବିତ୍ତ ପରିବାରଟିଏ ବର୍ଷକୁ ୧୨ଟା ସିଲିଣ୍ଡର ନେଉଥିଲା, ଏବେ ସେହିପରି ବର୍ଷକୁ ୬ରୁ ୮ ସିଲିଣ୍ଡର ନେଉଛି।ଏଲ୍‌ଜିପି ଦର ବୃଦ୍ଧି ପ୍ରଭାବରେ ଉଜ୍ଜ୍ୱଳା ଯୋଜନାରେ ବ୍ୟବସାୟ ୭୦ ପ୍ରତିଶତ କମିଯାଇଛି। ବାଣିଜ୍ୟିକ ସିଲିଣ୍ଡର କାରବାର ମଧ୍ୟ ୫୦ ଭାଗ କମିଛି। ବର୍ତ୍ତମାନ ପରିସ୍ଥିତିରେ ଜଣେ ଉଜ୍ଜ୍ୱଳା ଗ୍ରାହକ ବର୍ଷକୁ ମାତ୍ର ୪ଟି ସିଲିଣ୍ଡର ଭରୁଥିବା ସେ କହିଛନ୍ତି।

**ଏସସିବି ମନସ୍ତତ୍ତ୍ୱ ବିଭାଗକୁ ଚିଠି ଲେଖିଲା ବିଜେଡି**

# ବିଜେପିର ୪ ନେତାଙ୍କୁ ଯୋଗାଇ ଦିଆଯାଉ ମାନସିକ ଚିକିତ୍ସା ସେବା

**ଭୁବନେଶ୍ୱର, ୨୪।୫(ସମିସ):** ଓଡ଼ିଶା ବିଜେପି ନେତାଙ୍କ ମାନସିକ ସ୍ଥିତି ଭଲ ନାହିଁ। ବିଶେଷକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଜେପି ନେତା ବୈଜୟନ୍ତ ପଣ୍ଡା ଓ ସମୀର ମହାନ୍ତି ନିଜର ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ୨୦୨୪ ନିର୍ବାଚନ ସେମାନେ ବହୁତ ଭୟଙ୍କର ଭାବେ ହାରିବାକୁ ଯାଉଥିବାରୁ ସେମାନେ ନିଜ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ସେମାନେ ପ୍ରତିଦିନ ବାଚାଳାମି କରୁଥିବା ବେଳେ ଏସବୁ ଦେଖିବା ଭାରି କଷ୍ଟଦାୟକ। ତେଣୁ ସେମାନଙ୍କୁ ମାନସିକ ଚିକିତ୍ସା ଯୋଗାଇ ଦିଆଯାଉ। ଆଜି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ଡ. ଅମର ପଟ୍ଟନାୟକ କିଛି ଏପରି ଢଙ୍ଗରେ ବିଜେପିର ଉପରୋକ୍ତ ୪ ନେତାଙ୍କ ମାନସିକ ଚିକିତ୍ସା ପାଇଁ ଏସସିବି ମେଡିକାଲ କଲେଜର ମନସ୍ତାତ୍ତ୍ୱିକ ବିଭାଗର ମୁଖ୍ୟଙ୍କୁ ଏକ ଚିଠି ଲେଖିଛନ୍ତି। ବିଜେପିର ଏହି ୪ ନେତା ଅପ୍ରସଙ୍ଗକୁ ପ୍ରସଙ୍ଗ କରି ବିଭିନ୍ନ ସମୟରେ ମତ ଓ ମନ୍ତବ୍ୟ ଦେଉଥିବା ବେଳେ ବିଜେଡି ଏପରି ନିଆରା ଢଙ୍ଗରେ ସେମାନଙ୍କର କଡ଼ା ସମାଲୋଚନା କରିଛି।

**ହାରିବା ଭୟରେ ବାଚାଳାମି କରୁଛନ୍ତି ଧର୍ମେନ୍ଦ୍ର ଓ ବୈଜୟନ୍ତ**

**ଅପରାଜିତା ଓ ସମୀର ମଧ୍ୟ ମାନସିକ ରୋଗରେ ପୀଡ଼ିତ**

**ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଗଠନ ହେଉ ମେଡିକାଲ ବୋର୍ଡ**

ଡ. ପଟ୍ଟନାୟକ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଏକ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବେ ଆମେ ପ୍ରତିପକ୍ଷ ଓଡ଼ିଶା ବିଜେପିର କିଛି ନେତାଙ୍କର ମାନସିକ ସ୍ଥିତି ଦେଖି ଗଭୀର ଭାବେ ଚିନ୍ତିତ ଅଛୁ। ସେମାନେ ପ୍ରତିଦିନ ବାଚାଳାମି କରୁଥିବା ବେଳେ ଏସବୁ ଦେଖିବା ଭାରି କଷ୍ଟଦାୟକ ଅଟେ। ଅତଏବ ଆମେ ଆପଣଙ୍କୁ ଅନୁରୋଧ କରୁଛୁ, ଆପଣ ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ମେଡିକାଲ ବୋର୍ଡ ଗଠନ କରନ୍ତୁ। ତୁରନ୍ତ ଏହି ନେତାମାନଙ୍କୁ ଆବଶ୍ୟକୀୟ ମାନସିକ ରୋଗ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦିଆଯାଉ। ଯଦି ସେମାନେ ଏଥିରେ ରାଜି ନ ହୁଅନ୍ତି, ତେବେ ସେମାନଙ୍କୁ ବୁଝାସୁଝା କରି ହସ୍ପିଟାଲ ଆଣିବାର ଦାୟିତ୍ୱ ଏକ କାଉନସେଲିଂ ଟିମ୍‌କୁ ପ୍ରଦାନ କରାଯାଉ ବୋଲି ଡ. ପଟ୍ଟନାୟକ ଏହି ଚିଠିରେ ଉଲ୍ଲେଖ କରିଛନ୍ତି। ଓଡ଼ିଶା ବିଜେପିର ନେତାଙ୍କୁ ମାନସିକ ସନ୍ତୁଳନ ବଜାୟ ରଖିବାରେ ସହାୟକ ହୁଅନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ପ୍ରାର୍ଥନା କରୁଛୁ ବୋଲି ଡ. ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

**ଗଡ଼ାଚାଲିଛି ତିନି ରଥ...**

# ୧୨ଟି ତୁମ୍ବରେ ଅର ପିନ୍ଧା ଶେଷ

■ **ପୁରୀ, ୨୪।୫ (ସମିସ):** ରଥଖଳାରେ ତିଆରି ଚାଲିଛି ତିନିରଥ। ବର୍ତ୍ତମାନ ପ୍ରମୁଖ କାମ ମଧ୍ୟରେ ତୁମ୍ବରେ ଅର ପିନ୍ଧା ଯାଉଛି। ଶୁକ୍ରବାର ପ୍ରତ୍ୟେକ ରଥର ୪ଟି ଲେଖାଏଁ ମୋଟ ୧୨ଟି ତୁମ୍ବରେ ଅର ପିନ୍ଧା ଯାଇଛି। ଭଉଁରୀରେ ଚକ ଡେରା ନୀତି ଥିବାରୁ ପ୍ରଥମେ ୬ଟି ଚକ କାମ ସମ୍ପୂର୍ଣ୍ଣ କରିବାକୁ ଲାଗିପଡ଼ିଛନ୍ତି ମହାରଣା ସେବକ। ଅନ୍ୟପକ୍ଷରେ ରଥଖଳାରେ କୋଣଗୁଜ କାଠ ଚଉପଟ କରାଯାଉଛି।



ରୂପକାର ସେବକମାନେ କୋଣଗୁଜରେ ନୃସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୧ଟି ଲେଖାଏଁ ଗୁଜରେ ଖୋଦେଇ ଚାଲିଛି। ଭୋଇ ସେବକମାନେ ଯନ୍ତା ଗାଡ଼ରେ ସିଙ୍ଗଡ଼ାବାଡ଼ିଆ ଅର୍ଥାତ୍ ତୁମ୍ବରେ ଅର ପିନ୍ଧାଇବା କାମ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଚକଡେରା ନୀତି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ପ୍ରତ୍ୟେକ ରଥର ୨ଟି ଲେଖାଏଁ ମୋଟ ୬ଟି ଚକ ପାଇଁ ପଦାରୀ ବଳା ନିର୍ମାଣ ସାରିଛନ୍ତି। ସେହିପରି ୮ଟି ଚକ ପାଇଁ ଅରକଣ୍ଟା ତିଆରି ସାରିବା ପରେ ବାକି ଚକଗୁଡ଼ିକ ପାଇଁ ଅରକଣ୍ଟା ଏବଂ ପଦାରୀ ବଳା ନିର୍ମାଣ ଜାରି ରଖିଛନ୍ତି।

## ବିଜେପି ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ

■ **ଭୁବନେଶ୍ୱର, ୨୪।୫(ସମିସ):** ବିଜେପି ନେତାଙ୍କୁ ପରାଜୟ ଭୟ ଏତେ ଘାରିଲାଣି ଯେ ସେମାନଙ୍କ ଆକ୍ରୋଶରୁ ପୁଲିସ ବି ବର୍ତ୍ତିପାରି ନାହିଁ। ଛେଣ୍ଡିପଦା ବିଜେପି ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ସମର୍ଥକମାନେ ପୁଲିସ ଭ୍ୟାନ ଉପରେ ଆକ୍ରମଣ କରି ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ପାଇଁ ଉଦ୍ୟମ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦଳ ପକ୍ଷରୁ କୁହାଯାଇଛି ଯେ ଗତକାଲି ଛେଣ୍ଡିପଦାରେ ବିଜପି ସମର୍ଥକ ଏବଂ ବିଜେପି ବିଧାୟକ ପ୍ରାର୍ଥୀଙ୍କ ଦୃଢ଼ ସମର୍ଥକମାନେ ଏକ ପାଟ୍ରୋଲିଂ ଭ୍ୟାନ୍ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ସବ୍ ଇନ୍ସପେକ୍ଟର ରାଜେଶ ଶତପଥୀ ଗୁରୁତର ଆହତ ହୋଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ ସୁନିଶ୍ଚିତ କରିବା ଲାଗି ପୁଲିସ ପ୍ରଶାସନ ଉଦ୍ୟମ କରୁଥିବା ବେଳେ ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ତେଣୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି।






# ବିଜେପି ପାଇଁ ଟଙ୍କା ବାଣ୍ଟୁଛି ଅର୍ଗସ୍ ନ୍ୟୁଜ୍: ବିଜେଡି

■ **ଭୁବନେଶ୍ୱର, ୨୪।୫(ସମିସ):** ରାତି ପାହିଲେ ନିର୍ବାଚନ; ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ୧୪୪ ଧାରା ଲାଗୁ କରାଯାଇଛି। ଏପରି ସ୍ଥିତିରେ ମତଦାନକୁ ପ୍ରଭାବିତ କରିବା ପାଇଁ ବିଜେପି ଏକ ଗଣମାଧ୍ୟମ ସଂସ୍ଥା ଅର୍ଗସ୍ ନ୍ୟୁଜ୍‌କୁ ଲଗାଇ ଟଙ୍କା ବାଣ୍ଟୁଛି ବୋଲି ସଙ୍ଗୀନ ଅଭିଯୋଗ ଆଣିବା ସହ ସମ୍ପୃକ୍ତ ନ୍ୟୁଜ ଚ୍ୟାନେଲ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଜେଡି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି।



ଦଳର ଅଭିଯୋଗ ଅନୁସାରେ ଖବର ପ୍ରସାରଣ କରିବା ବଦଳରେ ଅର୍ଗସ୍ ନ୍ୟୁଜ୍ ଚ୍ୟାନେଲର ପ୍ରତିନିଧି ବିଜେପିରେ ଭୋଟ ଦେବାକୁ ଭୋଟରଙ୍କୁ ଟଙ୍କା ବାଣ୍ଟୁଛନ୍ତି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଠେଲକୋଲି ଗ୍ରାମରେ ଏପରି ଅନୈତିକ କାର୍ଯ୍ୟକଳାପ ଦୃଷ୍ଟିକୁ ଆସିଛି। ବିଜେପି ନେତା ଓ ସମର୍ଥକଙ୍କ ସହ ମିଶି ଅର୍ଗସ୍ ଟିଭି ପ୍ରତିନିଧି ଠେଲକୋଲି ଗ୍ରାମର ଯୁବକଙ୍କୁ ୫୦୦ ଟଙ୍କିଆ ନୋଟ୍ ବାଣ୍ଟୁଥିଲେ। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ସେମାନଙ୍କୁ ରୋକିବା ପାଇଁ ଉଦ୍ୟମ କରିଥିଲେ; କିନ୍ତୁ ବିଜେପି ନେତାଙ୍କ ସହିତ ଅର୍ଗସ୍ ଟିଭି ପ୍ରତିନିଧି କାର୍‌ରେ ସେଠାରୁ ଚମ୍ପଟ୍ ମାରିଥିଲେ। ଗ୍ରାମବାସୀ ପୂରା ଘଟଣାକୁ କ୍ୟାମେରାରେ ରେକର୍ଡ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଥାନାରେ ଗ୍ରାମବାସୀଙ୍କ ପକ୍ଷରୁ ଏତଲା ଦିଆଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ପୂର୍ବରୁ ମଧ୍ୟ ଟଙ୍କା ବଣ୍ଟା ଘଟଣାରେ ଏହି ଟିଭି ଚ୍ୟାନେଲର ସମ୍ପୃକ୍ତି ରହିଛି। ବିଜେଡି କହିଛି ଯେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଅର୍ଗସ୍ ଟିଭି ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ। କିନ୍ତୁ ଏହି ଘଟଣା ଜରିଆରେ ଅର୍ଗସ୍ ଟିଭି ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ସାମ୍ବାଦିକତା କ୍ଷେତ୍ରରେ ଏକ କଳା ଦାଗ ହୋଇଛି ଏହି ଚ୍ୟାନେଲ। ବରିଷ୍ଠ ସାମ୍ବାଦିକମାନେ ଅର୍ଗସ୍ ନ୍ୟୁଜ୍‌ର ଏପରି କାର୍ଯ୍ୟକୁ ତିବ୍ର ନିନ୍ଦା କରିବା ସହ କେଉଁ ରାଜନେତାଙ୍କ ଇଙ୍ଗିତରେ ସାମ୍ବାଦିକତାର ମୂଲ୍ୟବୋଧକୁ ଦଳି ଦିଆଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ବିଜେଡି ଆହୁରି କହିଛି ଯେ ଅର୍ଗସ୍ ନ୍ୟୁଜ୍ ବାରମ୍ବାର ଉଦ୍ଦେଶ୍ୟମୂଳକ ଭାବେ ବିଜେଡିକୁ ବଦନାମ କରିବା ପାଇଁ ଉଦ୍ୟମ ଚଳାଇଛି। ଖବର ପରିବେଷଣ କରିବା ବଦଳରେ ଏହି ଚ୍ୟାନେଲ ଭୋଟ ପାଇଁ ଦଲାଲି କରୁଛି ବୋଲି ବିଜେଡି ଅଭିଯୋଗ କରିବା ସହ ଅର୍ଗସ୍ ନ୍ୟୁଜ୍ ଚ୍ୟାନେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସାଂସଦ ଡ଼ ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ମିହିର ରାୟ, ଓମ୍ ପ୍ରକାଶ ସାହୁ, ସୋଫିଆ ଆଲାମ, ଇପ୍ସିତା ସାହୁ, ମାହିକ୍ଷୀତା ମିଶ୍ର ସାମିଲ ହୋଇଥିଲେ।

**ଉଦ୍ଦେଶ୍ୟମୂଳକ ଭାବେ ବିଜେଡିକୁ ବଦନାମ ଉଦ୍ୟମ**

ଭୋଟଦାନ ହିଁ ଏକମାତ୍ର କ୍ଷେତ୍ର, ଯେଉଁଠାରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ। ଏକ ସୁଦୃଢ଼ ରାଷ୍ଟ୍ର ଗଠନ ପାଇଁ ଆସନ୍ତୁ ନିଜ ନିଜର ଭୋଟଦାନ ଅଧିକାରକୁ ସାବ୍ୟସ୍ତ କରିବା।
-ଭାରତୀୟ ନିର୍ବାଚନ ଆୟୋଗ

ସକାଳ
THE SAKALA

## ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ତୃତୀୟ ପର୍ଯ୍ୟାୟ ମତଦାନ ଆଜି

ଓଡ଼ିଶାରେ ଆଜି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତୃତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେଉଛି। ରାଜ୍ୟର ଜନବହୁଳ ତଥା ରାଜନୈତିକ ଦୃଷ୍ଟିରୁ ଅଧିକ ସଚେତନ ଅଞ୍ଚଳରେ ଥିବା ଛ'ଟି ଲୋକସଭା ଆସନ ଯଥା ପୁରୀ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ସମ୍ବଲପୁର ଓ କେନ୍ଦୁଝର ସହିତ ତତ୍‌ସଂଲଗ୍ନ ୪୨ ବିଧାନସଭା ଆସନରେ ଭୋଟରମାନେ ନିଜର ମତାଧିକାର ସାବ୍ୟସ୍ତ କରୁଛନ୍ତି। ବାତ୍ୟା ଭୟ ଆପାତତଃ ଟଳି ଯାଇଛି ଏବଂ ଖରା ତାତି ଆଗ ଅପେକ୍ଷା କମିଛି। ତେଣୁ ଅଧିକସଂଖ୍ୟକ ଭୋଟର ମତଦାନ କରିବେ ବୋଲି ଆଶା କରାଯାଏ।

ଏହି ପର୍ଯ୍ୟାୟ ମତଦାନ ଶାସକ ବିଜେଡି ସପକ୍ଷରେ ଯିବା ସମ୍ଭାବନା ଅଧିକ। ଅପରପକ୍ଷରେ ମୁଖ୍ୟ ବିରୋଧୀ ବିଜେପି ଏହି ଆସନଗୁଡ଼ିକରେ ଅଧିକରୁ ଅଧିକ ଜନମତ ହାସଲ ପାଇଁ ପ୍ରାଣପଣେ ଲାଗିପଡ଼ିଛି। ଏହା ଜଣାଶୁଣା କଥା ଯେ ସମଗ୍ର ଉପକୂଳ ଓ କେନ୍ଦ୍ର ଓଡ଼ିଶା ବିଜେଡିର ଏକ ଅଭେଦ୍ୟ ଦୁର୍ଗ ହୋଇ ରହିଆସିଛି। ଶେଷ ପର୍ଯ୍ୟାୟ ଅର୍ଥାତ ଜୁନ୍ ୧ରେ ଉପକୂଳର ବାକି ଅଂଶ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଲୋକସଭା (୬) ଆସନ ଏବଂ ତତ୍‌ସଂଲଗ୍ନ ୪୨ ବିଧାନସଭା ଆସନରେ ଭୋଟ ନିଆଯିବ। ରାଜ୍ୟର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ହେଉଥିବା ନିର୍ବାଚନରେ ୧୨ଟି ଲୋକସଭା ଓ ୮୪ ବିଧାନସଭା ଆସନ ରହିଛି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେଉଥିବା ଅଞ୍ଚଳରୁ ଗତଥର ବିଜେଡି ୫ଟି ଲୋକସଭା ଆସନ ହାତେଇଥିବାବେଳେ ବିଜେପିକୁ କେବଳ ଭୁବନେଶ୍ୱର ମିଳିଥିଲା। ସେହିଭଳି ୪୨ ବିଧାନସଭା ଆସନ ମଧ୍ୟରୁ ବିଜେଡି ୫ଟିକୁ ଛାଡ଼ି ଆଉ ସବୁ ଆସନ ପୋଛି ନେଇଥିଲା। ଏଥର ଯଦି ଏହି ପର୍ଯ୍ୟାୟରେ ଭଲ ଭୋଟ ପଡ଼ିଲା ତା'ହେଲେ ଚତୁର୍ଥ ପର୍ଯ୍ୟାୟ ମତଦାନ ମଧ୍ୟ ଦଳ ପାଇଁ ଗତଥରଠାରୁ ଭଲ ହେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡି ଦଳର ପ୍ରଭାବଶାଳୀ ତାରକା ପ୍ରଚାରକ ପାଣ୍ଡିଆନ୍‌ଙ୍କ କହିବା ଅନୁସାରେ ଦଳର ସାମଗ୍ରିକ ପ୍ରଦର୍ଶନ ମୋଟ ବିଧାନସଭା ଆସନର ଦୁଇ-ତୃତୀୟାଂଶରୁ ଅଧିକ ନିଶ୍ଚୟ ହେବ। ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ଉତ୍ତର ଓ ଉତ୍ତର ଉପକୂଳର କିଛି ଜିଲ୍ଲା ରହିଛି, ଯେଉଁଠି ବିଜେଡି ପାରମ୍ପରିକ ଭାବେ ସୁଦୃଢ଼ ରହିଛି। ପର୍ଯ୍ୟବେକ୍ଷକ ମହଲର ସୂଚନା ଅନୁସାରେ ଏଥର ବିଜେଡି ପ୍ରଥମ ଦୁଇ ପର୍ଯ୍ୟାୟ ନିର୍ବାଚନରେ ଭଲ କରିଛି ଏବଂ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ମଧ୍ୟ ସେହି ଧାରା ଅବ୍ୟାହତ ରହିବ ବୋଲି ଦଳ ଆଶାୟୀ ଅଛି। ବିଜେଡି ଦୁଇ-ଦୃତୀୟାଂଶରୁ ଅଧିକ ବିଧାନସଭା ଏବଂ ୧୬ ରୁ ଊର୍ଦ୍ଧ୍ୱ ଲୋକସଭା ଆସନରେ ବିଜୟୀ ହେବାର ସମ୍ଭାବନା ଅଧିକ।

ଏହି ତୃତୀୟ ପର୍ଯ୍ୟାୟ ମତଦାନରେ ବିଜେଡିରୁ ଅଛନ୍ତି ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ରାଜା ସ୍ୱାଇଁ, ଦେବୀ ମିଶ୍ର, ଅଶୋକ ପଣ୍ଡା ସମେତ କେତେକ ମନ୍ତ୍ରୀ ଓ ପୁରୁଖା ବିଧାୟକ ଗଣ। ଅପରପକ୍ଷରେ ବିଜେପିରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପିର ଭର୍ତ୍ତୃହରି ମହତାବ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର, ରୁଦ୍ର ନାରାୟଣ ପାଣିଙ୍କ ଭଳି ଚର୍ଚ୍ଚିତ ନେତାଙ୍କ ଭାଗ୍ୟ ନିର୍ଣ୍ଣିତ ହେବ। ତେଣୁ ଏହି ପର୍ଯ୍ୟାୟ ମତଦାନ ବେଶ ରୋଚକ ମୋଡ଼ରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଘେରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରରୁ ବହୁ ତୁଙ୍ଗ ନେତା ଓ ମନ୍ତ୍ରୀ ଏବଂ କଂଗ୍ରେସ ସଭାପତିଙ୍କଠାରୁ ଆରମ୍ଭ କରି ଅନେକ ଆସି ପ୍ରଚାର କରି ଯାଇଛନ୍ତି। ବିଜେପି ଦଳର ଜାତୀୟ ସଭାପତି ବିଜେଡି ସୁପ୍ରିମୋ ତଥା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ମଧ୍ୟ କଟାକ୍ଷ କରିଛନ୍ତି। ବିଜେଡି ସଭାପତି ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି ଦୃଢ଼ ଖଣ୍ଡନ କରିଛନ୍ତି ଏବଂ କ୍ଷୋଭ ପ୍ରକାଶ କରିଛନ୍ତି।

ଶାସକଦଳ ପକ୍ଷରୁ ରଣନୀତି ବିଶାରଦ କାର୍ତ୍ତିକ ପାଣ୍ଡିୟାନଙ୍କ ନେତୃତ୍ୱରେ ପ୍ରଚାର କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୁଖ୍ୟ ମାର୍ଗଦର୍ଶକ ଓ ତାରକା ଆକର୍ଷକ ଭାବେ ନିର୍ବାଚନର ମୁଖ୍ୟ ପରିଚାଳକ ଭାବେ ଦିଗ୍‌ଦର୍ଶନ ଦେଉଛନ୍ତି। କ୍ରମାଗତ ୨୪ ବର୍ଷର ବିଜେଡି ଶାସନ ସମ୍ବନ୍ଧରେ କାଳେ କେଉଁଠି ସରକାରୀ ବିରୋଧୀ ମନୋଭାବ ଥିବ, ତାହାକୁ ବିଚାରକୁ ନେଇ ବିଜେଡି ଅନେକ ସ୍ଥାନରେ ଏଥର ନୂଆ ପ୍ରାର୍ଥୀ ଠିଆ କରିଛି। ଏମାନଙ୍କୁ ରାଜନୈତିକ ପର୍ଯ୍ୟବେକ୍ଷକ ବିଜେଡିର ଉତ୍ତରପିଢ଼ି ଭାବେ ବର୍ଣ୍ଣନା କରୁଛନ୍ତି। ବ୍ୟାଖ୍ୟାକାରଙ୍କ କହିବା ଅନୁସାରେ ବିଜେଡି ବିରୋଧରେ ସରକାର ବିରୋଧୀ ମନୋଭାବ ଭୋଟରଙ୍କ ପାଖରେ ଆଦୌନାହିଁ। ଏହାର ବିଭିନ୍ନ ଜନହିତକର କାର୍ଯ୍ୟକୁ ଲୋକେ ଦେଖି ଆସୁଛନ୍ତି ଓ ଉପକୃତ ହେଉଛନ୍ତି।

ଏକ ଶହ ୟୁନିଟ୍ ଯାଏଁ ବିଜୁଳି ଖର୍ଚ୍ଚ, ଯୁବବର୍ଗଙ୍କ ପାଇଁ ନୂଆ ବଜେଟ ଓ ଯୋଜନା, ମଧ୍ୟବିତ୍ତଙ୍କ ପାଇଁ ବିଏସ୍‌କେୱାଇ ଓ ମିଶନଶକ୍ତି ସଦସ୍ୟାଙ୍କ ପାଇଁ ପେନ୍‌ସନ୍ ସୁବିଧା ଆଦି କେତେକ ମୁଖ୍ୟ ନିର୍ବାଚନୀ ଘୋଷଣା ବିଜେଡିକୁ ଏକପ୍ରକାର ଅପରାଜେୟ କରି ରଖିଛି ବୋଲି ରାଜନୈତିକ ଭାଷ୍ୟକାରମାନେ ମତ ଦେଉଛନ୍ତି। ରାଜ୍ୟରେ କଂଗ୍ରେସ ଦିଗହରା ଅବସ୍ଥାରେ ଥିବା ବେଳେ ବିଜେପିର ତୃଣମୂଳ ସଂଗଠନ ଅପେକ୍ଷାକୃତ ଦୁର୍ବଳ। ଏହାବ୍ୟତୀତ ଓଡ଼ିଶା ବିଜେପି ଦଳରେ ଅନ୍ତର୍କନ୍ଦଳର ସ୍ୱର ସ୍ପଷ୍ଟ ଥିବାରୁ ଦଳର ବରିଷ୍ଠ ନେତାମାନେ ନିଜ ନିର୍ବାଚନ ମଣ୍ଡଳୀ ଛାଡ଼ି ଅନ୍ୟତ୍ର ପ୍ରଚାରରେ ଯାଇପାରୁନାହାନ୍ତି। ସେଥିପାଇଁ ଅନେକ ସଂଖ୍ୟାରେ କେନ୍ଦ୍ରୀୟ ନେତା ଓ ମନ୍ତ୍ରୀ ତଥା ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ପର୍ଯ୍ୟାୟକ୍ରମେ ଓଡ଼ିଶାକୁ ଆସି ନିର୍ବାଚନ ପ୍ରଚାର କରୁଛନ୍ତି। ତେବେ ଶାସକ ବିଜେଡି ଦଳର ଆକର୍ଷକ ନିର୍ବାଚନ ପ୍ରତିଶ୍ରୁତି ଓ ଗତ ଚବିଶ ବର୍ଷର ବିକାଶ କାର୍ଯ୍ୟର ରେକର୍ଡ ଭୋଟରମାନଙ୍କ ପାଇଁ ବିଶ୍ୱସନୀୟ ହୋଇଥିବା ବେଳେ 'ମୋଦୀଙ୍କ ଗ୍ୟାରେଣ୍ଟି' ଏବଂ କଂଗ୍ରେସ ଦଳର 'ନ୍ୟାୟ ଗ୍ୟାରେଣ୍ଟି' କେବଳ ଆଶ୍ୱାସନାର ବିଷୟ ହୋଇ ରହିଯାଉଛି। ବିଜେଡି ଦଳର ଦୃଢ଼ ଆତ୍ମବିଶ୍ୱାସ ଓ ସଫଳ ପ୍ରଶାସନର ବାସ୍ତବ ଉଦାହରଣ ଓ ବିଶେଷକରି ପାଞ୍ଚ ମୁଖ୍ୟ ନିର୍ବାଚନୀ ପ୍ରତିଶ୍ରୁତି(ବିଜୁଳି ଖର୍ଚ୍ଚ ଛାଡ଼, ମିଶନ୍ ଶକ୍ତି ସଦସ୍ୟାଙ୍କୁ ପେନ୍‌ସନ୍, ଯୁବ ବର୍ଗଙ୍କ ପାଇଁ ଲକ୍ଷେ କୋଟି ଟଙ୍କାର ଦୀର୍ଘମିଆଦୀ ଯୋଜନା, ମଧ୍ୟବିତ୍ତ ଓ ସହରୀ ବର୍ଗଙ୍କୁ ବିଏସ୍‌କେୱାଇ ଲାଭ, ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହଋଣ ସୁଧ ଛାଡ଼) ସମଗ୍ର ରାଜ୍ୟରେ ଶାସକ ବିଜେଡି ଦଳର ପ୍ରଭାବ ବୃଦ୍ଧି କରିଛି। ସର୍ବୋପରି ଜନନାୟକ ନବୀନ ବାବୁଙ୍କ ଐତିହାସିକ ଷଷ୍ଠପାଳି ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାର ଅତ୍ୟନ୍ତ ଉଜ୍ଜ୍ୱଳ ସମ୍ଭାବନା ନିମନ୍ତେ ସାରା ରାଜ୍ୟରେ ଉତ୍ସାହ ଓ ଉଦ୍ଦୀପନାର ଏକ ଲହରି ସ୍ପଷ୍ଟ ବାରି ହେଉଛି ବୋଲି ସମୀକ୍ଷକଙ୍କ ମତ।

# ୟୁଟ୍ୟୁବ ଓ ନିର୍ବାଚନ ରଣନୀତି



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ସାମାଜିକ ଗଣମାଧ୍ୟମ ବିକାଶ ପରବର୍ତ୍ତୀ ସ୍ଥିତିରେ ଭାରତରେ ଅନୁଷ୍ଠିତ ତିନିଗୋଟି ସାଧାରଣ ନିର୍ବାଚନ ଅବସରରେ ପ୍ରତ୍ୟେକ ନିର୍ବାଚନ କୌଣସି ଏକ ନିର୍ଦ୍ଦିଷ୍ଟ ମଞ୍ଚ ଆଶ୍ରିତହୋଇପଡୁଥିବା ଲକ୍ଷ୍ୟ କରାଯାଏ। 'ଫେସବୁକ' ୨୦୧୪ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିଥିବା ବେଳେ ୨୦୧୯ରେ 'ହ୍ୱାଟସଆପ' ଓ ୨୦୨୪ରେ 'ୟୁଟ୍ୟୁବ'ର ପ୍ରାଧାନ୍ୟ ଅନୁଭୂତ ହୋଇଛି। ଭାରତରେ ୨୦୨୪ ଆରମ୍ଭ ସୁଦ୍ଧା ପ୍ରାୟ ୭୫ କୋଟି ଇଣ୍ଟରନେଟ ଉପଭୋକ୍ତା ଥିବା ବେଳେ ଜନସଂଖ୍ୟାର ଅର୍ଦ୍ଧାଧିକ ପ୍ରାୟ ୫୨ ପ୍ରତିଶତ ଅନଲାଇନ ପରିବେଶ ସହିତ ଜଡ଼ିତ। ଭାରତୀୟ ଇଣ୍ଟରନେଟ୍ ଉପଭୋକ୍ତାଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ୪୬ କୋଟି ସକ୍ରିୟ ରହୁଥିବା ବେଳେ ସେଥିମଧ୍ୟରେ 'ଫେସବୁକ' ବ୍ୟବହାରକାରୀଙ୍କ ସଂଖ୍ୟା ୩୬ କୋଟି, 'ହ୍ୱାଟସଆପ' ବ୍ୟବହାରକାରୀ ୪୦ କୋଟି ଓ 'ୟୁଟ୍ୟୁବ' ବ୍ୟବହକାରୀ ୪୬ କୋଟି ବୋଲି ଜଣାପଡ଼ିଛି।

୧୪୪ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ୨୦୨୪ ସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ଭୋଟରଙ୍କ ସଂଖ୍ୟା ୯୬ କୋଟି। ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କ ମଧ୍ୟରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସଂଖ୍ୟା ୩୮ କୋଟି। ଅର୍ଥାତ, ସାମାଜିକ ଗଣମାଧ୍ୟମ ଯୋଗେ ଏହି ସାବାଳକ ବର୍ଗଙ୍କଠାରେ ନିର୍ବାଚନ ପ୍ରଚାର ଅଭିଯାନ ପହଞ୍ଚିବା ସମ୍ଭବ। ଏମାନଙ୍କ ସଂଖ୍ୟା ମୋଟ ଭୋଟରଙ୍କ ମଧ୍ୟରେ ପ୍ରାୟ ୪୦ ପ୍ରତିଶତ। ଭୋଟରଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ଉପଭୋକ୍ତା ଅପେକ୍ଷାକୃତ ଶିକ୍ଷିତ, ଆର୍ଥିକ ଦିଗରୁ ସ୍ୱଚ୍ଛଳ ଓ ରାଜନୈତିକ ସଚେତନ। ତେଣୁ ନିର୍ବାଚନ ପ୍ରଚାର ଅଭିଯାନ ଏହି ବର୍ଗ ନିମନ୍ତେ ଶାଣିତ କରିବା ଯୁକ୍ତିଯୁକ୍ତ ମନେହୁଏ।

ଭାରତୀୟ ସାଧାରଣ ନିର୍ବାଚନ ୨୦୨୪ରେ 'ୟୁଟ୍ୟୁବ' ପ୍ରାଧାନ୍ୟ ସମ୍ପର୍କରେ ଆଲୋଚନା କରାଗଲେ କେତେକ କାରଣ ସାମ୍ନାକୁ ଆସେ। ପ୍ରଥମତଃ, ବିଗତ ପାଞ୍ଚବର୍ଷ ମଧ୍ୟରେ ଜନସାଧାରଣଙ୍କର ଭିଡିଓ ଦେଖିବାରେ ଅଭ୍ୟାସ ବୃଦ୍ଧି ପାଇଛି। ଇଣ୍ଟରନେଟର ବେଗ ବୃଦ୍ଧି, ଡାଟା ଦର ହ୍ରାସ ଓ ଷ୍ଟ୍ରିମିଂ ମଞ୍ଚର ପ୍ରଦର୍ଶନରେ ଗୁଣାତ୍ମକ ଅଭିବୃଦ୍ଧି ଉପଭୋକ୍ତାଙ୍କୁ ଆକର୍ଷିତ କରିଛି। ଦ୍ୱିତୀୟତଃ, ପାରମ୍ପରିକ ସମ୍ବାଦ ପ୍ରସାରଣର ମୁଖ୍ୟ ମାଧ୍ୟମ ଟେଲିଭିଜନରେ ପକ୍ଷପାତିତା ଓ ଚିରାଚରିତ ଉପସ୍ଥାପନା ଶୈଳୀରେ ଦର୍ଶକ ବିମୁଖ ହୋଇ ବିକଳ୍ପ ମଞ୍ଚ ସନ୍ଧାନରେ 'ୟୁଟ୍ୟୁବ'ରେ ପହଞ୍ଚିଥିଲେ। ଏହି ଦର୍ଶକବର୍ଗଙ୍କ ମଧ୍ୟରେ ନିର୍ବାଚନ ପ୍ରଚାର ଅଭିଯାନ ରୋଚକ ହୋଇପାରିଥିଲା। ତୃତୀୟତଃ, ୨୦୨୪ ଆରମ୍ଭ ସୁଦ୍ଧା 'ହ୍ୱାଟସଆପ' ଓ 'ୟୁଟ୍ୟୁବ'ର ଉପଭୋକ୍ତା ସଂଖ୍ୟା ପ୍ରାୟତଃ ସମାନ ରହିଥିବା ବେଳେ 'ହ୍ୱାଟସଆପ'ରେ ଅସତ୍ୟ ସମ୍ବାଦ(ଫେକ ନିଉଜ) ପ୍ରସାର ଅନେକଙ୍କୁ ୟୁଟ୍ୟୁବ୍ ଆଡ଼କୁ ଆକର୍ଷିତ କରିଥିଲା। ଚତୁର୍ଥତଃ, ୨୦୨୨ରୁ 'ହ୍ୱାଟସଆପ'ରେ କୌଣସି ବାର୍ତ୍ତା ବା ଫଟୋ ମାତ୍ର ପାଞ୍ଚ ଗ୍ରୁପକୁ ପଠାଇ ପାରିବାର ଏବଂ ବହୁଳ ମାତ୍ରାରେ ପଠାଯାଇଥିବା ବାର୍ତ୍ତା ବା ଫଟୋ କେବଳ ଗୋଟିଏ ଗ୍ରୁପକୁ ପୁନଃପ୍ରେରଣ କରିବାର କଟକଣା ନିର୍ବାଚନ ପ୍ରଚାର ନିମନ୍ତେ ସମସ୍ୟା ସୃଷ୍ଟି କରିଥିଲା। ଅପରପକ୍ଷେ 'ୟୁଟ୍ୟୁବ' ମଞ୍ଚରେ ଅସଂଖ୍ୟକ ଦର୍ଶକ ଉପସ୍ଥିତ ରହିପାରିବା ଏବଂ 'ୟୁଟ୍ୟୁବ'ରେ ପ୍ରସାରିତ ଭିଡ଼ିଓଗୁଡ଼ିକୁ 'ହ୍ୱାଟସଆପ'ରେ ପୁନଃପ୍ରେରଣ କରିବା ସୁବିଧା ଉପଲବ୍ଧ। ପଞ୍ଚମତଃ, ନିର୍ବାଚନ ପ୍ରଚାର ଅଭିଯାନରେ ପ୍ରଦର୍ଶିତ ଭିଡିଓ ଜଣେ ଦର୍ଶକ ଥରେ ଦେଖିବା ପରେ ସେହି ଧରଣର ଉପଲବ୍ଧ ଅନ୍ୟାନ୍ୟ ଭିଡ଼ିଓଗୁଡ଼ିକ କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ବିଜ୍ଞାପିତ ହେବାର ଧାରା ଉପଭୋକ୍ତାଙ୍କ ସମ୍ମୁଖରେ ଅଧିକରୁ ଅଧିକ ବିଷୟବସ୍ତୁ(କଣ୍ଟେଣ୍ଟ) ଉପସ୍ଥାପନରେ ସହାୟକ ହୋଇପାରିଲା।

ୟୁଟ୍ୟୁବ୍‌ରେ ଉପଲବ୍ଧ ଉପରୋକ୍ତ ସୁବିଧାଗୁଡ଼ିକ ନିର୍ବାଚନ ପ୍ରଚାର ଅଭିଯାନ ପାଇଁ ସମସ୍ତ ରାଜନୈତିକ ମତବାଦୀଙ୍କୁ ସୁହାଇଲା। ପ୍ରଚାରକଙ୍କୁ ଆଗ୍ରହୀ ଦର୍ଶକଙ୍କ ନିକଟରେ ସବିଶେଷ ତଥ୍ୟ ପହଞ୍ଚାଇବା ନିମନ୍ତେ ଅଧିକ କଷ୍ଟ କରିବାକୁ ପଡ଼ିଲା ନାହିଁ। ଭାରତରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରାୟୋଜିତ 'ୟୁଟ୍ୟୁବ' ଚ୍ୟାନେଲଗୁଡ଼ିକରେ ବିପୁଳ ସଂଖ୍ୟକ ଅନୁଗାମୀ(ଫାଲୋୟର୍ସ) ସାମିଲ ହୋଇଥା'ନ୍ତି। ଆମ ଆଦମୀ ପାର୍ଟିର ୟୁଟ୍ୟୁବ ଚ୍ୟାନେଲ ଅନୁଗାମୀ ୬୨ ଲକ୍ଷ, ଭାରତୀୟ ଜନତା ପାର୍ଟିର ୫୯ ଲକ୍ଷ, କଂଗ୍ରେସର ୪୭ ଲକ୍ଷ ରହିଥିବା ଜଣାପଡ଼ିଛି। ରାଜନୈତିକ ନେତୃବର୍ଗଙ୍କ ମଧ୍ୟରେ ଆମ ଆଦମୀ ପାର୍ଟିର ରାଘବ ଚଢା, ଭାରତୀୟ ଜନତା ପାର୍ଟିର ଶିବରାଜ ଚୌହାନ ଓ ଭାରତୀୟ ଜାତୀୟ କଂଗ୍ରେସର ରେବନ୍ତ ରେଡ୍ଡିଙ୍କ 'ୟୁଟ୍ୟୁବ' ଚ୍ୟାନେଲ ବିଶେଷ ଲୋକପ୍ରିୟତା ହାସଲ କରିଥିଲା। ସ୍ୱାଧୀନ ସାମ୍ବାଦିକ ଭାବେ ରଭିସ କୁମାର ଓ ଅଭିସାର ଶର୍ମାଙ୍କ ୟୁଟ୍ୟୁବ ଚ୍ୟାନେଲ ନିର୍ବାଚନ ରାଜନୀତିରେ ବିଶେଷ ଚର୍ଚ୍ଚିତ ହୋଇଥିଲା।



'ୟୁଟ୍ୟୁବ' ନିର୍ବାଚନ ପ୍ରଚାର ଅଭିଯାନରେ ମୁଖ୍ୟତଃ ଶୀର୍ଷ ରାଜନୈତିକ ନେତୃବର୍ଗଙ୍କ ରାଲିଗୁଡ଼ିକରେ ସମ୍ବୋଧନ ଓ ବିଷୟଭିତ୍ତିକ ସାକ୍ଷାତକାର ସଂଖ୍ୟା ଅଧିକ। ରାଜନୈତିକ ନେତାମାନଙ୍କ ଆରୋପ ଓ ପ୍ରତ୍ୟାରୋପ ବାଇଟ ଆକାରରେ ୟୁଟ୍ୟୁବରେ ନିର୍ବାଚନ ପ୍ରଚାରକୁ ସରଗରମ କରିଥିଲା। ଭାରତୀୟ ସାଧାରଣ ନିର୍ବାଚନ ପୂର୍ବରୁ 'ୟୁଟ୍ୟୁବ'ପକ୍ଷରୁ ସ୍ମାର୍ଟଫୋନରେ ଭିଡିଓ ସମ୍ପାଦନା ବୈଷୟିକକୌଶଳ ବିନାମୂଲ୍ୟରେ ଉପଲବ୍ଧ କରାଇବା ଦ୍ୱାରା ସମସ୍ତ ଭୌଗୋଳିକ ପରିବେଶ ଓ ସ୍ତରରେ ଭିଡିଓ ନିର୍ମାଣ ତଥା ପ୍ରଦର୍ଶନ ନିମନ୍ତେ ମାର୍ଗ ଉନ୍ମୁକ୍ତ କରିଦେଇଥିଲା। ଟେଲିଭିଜନ ଚ୍ୟାନେଲଗୁଡ଼ିକ ପକ୍ଷରୁ ପ୍ରସ୍ତୁତ ରାଜନୈତିକ କାର୍ଯ୍ୟକ୍ରମଗୁଡ଼ିକର ଭିଡିଓ ୟୁଟ୍ୟୁବରେ ପ୍ରଦର୍ଶନ ନିର୍ବାଚନ ପ୍ରଚାର ବାତାବରଣକୁ ସକ୍ରିୟ କରିବାରେ ସହାୟକ ହୋଇଥିଲା।

'ୟୁଟ୍ୟୁବ'ରେ ଯେକୌଣସି ସମୟରେ ଯେକୌଣସି ବିଷୟରେ ଉପଲବ୍ଧ ଭିଡିଓ ଖୋଜି ବାହାର କରିବା ସହଜସାଧ୍ୟ ଥିବା ଯୋଗୁଁ ଦର୍ଶକମାନେ ସାମାଜିକ ଗଣମାଧ୍ୟମର ଏହି ମଞ୍ଚ ପ୍ରତି ଅଧିକ ଆକର୍ଷିତ ହୋଇଥିଲେ। ଟେଲିଭିଜନରେ ଦର୍ଶକ କାର୍ଯ୍ୟକ୍ରମ ପ୍ରସାରଣକୁ ଅନୁସରଣ କରିବାକୁ ପଡୁଥିବା ବେଳେ ଷ୍ଟ୍ରିମିଂ ମଞ୍ଚରେ କାର୍ଯ୍ୟକ୍ରମଗୁଡ଼ିକ ହାତପାଆନ୍ତାରେ ବାରମ୍ବାର ପ୍ରଦର୍ଶନ ସମ୍ଭବପର ହୋଇପାରିଲା। ସର୍ବୋପରି 'ୟୁଟ୍ୟୁବ'ର ଆନ୍ତର୍ଜାତିକସ୍ତରର ଭିଡିଓ ପ୍ରଦର୍ଶନ କାରିଗରୀକୌଶଳ ଅଖ୍ୟାତ ପଲ୍ଲୀରେ ସମଭାବେ ଉପଲବ୍ଧ ହୋଇପାରିବା ହେତୁ ଉପଭୋକ୍ତାଙ୍କ ଗ୍ରହଣୀୟତା ବଢ଼ିଥିଲା। ରାଜନୈତିକ ଦଳଗୁଡ଼ିକ ନିଜ କାର୍ଯ୍ୟକ୍ରମ ସାଙ୍ଗକୁ ବିଜ୍ଞାପନ ପ୍ରଦର୍ଶନ ସୁଯୋଗ ହାତଛଡ଼ା କରିବାକୁ ଚାହିଁ ନଥିଲେ।

ନିର୍ବାଚନ ପ୍ରଚାରରେ ସାମାଜିକ ଗଣମାଧ୍ୟମ ମଞ୍ଚ ରାଜନୈତିକ ନେତୃବର୍ଗଙ୍କୁ ବ୍ୟକ୍ତିଗତସ୍ତରରେ ଭୋଟରଙ୍କ ସହ ସଂଯୋଗ ସ୍ଥାପନ ନିମନ୍ତେ ସୁବିଧାସୁଯୋଗ ସୃଷ୍ଟି କରିଥାଏ। ଭାରତୀୟ ସାଧାରଣ ନିର୍ବାଚନ ୨୦୨୪ରେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ଉପଭୋକ୍ତାଙ୍କ ବ୍ୟକ୍ତିଗତ ଗତିବିଧି ଅନୁଶୀଳନ କରି ନିର୍ବାଚନୀ ବାର୍ତ୍ତା ବିନିମୟ ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତା ପ୍ରାୟୋଜିତ ବୈଷୟିକ କୌଶଳ ପ୍ରୟୋଗ କରାଯାଇଥିଲା। ଫଳରେ ଜନସାଧାରଣରେ ରାଜନୈତିକ ଧ୍ରୁବୀକରଣ(ପୋଲାରାଇଜେସନ) ଦେଖିବାକୁ ମିଳିଥିଲା। 'ୟୁଟ୍ୟୁବ' ମଞ୍ଚରେ ପ୍ରଦର୍ଶିତ ଭିଡିଓଗୁଡ଼ିକ ଉପଭୋକ୍ତାଙ୍କ ରାଜନୈତିକ ମତବାଦକୁ ଶାଣିତ କରିବା ନିମନ୍ତେ ବ୍ୟାପକ ଉପାଦାନ ଯୋଗାଣରେ ସମର୍ଥ ହୋଇଥିଲା। ଦୃଶ୍ୟ ଓ ଶ୍ରାବ୍ୟ ମଞ୍ଚର ସମସ୍ତ ବିଭବ 'ୟୁଟ୍ୟୁବ' ମଞ୍ଚରେ ନିର୍ବାଚନ ପ୍ରଚାରରେ ନିୟୋଜିତ ହୋଇଥିବା ଅନ୍ୟତମ ଉଲ୍ଲେଖଯୋଗ୍ୟ ବିଷୟ।

ଭାରତୀୟ ନିର୍ବାଚନ ପ୍ରଚାରରେ କ୍ରମଶଃ ଶୀର୍ଷ ନେତୃବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ହେତୁ ଅଭିଯାନ ବିକେନ୍ଦ୍ରିତ ହେବା ବଦଳରେ କେନ୍ଦ୍ରୀଭୂତ ହେବାରେ ଲାଗିଛି। ଅର୍ଥାତ, ଜାତୀୟ କିମ୍ବା ରାଜ୍ୟସ୍ତରୀୟ ଅତି ଅଳ୍ପସଂଖ୍ୟକ ରାଜନୈତିକ ବ୍ୟକ୍ତିତ୍ୱ ପ୍ରଚାରର ମଙ୍ଗ ଧରୁଛନ୍ତି। ଏହି ଅବସରରେ 'ହ୍ୱାଟସଆପ' ଯୋଗେ ବାର୍ତ୍ତା ବିତରଣ ବଦଳରେ 'ୟୁଟ୍ୟୁବ' ପ୍ରଦର୍ଶନ ସୁବିଧାଜନକ ସାବ୍ୟସ୍ତ ହୋଇଛି। ଏକ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଦୀର୍ଘ ଦଶବର୍ଷର ପରିଶ୍ରମରେ ଦେଶବ୍ୟାପୀ ୫୦ ଲକ୍ଷ ହ୍ୱାଟ୍‌ସଆପ ଗ୍ରୁପ ସଂଗଠିତ କରାଯାଇ ନୂଆଦିଲ୍ଲୀରୁ ଦେଶର ଯେକୌଣସି ଆଭ୍ୟନ୍ତରଣ ଅଞ୍ଚଳକୁ ମାତ୍ର ୧୨ ମିନଟ ମଧ୍ୟରେ ବାର୍ତ୍ତା ବିତରଣର ଦକ୍ଷତା ହାସଲ କରିଥିବା ବେଳେ ୨୦୨୪ ନିର୍ବାଚନ ପ୍ରଚାରରେ 'ୟୁଟ୍ୟୁବ'କୁ ହିଁ ମୌଳିକ ମଞ୍ଚଭାବେ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ଏହିଭଳି ଉଦାହରଣରୁ 'ୟୁଟ୍ୟୁବ'ର ପ୍ରଭାବ ଅନୁମେୟ।

## ଲୋକମତ

### ଅଭିଭାବକ ପିଲାଙ୍କୁ ସାହସ ଦିଅନ୍ତୁ

ବର୍ତ୍ତମାନ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳାଫଳ ଆସିବାର ସମୟ। ଏହି ସମୟରେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ ଅଧିକ ଚିନ୍ତା କରିଥା'ନ୍ତି। କେତେ ନମ୍ବର ଆସିବ, କେଉଁଠି କଲେଜରେ ସିଟ୍ ମିଳିବ ତାହାକୁ ନେଇ ଆଲୋଚନା ଓ ତା'ସହିତ ଚିନ୍ତା ବଢ଼େ। ଭଲ ନମ୍ବର ନ ଆଣିଲେ ପିଲାଙ୍କ ଉପରେ ଅଭିଭାବକମାନେ ମାନସିକ ଚାପ ସୃଷ୍ଟି କରନ୍ତି। କିନ୍ତୁ ଏହା ଜାଣି ରଖିବା ଦରକାର ଏହି ନମ୍ବର ପିଲାର ଭବିଷ୍ୟତ ଗଠନ କରିପାରିବ ନାହିଁ। ବର୍ତ୍ତମାନ ଦେଖାଯାଉଛି ଅଭିଭାବକମାନେ ସେମାନଙ୍କ ପିଲାକୁ ପଡ଼ୋଶୀ, ସାଙ୍ଗସାଥୀଙ୍କ ସହିତ ତୁଳନା କରି ବିରକ୍ତ ହୁଅନ୍ତି, ଯଦ୍ୱାରା ସେହି ପିଲାଟି ମନଦୁଃଖରେ ଅଧିକ ଭାଙ୍ଗି ପଡ଼େ। ଏଣୁ ଅଭିଭାବକଙ୍କୁ ମୋର ଅନୁରୋଧ ପିଲାର ନମ୍ବର ଦେଖି ତାକୁ ସାହସ ଦିଅନ୍ତୁ। ଯେମିତି ଭୁଲ କାମ ନ କରି ବସେ କିମ୍ବା ମନ ଦୁଃଖ ନ କରେ। ତାକୁ ବୁଝାନ୍ତୁ ସେ ଭବିଷ୍ୟତରେ କିପରି ସଫଳତା ପାଇ ପାରିବ। ଆହୁରି ଦେଖାଯାଏ ଅଭିଭାବକମାନେ ପିଲାର ରୁଚିକୁ ନ ଦେଖି ନିଜ ହିସାବରେ କଲେଜରେ ନାମ ଲେଖାଇ ଦିଅନ୍ତି। ଏଭଳି କ୍ଷେତ୍ରରେ ପିଲାଟି ଭବିଷ୍ୟତରେ ଆଶାନୁରୂପ ସଫଳତା ପାଇପାରେ ନାହିଁ। ତେଣୁ ପିଲାଟି ଯେତିକି ନମ୍ବର ରଖିଛି ତାହାକୁ ନେଇ ଅଭିଭାବକମାନେ ଯୋଜନା ପ୍ରସ୍ତୁତ କରନ୍ତୁ ଏବଂ ଭବିଷ୍ୟତରେ ସଫଳତା ପାଇଁ ଉତ୍ସାହିତ କରନ୍ତୁ।

**ଅନୁପମ ଜେନା, ମୟୂରଭଞ୍ଜ**

### ବିହନ ଗୁଳାର ଉପଯୋଗିତା

ବିହନ ଗୁଳା (ସିଡ୍ ବଲ୍) ନିକ୍ଷେପ ପଦ୍ଧତି ମାଧ୍ୟମରେ ଖୁବ କମ୍‌ସମୟ ମଧ୍ୟରେ ଜଙ୍ଗଲଗୁଡ଼ିକର ସାନ୍ଦ୍ରତା ବୃଦ୍ଧି କରାଯାଇପାରେ ଅଥବା ନୂତନ ଜଙ୍ଗଲ ସୃଷ୍ଟି କରାଯାଇଥାଏ। ବିହନ ଗୁଳା କହିଲେ ମାଟି ଏବଂ କମ୍ପୋଷ୍ଟର ମିଶ୍ରଣରେ ମଞ୍ଜିକୁ ଆବଦ୍ଧ କରି ଶୁଖିଲା ଅବସ୍ଥାରେ ରଖାଯାଇଥାଏ। ବିହନ ଗୁଳାଟି ମଞ୍ଜିକୁ ଅଙ୍କୁରିତ ହେବାରେ ସାହାଯ୍ୟ କରିଥାଏ। ବିହନ ଗୁଳାକୁ ଅଧିକ ସୁରକ୍ଷା ଦେବା ପାଇଁ ବେଳେବେଳେ ଏଥିରେ ଅତିରିକ୍ତ ସାମଗ୍ରୀ ଯଥା କପା-ତନ୍ତୁ କିମ୍ବା ତରଳ କାଗଜ ଯୋଡ଼ା ଯାଇଥାଏ। ଏହା ଚାରା ରୋପଣ/ମଞ୍ଜି ବୁଣିବା କାର୍ଯ୍ୟର ଏକ ବିକଳ୍ପ ବ୍ୟବସ୍ଥା। ଏହି ପ୍ରାଚୀନ କୌଶଳ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଜାପାନୀ କୃଷକ ତଥା ଦାର୍ଶନିକ ମାସାନୋବୁ ଫୁକୁକାଙ୍କ ଦ୍ୱାରା ପୁନଃଆବିଷ୍କୃତ ହୋଇ ଏହାର ଉନ୍ନତିକରଣ ହୋଇଥିଲା। ସାଧାରଣତଃ ପାହାଡ଼, ଘଞ୍ଚ ଜଙ୍ଗଲ, ହେନ୍ତାଳ ବନ, ନଦୀ ଅବବାହିକା, ଭୂସ୍ଖଳନ କ୍ଷେତ୍ର, ସଂରକ୍ଷିତ ବନ୍ଧ୍ୟା ଅଞ୍ଚଳ ଆଦି ପରିତ୍ୟକ୍ତ ଏବଂ ଅପହଞ୍ଚ ଅଞ୍ଚଳ (ଯେଉଁଠି ଚାରାରୋପଣ/ମଞ୍ଜି ବୁଣିବା କାର୍ଯ୍ୟ ସହଜ ହୋଇନଥାଏ) ରେ ଏହି ବିହନ ଗୁଳା ନିକ୍ଷେପ ପଦ୍ଧତି ଅବଲମ୍ବନ କରାଯାଇଥାଏ। ପରବର୍ତ୍ତୀ ଅବସ୍ଥାରେ ଅନୁକୂଳ ବାତାବରଣରେ ସେଥିରୁ ଗଛ ଅଙ୍କୁରିତ ହୋଇଥାଏ। ବର୍ଷା ଋତୁ ଏହି ପଦ୍ଧତି ପାଇଁ ବିଶେଷ ସହାୟକ ହୋଇଥାଏ। ଏହି ବିହନ ଗୁଳା ବାୟୁ କିମ୍ବା ଜଳ ଦ୍ୱାରା ସ୍ଥାନାନ୍ତରିତ କିମ୍ବା କୀଟପତଙ୍ଗ, ପଶୁ, ପକ୍ଷୀଙ୍କ ଦ୍ୱାରା ନଷ୍ଟ ହେବାର ଆଶଙ୍କା ବହୁତ କମ୍ ଥାଏ। ବିହନ ଗୁଳାରେ ଭିଭିନ୍ନ କିସମର ମଞ୍ଜି ଯଥା ଆମ୍ବ, ପଣସ, କରଞ୍ଜ, ନିମ, ମହୁଲ, ବର, ଜାମୁକୋଳି, କଇଁଠ, କାଜୁ ଇତ୍ୟାଦି ବ୍ୟବହୃତ ହୋଇଥାଏ। କେତେକ କ୍ଷେତ୍ରରେ ଏକାଧିକ ମଞ୍ଜି ମଧ୍ୟ ଗୋଟିଏ ବିହନ ଗୁଳାରେ ସ୍ଥାପନ କରାଯାଇଥାଏ। ବିହନ ଗୁଳାର ଆକାର ମଞ୍ଜି ସଂଖ୍ୟା ଏବଂ ଆକୃତି ଉପରେ ନିର୍ଭର କରିଥାଏ। ସାଧାରଣତଃ ବିହନ ଗୁଳାରେ ବ୍ୟବହୃତ ମଞ୍ଜି କ୍ଷେତ୍ରର ଉପଯୁକ୍ତ ଅବସ୍ଥା ଅନୁଯାୟୀ ଚୟନ କରାଯାଇଥାଏ। ଆବଶ୍ୟକ ବେଳେ ଏହି ବିହନ ଗୁଳାକୁ ମାଟିରେ ପୋତି ମଧ୍ୟ ଚାରରୋପଣ କରାଯାଇଥାଏ। ତଥ୍ୟ ଅନୁଯାୟୀ ନିୟମିତ ବିହନ ରୋପଣ ତୁଳନାରେ ବିହନ ଗୁଳାର ବ୍ୟବହାରର ସଫଳତା ହାର ହେଉଛି ୮୦ ପ୍ରତିଶତ। ବନାଗ୍ନି, ବନ୍ୟା, ବାତ୍ୟା ଆଦି ଦ୍ୱାରା ହୋଇଥିବା ସବୁଜ ବଳୟର କ୍ଷତିକୁ ଏହି ପଦ୍ଧତି କିଛି ପରିମାଣରେ ଭରଣା କରିଥାଏ। ଆଜିକାଲି ବୈଷୟିକ ଜ୍ଞାନକୌଶଳ (ଏଆଇ) ଉପଯୋଗ କରି ସାଟେଲାଇଟ୍ ଚିତ୍ର ସାହାଯ୍ୟରେ ବନୀକରଣର ଆବଶ୍ୟକତା ସ୍ଥାନକୁ ଚିହ୍ନଟ କରି ଡ୍ରୋନ୍ ମାଧ୍ୟମରେ ବିପୁଳ ପରିମାଣରେ ଏବଂ କମ୍ ସମୟ ମଧ୍ୟରେ ଏହି ବିହନ ଗୁଳା ନିକ୍ଷେପ କରାଯାଇ ପାରୁଛି। ପରବର୍ତ୍ତୀ ଅବସ୍ଥାରେ ଏହାର ସ୍ଥିତିକୁ ଡ୍ରୋନ୍ ମାଧ୍ୟମରେ ନିରୀକ୍ଷଣ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଇପାରୁଛି। ଭାରତ, ଆମେରିକା, କେନିଆ, ଇଥୋପିଆ, ଥାଇଲାଣ୍ଡ, ମ୍ୟାଁମାର୍ ଆଦି ଦେଶରେ ବିହନ ଗୁଳାର ବହୁଳ ଉପଯୋଗ ହେଉଛି ଏବଂ ଆହୁରି ଅନେକ ଦେଶ ଏହି ପଦ୍ଧତିକୁ ଆଦରିବାରେ ଲାଗିଛନ୍ତି। ଆମ ଦେଶରେ ଓଡ଼ିଶା, ପଞ୍ଜାବ, ଉତ୍ତରାଖଣ୍ଡ, ତେଲେଙ୍ଗାନା, ଜାମ୍ମୁ ଓ କାଶ୍ମୀର, ଆସାମ ଆଦି ରାଜ୍ୟମାନଙ୍କରେ ଏହି ପଦ୍ଧତିକୁ ଗୁରୁତ୍ୱ ଦିଆଯାଇ ବନୀକରଣକୁ ତ୍ୱରାନ୍ୱିତ କରାଯାଉଛି। ଆମ ରାଜ୍ୟରେ ହାତୀମାନଙ୍କ ଖାଦ୍ୟ ଭଣ୍ଡାରକୁ ସମୃଦ୍ଧ କରିବା ପାଇଁ ଆଠଗଡ଼ର ବନ ବିଭାଗ ଭିଭିନ୍ନ ରିଜର୍ଭ ଜଙ୍ଗଲରେ ଏହି ପଦ୍ଧତି ଆପଣାଇଛନ୍ତି। ବରୁଣେଇ ପାହାଡ଼, ଚନ୍ଦକା, କପିଳାସ, ସପ୍ତଶଯ୍ୟା ଆଦି ସ୍ଥାନମାନଙ୍କରେ ଏହି ପଦ୍ଧତି ଦ୍ୱାରା ସବୁଜ ବଳୟ ବୃଦ୍ଧି କରାଯାଇଛି। ବିହନ ଗୁଳା ପଦ୍ଧତି ଅବଲମ୍ବନ କରି ଗଛ ସଂଖ୍ୟା ବଢ଼ାଇବା ଲକ୍ଷ୍ୟରେ ଜାତିସଂଘ ପୁରସ୍କାରପ୍ରାପ୍ତ ଶୁଭ୍ରାଂଶୁ ଶତପଥୀ ଅନେକ ସବୁଜ ବଳୟ ସୃଷ୍ଟି କରିଛନ୍ତି। ଏହାର ଉପକାରିତାକୁ ପ୍ରାଧାନ୍ୟ ଦେଇ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଯୁବଗୋଷ୍ଠୀଙ୍କୁ ନେଇ ଅନେକ କର୍ମଶାଳା ମାନ ଆୟୋଜନ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଆମ ରାଜ୍ୟର ସମସ୍ତ ବନ କାର୍ଯ୍ୟାଳୟ ଓ ଅଧିକାରୀ ଏହି ପଦ୍ଧତି ସାହାଯ୍ୟରେ ବର୍ଷତମାମ ବନୀକରଣ ପ୍ରକ୍ରିୟା ଜାରି ରଖିପାରିବେ। ପର୍ଯ୍ୟଟକମାନେ ଅଭୟାରଣ୍ୟ, ବଣଜଙ୍ଗଲ, ନଦୀ ମୁହାଣ ଆଦି ବିଭିନ୍ନ ପର୍ଯ୍ୟଟନ ସ୍ଥଳ ମାନଙ୍କରେ ଏହି ବିହନ ଗୁଳା ନିକ୍ଷେପ କରି ପରିବେଶର ସବୁଜିମା ବୃଦ୍ଧି କରିପାରିବେ। ଏହି ବିହନ ଗୁଳା ବଜାରରେ, ନର୍ସରୀ ମାନଙ୍କରେ ତଥା ଅନଲାଇନ୍‌ରେ ଉପଲବ୍ଧ। ଜନ୍ମ ଦିନ, ବାହାଘର, ପର୍ବପର୍ବାଣି, ନୂତନ ବର୍ଷ, ଅତିଥି ଅଭ୍ୟାଗତ ଇତ୍ୟାଦି ଉତ୍ସବରେ ବିହନ ଗୁଳା ଉପହାର ସୂତ୍ରରେ ପ୍ରଦାନ କରାଯାଇପାରିବ। ଗଛ ହସିଲେ ଜୀବନ ହସିବ। ଜଙ୍ଗଲର ସୁରକ୍ଷା ପାଇଁ ଏହା ଏକ ସୁଲଭ, ସ୍ଥାୟୀ ଏବଂ ପ୍ରଭାବଶାଳୀ ବ୍ୟବସ୍ଥା। ବିହନ ଗୁଳାର ଉପକାରିତା ବିଷୟରେ ଆବାଳ ବୃଦ୍ଧବନିତାଙ୍କୁ ସଚେତନ କରିବାର ଆବଶ୍ୟକତା ଅଛି। ଜଙ୍ଗଲ ବିଭାଗ ଓ ଆମେ ସମସ୍ତେ ମିଳିତ ଭାବେ ଉଦ୍ୟମ କରି ଏହାର ସଂରକ୍ଷଣ ଓ ସମ୍ପ୍ରସାରଣ ଦିଗରେ ଆଗେଇ ଆସିଲେ ସ୍ୱର୍ଗଠାରୁ ବଳି ଆମରି ଧରିତ୍ରୀ ମା' ସବୁଜ ବଳୟରେ ହସି ଉଠିବ।

**ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### ପିତାମାତାଙ୍କ ଯତ୍ନ ସର୍ବୋପରି

ମାଆ, ଯିଏ କି ତା'ର ଶିଶୁକୁ ୯ ମାସ ନିଜ ପେଟ ଭିତରେ ରଖି ଦୁଃଖକଷ୍ଟ ସହି ଜନ୍ମ ଦେଇଥା'ନ୍ତି ଏବଂ ବାପା, ଯିଏ କି ସେଇ ଜନ୍ମିତ ଶିଶୁଟିର ଜନ୍ମଠାରୁ ବଡ଼ ହେବା ପର୍ଯ୍ୟନ୍ତ ତା'ର ସବୁକିଛି ସୁବିଧା/ଅସୁବିଧା ବୁଝିଥା'ନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ଏହା କି ସେହି ଶିଶୁଟି ଦିନେ ବଡ଼ ହୋଇ ନିଜ ବାପା ଓ ମାଆଙ୍କୁ ବୋଝ ଭାବି ବୃଦ୍ଧାଶ୍ରମରେ ଛାଡ଼ି ଦେଉଛି। ପୁଣି ଆଉ କିଏ ନିଜ ବାପା ଓ ମାଆଙ୍କୁ ଗୋଟିଏ ମାସ ଲେଖାଏଁ ଭାଗ କରି ଖାଇବା ପାଇଁ ଦେଉଛନ୍ତି। ଯେଉଁ ମାଆ ଓ ବାପା ନିଜ ଛୁଆ ପାଇଁ ନିଜେ ଓପାସ ରହିଲେ, ନିଜେ ଫଟା ବସ୍ତ୍ର ପିନ୍ଧି ଛୁଆଟିକୁ ନୂଆ ବସ୍ତ୍ର ଦେଲେ, ଯେତେ କଷ୍ଟ ହେଉପଛକେ ଛୁଆଟି ଶିକ୍ଷିତ ହୋଇ ଭବିଷ୍ୟତରେ ବଡ଼ ମଣିଷ ହେବ ବୋଲି ତା'ର ପାଠ ପଢ଼ିବା ପାଇଁ ରୋଜଗାର କଲେ ସେଇ ବାପାମାଆଙ୍କୁ ବୋଝ ଭାବି ବୃଦ୍ଧ ବୟସରେ ବୃଦ୍ଧାଶ୍ରମରେ ଛାଡ଼ି ଦେବା କ'ଣ ଠିକ୍ କଥା ? ସତରେ କ'ଣ ବୟସ ହୋଇଗଲେ ଅଲୋଡ଼ା ହୋଇଯାଆନ୍ତି ବାପା ଓ ମାଆ? ପିଲାଙ୍କ ଆଗରେ କ'ଣ ସେମାନଙ୍କ କୌଣସି ମୂଲ୍ୟ ନ ଥାଏ? ଉଚ୍ଚଶିକ୍ଷିତ ହୋଇ ଯଦି ତୁମେ ସବୁ ଏମିତି କାମ କରିବ ହେଲେ ତୁମ ଶିକ୍ଷାର ଲାଭ କ'ଣ? ବାପା ମାଆ କେତେ ଆଶା ନେଇ ପୁଅ ବା ଝିଅ ଏ ଜନ୍ମ କରିଥାଆନ୍ତି। ସମସ୍ତେ କୁହନ୍ତି ପୁଅି ଅ ଅଛନ୍ତି ତ ସାହା ଅଛି। ବାପା ମଧ୍ୟ ନିଜକୁ ଗର୍ବ ମନେ କରନ୍ତି ପୁଅ/ ଝିଅ ଟିର ବାପ ହୋଇ। ହେଲେ ପୁଅଟି ବଡ଼ ହୋଇ ନିଜ ଗୋଡ଼ରେ ନିଜେ ଠିଆ ହେଲା ପରେ ଯଦି ବାପା ଓ ମାଆ ଭାଗ ମାଗିବ, ଆଉ ନ ଦେଲେ ଅକଥନୀୟ ନିର୍ଯାତନା ଦେବ, ତା'ହେଲେ ସେଇ ବାପା ମା'ଙ୍କ ମନରେ କ'ଣ ବିତୁଥିବ ଟିକିଏ ଚିନ୍ତା କରନ୍ତୁ। ଏମିତି ସନ୍ତାନ ଜନ୍ମ କରିବା ଠାରୁ ଭଲ ସନ୍ତାନ ଜନ୍ମ ନ କରିବା।

**ଅନନ୍ୟା ପ୍ରଧାନ, ସମ୍ବଲପୁର**

### ସ୍ନାତକ ପାଇଁ ପ୍ରବେଶିକା ପରୀକ୍ଷା ହେଉ

ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତରେ ଥିବା ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗରେ ନାମ ଲେଖା ପାଇଁ ଏନ୍‌ଟିଏ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଆସୁଛି। ଏଥିରେ କେବଳ ବହୁ ବିକଳ୍ପମୂଳକ ପ୍ରଶ୍ନକୁ ପ୍ରାଧାନ୍ୟ ଦିଆଯାଉଛି। ଛାତ୍ରଛାତ୍ରୀମାନେ ଏକାଦଶ ଏବଂ ଦ୍ୱାଦଶ ତଥା ସ୍ନାତକ ଶ୍ରେଣୀରେ ପଢ଼ିଥିବା ପାଠ ଉକ୍ତ ପ୍ରବେଶିକା ପରୀକ୍ଷାର ମୂଳପିଣ୍ଡ। ସ୍ନାତକ ଶ୍ରେଣୀରେ ନାମ ଲେଖା ପାଇଁ ହେଉଥିବା ପରୀକ୍ଷା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ପାଠ୍ୟକ୍ରମ ଏଥିରେ ପ୍ରମୁଖ ସ୍ଥାନ ପାଇଥାଏ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରଚଳିତ +୨ ପାଠ୍ୟକ୍ରମରେ କିଛି କିଛି ପରିବର୍ତ୍ତନ ଜରୁରୀ। ଏତଦବ୍ୟତୀତ କେନ୍ଦ୍ରୀୟ ଢାଞ୍ଚାରେ ଓଡ଼ିଶାରେ ଥିବା ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ସ୍ନାତକ ନାମ ଲେଖା ପାଇଁ ପ୍ରବେଶିକା ପରୀକ୍ଷା ହେଉ। ତା' ସହିତ ଏଥିରେ +୨ ପରୀକ୍ଷା ଫଳର ଗୁରୁତ୍ୱ ମଧ୍ୟ ରହୁ। ଏହାଫଳରେ ପିଲାମାନଙ୍କ ମଧ୍ୟରେ ଉଭୟ ବିଷୟଗତ ଓ ବହୁ ବିକଳ୍ପ ମୂଳକ ପ୍ରଶ୍ନ ସମ୍ବନ୍ଧରେ ଜ୍ଞାନ ରହିବ ଏବଂ ଏହା ବିଶ୍ଲେଷଣାତ୍ମକ ଜ୍ଞାନ ବୃଦ୍ଧିରେ ସହାୟକ ହୋଇପାରିବ। ସର୍ବଭାରତୀୟ ସ୍ତରରେ ହେଉଥିବା ବିଭିନ୍ନ ପରୀକ୍ଷା ପାଇଁ ଆମ ପିଲାମାନଙ୍କୁ ପ୍ରସ୍ତୁତ କରିବାରେ ମଧ୍ୟ ଏହା ସହାୟକ ହେବ।

**ଡ. ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ଆଜି ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ**

# ବୁଥ୍ ଜଗିବେ ୩୫ ହଜାର ପୁଲିସ କର୍ମଚାରୀ

**ଭୁବନେଶ୍ୱର, ୨୪।୫(ସମିସ):** ରାତି ପାହିଲେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ। ଏହି ପର୍ଯ୍ୟାୟକୁ ଶାନ୍ତିଶୃଙ୍ଖଳା, ଅବାଧ ଏବଂ ନିରପେକ୍ଷ କରିବା ପାଇଁ ରାଜ୍ୟ ପୁଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ପୁଲିସ ସେବା ଭବନରେ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି, ତୃତୀୟ ପର୍ଯ୍ୟାୟରେ ରାଜ୍ୟର ୬ଟି ଲୋକସଭା ଓ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମତଗ୍ରହଣ କରାଯିବ। ୧୨ ପୁଲିସ ଜିଲ୍ଲାରେ ୭୬୪୬ ସ୍ଥାନରେ ହୋଇଥିବା ୧୦୫୫୧ ମତଦାନ କେନ୍ଦ୍ର ମଧ୍ୟରୁ ପାଖାପାଖି ୨୦ ପ୍ରତିଶତ ବୁଥ୍ ସମ୍ବେଦନଶୀଳ ରହିଛି। ସୁରକ୍ଷିତ ନିର୍ବାଚନ ପରିଚାଳନା ଲାଗି ବିଭିନ୍ନ ପାହ୍ୟାର ୩୫ ହଜାର ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏଥିମଧ୍ୟରେ ୧୨୧ କମ୍ପାନୀ ଅର୍ଦ୍ଧ ସାମରିକ ବାହିନୀ, ୧୦୬ ପ୍ଲାଟୁନ ଆର୍ମଡ ପୁଲିସ ଫୋର୍ସ ଅଛନ୍ତି। ୪୩ ଜଣ ଅତିରିକ୍ତ ଏସ୍‌ପି, ୯୫ ଡିଏସ୍‌ପି, ୨୩୮ ଇନ୍ସପେକ୍ଟର, ୨୧୬୦ ଏସ୍‌ଆଇ/ ଏଏସ୍‌ଆଇ ସହ ୧୦୨୧୨ କନଷ୍ଟେବଲ/ ହାବିଲ୍‌ଦାର, ୭୧୧୭ ଗୃହରକ୍ଷୀ ଓ ଗ୍ରାମରକ୍ଷୀ ନିର୍ବାଚନ ପରିଚାଳନାରେ ନିୟୋଜିତ ହୋଇଛନ୍ତି। ସେହିପରି ୭୬୩ ମୋବାଇଲ ପାଟ୍ରୋଲିଂ ପାର୍ଟି ମଧ୍ୟ ନିର୍ବାଚନକୁ ତତ୍ତ୍ୱାବଧାନ କରିବେ ବୋଲି ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି। ନିର୍ବାଚନ ପରେ ଇଭିଏମଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯିବା ପାଇଁ ୨୫ଟି ଷ୍ଟ୍ରଙ୍ଗରୁମ୍‌ର ବ୍ୟବସ୍ଥା କରାଯାଇଛି। ଏସବୁ ସ୍ଥାନରେ ଦୁଇ ସ୍ତରରେ ସୁରକ୍ଷା ଦାୟିତ୍ୱ ବିଭକ୍ତ କରାଯାଇଛି ବୋଲି ଡିଜିପି କହିଛନ୍ତି। ସେହିପରି ଆଇନଶୃଙ୍ଖଳା ରକ୍ଷା ଓ ନିର୍ବାଚନ ପରିଚାଳନା ପାଇଁ ୧୨ ପୁଲିସ ଜିଲ୍ଲାରେ ୧୩୩ଟି ଚେକ୍‌ପୋଷ୍ଟ ରହିଛି। ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ ମୁତାବକ ନିର୍ବାଚନ ହେବାକୁ ଥିବା ୧୨ଜିଲ୍ଲାରେ ୩୩୧ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ରହିଛନ୍ତି। ଏହାବ୍ୟତୀତ ୩୪୩ଟି ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ପରିଭ୍ରମଣ କରୁଛନ୍ତି। ନିର୍ବାଚନ ପାଇଁ ସାରା ରାଜ୍ୟରେ ଜୋର୍‌ଦାର୍ ଚେକିଂ ଚାଲିଛି। ଜାନୁଆରୀ ପହିଲାରୁ ବର୍ତ୍ତମାନ ସୁଦ୍ଧା ୬.୦୩ କୋଟି ଟଙ୍କା ଜବତ କରାଯାଇଛି। ପ୍ରାୟ ୮୯.୩ କୋଟି ମୂଲ୍ୟର ପ୍ରଲୋଭନ ସାମଗ୍ରୀ ଧରାପଡ଼ିଛି। ୬ଲକ୍ଷ ୭୮ହଜାର ୫୪୭ଲିଟର ମଦ ଜବତ କରାଯାଇଥିବା ବେଳେ ୩୯୪୧ ବେପାରୀଙ୍କୁ ଗିରଫ କରାଯାଇଛି।

## ଅବଶିଷ୍ଟାଂଶ...

### ଆଜି ଭୋଟ...

ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି। ସେହିପରି ବିରୋଧୀ ବିଜେପି ମଧ୍ୟ ନିଜ କେନ୍ଦ୍ରୀୟ ନେତାଙ୍କୁ ଆଣି ଜନମତକୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା କରିଥିବା ବେଳେ କଂଗ୍ରେସ ମଧ୍ୟ ନିଜ ସାଧ୍ୟମତେ ଭଲ ପ୍ରଦର୍ଶନ କରିବାକୁ ଉଦ୍ୟମ କରିଛି।

ଚଳିତଥର ନିର୍ବାଚନରେ ଉପରୋକ୍ତ ଆସନଗୁଡ଼ିକରେ ବିଭିନ୍ନ ଦଳର ବହୁ ହେଭିୱେଟ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଲୋକସଭା କ୍ଷେତ୍ର କଥା ବିଚାରକୁ ନେଲେ, ସମ୍ବଲପୁରରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲଢ଼େଇ ରାଜ୍ୟ ରାଜନୀତିରେ ସବୁଠାରୁ ରୋଚକ ଲଢ଼େଇ ପାଲଟିଛି। ଅନ୍ୟମାନଙ୍କ ମଧ୍ୟରେ ପୁରୀରେ ସମ୍ବିତ ପାତ୍ର ବନାମ ଅରୂପ ପଟ୍ଟନାୟକ, ଭୁବନେଶ୍ୱରରେ ଅପରାଜିତା ଷଡ଼ଙ୍ଗୀ ବନାମ ମନ୍ମଥ ରାଉତରାୟ, କଟକରେ ଭର୍ତ୍ତୃହରି ମହତାବ ବନାମ ସଂନ୍ତୃପ୍ତ ମିଶ୍ର, ଢେଙ୍କାନାଳରେ ରୁଦ୍ର ନାରାୟଣ ପାଣି ବନାମ ଡ. ଅବିନାଶ ସାମଲଙ୍କ ଭିତରେ ଲଢ଼େଇ ମଧ୍ୟ ବେଶ୍ ରୋଚକ ହେବ ବୋଲି ରାଜନୈତିକ ପଣ୍ଡିତମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ବିଧାନସଭାରେ ମଧ୍ୟ ବହୁ ହେଭିୱେଟ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ଚନ୍ଦ୍ର ପଣ୍ଡା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଛନ୍ତି। ସେହିପରି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଡ. ଅରୁଣ ସାହୁ, ବଦ୍ରି ନାରାୟଣ ପାତ୍ର, ରୋହିତ୍ ପୂଜାରୀ, ସନାତନ ମହାକୁଡ଼, ସୌମ୍ୟରଞ୍ଜନ ପଟ୍ଟନାୟକ ମଧ୍ୟ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷେ ଉପରୋକ୍ତ ୬ ସଂସଦୀୟ କ୍ଷେତ୍ର ପାଇଁ ମୋଟ ୬୪ଜଣ ପ୍ରାର୍ଥୀ (ପୁରୁଷ-୫୫, ମହିଳା-୯) ରହିଛନ୍ତି। ସେହିପରି ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମୋଟ ୩୮୩ଜଣ (ପୁରୁଷ-୩୩୯, ମହିଳା-୪୪) ପ୍ରାର୍ଥୀ ରହିଛନ୍ତି। ଅର୍ଥାତ୍ ମୋଟ ୪୪୭ ପ୍ରାର୍ଥୀ ଏହି ପର୍ଯ୍ୟାୟରେ ଭାଗ୍ୟ ପରୀକ୍ଷା କରୁଥିବା ବେଳେ ମୋଟ ୯୪,୪୮,୫୫୩ ଜଣ ମତଦାତା ସେମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ଜଣାପଡ଼ିଛି।

### ମୁଁ ଫିଟ୍...

କିଛି ନେତା ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉଠାନ୍ତି । ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତ୍ୟେକ ଥର ମୁଖ୍ୟମନ୍ତ୍ରୀଙ୍କ ନିରବ ଉତ୍ତର ବିରୋଧୀ ଓ ବିଜେପିକୁ ନିରୁତ୍ତର କରିଦେଇଥିବା ଦେଖା ଯାଇଛି। ଚଳିତ ନିର୍ବାଚନରେ ମଧ୍ୟ ବିଜେପିର ନେତାମାନେ ଅନୁରୂପ ଅପପ୍ରଚାର ଚଳାଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସହ କୁତ୍ସିତ ଅଭିଯୋଗ ଆଣିଛି । ଏହାକୁ ଅତ୍ୟନ୍ତ କଡ଼ା ଭାଷାରେ ନିଜେ ମୁଖ୍ୟମନ୍ତ୍ରୀ ସମାଲୋଚନା କରିଛନ୍ତି । ନିଜକୁ 'ଫିଟ୍' ବୋଲି ଉଲ୍ଲେଖ କରି ବିଜେପିର ଅସୀମ ମିଛ ଓ ଅପପ୍ରଚାରକୁ ସ୍ପଷ୍ଟ ଶବ୍ଦରେ ଜବାବ ଦେଇଛନ୍ତି ।

### ଆଇଆଇଟି ପିଲାଙ୍କୁ...

ହେବା ପରେ ସାରା ଦେଶରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି।

ରିପୋର୍ଟ ଅନୁସାରେ, ୨୦୨୪ ମସିହାରେ ୨୧୫୦୦ ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଁ ନିଜ ନାମ ପଞ୍ଜିକରଣ କରିଥିଲେ। ହେଲେ ମାତ୍ର ୧୩୪୧୦ ପିଲାଙ୍କୁ ପ୍ଲେସମେଣ୍ଟ ମିଳିଛି। ଦେଶରେ ଥିବା ମୋଟ ୨୩ ଆଇଆଇଟିର ୩୮ ପ୍ରତିଶତ ପିଲା କ୍ୟାମ୍ପସ ପ୍ଲେସମେଣ୍ଟ ନ ପାଇ ଏବେ ଚାକିରି ଖୋଜୁଛନ୍ତି। ଦୁଇ ବର୍ଷ ମଧ୍ୟରେ ଏହା ଚାକିରି ନ ପାଇବା ପିଲାଙ୍କ ହାର ୧୯ ପ୍ରତିଶତ ଥିଲା ବେଳେ ଏବେ ୨ଗୁଣା ବୃଦ୍ଧି ପାଇଛି। ପୁରୁଣା ୯ଟି ଆଇଆଇଟିର ୧୬୪୦୦ ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଁ ନିଜ ନାମ ପଞ୍ଜିକରଣ କରିଥିଲେ। ଏଥିରୁ ୬୦୫୦ ଛାତ୍ରଛାତ୍ରୀ ଚାକରି ପାଇ ନ ଥିଲେ, ଯାହା ମୋଟ ସଂଖ୍ୟାର ୩୭ ପ୍ରତିଶତ। ସେହିପରି ନୂତନ ୧୪ଆଇଆଇଟିର ୪୦ ପ୍ରତିଶତ ପିଲା ଚାକିରି ପାଇ ନାହାନ୍ତି। ସେହିପରି ବିଗତ ୫ବର୍ଷ ମଧ୍ୟରେ ଦିଲ୍ଲୀ ଆଇଆଇଟିର ୨୨ପ୍ରତିଶତ ଛାତ୍ରଛାତ୍ରୀ ଏପର୍ଯ୍ୟନ୍ତ ଚାକିରି ପାଇ ନାହାନ୍ତି। ଚଳିତ ବର୍ଷ ସର୍ବାଧିକ ୪୦ପ୍ରତିଶତ ଛାତ୍ରଛାତ୍ରୀ ଚାକିରି ପାଇ ନାହାନ୍ତି। ଧିରଜ କହିଛନ୍ତି, ଗତବର୍ଷର ଆଇଆଇଟି ଖଡ଼ଗପୁରର ୩୩ ପ୍ରତିଶତ ପିଲା ଏପର୍ଯ୍ୟନ୍ତ ଚାକିରି ଖୋଜୁଛନ୍ତି। ଯାହାଦ୍ୱାରା ସେମାନେ ଚାପ, ଚିନ୍ତା ଏବଂ ନିରାଶା ଭଳି ସମସ୍ୟା ଦେଇ ଗତି କରୁଛନ୍ତି। ଆଇଆଇଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ଘଟଣା ପଛରେ ଚାକିରି ନ ମିଳିବା ଏକ ପ୍ରମୁଖ କାରଣ ବୋଲି ଅନେକ ସମୟରେ ଦର୍ଶାଯାଉଛି। ଚଳିତବର୍ଷ ୬ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଆଇଆଇଟିରେ ଚାକିରି ନ ମିଳିବାରୁ ଛାତ୍ରଛାତ୍ରୀମାନେ ଭୟଙ୍କର ଚାପ ଏବଂ ଚିନ୍ତାରେ ରହୁଛନ୍ତି। ଚାକିରିକୁ ନେଇ ଆଇଆଇଟିଗୁଡ଼ିକର ଲାଗାତାର ଖସୁଥିବା ର୍‍ୟାଙ୍କିଙ୍ଗ୍ ମଧ୍ୟ ଚିନ୍ତାଜନକ। ଏହାକୁ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ଆଜିଠୁ ୪ ଜିଲ୍ଲାରେ...

ତାପମାତ୍ରା ମଧ୍ୟ କମିବ। ପୁରୀରେ ଉପରବେଳା ଘଡ଼ଘଡ଼ି ସହ ସାମାନ୍ୟ ବର୍ଷା ହୋଇପାରେ। ସେହିପରି ୨୫ ତାରିଖ ରାତିରେ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ୨୬ରେ ଖୋର୍ଦ୍ଧା, ଢେଙ୍କାନାଳ, କଟକ, ଜଗତସିଂହପୁର, ଯାଜପୁର ଓ କେନ୍ଦୁଝରରେ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ କେତେକ ସ୍ଥାନରେ ଭାରି ବର୍ଷା ସହ କିଛି ପବନ ଅନୁଭୂତ ହେବ। ବାଲେଶ୍ୱର ଓ ସଂଲଗ୍ନ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ପବନ ମଧ୍ୟ ହୋଇପାରେ। ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ଜାରି ରହିଥିବା ଗରମ ଆଗକୁ ମଧ୍ୟ ଚାଲୁ ରହିବ।

୨୮ ତାରିଖରୁ ସାରା ରାଜ୍ୟରେ ତାପମାତ୍ରା ପୁଣି ବଢ଼ିବ। ପଶ୍ଚିମ ଓ ଆଭ୍ୟନ୍ତରୀଣ ଦକ୍ଷିଣରେ ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ରହିବାର ଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ୪୨ ଡିଗ୍ରୀରୁ ଅଧିକ ରହିପାରେ ବୋଲି ପ୍ରଫେସର୍ ଶ୍ରୀ ପଶୁପାଳକ କହିଛନ୍ତି।

### କେବଳ ମିଛ କହି...

ଦେଇ କହିଲେ ଯେ, ଏ ସରକାର ଆପଣମାନଙ୍କ ସରକାର। ଆଦିବାସୀ ଭାଇଭଉଣୀଙ୍କ ସରକାର। ଚାଷୀଭାଇ ଓ ଯୁବପିଢ଼ିର ସରକାର। ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟରେ ସବୁଠାରୁ ଭଲଜାଗାରେ ଆଦିବାସୀ ଭାଇଭଉଣୀମାନେ ଅଛନ୍ତି। ସେମାନଙ୍କ କଳା, ସଂସ୍କୃତି, ପୂଜାସ୍ଥଳୀ, ଦେବସ୍ଥଳୀ ଓ ଜାହିରାର ଉନ୍ନତି ଓ ରକ୍ଷଣାବେକ୍ଷଣ ପାଇଁ ନବୀନ ପଟ୍ଟନାୟକଙ୍କ ବ୍ୟତୀତ ଭାରତବର୍ଷରେ କେହି ଚିନ୍ତା କରିନାହାନ୍ତି। ଏଥିପାଇଁ ସେ ରାଜ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଗଠନ କରିଛନ୍ତି। ଆଦିବାସୀମାନଙ୍କ ନାମରେ ଥିବା ୫୦ ହଜାର ପୁଲିସ କେସ୍‌କୁ ମୁଖ୍ୟମନ୍ତ୍ରୀ ଉଠାଇ ଦେଇଛନ୍ତି। ଏହା ଅନ୍ୟ କେଉଁଠାରେ ହୋଇନାହିଁ। ଲକ୍ଷ ଲକ୍ଷ ଆଦିବାସୀ ଝିଅଙ୍କ ପାଠପଢ଼ାର ସୁବିଧା ପାଇଁ ହଜାର ହଜାର ହଷ୍ଟେଲ ଖୋଲିଛନ୍ତି। ଆଦିବାସୀ ଭାଇଭଉଣୀଙ୍କୁ ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିବା ପାଇଁ "ଲାଭ' ଯୋଜନା ଆରମ୍ଭ କରିଛନ୍ତି। ବିରୋଧୀ ଦଳମାନେ କିନ୍ତୁ ଆଦିବାସୀ ଭାଇଭଉଣୀମାନଙ୍କ ପାଇଁ କିଛି ବି କରିନାହାନ୍ତି। ସେମାନଙ୍କୁ କେବଳ ଭୋଟ ବ୍ୟାଙ୍କ ବୋଲି ଭାବିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ମୟୂରଭଞ୍ଜରେ ସରକାରଙ୍କ ବିକାଶ କାମର ହିସାବ ଦେଇ ଶ୍ରୀ ପାଣ୍ଡିଆନ କହିଲେ ଯେ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମସ୍ଥଳୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ୧୩ କୋଟି ଟଙ୍କା ଦେଇଛନ୍ତି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାଁରେ ମେଡିକାଲ କଲେଜ ଖୋଲାଯାଇଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମଦିନକୁ ମୁଖ୍ୟମନ୍ତ୍ରୀ ଛୁଟି ଦିବସ ଭାବରେ ଘୋଷଣା କରିଛନ୍ତି। ତିରିଙ୍ଗରେ ଡିଗ୍ରୀ କଲେଜ କରିଛନ୍ତି। ବାରିପଦା ରିଂ ରୋଡ୍ ପାଇଁ ୧୫୦ କୋଟି ଟଙ୍କା ଦେଇଛନ୍ତି। ଦୁର୍ଘଟଣାପ୍ରବଣ ବାଙ୍ଗିରିପୋଷି ଘାଟି ପାଇଁ ନୂଆ ରାସ୍ତା କରାଯାଉଥିବା ଶ୍ରୀ ପାଣ୍ଡିଆନ ସୂଚନା ଦେଇଥିଲେ।

ବିରୋଧୀଙ୍କୁ ତୀବ୍ର ନିନ୍ଦା କରି ଶ୍ରୀ ପାଣ୍ଡିଆନ କହିଥିଲେ, ନବୀନ ବାବୁଙ୍କୁ ଆକ୍ରମଣ କରିବା ଅର୍ଥ ପର୍ବତକୁ ପଥର ପକାଇବା ସହ ସମାନ। ବିରୋଧୀ ନେତାମାନେ ଆସି କହୁଛନ୍ତି ଓଡ଼ିଶାରେ କିଛି ଭଲ କାମ ହେଉନାହିଁ। ଓଡ଼ିଶାର ବିକାଶ ସମସ୍ତଙ୍କୁ ଦିଶୁଛି, କିନ୍ତୁ ସେମାନଙ୍କୁ ଦେଖାଯାଉନି। ବିରୋଧୀ ନେତାମାନେ ନବୀନ ବାବୁଙ୍କୁ ଅଭଦ୍ର ଭାଷାରେ ଗାଳି ଦେଉଛନ୍ତି। ନବୀନ ବାବୁ କୁଆଡ଼େ ଘରୁ ବାହାରୁ ନାହାନ୍ତି, ନବୀନ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବହୁତ ଖରାପ ବୋଲି ଅପପ୍ରଚାର କରୁଛନ୍ତି। ଅଥଚ ନବୀନ ବାବୁ ଆପଣଙ୍କ ସାମ୍ନାରେ ଅଛନ୍ତି, ଆପଣଙ୍କ ସହ କଥା ହେଉଛନ୍ତି। ଏମାନେ କେତେ ମିଛ କଥା କହୁଛନ୍ତି ଏଇଥିରୁ ଜାଣନ୍ତୁ । ସେ ପୁଣି କହିଲେ ଯେ, ସାରା ଓଡ଼ିଶା ଜାଣିଛି ଯେ, ନବୀନ ପଟ୍ଟନାୟକ ପୁଣି ଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ୯୦ ପ୍ରତିଶତ ଲୋକଙ୍କ ବିଜୁଳି ବିଲ୍ ଛାଡ଼ ହେବ। ଏହା ହେଉଛି ନବୀନ ବାବୁଙ୍କ ଗ୍ୟାରେଣ୍ଟି। ଦ୍ୱିତୀୟ ଦସ୍ତଖତ ହେବ ବିଏସ୍‌କେୱାଇରେ ସମସ୍ତେ ସାମିଲ ହେବେ, ସମସ୍ତଙ୍କୁ କାର୍ଡ ମିଳିବ। ତୃତୀୟ ଦସ୍ତଖତରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ୬୦ ବର୍ଷ ପରେ ପେନ୍‌ସନ୍ ସୁବିଧା କରିବେ। ଏ ସବୁ ଶୁଣି ବିରୋଧୀଙ୍କ ନିଦ ହଜିଗଲାଣି।

ବିଜେପିର ଚକ୍ରାନ୍ତ ବିଷୟରେ ଲୋକଙ୍କୁ ସତର୍କ କରି ଶ୍ରୀ ପାଣ୍ଡିଆନ କହିଲେ ଯେ, ସୁଯୋଗ ପାଇଲେ ବିଜେପି ଦଳ ଆପଣମାନଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମ ବନ୍ଦ କରିଦେବ। ବିଏସ୍‌କେୱାଇ, ସହିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦି ସବୁ ଭଲ ଭଲ ଯୋଜନାକୁ ବନ୍ଦ କରିଦେବ। ନିର୍ବାଚନ ସମୟରେ ବିଜେପି ଦଳ ଆସି କହୁଛି, ମାଗଣା ବିଜୁଳି ଦେବ। ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଖର୍ଚ୍ଚ କରି ଛାତ ଉପରେ ସୋଲାର ପ୍ୟାନେଲ ବସାଇବାକୁ ପଡ଼ିବ। ତା'ପରେ ଆପଣ ସୂର୍ଯ୍ୟକିରଣରୁ ବିଜୁଳି ପାଇପାରିବେ। ଆପଣଙ୍କୁ ବିଜେପି ଦଳ ଦିନରେ ଲଣ୍ଠନ ଦେଖାଉଛି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ବାଲେଶ୍ୱର ନିର୍ବାଚନ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ ଯେ, ଆପଣଙ୍କ ବିଜେପି ଏମ୍‌ପି ଆପଣଙ୍କ ପାଇଁ କିଛି କରିଛନ୍ତି କି? ସମବେତ ଜନତାଙ୍କ ଉତ୍ତର ଆସିଥିଲା "ନା'।

ସଭାରେ ଶ୍ରୀ ପାଣ୍ଡିଆନ କହିଥିଲେ, ଆପଣଙ୍କ ଆଶୀର୍ବାଦ ଓ ସହଯୋଗରେ ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା ଗଠନ କରିବାକୁ ଯାଉଛନ୍ତି। ନୂଆ ଓଡ଼ିଶା ଗଠନରେ ବାଲେଶ୍ୱରର ବହୁତ ବଡ଼ ଅବଦାନ ରହିବ। ଆମ ଘୋଷଣାପତ୍ର ଅନୁଯାୟୀ ବାଲେଶ୍ୱର, ବାରିପଦାକୁ ନେଇ ଏକ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର କରାଯିବ। ବହୁତ ବଡ଼ ବଡ଼ ଇଣ୍ଡଷ୍ଟ୍ରି ଆସିବ, ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ରୋଜଗାର ବଢ଼ିବ। ଏହାପରେ ସେ ଲୋକଙ୍କୁ ପ୍ରଶ୍ନ କରିଥିଲେ ଯେ, ବାଲେଶ୍ୱରରେ ଫକୀରମୋହନ ମେଡିକାଲ କଲେଜ କିଏ କରିଛନ୍ତି ? ବିଭିନ୍ନ ମନ୍ଦିର, ମଠ ଓ ମସ୍‌ଜିଦ୍‌ର ବିକାଶ କିଏ କରିଛନ୍ତି? ଚାନ୍ଦିପୁର ଓ ଉଦୟପୁର ବେଳାଭୂମିର ବିକାଶ କିଏ କରିଛନ୍ତି? ଜନତାଙ୍କ ପାଖରୁ ସମସ୍ତ ପ୍ରଶ୍ନର ଗୋଟିଏ ଉତ୍ତର ଆସିଥିଲା ନବୀନ ପଟ୍ଟନାୟକ। ସେ ପୁଣି କହିଲେ ଯେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ଉନ୍ନତି ପାଇଁ ୨୪ ଘଣ୍ଟା କାମ କରୁଛନ୍ତି। ୫ ବର୍ଷରେ ଥରେ ଆପଣମାନଙ୍କ ପାଖକୁ ସୁଯୋଗ ଆସିଛି। ତାଙ୍କୁ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ। କର୍ମୀମାନଙ୍କୁ ଉତ୍ସାହିତ କରି ଶ୍ରୀ ପାଣ୍ଡିଆନ କହିଥିଲେ, ଜିଲ୍ଲା ପରିଷଦ ନିର୍ବାଚନ ଭଳି ଏଥର ମଧ୍ୟ ସମାନ ପରିଶ୍ରମ କରନ୍ତୁ। ନିର୍ବାଚନରେ ଆଉ କିଏ ଜିତିଲେ ଯୋଉ ସ୍ପିଡ୍‌ରେ କାମ ଚାଲିଛି ବନ୍ଦ ହୋଇଯିବ।

ବାଲେଶ୍ୱର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର କହିଲେ ଯେ, ଅନେକ ରାଜନୈତିକ ଦଳ ରାଜନୀତିରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କଥା କହିଥିଲେ। କିନ୍ତୁ ଏକମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ ଏହାକୁ କାମରେ କରି ଦେଖାଇଛି। ବାଲେଶ୍ୱରରେ ୩୩ ନୁହେଁ; ୫୦ ପ୍ରତିଶତ ସ୍ଥାନରେ ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ହିଁ ସୁଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମୁଁ ଚିର ଋଣୀ। ମୁଖ୍ୟମନ୍ତ୍ରୀଙ୍କ 'ରୂପାନ୍ତରଣ' ଲକ୍ଷ୍ୟକୁ ପୂରଣ କରିବା ପାଇଁ କାର୍ତ୍ତିକ ପାଣ୍ଡିଆନ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି, ବାଲେଶ୍ୱର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର, ଯାଜପୁର ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓ ସମସ୍ତ ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀମାନେ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ନିବେଦନ କରିଥିଲେ।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର...

ପ୍ରଶ୍ନ କରିଛନ୍ତି ଡ଼. ପଟ୍ଟନାୟକ। ସେ କହିଛନ୍ତି ଯେ ସମ୍ବଲପୁରରୁ ଧର୍ମେନ୍ଦ୍ର ବାବୁ ନିର୍ବାଚନ ଲଢୁଛନ୍ତି। ମାତ୍ର ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବାରେ ପଛଘୁଞ୍ଚା କାହିଁକି? ଗଙ୍ଗାଧର ମେହେର, ବୀର ସୁରେନ୍ଦ୍ର ସାଏ, ଭୀମ ଭୋଇଙ୍କ ନାମରେ ଜାତୀୟସ୍ତରରେ ଚେୟାର୍ ପ୍ରତିଷ୍ଠା କରୁନାହାନ୍ତି କାହିଁକି? ଓଡ଼ିଆ ଅସ୍ମିତା ଓ ସମ୍ବଲପୁରୀ ଅସ୍ମିତାକୁ ଗୋଇଠା ମାରି ଆସାମ ଅସ୍ମିତା ପାଇଁ କାହିଁକି ଦରଦ ଦେଖାଉଛନ୍ତି ଧର୍ମେନ୍ଦ୍ର ବାବୁ ବୋଲି ଡ଼ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

ସେ ପୁଣି କହିଛନ୍ତି ଯେ ୨୦୧୭ ମସିହାରେ ରାଜ୍ୟ ସରକାରଙ୍କ ସହାୟତାରେ ନୂଆଦିଲ୍ଲୀର ଜେଏନ୍‌ୟୁରେ ଆଦିକବି ସାରଳା ଦାସ ଚେୟାର ଫର ଓଡ଼ିଆ ଷ୍ଟଡିଜ୍ ଆରମ୍ଭ କରାଯାଇଥିଲା। ସେହିପରି ୨୦୨୪ ମସିହାରେ ଜବାହରଲାଲ ବିଶ୍ୱବିଦ୍ୟାଳୟରେ ବିଜୁ ପଟ୍ଟନାୟକ ସ୍ପେଶାଲ ସେଣ୍ଟର ଫର୍ ଓଡ଼ିଆ ଷ୍ଟଡିଜ୍ ନାମରେ ଏକ ଚେୟାର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସମ୍ବଲପୁରର କୋଶଳି ଭାଷା ଓ ଅନ୍ୟ ଜନଜାତି ଭାଷା ଯଥା ହୋ, ସଉରା, ମୁଣ୍ଡାରି, କୁଇ ଇତ୍ୟାଦି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ୨୦୧୫ରୁ ଚିଠି ଲେଖି ଆସୁଛନ୍ତି। ବିଜେଡି ସାଂସଦମାନେ ମଧ୍ୟ ସଂସଦରେ ଏହି ପ୍ରସଙ୍ଗ ବାରମ୍ବାର ଉଠାଇଛନ୍ତି; କିନ୍ତୁ କେନ୍ଦ୍ର ସରକାର ଶୁଣୁ ନାହାନ୍ତି। ଅପରପକ୍ଷେ ରାଜ୍ୟ ସରକାରଙ୍କ ଉଦ୍ୟମରେ ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି ଐତିହାସିକ ରେଭେନ୍ସା କଲେଜକୁ ଏକକ ୟୁନିଭରସିଟିରେ ରୂପାନ୍ତରଣ କରାଯାଇଛି।

ଡ଼. ପଟ୍ଟନାୟକ କହିଛନ୍ତି ଯେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଐତିହାସିକ ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟ ସ୍ଥାନରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଛନ୍ତି। ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍ଥ ସାଇନ୍ସ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ବୈଷୟିକ ଶିକ୍ଷାରେ ଉନ୍ନତି ପାଇଁ ରାଉରକେଲାରେ ବିପିୟୁଟି ଓ ଭୁବନେଶ୍ୱରରେ ଓୟୁଟିଆର ନାମରେ ଦୁଇଟି ୟୁନିଭରସିଟି ପ୍ରତିଷ୍ଠା କରାଯାଇଥିବା ବେଳେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ସଙ୍ଗେ ଭୁବନେଶ୍ୱରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ଖଲ୍ଲିକୋଟ, ବଲାଙ୍ଗୀର, କେନ୍ଦୁଝର, କଳାହାଣ୍ଡି, ଜୟପୁରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ୧୫୦୦ ଓଡ଼ିଆ ବିଦ୍ୟାଳୟରେ ପ୍ରଥମଥର ପାଇଁ ଓଡ଼ିଆ ଶିକ୍ଷକ ନିଯୁକ୍ତି ହେବା ନେଇ ବିଶ୍ୱ ଭାଷା ସମ୍ମିଳନୀ ଅବସରରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ଆନ୍ଧ୍ରପ୍ରଦେଶର ଆମ୍ବେଦକର ବିଶ୍ୱବିଦ୍ୟାଳୟରେ ମଧ୍ୟ ଓଡ଼ିଆ ଚେୟାର ପ୍ରତିଷ୍ଠା ନେଇ ବୁଝାମଣା ହୋଇଛି । ଧର୍ମେନ୍ଦ୍ର ବାବୁ ୧୦ ବର୍ଷ କେନ୍ଦ୍ରମନ୍ତ୍ରୀ ରହିଲେ, ଏବେ ଶିକ୍ଷାମନ୍ତ୍ରୀ ଅଛନ୍ତି। କିନ୍ତୁ ତାଙ୍କ ଉଦ୍ୟମରେ ଗୋଟିଏ ବି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ପ୍ରତିଷ୍ଠା ହୋଇପାରିଲା ନାହିଁ। ୨୦୦୯ରେ କଂଗ୍ରେସ ସରକାର ବେଳେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଥିଲା। ଶ୍ରୀ ପ୍ରଧାନ ଢେଙ୍କାନାଳରେ କିଛି ଦିନ ରାଜନୀତି କଲେ। ସେ ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟଟିଏ ପ୍ରତିଷ୍ଠା କରିପାରିଲେନି । ଉତ୍କଳ ୟୁନିଭରସିଟିକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କରିବେ ବୋଲି ପ୍ରତିଶ୍ରୁତି ଦେଇ କିପରି ଠକିଲେ ତାହା ପୂରା ରାଜ୍ୟବାସୀ ଦେଖିଲେ। ସମ୍ବଲପୁରୀ-କୋଶଳି ଓ ହୋ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦେବା ପ୍ରସଙ୍ଗରେ କେବେ ମୁହଁ ଖୋଲିଲେ ନାହିଁ। ମୁଖ୍ୟମନ୍ତ୍ରୀ ବାରମ୍ବାର ଚିଠି ଲେଖିବା ପରେ ବି ଶୁଣୁ ନାହାନ୍ତି। ବିଜେଡି ଦିଲ୍ଲୀରେ ଓଡ଼ିଆ ପାଠ୍ୟକ୍ରମ ପାଇଁ ଚେୟାର୍ ପ୍ରତିଷ୍ଠା କରୁଥିବାବେଳେ ଏ ବାବୁ ନିର୍ବାଚନ ପ୍ରଚାରରେ ଆସିଥିବା ଆସାମ ମୁଖ୍ୟମନ୍ତ୍ରୀଙ୍କୁ ଧରି ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆସାମର କବି ଲକ୍ଷ୍ମୀନାଥ ବେଜବରୁଆଙ୍କ ନାମରେ ଚେୟାର ପ୍ରତିଷ୍ଠା ପାଇଁ ମସୁଧା କରୁଛନ୍ତି । ବେଜବରୁଆଙ୍କ ପ୍ରତି ଆମର ସମ୍ମାନ ରହିଛି । କିନ୍ତୁ ଧର୍ମେନ୍ଦ୍ର ବାବୁଙ୍କୁ ଆମର ପ୍ରଶ୍ନ ଯେ ସେ ଆସାମରେ ଓଡ଼ିଆ ଲେଖକଙ୍କ ନାମରେ କେତୋଟି ଅନୁଷ୍ଠାନ କରିଛନ୍ତି? ଓଡ଼ିଆ ଅସ୍ମିତା ଓ ସମ୍ବଲପୁରୀ ଅସ୍ମିତାକୁ ଗୋଇଠା ମାରି ଆସାମ ଅସ୍ମିତା ପାଇଁ କାହିଁକି ଦରଦ ଦେଖାଉଛନ୍ତି ଧର୍ମେନ୍ଦ୍ର ବାବୁ ବୋଲି ଡ଼ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟସଭା ସାଂସଦ ତଥା ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

### ୨୭ରେ ମାଟ୍ରିକ୍...

ଅପରାହ୍ଣ ୪ଟା ପରଠାରୁ ଡାଉନଲୋଡ୍ କରିପାରିବେ। ସେହିପରି ଖାତା ରିଚେକିଂ ପାଇଁ ପରୀକ୍ଷାର୍ଥୀମାନେ ଆସନ୍ତା ମେ' ୨୯ରୁ ଜୁନ୍ ୧୨ ମଧ୍ୟରେ ଆବେଦନ କରିପାରିବେ।

ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତା ୨୬ ତାରିଖ ଅପରାହ୍ଣ ୩ଟାରେ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ବୋର୍ଡ ୱେବ୍‌ସାଇଟ୍ www.orissaresults.nic.in ରେ ପରୀକ୍ଷାଫଳ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଇ-ସ୍ପେସ୍ ଏବଂ ଡିଜିଲକର୍ ମାଧ୍ୟମରେ ମଧ୍ୟ ସେମାନଙ୍କ ଫଳାଫଳ ଦେଖିପାରିବେ। ଚଳିତବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ।

# ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କରିଛନ୍ତି ରାଜନୈତିକ ଦଳ

**ଭୁବନେଶ୍ୱର, ୨୪।୫(ସମିସ):** ପୂରା ଦେଶରେ ଗଣତନ୍ତ୍ରର ମହାପର୍ବ ଜାରି ରହିଛି। ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟ ମତଦାନକୁ ଆଉ ମାତ୍ର ତିନି ଦିନ ବାକିଥିବାବେଳେ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଶେଷ ପର୍ଯ୍ୟାୟ ପାଇଁ ୧୦ ଦିନ ସମୟ ରହିଛି। ପୂର୍ବରୁ ନେତା, ଦଳୀୟ କର୍ମୀମାନେ ଗାଁ ଗାଁ ବୁଲି ଗ୍ରାଉଣ୍ଡ ଜିରୋରେ ପ୍ରଚାର କରୁଥିଲେ। ଲୋକଙ୍କ ମନ କିଣିବାକୁ ମିଠା ମିଠା ପ୍ରତିଶ୍ରୁତିମାନ ଲଦି ଦେଉଥିଲେ। ମାତ୍ର ଏଥର ପ୍ରଚାର ତରିକା ବଦଳିଛି। ରାଜ୍ୟର ତିନି ପ୍ରମୁଖ ଦଳ ପ୍ରଚାର ପାଇଁ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କରିଛନ୍ତି। ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍ ରହୁଥିବାରୁ ସ୍ମାର୍ଟ ଫୋନ୍ ଜରିଆରେ ଲୋକଙ୍କୁ ଆକର୍ଷିତ କରିବା ଉପରେ ସବୁ ଦଳ ଗୁରୁତ୍ୱ ଦେଉଛନ୍ତି। ବିଜେଡି ଓ ବିଜେପି ଏଥିରେ ଆଗରେ ଥିବାବେଳେ କଂଗ୍ରେସ ଟିକେ ପଛେଇ ଯାଇଛି, କିନ୍ତୁ ଦୌଡ଼ରୁ ବାଦ ପଡ଼ିନି।



ସ୍ମାର୍ଟଫୋନ୍‌ରେ ଧୂଆଁଧାର ପ୍ରଚାର
ଖର୍ଚ୍ଚ ହେଉଛି ଶହ ଶହ କୋଟି
ଘର ଭଡ଼ା ନେଇ ଡେରା ପକାଇଛନ୍ତି କର୍ମଚାରୀ

ପାରମ୍ପରିକ ଢଙ୍ଗରେ ନେତାମାନେ ଗାଁକୁ ଗାଁ ଘରକୁ ଘର ଯାଇ ନିଜର ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଚଳିତବର୍ଷ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚିବାକୁ ସାମାଜିକ ଗଣମାଧ୍ୟମକୁ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିଛନ୍ତି। ବର୍ତ୍ତମାନ ସମୟରେ ପିଲାଠାରୁ ବୟସ୍କ, ଅଧିକାଂଶ ଲୋକଙ୍କ ହାତର ସ୍ମାର୍ଟଫୋନ୍ ରହିଛି। ଏଥିରେ ୟୁଟ୍ୟୁବ୍, ଫେସବୁକ୍, ଇନଷ୍ଟାଗ୍ରାମ୍ ଖୋଲୁଖୋଲୁ ରାଜନୈତିକ ବିଜ୍ଞାପନ ଦେଖିବାକୁ ମିଳୁଛି। ସାମାଜିକ ଗଣମାଧ୍ୟମର ପ୍ରଭାବ ସାଧାରଣ ଲୋକଙ୍କ ନିକଟରେ ଅଧିକ ରହୁଛି। ସେହି କାରଣରୁ ନେତାମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି। ରାଜ୍ୟର କୋଣ ଅନୁକୋଣରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ସାମାଜିକ ଗଣମାଧ୍ୟମରେ ନିଜ ପାଇଁ ପ୍ରଚାର ଯେତିକି କରାଯାଉଛି, ତା ଠାରୁ ଅଧିକ ଆରୋପ ଓ ଆକ୍ଷେପ କରାଯାଇ ପୋଷ୍ଟ କରାଯାଉଛି। ପୋଷ୍ଟର୍ ଓ ବ୍ୟାନର୍ ଠାରୁ ସାମାଜିକ ଗଣମାଧ୍ୟମରେ ଅଧିକ ଟଙ୍କା ରାଜନୈତିକ ଦଳଗୁଡ଼ିକ ଖର୍ଚ୍ଚ କରୁଛନ୍ତି।

ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ରାଜ୍ୟରେ ସାମାଜିକ ଗଣମାଧ୍ୟମରେ ପ୍ରଚାର ପାଇଁ ବିଭିନ୍ନ ଦଳଗୁଡ଼ିକ ପକ୍ଷରୁ ପାଖାପାଖି ୭ଶହରୁ ୮ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବିଭିନ୍ନ ସହରରେ ଶହ ଶହ ଲୋକ ଘରଭଡ଼ା ନେଇ ଡେରା ପକାଇ ପ୍ରାର୍ଥୀମାନଙ୍କ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲ୍ ପରିଚାଳନା କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯିବା ପରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବୁଷ୍ଟ କରାଯାଉଛି। ତା'ର ସଫଳତା ମଧ୍ୟ ଦଳଗୁଡ଼ିକୁ ମିଳୁଛି। ତା' ସହିତ ଅଞ୍ଚଳର ଲୋକପ୍ରିୟ ୟୁଟ୍ୟୁବ୍ ଚ୍ୟାନେଲ୍ ଓ ପେଜଗୁଡ଼ିକୁ ମଧ୍ୟ ରାଜନୈତିକ ଦଳଗୁଡ଼ିକ ବ୍ୟବହାର କରୁଛନ୍ତି। ପ୍ରାୟ ସବୁ ଦଳର ପ୍ରାୟ ସାମାଜିକ ଗଣମାଧ୍ୟମରେ ପେଜ୍ ରହିଛି। ତା' ସହିତ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ମଧ୍ୟ ପ୍ରଚାର ଚାଲିଛି।

**ସିମୁଳିଆରେ ବଦଳିଲା ରାଜନୈତିକ ସମୀକରଣ**

# ବିରୋଧୀଙ୍କୁ ଭାରିପଡ଼ିବ ବିଜେଡିର ଜ୍ୟୋତି-ଶଶି ଯୋଡ଼ି!

**ବାଲେଶ୍ୱର, ୨୪।୫(ସମିସ):** ଖଇରା ଓ ସମୁଳିଆ ବ୍ଲକ୍‌କୁ ନେଇ ଗଠିତ ବାଲେଶ୍ୱର ଜିଲ୍ଲା ତଥା ଭଦ୍ରକ ଲୋକସଭା କ୍ଷେତ୍ରର ଅନ୍ୟତମ ପ୍ରମୁଖ ନିର୍ବାଚନ ମଣ୍ଡଳୀ ସିମୁଳିଆରେ ବିଜେଡି ମହିଳା ପ୍ରାର୍ଥୀ ସୁବାସିନୀ ସାହୁଙ୍କୁ ମଇଦାନକୁ ଓହ୍ଲାଇଛି। ଜଣେ ନବାଗତା ପ୍ରାର୍ଥିନୀ ସୁବାସିନୀଙ୍କୁ ଟକ୍କର୍ ଦେଉଛନ୍ତି ପୁରୁଖା ନେତା ତଥା ବିଜେପି ପ୍ରାର୍ଥୀ ପୂର୍ବତନ ବିଧାୟକ ପଦ୍ମଲୋଚନ ପଣ୍ଡା। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରାଙ୍କ ଖଇରା ବ୍ଲକ୍‌ରେ ସଂଗଠନ ରହିଥିବାରୁ ଏହି ଆସନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।





ଜନତା ଦଳ ଅମଳରୁ ବିଜୁ ଜନତା ଦଳ ପର୍ଯ୍ୟନ୍ତ ଏହି ଆସନରେ ପର୍ଶୁରାମ ପାଣିଗ୍ରାହୀ ଏବଂ ପରବର୍ତ୍ତୀ ସମୟରେ ତାଙ୍କ ପୁଅ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଜିତି ଆସୁଥିଲେ। ତେବେ ଚଳିତ ନିର୍ବାଚନରେ ବିଜେଡି ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇ ଏହି ଆସନରେ ଲଢ଼େଇକୁ ରୋଚକପୂର୍ଣ୍ଣ କରିଛି। ନୂଆ ମୁହଁ ଭାବେ ସୁବାସିନୀଙ୍କୁ ମହିଳା ଭୋଟରଙ୍କ ସମର୍ଥନ ମିଳୁଥିବା ବେଳେ ଅନ୍ୟ ଦଳରୁ ବହୁ କର୍ମକର୍ତ୍ତା ବିଜେଡିମୁହାଁ ହେବା ସୁବାସିନୀଙ୍କ ପଥକୁ ସୁଗମ କରିଛି। ଖଇରା ବ୍ଲକ୍ ଅଧ୍ୟକ୍ଷାଙ୍କ ସମେତ ନିର୍ବାଚିତ ବହୁ ପଞ୍ଚାୟତ ପ୍ରତିନିଧି ଏବେ ସୁବାସିନୀଙ୍କ ସହ ଯୋଡ଼ି ହୋଇଛନ୍ତି। ହେଲେ ସୁବାସିନୀଙ୍କ ପଛରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ନ ବାହାରିବା ବିଜେଡି କର୍ମୀଙ୍କୁ ଏକପ୍ରକାର ଚିନ୍ତାରେ ପକାଇଥିଲା। ଏବେ କିନ୍ତୁ ସେ ଚିନ୍ତା ଦୂର ହୋଇଛି।

ଜ୍ୟୋତିଙ୍କୁ ସିମୁଳିଆରୁ ଟିକଟ୍ ନ ମିଳିବାରୁ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ନହୋଇ ଚୁପ୍ ରହିବା ଏବଂ ପରବର୍ତ୍ତୀ ସମୟରେ ବିଜେଡିରୁ ଇସ୍ତଫା ଦେବା ଘଟଣା ଚର୍ଚ୍ଚା ହେବା ପରେ ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମାଷ୍ଟରଷ୍ଟ୍ରୋକ୍ ଖେଳିଥିଲେ। ଜ୍ୟୋତିଙ୍କ ମାନଭଞ୍ଜନ କରିବା ସହ ତାଙ୍କୁ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ପଦ ଦିଆଯିବା ପରେ ଏଠାରେ ବିଜେଡିର ରାଜନୈତିକ ସମୀକରଣରେ ବଡ଼ ପରିବର୍ତ୍ତନ ହୋଇଛି। ଜ୍ୟୋତି ପୂରା ଆକ୍ସନ ମୋଡ୍‌କୁ ଆସିଛନ୍ତି। ବିଶେଷକରି ସିମୁଳିଆ ନିର୍ବାଚନରେ ବିଜେଡିର ଶକ୍ତିବୃଦ୍ଧି ପାଇଁ ଶଶି କୁମାର ସାହୁଙ୍କ ସହ ହାତ ମିଳାଇ ବିଜେଡି ପ୍ରାର୍ଥୀ ସୁବାସିନୀ ସାହୁଙ୍କ ପାଇଁ ନିର୍ବାଚନୀ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଉଭୟ ଟାଣୁଆ ନେତା ସିମୁଳିଆ ବିଧାୟିକା ପ୍ରାର୍ଥିନୀ ସୁବାସିନୀଙ୍କ ପ୍ରଚାର ପାଇଁ ମଇଦାନରେ ମଧ୍ୟ ଯୋଡ଼ି ହୋଇଛନ୍ତି। ଏହା ବିଜେଡି କର୍ମୀ ତଥା ସାଧାରଣ ଭୋଟରଙ୍କ ମଧ୍ୟରେ ସକାରାତ୍ମକ ବାର୍ତ୍ତା ଦେଉଛି।

ସୂଚନାଯୋଗ୍ୟ, ସିମୁଳିଆର ପୂର୍ବତନ ବିଧାୟକ ପଦ୍ମଲୋଚନ ପଣ୍ଡା କଂଗ୍ରେସରୁ ତିନିଥର ବିଧାୟକ ଭାବେ ଜିତିବା ପରେ ୨୦୧୯ରେ ବିଜେପିରେ ଯୋଗଦେଇ ପ୍ରାର୍ଥୀ ହୋଇଥିଲେ। ସିମୁଳିଆ ଆସନରେ ପୁରୁଖା ବିଜେଡି ନେତା ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀଙ୍କ ପରେ ଜ୍ୟୋତିପ୍ରକାଶ ଗତ ୨୦୧୪ ଓ ୨୦୧୯ରେ ବିଜେଡିରୁ ଜିତି ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ବିଜେଡିର ଟାଣୁଆ ନେତା ଶଶି କୁମାର ସାହୁଙ୍କ ପତ୍ନୀ ସୁବାସିନୀଙ୍କୁ ସିମୁଳିଆ ପ୍ରାର୍ଥୀ ଘୋଷଣା ପରେ ନିର୍ବାଚନମଣ୍ଡଳୀରେ ରାଜନୈତିକ ସମୀକରଣ ପରିବର୍ତ୍ତନ ହୋଇଥିଲା। ଏବେ ଶଶି ଓ ଜ୍ୟୋତିଙ୍କ ଯୋଡ଼ି ବିଜେଡିକୁ ଅଧିକ ଫାଇଦା ପହଞ୍ଚାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ଫାଇନାନ୍ସ କମ୍ପାନୀର ୪ ଲକ୍ଷ ୨୯ ହଜାର ଟଙ୍କା ହଡ଼ପ: ୨ ଗିରଫ

**ଖଲ୍ଲିକୋଟ,୨୪।୫ (ସମିସ):** ଏକ ଫାଇନାନ୍ସ କମ୍ପାନୀର ୪ ଲକ୍ଷରୁ ଅଧିକ ଟଙ୍କା ଠକେଇ କରି ସାଙ୍ଗ ସହ ଫାଇନାନ୍ସ କର୍ମଚାରୀ ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଖଲ୍ଲିକୋଟ ଥାନା ଭେଜିପୁଟ କାଳିଯାଇ ଷ୍ଟେସନ ରୋଡ଼ରେ ଥିବା ଫ୍ୟୁଜନ ଫାଇନାନ୍ସ କମ୍ପାନୀରୁ ୪ ଲକ୍ଷ ୨୯ ହଜାର ଟଙ୍କା ହଡ଼ପ ହୋଇଥିବା ନେଇ ଏରିଆ ମ୍ୟାନେଜର ସୁଶାନ୍ତ କୁମାର ସାହୁ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଖଲ୍ଲିକୋଟ ଥାନା ପୁଲିସ କେଶ୍ ନମ୍ବର ୪୨୫/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏଥିପାଇଁ ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଓ କନେଷ୍ଟବଳ ଧର୍ମରାଜ ଡୁଙ୍ଗଡୁଙ୍ଗଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ଠକେଇରେ ଫାଇନାନ୍ସ କର୍ମଚାରୀ ପ୍ରତାପ କୁମାର ଦତ୍ତ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ସ୍ୱତନ୍ତ୍ର ଟିମ୍ ଆଜି ପୁରୀରୁ ପ୍ରତାପଙ୍କୁ ଗିରଫ କରିଥିଲେ। ପ୍ରତାପଙ୍କୁ ପଚରାଉଚରା ପରେ ସାଙ୍ଗ ହୃଦାନନ୍ଦ ସାହୁଙ୍କୁ ନୟାଗଡ଼ରୁ ଗିରଫ କରିଥିଲେ। ଦୁଇ ସାଙ୍ଗ ମିଶି ସବୁ ଟଙ୍କା ଅନ୍‌ଲାଇନ ଗେମ୍‌ରେ ଖେଳି ଦେଇଥିବା ଜଣାପଡ଼ିଛି। ଗିରଫ ଫାଇନାନ୍ସ କର୍ମଚାରୀ ପ୍ରତାପଙ୍କ ଘର ଖୋର୍ଦ୍ଧା ଜିଲ୍ଲା ଶଗଡ଼ଭଙ୍ଗା ନନ୍ଦପୁର ପାଟଣାରେ ହୋଇଥିବା ବେଳେ ତାଙ୍କ ସାଙ୍ଗ ହୃଦାନନ୍ଦଙ୍କ ଘର ଓଡଗାଁ ଥାନା କ୍ରୁମ ବାଙ୍କାତାରା ଗ୍ରାମରେ ବୋଲି ପୋଲିସ ସୂଚନା ଦେଇଛି।

ଅନ୍‌ଲାଇନ୍ ଗେମ୍‌ରେ ଖେଳିଦେଲେ ଟଙ୍କା
ଗିରଫଙ୍କ ମଧ୍ୟରେ ଜଣେ ଫାଇନାନ୍ସ କର୍ମଚାରୀ



**AFFIDAVIT**

By virtue of an affidavit (No.CF-44, Dt: 01/05/2024) before the Executive Magistrate, Bhubaneswar. I have changed my name from **Rima Dhawan To Reema Diddee.** Henceforth, I shall be known as **REEMA DIDDEE**, D/o- Late Madhusudan Lal Diddee resident of Flat No-401, 4th Floor, A-One Mansion, Plot No. 129, K-3A Kalinga Nagar, Po-Ghatikia, Ps-Khandagiri, Bhubaneswar, Dist-Khorda, Odisha for all future purposes.

**DISTRICT PROJECT OFFICE**
**SAMAGRA SHIKSHA, SUNDARGARH, ODISHA**
In front of B.S. High School, At/Po/Dist.- Sundargarh, Pin-770001
Email: dpcsndgssa.opepa@nic.in / Phone No.- 06622-273718
No: 1221/GE Date: 22.05.2024

**EXPRESSION OF INTEREST (EoI) IS INVITED FOR PROCUREMENT AND SUPPLY OF SCHOOL UNIFORM FOR CLASS 9th & 10th FROM MSE (MANUFACTURING UNITs) / WSHGs UNITs OF SUNDARGARH DISTRICT**

Interested MSE Manufacturing units / WSHGs units having willingness and aptitude for providing school uniforms to schools are invited to submit their proposal before the concerned Block Education Officer in the prescribed format within 15 (fifteen) days of this advertisement i.e, on or before **09.06.2024.** The detailed term and conditions for supply of uniform can be downloaded from the district official website **https://sundargarh.odisha.gov.in.**

**Sd/- DEO-cum-DPC, SS**
**Sundargarh**

# ଧ୍ରୁବ, ଅଂଶୁମାନଙ୍କ ପାଇଁ ପ୍ରଚାର କଲେ ଏଲିନା



ରାଜନଗର,୨୪।୫(ସମିସ): ଚଳିତ ସାଧାରଣ ନିର୍ବାଚନ ପାଇଁ ରାଜନଗର ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଉଷ୍ମତା ଧିରେ ଧିରେ ବଢିବାରେ ଲାଗିଛି। ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ବିଭିନ୍ନ ଦଳର ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର ଜୋରଦାର କରିଛନ୍ତି। ଆଜି ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ କେନ୍ଦ୍ରାପଡା ସଂସାଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ପାଇଁ ଅଭିନେତ୍ରୀ ଏଲିନା ଦାଶ ପ୍ରଚାରର ମଙ୍ଗ ଧରିଛନ୍ତି। ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତର ରିଘାଗଡ, ଇଶ୍ୱରପୁର, ଦିଘି, ଜମ୍ବୁସାଗର, ମଧୁପୁର, ତଅଁଳାକୋଲ୍ଲା, ଶିଳପୋଖରୀ, ନୂଆଖୁଣ୍ଟା, ବଳଭଦ୍ରପୁର, ଜୁନୁସନଗର ପ୍ରଭୃତି ଗ୍ରାମ ଗୁଡିକ ବୁଲିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଏବଂ ତାଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଘରକୁ ଘର ବୁଲି ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀରଞ୍ଜିତା ସ୍ୱାଇଁ, ସରପଞ୍ଚ ସୁରେଖା ପ୍ରଧାନ, ଶଶିକଳା ବେହେରା, ଘଡିଆମାଳ ସମିତିସଭ୍ୟା ରୁଚିସ୍ମିତା ନାୟକ, ଶୁଭ୍ରକାନ୍ତ ଭ୍ରମରରାୟ, ମୋହନ ଚନ୍ଦ୍ର ବିଶ୍ୱାଳ, ବସନ୍ତ ବେହେରା, ହୃଷୀକେଶ ପ୍ରଧାନ, ମଧୁସୂଦନ ଜେନା, ରୁଦ୍ର ନାରାୟଣ ପ୍ରଧାନ, ଗଦାଧର ମହାନ୍ତି, ସନାତନ ଲେଙ୍କା, ଭରତ ଚନ୍ଦ୍ର ଦାସ, ରମାକାନ୍ତ ଭ୍ରମରରାୟ, କଳ୍ପତରୁ ବେହେରା, ଦିପ୍ତିମୟୀ ଦାସ, ଶ୍ରୀଚରଣ ମହାନ୍ତି, ହୃଷୀକେଶ ବେହେରା, ଅଭିମନ୍ୟୁ ମୁଦୁଲି, ମୋହନ ସେଠୀ, ନୀଳମାଧବ ଜେନା, ହେମନ୍ତ ମହାରଣା, ରଶ୍ମୀ ରଞ୍ଜନ ମହାରଣା, ଗଦାଧର ମହଲ, ସୁବାସ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ଧୋୟା ଅଞ୍ଚଳରେ ବିଜେଡିର ବିଶାଳ ରାଲି

ସିଂହପୁର,୨୪।୫(ସମିସ): ଆଳି ବ୍ଲକ ଅନ୍ତର୍ଗତ ଧୋୟା ଅଞ୍ଚଳରେ ବିଜେଡି ଦଳ ପକ୍ଷରୁ ଆଜି ବିଶାଳ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଆଳିରୁ ଧୋୟାର ପ୍ରବେଶ ପଥ ମାନପୁର୍ ଗ୍ରାମରୁ ରାଲି ବାହାରି ସମସ୍ତ ପଞ୍ଚାୟତ ପରିକ୍ରମା କରିଥିଲା। ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ, ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ସରକାରଙ୍କ ବିଭିନ୍ନ ସଫଳତା ବଖାଣିବା ସହ ବିକାଶର ରଥ ଆଗକୁ ନେବାକୁ ଯୋଡି ଶଙ୍ଖରେ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ପରେ ରାଲି ଆରମ୍ଭ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ବ୍ଲକ ସଭାପତି ସନାତନ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଯଶୋବନ୍ତ ନାୟକ, ନିଖିଳ ସାମଲ, ଅଧର ସାମଲ, ସୁରେଶ ଚନ୍ଦ୍ର ଜେନା, ସୁଦର୍ଶନ ସାମଲ, ନନ୍ଦକିଶୋର ଦାସ, ମନୋଜ ଦାସ, କୈଳାସ ବେହୁରିଆ, ଜ୍ୟୋତିରଞ୍ଜନ ସାମଲ, ପୁରୁଷୋତ୍ତମ ପଲାଇ, ସଂଶିଦା ସରପଞ୍ଚ ଦୀପକ ଭୂୟାଁଙ୍କ ସମେତ ବହୁ ବିଜେଡି ସମର୍ଥକ ସାମିଲ ହୋଇଥିଲେ।



## ବିଜେଡିର କର୍ମୀ ସମ୍ମିଳନୀ

ମାର୍ଶାଘାଇ,୨୪।୫(ସମିସ): ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ ରାଘଵପୁର ଇଶାନେଶ୍ୱର ଶୈବ ପୀଠ ପ୍ରାଙ୍ଗଣରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସୁଖଦୁଃଖରେ ଆପଣଙ୍କ ନିକଟରେ ଛିଡ଼ା ହୋଇ ନ ଥିବା ନେତାଙ୍କୁ ପ୍ରତ୍ୟାଖାନ କରିବାକୁ ଆହ୍ୱାନ ଦେଇଥିଲେ। ଭୋଟ ସମୟରେ ବିଜେପି ପ୍ରାର୍ଥୀ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇବାକୁ ଚାଲିଆସୁଛନ୍ତି । କୋରନା ହେଉ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଜେପି ପ୍ରାର୍ଥୀ କେଉଁଠି ଥିଲେ ବୋଲି ପ୍ରଶ୍ନ କରିଛନ୍ତି। ଆପଣଙ୍କ ସହିତ ସବୁ ସମୟରେ ପରିବାର ସଦସ୍ୟ ଭାବେ ଛିଡ଼ା ହୋଇଆସିଛି। ଚଳିତ ନିର୍ବାଚନରେ ଆଖୁଆଦକ୍ଷିଣୀ ଓ ରାଘବପୁର ପଞ୍ଚାୟତବାସୀ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ। ଇଶାନେଶ୍ୱର ପୀଠରୁ ରାଘପୁର ପଞ୍ଚାୟତ ବିକାଶ ଓ ବଞ୍ଚିତ ହିତାଧିକାରୀଙ୍କୁ ଖାଉଟି କାର୍ଡ ଓ ଆବାସ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓମ୍ଫେଡ୍ ଚେୟାରମ୍ୟାନ କିଶୋର ଚନ୍ଦ୍ର ପ୍ରଧାନ ଯୋଗଦେଇ ମନ୍ତ୍ରୀ ଅତନୁବାବୁଙ୍କୁ ବହୁ ଭୋଟ ବ୍ୟବଧାନରେ ଜିତାଇବାକୁ ଆହ୍ୱାନ ଦେଇଥିଲେ। ପ୍ରଫୁଲ୍ଲ ଦାସଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ଜିଲ୍ଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡା, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଅର୍ଜୁନୀ ଲେଙ୍କା, ପୂର୍ବତନ ସରପଞ୍ଚ ନିରଞ୍ଜନ ସାହୁ, ସମିତି ସଭ୍ୟ ରମେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ବହୁ ବିଜେପି କର୍ମୀ ଅତନୁଙ୍କ ଦୃଢ଼ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାରେ ପ୍ରଭାବିତ ହୋଇ ବିଜେଡିରେ ସାମିଲ ହୋଇଥିଲେ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ



ଗରଦପୁର,୨୪।୫(ସମିସ): ଗରଦପୁର ବ୍ଲକ୍ ତଳକୁସୁମା ପଞ୍ଚାୟତର ବଙ୍ଗାରୀସ୍ଥ ପର୍ଯ୍ୟଟନ ସ୍ଥଳୀ ଅନ୍ଧବର ପୀଠରେ ରଜ ମହୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ବଳଦେବଜୀଉ ଓଡ଼ିଆ ଭାଷା ସାହିତ୍ୟ ମଞ୍ଚ, ଅନ୍ଧବର ସାଂସ୍କୃତିକ ପରିଷଦ ଓ ସ୍ୱର୍ଣ୍ଣମୟୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଡ. ଲିଙ୍ଗରାଜ ଶତପଥୀ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଗରଦପୁର ବ୍ଲକର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ପ୍ରଥମ ୧୦ ଜଣ ବିଦ୍ୟାର୍ଥୀ, କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ, ୪ ଜଣ ବିଶିଷ୍ଟ କବି, ଓଡ଼ିଆ ଭାଷା ସାହିତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନୃତ୍ୟ, ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରଜ ସଂକ୍ରାନ୍ତି ଦିନ ଅନ୍ଧବର ପୀଠରେ ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଶ୍ରୀଶ୍ରୀ ବଳଦେବଜୀଉ ଓଡ଼ିଆ ଭାଷା ସାହିତ୍ୟ ମଞ୍ଚର ସଭାପତି ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତି, ମୁଖ୍ୟ ଉପଦେଷ୍ଟା ଶ୍ରୀକାନ୍ତ ନାୟକ, ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, କୋଷାଧ୍ୟକ୍ଷ ସାରଦା ପ୍ରସାଦ ଶତପଥୀ, ସୁକାନ୍ତ ବେହେରା, ଗୋଲକ ବିହାରୀ ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଜ୍ୟୋତିଷ ଚନ୍ଦ୍ର ପରିଜା, ନବୀନ ଚନ୍ଦ୍ର ନାୟକ, ନାରାୟଣ ନନ୍ଦ, ପରିତୋଷାନନ୍ଦ ମହାପାତ୍ର, ଜଳିପ୍ରଭା ସ୍ୱାଇଁ, ବାବା ଚନ୍ଦ୍ରମଣି କର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନଳୀପୁର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା

କୁଜଙ୍ଗ,୨୪।୫(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁର ପଞ୍ଚାୟତରେ ପାନୀୟଜଳ ସମସ୍ୟା ଦେଖାଦେଇଛି। ଏଠାରେ ସ୍ଥାୟୀ ପ୍ରତିକାର କରାଯାଇନାହିଁ। ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଣ ହେଉଛି। ଯାହା ପର୍ଯ୍ୟାପ୍ତ ହେଉନି। ଫଳରେ ୮ଟି ୱାଡର୍‌ର ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ନାନା ସମସ୍ୟା ଭୋଗ କରୁଛନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନଙ୍କ ଅଭିଯୋଗ ମୁତାବକ ନଳୀପୁର ପଞ୍ଚାୟତର ୫୩ନଂ ଜାତୀୟ ରାଜପଥଠାରୁ ପଟ୍ଟାମୁଣ୍ଡାଇ କେନାଲ ଚାରିନଙ୍ଗଳର ମଧ୍ୟଭାଗରେ ବସବାସ କରୁଥିବା ନଳୀପୁର ପଞ୍ଚାୟତ ଓ ଚାରିନଙ୍ଗଳ ପଞ୍ଚାୟତର ହଜାର ହଜାର ଜନସାଧାରଣ ପାନୀୟଜଳ ସମସ୍ୟା ସାଙ୍ଗକୁ ଡ୍ରେନେଜ୍ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଏଥିପାଇଁ ସେମାନେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନାହିଁ। ନସିମୁଦ୍ଦିନ ଖାଁ (କାଲୋ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେକ୍ ନୁରୁଜ ଜମା, ଜାହିର ଖାଁ, ସବନମ ପରବିନ, ଆଲିମ ଖାଁ, ସେକ୍ ଅବୁତାହେର, ସେକ୍ ଅୟାସୁଦ୍ଦିନ, ସେକ୍ ଅବଦୁଲ ରନକ, ସେକ୍ ମଞ୍ଜୁର ଅଲ୍ଲୀ, ସରାଜୁଦ୍ଦିନ ଖାଁ, ଆଲେମା ଖାତୁନ୍ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଅଭିଯୋଗ ଆଣି ଏହାର ସ୍ଥାୟୀ ସମାଧାନ ପାଇଁ ଦାବି କରିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଶାସନ ପକ୍ଷରୁ ଯଦି ସମସ୍ୟା ସମାଧାନର ପ୍ରତିଶ୍ରୁତି ନ ମିଳେ, ତେବେ ଚଳିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସାଙ୍ଗକୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ



ଜଗତସିଂହପୁର,୨୪।୫(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ମୂଳିସିଂହ ଠାରେ ଥିବା ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲଠାରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସନ୍ଥ କବି ଭୀମ ଭୋଇଙ୍କ ୧୭୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆ.ର୍ଯ୍ୟ ଅଧ୍ୟକ୍ଷତା କରି ସନ୍ଥ କବି ଭୀମ ଭୋଇ ନିଜ ଜୀବନର ସ୍ୱଳ୍ପ ସମୟ ମଧ୍ୟରେ ୧୩୨ ଖଣ୍ଡ ପୁସ୍ତକ ସମେତ ହଜାର ହଜାର ଭଜନ , ଜଣାଣ, ଚଉତିଶା, ଚଉପଦୀ ଓ ଲୋକଗୀତ ଲେଖି ଓଡିଆ ସାହିତ୍ୟରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଛାଡି ଯାଇଛନ୍ତି ବୋଲି କହିଥିଲେ। ମୁଖ୍ୟ ଆଲୋଚକ ଭାବେ ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ଗୁଇଁ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ଭୀମ ଭୋଇଙ୍କ ସାହିତ୍ୟ କୃତି ମଧ୍ୟରେ ଶ୍ରୀ ଶ୍ରୀ ନିର୍ବେଦ ସାଧନ, ଆଦିଅନ୍ତ ଗୀତା, ବ୍ରହ୍ମ ନିରୂପଣ, ଅଷ୍ଟକ ବିହାରୀ ଗୀତା ଓ ସ୍ତୁତି ଚିନ୍ତାମଣି ଆଦି ଉଲ୍ଲେଖ ଯୋଗ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମହାରଣା, ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ, ବିନତୀ ସାହୁ, ସଞ୍ଜାସଂଜିବନୀ, ସାହିସ୍ତା ପରୱିନ, ଶିକ୍ଷକ ଅଶୋକ କୁମାର ବେହେରା ଓ ମହେଶ ଚନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବିକ୍ରମ ଜେନା ଧନ୍ୟବାଦ ଦେଇଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କୟାଁଗୋଲା, ୨୪।୫(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତର ନାରୀଗାଁସ୍ଥ ମଠ ପଡ଼ିଆରେ ମିଶନ ଅଫ୍ ଆମ୍ବେଦକର ପରିଷଦ ପକ୍ଷରୁ ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ ସହ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ମୁଖ୍ୟବକ୍ତା ଭାବେ ଦଳିତ ସାହିତ୍ୟ ଲେଖକ ତଥା ସମାଜସେବୀ ଅଭିରାମ ମଲିକ, ଅନ୍ୟତମ ବକ୍ତା ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଡ. ପ୍ରମୋଦ କୁମାର ମଲ୍ଲିକ, ବିଞ୍ଝାରପୁର ଆମ୍ବେଦକର ଉନ୍ନୟନ ପରିଷଦର ସଭାପତି ରମେଶ କୁମାର ଯେନା ଯୋଗଦାନ କରିଥିଲେ। ବିଶାଳ ବାଇକ୍ ଶୋଭାଯାତ୍ରାରେ ମୁଖ୍ୟଅତିଥିଙ୍କୁ ନାରୀଗାଁ ମଠ ପଡ଼ିଆରେ ନିର୍ମିତ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ। ଦେବେନ୍ଦ୍ର କୁମାର ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଜୟ କୁମାର ମଲିକ, ବିଶ୍ୱନାଥ ମଲିକ, ଅଭିରାମ ମଲିକ, ବିରିପଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋରଞ୍ଜନ ଦାସ ଓ ଚିତ୍ତରଞ୍ଜନ ନାୟକଙ୍କ ସହ ନାରୀଗାଁ ଓ ଜାଫରପୁର ଗ୍ରାମର ଗ୍ରାମବାସୀ ଯୋଗ ଦେଇଥିଲେ। ଅଲେଖ ମହିମା ଧର୍ମର ରୀତିନୀତି ଅନୁଯାୟୀ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

## କେବେ ସମାଧାନ ହେବ ରଘୁଦେଇପୁରର ପାଣି ସମସ୍ୟା



ପଞ୍ଚୁପାଣ୍ଡବ,୨୪।୫ (ସମିସ): ଡେରାବିଶ ବ୍ଲକ ଅର୍ନ୍ତଗତ ରଘୁଦେଇପୁର ପଞ୍ଚାୟତରେ ପାଣି ସମସ୍ୟା ସମାଧାନ ହେବାରେ ବିଳମ୍ବ ହେଉଛି। ଏହି ପଞ୍ଚାୟତରେ ୪ଟି ସ୍ଥାନରେ ଓଭରହେଡ୍ ପାଣିଟାଙ୍କି କାମ ଗୁଡ଼ିକ ଚାଲୁ ରହିଥିବା ବେଳେ କୌଣସି ଗୋଟିଏବି ଶେଷ ହୋଇପାରି ନାହିଁ। କେଉଁ ଟାଙ୍କିରେ ରଙ୍ଗମରା ହେଉଛିତ କେଉଁଠି ବିଦ୍ୟୁତ୍ ସଂଯୋଗ ହୋଇନାହିଁ। କେଉଁଠି ଅଧାରୁ କାମ ଧିମେଇଛିତ କେଉଁଠି ଭୂଇଁରୁ ଉଠିନାହିଁ। ଏହି ପଞ୍ଚାୟତର ରାଜନଗର, ରଘୁଦେଇପୁର, ଡେରାକେଶପୁର ଏବଂ କଂସାରୀ ପାଟଣାର ହାଟପଡ଼ିଆରେ ଓଭରହେଡ୍ ପାଣିଟାଙ୍କିର କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟରେ କେତେ ଜାଗାରେ ସୂଚନା ଫଳକ ନଥିବାରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନର ଅବହେଳା କାରଣରୁ କେତେକ ଜାଗାରେ ପଙ୍କୁଆ ପାଣି ବାହରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କିଛିଦିନହେବ ପ୍ରଚଣ୍ଡ ଖରା ହେଉଥିବା ଯୋଗୁ ରାଜନଗର, ନୋଳସାହି, ବେଲାରପୁର, ରଘୁଦେଇପୁର, କଂସାରପାଟଣା ଓ ଡେରାକେଶପୁର ଗ୍ରାମର ହଜାର ହଜାର ଲୋକ ପାଣି ପାଇଁ ଡହଳବିକଳ ହେଉଥିବା ବେଳେ ଯଥାଶୀଘ୍ର ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସାରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସରୋଜ ସାମନ୍ତରାୟ ସ୍ମାରକୀ ଭଲିବଲ୍; ଭିରଙ୍ଗ ବିଜୟୀ

ଏରସମା,୨୪।୫(ସମିସ): ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ଭିରଙ୍ଗ ଗ୍ରାମରେ ଏକ ଦିବସୀୟ ବାର୍ଷିକ ଭଲିବଲ୍ ୧୪ ବର୍ଷରେ ପଦାର୍ପଣ କରି ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ସରୋଜ ସାମନ୍ତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ମ୍ୟାଚ୍ ଆୟୋଜନ କରାଯାଇଥିଲା। ଏଥିରେ କାଳିଆପାଟ,ଭିରଙ୍ଗ,ଗାରିଆ, ପଦ୍ମପୁର, ରାହାମା,କଙ୍କଡିଆ, ନୂଆଗାଁ, ସାମନ୍ତରାୟ ସ୍ପୋର୍ଟିଂ ଆଦି ୮ଟି ଦଳ ଭାଗ ନେଇଥିଲେ । ଆଜିର ଖେଳକୁ ମୁଖ୍ୟ ଅତିଥି ଏରସମା ସରପଞ୍ଚ ସଚିତାନନ୍ଦ ଦାସ, ଓ ସମ୍ମାନିତ ଅତିଥି ଜ୍ୟୋତିରଞ୍ଜନ କୁଅଁର,ସୁରେନ୍ଦ୍ର ସାମଲ, ଅଭୟ କୁମାର ପ୍ରଧାନ, ମାନସ ରଞ୍ଜନ ସ୍ୱାଇଁ , ବିଶ୍ୱ ରଞ୍ଜନ ରାଉତରାୟ ପ୍ରମୁଖ ଉଦଘାଟନ କରିଥିଲେ। ।ଟୁର୍ଣ୍ଣାମେଣ୍ଟ୍ ରାକେଶ ସାମନ୍ତରାୟ, ମୁକେଶ ସାମନ୍ତରାୟ ଆୟୋଜନ କରିଥିଲା ବେଳେ ଅଞ୍ଚଳ ଯୁବକ ମାନେ ଉପସ୍ଥିତ ଥିଲେ। ଏହି ଖେଳରେ ଭିରଙ୍ଗ ବିଜୟୀ ହୋଇ ଚମ୍ପିୟାନ ହୋଇଥିବା ବେଳେ ରାହାମା ରନର୍ସ ଅପ୍ ହୋଇଥିଲା ଏଥିରେ ସନ୍ତୋଷ ଦାସ, ବିଶ୍ୱଜିତ ମହାରଣା, ପ୍ରଭାତ ରାଉଳ, ସ୍ମିତପ୍ରାଜ୍ଞା ଜେନା, ଜଗନ୍ନାଥ ରାଉଳ, ଚିନ୍ମୟ ପ୍ରଧାନ ଆଦି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ■ ଅଭୟ ନୃସିଂହ ଜନ୍ମୋତ୍ସବ

## ଆଦିତ୍ୟ ବାହିନୀ ପକ୍ଷରୁ ଶ୍ରୀକ୍ଷେତ୍ର ଅବଢ଼ା ବଣ୍ଟନ

ଯାଜପୁର,୨୪।୫(ସମିସ): ବିରଜା କ୍ଷେତ୍ର ନିକଟସ୍ଥ ବଡ଼ଦୋଗଡ଼ାସ୍ଥ ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ଏ ଅବସରରେ ବାବା ଅଭୟ ନୃସିଂହ ଆଦିତ୍ୟ ବାହିନୀ ଶାଖା ପକ୍ଷରୁ ଶାଖା ସଭାପତି ପ୍ରଦୀପ କୁମାର ବେହୁରିଆଙ୍କ ତତ୍ତ୍ୱାବଧାନରେ ପୁରୀରୁ ମହାପ୍ରଭୁ ଜଗନ୍ନାଥଙ୍କ ଅବଢ଼ା ଅଣାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ସୁମଧୁର ଜଳକୁ ମଧ୍ୟ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧିକାରୀ ନବକିଶୋର ଦାସ, ରାମକୃଷ୍ଣ ବେହୁରିଆ, ଲତା ନାୟକ, ଭାରତୀ ନାୟକ ପରିଚାଳନା କରିଥିବାବେଳେ କମିଟିର ସଭ୍ୟ/ସଭ୍ୟା ସହଯୋଗ କରିଥିଲେ।

## ପ୍ରଦୂଷଣର ସ୍ତର ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଯୋଗୁ କମୁଛି ଅମଳ

କେନ୍ଦ୍ରାପଡା,୨୪।୫(ସମିସ): କାଜୁ ଚାଷୀ ଗ୍ରୀଷ୍ମ ଋତୁରେ ଖୁସିରେ ରହିଥାଏ । ଏହି ସମୟରେ କାଜୁ ଅମଳ କରି ଚାଷୀ ଦୁଇ ପଇସା ପାଇଥାନ୍ତି । ହେଲେ ଚଳିତ ବର୍ଷ ଚାଷୀ କାଜୁ ଅମଳ କରିବାରେ ବିଫଳ ହୋଇଥିବା ଦେଖିବାକୁ ମିଳିଛି ।ଏମିତିକି କାଜୁ ଗଛରେ ଫୁଲ ହୋଇ ଝଡିଯାଇଛି ।ଯେତିକି ଫୁଲ ରହିଥିଲା ସେହି ହିସାବରେ ଫଳ ମଧ୍ୟ ହୋଇନି ।କେଉଁ ଗଛରେ ଫଳ ଭଲ ହୋଇଥିଲେ ମଧ୍ୟ କାଜୁ ମଞ୍ଜି ଭଲ ହୋଇନଥିବା ଅଭିଯୋଗ ହୋଇଛି । ସାଧାରଣଭାବେ ମାର୍ଚ୍ଚ-ଏପ୍ରିଲ୍- ମଇ ସୁଦ୍ଧା କାଜୁ ଚାଷୀମାନେ ଫଳ ଅମଳ କରି ବିକ୍ରି କରିବା ଆଶାରେ ରହିଥାନ୍ତି । ହେଲେ କେନ୍ଦ୍ରାପଡା ଜିଲ୍ଲାରେ ପ୍ରଦୂଷଣର ସ୍ତର ବୃଦ୍ଧି ଏବଂ ଆଉ ଜଳବାୟୁ ପରିବର୍ତ୍ତନ ଯୋଗୁ କାଜୁ ଫଳର ଉତ୍ପାଦନ ଠିକରେ ହୋଇନଥିବା ଜାଣିବାକୁ ମିଳିଛି । ତେବେ ଗତ କିଛି ବର୍ଷ ହେଲା ଚାଷୀ କାଜୁ ଫଳ ପାଇଁ ହତାଶ ହେଉଛନ୍ତି । ଯେଉଁ ବର୍ଷ କିଛି କିଛି ଫଳ ହେଉଛି ଏମିତିକି ଅଦରଦରକୁ ବିକ୍ରି କରାଯାଉଛି । ଚଳିତ ବର୍ଷ ପଡୋଶୀ ଜିଲ୍ଲାର ଶିଳ୍ପାଞ୍ଚଳ ଯୋଗୁ କେନ୍ଦ୍ରାପଡା ଜିଲ୍ଲାର ପ୍ରଦୂଷଣର ମାତ୍ରାଧିକ ବୃଦ୍ଧି ଘଟିଥିବା ସୂଚନା ମିଳିଛି । ତେବେ ଏହାହିଁ କାଜୁ ଉତ୍ପାଦନରେ ସମସ୍ୟା ସୃଷ୍ଟି କରିଛି ବୋଲି କାଜୁଚାଷୀମାନେ ଅଭିଯୋଗ କରିଛନ୍ତି। କେବଳ କାଜୁ ନୁହେଁ,ଅନ୍ୟ ଫସଲ ମଧ୍ୟ ପ୍ରଦୂଷଣ ଯୋଗୁ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଧାନ,ମୁଗ,ବିରି ଏବଂ ଆମ୍ବ ଉତ୍ପାଦନକୁ ମଧ୍ୟ ବ୍ୟାପକ ପ୍ରଭାବିତ କରିଛି । ଚଳିତ ବର୍ଷ ଜିଲ୍ଲାରେ ଆମ୍ବ ଆଦୌ ନଥିବା ଅଭିଯୋଗ ହୋଇଛି ।ମହାକାଳପଡ଼ା, ରାଜନଗର, କେନ୍ଦ୍ରାପଡା, ଗରଦପୁର ଭଳି

**ହତାଶ ହେଲେଣି କାଜୁ ଚାଷୀ**

ଅନ୍ୟାନ୍ୟ ବ୍ଲକର କୃଷକମାନେ ସେମାନଙ୍କ ଜୀବିକା ପାଇଁ କାଜୁ ଏବଂ ଆମ୍ବ ଉତ୍ପାଦନ ଉପରେ ନିର୍ଭର କରନ୍ତି ।ରାମନଗର, ପିତାପାଟ ଏବଂ ବାହାକୁଦ ଅଞ୍ଚଳର ଅନେକ ଚାଷୀ କାଜୁ ଚାଷ କରିଛନ୍ତି । ଏହି ଚାଷ ଯୋଗୁ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି ।ମହାକାଳପଡ଼ା ରାମନଗରରେ ପ୍ରାୟ ୩୫୪ ଏକରରେ ୧୦ ହଜାର କାଜୁ ଗଛ ରହିଥିବା ଜାଣିବାକୁ ମିଳିଛି । ସେହିଭଳି ପିତାପାଟରେ ୨୩୩ ଏକର ଜମିରେ ପ୍ରାୟ ୬ ହଜାର ଗଛ ଏବଂ ବାହାକୁଦରେ ୧୮୨ ଏକରରେ ପ୍ରାୟ ୫ ହଜାର କାଜୁ ଗଛ ରହିଛି । ପଡୋଶୀ ଜିଲ୍ଲାର ଶିଳ୍ପାଞ୍ଚଳ ଯୋଗୁ କେନ୍ଦ୍ରାପଡା ଜିଲ୍ଲାର ପ୍ରଦୂଷଣର ପ୍ରଭାବ ପଡିଛି । ଯାହା ଫଳରେ କାଜୁ ଫୁଲ, ଫୁଲ ଏବଂ ପତ୍ର ଉପରେ ଏହାର ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ପ୍ରଦୂଷଣକୁ ରୋକ ଦେବାକୁ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି ।ପ୍ରଦୂଷଣ ହ୍ରାସ କରାନଗଲେ କେବଳ କାଜୁ ନଷ୍ଟ ହୋଇନି ଆଗାମୀ ଦିନରେ ଅନ୍ୟ କୌଣସି ଚାଷ ହେବା ମୁସ୍କିଲ ହୋଇପଡିବ ବୋଲି ମତପ୍ରକାଶ ପାଇଛି। କାଜୁ ହେଉଛି ଏକ ନଗଦ ଫସଲ ଏବଂ ପ୍ରଦୂଷଣ ହେତୁ ଉତ୍ପାଦନ ହ୍ରାସ ହେବାରୁ ସିଧାସଳଖ ଚାଷୀଙ୍କ ଆୟ ଉପରେ ପ୍ରଭାବ ପକାଇଛି ବୋଲି କେତେଜଣ ଚାଷୀ କହିଛନ୍ତି। ପ୍ରଦୂଷଣକୁ ରୋକ ଦେବା ଆଉ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣକୁ ଆଣିବାକୁ ପ୍ରଶାସନ କାର୍ଯ୍ୟ ଆରମ୍ଭ କରିବା ଦରକାର ବୋଲି ମତପ୍ରକାଶ ପାଇଛି। ଏହାଛଡା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି।

## ବୌଦ୍ଧରେ ଚନ୍ଦନ ଯାତ୍ରା



**ବୌଦ୍ଧ, ୨୪।୫(ସମିସ):** ପବିତ୍ର ବୈଶାଖ ପୂର୍ଣ୍ଣିମା ଅବସରରେ ବୌଦ୍ଧ ସହରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡ଼ ଠାକୁର ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ବିଜେ ପ୍ରତିମାକୁ ସ୍ୱତନ୍ତ୍ର ବିମାନ ଯୋଗେ ସହର ପରିକ୍ରମା କରାଯାଇଥିଲା। ଏହା ପରେ ମହାନଦୀ ଜଳରେ ଚାପଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ସହିତ ହରିଗୁଡି, ମଦନମୋହନ ଠାକୁରଙ୍କ ବିଜେ ପ୍ରତିମାକୁ କାନ୍ଧରେ ଧରି ଶ୍ରଦ୍ଧାଳୁ ସ୍ୱତନ୍ତ୍ର ବିମାନରେ ସହର ପରିକ୍ରମା କରିଥିଲେ। ଏହାପରେ ଶ୍ରଦ୍ଧାଳୁ ମହାନଦୀରେ ପ୍ରଭୁଙ୍କୁ ଚାପ ଖେଳାଇଥିଲେ। ପୂର୍ଣ୍ଣମୀ ଥିବାରୁ ଜହ୍ନ ଆଲୁଅରେ ପ୍ରଭୁଙ୍କ ଚାପଖେଳ ମନୋମୁଗ୍ଧକର ହୋଇଥିଲା।

## ହାତୀଶୂନ୍ୟ କୁସଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ



**ହରଭଙ୍ଗା, ୨୪।୫(ସମିସ):** କୁସଙ୍ଗ ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ନୟାଗଡ଼ ଡିଭିଜନରେ ଶୁକ୍ରବାର ହାତୀ ଗଣତି ଶେଷ ହୋଇଛି। ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି। ବୁଧବାରଠାରୁ ଏହି ଗଣନା ଆରମ୍ଭ ହୋଇଥିଲା। ରେଞ୍ଜ ଅଧୀନରେ ଥିବା ମାରଡ଼ା, ଶୀତଳପାଣି, ସୁନାଖଣିଆ, ଅତଲସରକ୍ଷ, କୁମାରୀ, କୁସଙ୍ଗ, ନନ୍ଦା।ଡୁ, ହିଞ୍ଚଳ, ଶ୍ରୀପକ୍ଷଜୁ, ପଦ୍ମତୋଳା, ନୂଆପଡ଼ା ଆଦି ୧୧ଟି ବିଟ୍‌ରେ ଗଣନା କରାଯାଇଥିଲା। ବିଟ୍ ପିଛା ୧୦ଟି ପିଟ୍ ଏହିଭଳି ସମୁଦାୟ ୧୧୦ ପିଟ୍ ସହ ସିସିଟିଭି, ମଞ୍ଚା ବ୍ୟବସ୍ଥା ହୋଇଥିଲା। ୩୩ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ପିଟ୍‌ଗୁଡ଼କ ମହାନଦୀ ପଠା, ଘଞ୍ଚ ଜଙ୍ଗଲ ରାସ୍ତା, ଜଙ୍ଗଲରେ ଥିବା ପାଣି ନିକଟରେ କରାଯାଇଥଲା। ସୁଉଚ୍ଚ ମଞ୍ଚାରେ କର୍ମଚାରୀ ରହି ହାତୀଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ। ଏହି ହାତୀ ଗଣତିରେ ଫରେଷ୍ଟର ପ୍ରଶାନ୍ତ ଗୁରୁ, ଅନ୍ତର୍ଯ୍ୟାମୀ ଯାନୀ, ରାଜ ଶତପଥୀ, ସୋମନାଥ ପରିଡ଼ା, ବିଷ୍ଣୁପ୍ରିୟା ଦେଇ, ରୁନି ଦଳବେହେରାଙ୍କ ସମେତ ଫରେଷ୍ଟ ଗାର୍ଡ ଓ ସ୍କ୍ୱାଡ୍ କର୍ମଚାରୀ ସାମିଲ ଥିଲେ। ସେହିଭଳି ପୁରୁଣାକଟକ ରେଞ୍ଜରେ ମଧ ହାତୀ ନ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ମାଧପୁର ବନାଞ୍ଚଳରେ ୧୪ଟି ହାତୀ ଥିବା ଜଣାପଡ଼ିଛି। ଏଥିରେ ୪ଟି ଦନ୍ତା, ୬ଟି ମାଇ ଓ ୪ଟି ଶାବକ ଥିବା ନେଇ ରେଞ୍ଜ ଅଧିକାରୀ ଆଶିଷ ଡିଗାଲ ସୂଚନା ଦେଇଛନ୍ତି।

## କାମରେ ଆସୁନି ଲୋକାପଡ଼ା ପାନୀୟ ଜଳ ପ୍ରକଳ୍ପ

**ଶଗଡ଼ା, ୨୪।୫(ସମିସ):** କଣ୍ଟାମାଳ ବ୍ଲକର ସମସ୍ତ ୨୪ଟି ପଞ୍ଚାୟତର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସରକାର ଶିମିଳୀ ପଦର ପଞ୍ଚାୟତ ଲୋକାପଡ଼ାରେ ପ୍ରାୟ ୫ଶହ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ଏକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରିଛନ୍ତି। ପାଖାପାଖି ଏକ ବର୍ଷରୁ ଅଧିକ ହେବ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ସାରିଥିବା ବେଳେ ପ୍ରତ୍ୟେକ ଗ୍ରାମକୁ ପାଇପ୍ ସଂଯୋଗ ସହ ଷ୍ଟାଣ୍ଡ ପୋଷ୍ଟ ମଧ ବସା ଯାଇଛି; ହେଲେ ଆଜି ପର୍ଯ୍ୟନ୍ତ ବ୍ଲକର ଅନେକ ଗ୍ରାମକୁ ପାଣି ମିଳୁନି। କଣ୍ଟାମାଳ ବ୍ଲକର ପଲସା ଗୋରା, ହାତିପାଲି, ଶଙ୍କରପୁର ଆଦି ଅନେକ ଗ୍ରାମକୁ ପାଣି ଆସୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

ଲୋକେ ବାରମ୍ବାର ଅଭିଯୋଗ କଲା ପରେ ମଧ ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରୁଛନ୍ତି। ସରକାର ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଅଣଦେଖା ଯୋଗୁଁ ଲୋକେ ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। କଣ୍ଟାମାଳ ଅଞ୍ଚଳରେ ବର୍ତ୍ତମାନ ପାରଦ ୪୦ ଡିଗ୍ରୀ ଉପରେ ଥିବା ବେଳେ ପାନୀୟ ଜଳର ଅଭାବ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରି ଦେଉଛି। ଲୋକେ ପିଇବା ପାଣି ପାଇଁ କିଲୋମିଟର କିଲୋମିଟର ଦୂର ଯାଇ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଖରା ସାଙ୍ଗକୁ ଲୋକଙ୍କ ଜଳକଷ୍ଟକୁ ଦୃଷ୍ଟିରେ ରଖି ପ୍ରଶାସନ ପ୍ରକଳ୍ପରୁ ପ୍ରତ୍ୟେକ ଗ୍ରାମକୁ ଜଳ ଯୋଗାଣ ନିୟମିତ କରିବାକୁ ଲୋକେ ଦାବି କରିଛନ୍ତି।

# 'ଗୌତମ ବୁଦ୍ଧ ଓ ଭୀମ ଭୋଇ ସମାଜର ଦୁଇ ଉଜ୍ଜ୍ୱଳ ଜ୍ୟୋତିଷ୍କ'

**ସୋନପୁର, ୨୪।୫ (ସମିସ)**





ସନ୍ଥ କବି ଭୀମଭୋଇ ଜନ୍ମରୁ ଅନ୍ଧ ନ ଥିଲେ କି କନ୍ଧ ନ ଥିଲେ। ସେ କନ୍ଧ ପରିବାରରେ ପାଳିତ ହୋଇଥିଲେ। ଭୀମ ଭୋଇଙ୍କ ଜନ୍ମ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିକଟସ୍ଥ ଜଟାସିଂହା ଗ୍ରାମରେ ହୋଇଥିଲା; ଯାହା ଏକଦା ରେଢାଖୋଲ ପ୍ରଗଣାରେ ଥିଲା। ସ୍ୱାଧୀନତା ପରେ ୧୯୫୩ ମସିହାରେ ଜଟାସିଂହା ଅଞ୍ଚଳ ପୁଣି ବୀରମହାରାଜପୁର ଅଧୀନ ହେଲା। ଭୀମଭୋଇଙ୍କ ଜନ୍ମ ସମ୍ପର୍କରେ ପ୍ରଖ୍ୟାତ ଐତିହାସିକ ଡ. ନବୀନ ସାହୁ, ଡ. ପବିତ୍ର ମୋହନ ନାୟକ ଓ ଭାଗୀରଥି ନେପାକଙ୍କ ଭଳି ଗବେଷକ ଏହି ମତ ଉପସ୍ଥାପନ କରିଛନ୍ତି। ପବିତ୍ର ବୈଶାଖ ପୂର୍ଣ୍ଣମୀ ତିଥିରେ ଅନୁଷ୍ଠିତ ସନ୍ଥକବି ଭୀମଭୋଇ ତଥା ବୁଦ୍ଧ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଗବେଷକ ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟ ଆନୁକୂଲ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ ମୁଖ୍ୟ ଅତିଥି, ପ୍ରଫେସର ମୀନା ମହାରଣା ସମ୍ମାନିତ ଅତିଥି, ପ୍ରଫେସର ଡ. ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତା, ଡ. ଅନିରୁଦ୍ଧ କୁରକୁରିଆ ସମ୍ମାନିତ ବକ୍ତା, ଡ. ପ୍ରଫୁଲ୍ଲ କୁମାର ସାହୁ ଏବଂ ଶିକ୍ଷାବିତ୍ ମୁକୁନ୍ଦ ଧରୁଆ ଅନ୍ୟତମ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଗୌତମ ବୁଦ୍ଧ ଓ ଭୀମ ଭୋଇଙ୍କ ସାହିତ୍ୟ, ଧର୍ମ, ସମାଜ ସଂସ୍କାର ଆଦି ବିଷୟରେ ଗଭୀର ଆଲୋଚନା କରିଥିଲେ। ଅତିଥିମାନେ ଗୌତମ ବୁଦ୍ଧ ଓ ଭୀମ ଭୋଇଙ୍କୁ ମାନବ ସମାଜର ଦୁଇ ଉଜ୍ଜ୍ୱଳ ଜ୍ୟୋତିଷ୍କ ବୋଲି ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭା ସୁବର୍ଣ୍ଣପୁର କୋଶଳ ଉଚ୍ଚ ବିଦ୍ୟାଳୟ ପଟାଭାଡି ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମା ନାଏକ ସଭା ସଂଯୋଜନା କରିଥଲେ। ବିଦ୍ୟାଳୟ ପରିଚାଳକ ସାମ୍ବାଦିକ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମାନସୀ ମାଝି, ମଳୟ ରୁଦ୍ର, କ୍ଷୀରାବତୀ କୁମ୍ଭାର, ସ୍ମିତାରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ବୌଦ୍ଧ:** ବୁଦ୍ଧ ଜୟନ୍ତୀ କମିଟି ତରଫରୁ ବୌଦ୍ଧରେ ବୁଦ୍ଧ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ କୀର୍ତ୍ତିରାଜି ରାଜବାଟି ନିକଟସ୍ଥ ବୁଦ୍ଧ ମନ୍ଦିର, ପର୍ଗଳପୁର, ଶ୍ୟାମସୁନ୍ଦରପୁର, ରାମନାଥ ମନ୍ଦିର, ଗମ୍ଭାରିପଦର୍ ଓ କେଳାକଟାରେ ଏହି ଅବସରରେ ଭଗବାନ ବୁଦ୍ଧଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆର ସିଂ, ଇନଟାକ୍ ବୌଦ୍ଧ ଚାପ୍ଟର କନଭେନର ବିଶ୍ୱେଶ୍ୱେର୍ ପୃଷ୍ଟି, ଜିଲ୍ଲା ଉନ୍ନୟନ ପରିଷଦ ସଭାପତି ଚିତ୍ତରଞ୍ଜନ ଦାଶ, ଦୈନିକ ହୀରାଞ୍ଚଳ ସମ୍ପାଦକ ଯୁଗଳ କିଶୋର ସାମଲ, ସିଦ୍ଧାର୍ଥ ସାହିତ୍ୟ ସଂସଦ ତରଫରୁ ଅଭିନବ ପଟ୍ଟନାୟକ, କୃତିବାସ ପଲିଆ, ପ୍ରେସ କ୍ଲବ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ତୃପ୍ତିରଞ୍ଜନ୍ ଦାନୀ, ସୂର୍ଯ୍ୟେନ୍ଦ୍ର ଶତପଥୀ, ସୁଶାନ୍ତ ମହାପାତ୍ର, ମିନୁପ୍ରସାଦ ମିଶ୍ର, ଆଇନଜୀବୀ ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସହରର ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦିଆଯାଇଥିଲା। ସନ୍ଧ୍ୟାରେ ମହାନଦୀ ଆଳତି ଘାଟରେ ବୁଦ୍ଧ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ମା' ମହାନଦୀ ଦିବ୍ୟ ଆଳତୀ ଆୟୋଜିତ ହୋଇଥିଲା। ବ୍ରହ୍ମଚାରୀ ଆଦିତ୍ୟ ଦାସ ବୁଦ୍ଧଙ୍କ ଜୀବନୀ ଉପରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଆବାହକ ଦେବାଶିଷ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧାନକିଣା ବ୍ୟବସ୍ଥିତ କରିବାକୁ ପ୍ରଶାସନର ତତ୍ପରତା



**ସୋନପୁର, ୨୪।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଚାଷୀମାନଙ୍କ ରବି ଧାନ ସୁବିଧାରେ ଏବଂ ବ୍ୟବସ୍ଥିତ ହିସାବରେ ଯୋଗାଣ ବିଭାଗ କ୍ରୟ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଗୁରୁତ୍ୱ ଦେଇଛନ୍ତି। ଏହା ଭିତରେ ବିନିକା ବଜାର ପ୍ରାଙ୍ଗଣରେ ଜିଲ୍ଲାର ଧାନ କ୍ରୟ ପ୍ରକ୍ରିୟାକୁ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରେ ଧାନ ବିକ୍ରୟ ସମୟରେ ଚାଷୀଙ୍କ କୌଣସି ଅସୁବିଧା ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଏକ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଛି। ଏହାର ଦାୟିତ୍ୱରେ ବିଭିନ୍ନ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ସେମାନେ ଚାଷୀଙ୍କ ଧାନ ବିକ୍ରି ସମ୍ବନ୍ଧୀୟ ସମସ୍ୟା ବୁଝିବା ସହିତ ଜିଲ୍ଲାରେ ଦୈନିକ ଧାନକ୍ରୟର ହିସାବ ରଖିବେ। ମିଲରଙ୍କ ଦ୍ୱାରା ସମୟୋଚିତ ଧାନ ଉଠାଣ ଉପରେ ଗୁରୁତ୍ୱ ଦେବେ। ଏହି ଜିଲ୍ଲାସ୍ତରୀୟ ନିୟନ୍ତ୍ରଣ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମୋବାଇଲ ନମ୍ବରରେ କୌଣସି ଚାଷୀ ସେମାନଙ୍କ ଧାନ ବିକ୍ରୟ ସମ୍ବନ୍ଧୀୟ ସମସ୍ୟା ଏବଂ ଅଭିଯୋଗ ଜଣାଇପାରିବେ।

### ଏମାନଙ୍କୁ ସମସ୍ୟା ଜଣାଇପାରିବେ ଚାଷୀ

ଅତିରିକ୍ତ ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଇ (୭୬୦୮୯୫୮୨୮୨), ସୋନପୁର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରଭାତ ଦାଶ (୯୬୬୮୫୭୪୩୩୪), ତରଭା ବ୍ଲକ ପାଇଁ ଡାଟା ଏଣ୍ଟ୍ରି ଅପରେଟର ଆଶିଷ ମେହେର (୮୬୫୮୮୮୯୯୧୨), ବିରାମହରାଜପୁର ଓ ଉଲ୍ଲୁଣ୍ଡା ବ୍ଲକ ପାଇଁ ଡାଟା ଏଣ୍ଟ୍ରି ଅପରେଟର ଶିବାଶଙ୍କର ଦାଶ (୭୭୫୧୮୬୮୮୧୧), ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ପାଇଁ ଡାଟା ଏଣ୍ଟ୍ରି ଅପରେଟର ରଞ୍ଜନ ଦୀପ (୯୮୫୩୨୨୧୭୫୯)ଙ୍କୁ ଚାଷୀ ନିଜର ଅଭିଯୋଗ କରିପାରିବେ।



ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମଣିପୁର ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ କାର୍ଯ୍ୟ ନିମ୍ନମାନର ହେଉଥିବା ପ୍ରମାଣ ଦେଉଛି

## ଗଛରେ ବନ୍ଧା ଯୁବକର ମୃତଦେହ ଉଦ୍ଧାର

**ବୌଦ୍ଧ, ୨୪।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ମାଉଳସିଙ୍ଗା ଗ୍ରାମର ପୋଖରୀ ହୁଡାରୁ ଗଛରେ ବନ୍ଧା ହୋଇଥିବା ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତଦେହ ବୌଦ୍ଧ ସହର ବାପୁଜୀ ନଗରର ସୁଜିତ ଦେହୁରୀଙ୍କ ବୋଲି ଚିହ୍ନଟ ହୋଇଛି। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଜଣେ ଯୁବକଙ୍କ ମୃତଦେହ ଗଛରେ ବନ୍ଧା ହୋଇଥିବା ଦେଖିବା ପରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ମୃତ ସୁଜିତଙ୍କ ବାପା, ମାଆ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବୌଦ୍ଧ ଆଦର୍ଶ ଥାନା ପୁଲିସ ମଧ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି; ମାତ୍ର ପରିବାର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ପୁଲିସ୍ ତଦନ୍ତ ଜାରି ରଖିଛି।

## କେନାଲ କଂକ୍ରିଟ କାମ ନିମ୍ନମାନର: କାର୍ଯ୍ୟସ୍ଥଳରେ ଉପସ୍ଥିତ ରହୁନାହାନ୍ତି ଯନ୍ତ୍ରୀ

**ଜହ୍ନାପଙ୍କ, ୨୪।୫(ସମିସ):** ସାଲୁଙ୍କି ଜଳ ସେଚନ ପ୍ରକଳ୍ପରୁ କେନାଲ ଯୋଗେ ଚାଷୀ କିପରି ସୁବିଧାରେ ଚାଷ ପାଇଁ ପାଣି ପାଇ ପାରିବେ ସେଥିପାଇଁ ପ୍ରତିବର୍ଷ କେନାଲକୁ ମନରେଗା ଯୋଜନାରେ ଉନ୍ନତୀକରଣ ଓ କଂକ୍ରିଟକରଣ କରାଯାଉଛି। ଏହା ଫଳରେ ଚାଷୀ ଠିକ୍ ସମୟରେ ପାଣି ପାଇ ପାରିବେ ଏବଂ ସୁବିଧାରେ ନିଜ ଚାଷ ଜମିକୁ ପାଣି ମଡାଇ ପାରିବେ; ହେଲେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଜହ୍ନାପଙ୍କରୁ ଏପରି ଅଭିଯୋଗ ଆସିଛି।

ସାଲୁଙ୍କି ଜଳସେଚନ ବିଭାଗର ଜହ୍ନାପଙ୍କ ଶାଖା କେନାଲର ପ୍ରାୟ ଶହେ ମିଟର କଂକ୍ରିଟ କାର୍ଯ୍ୟ ନିକଟରେ ସରିଛି। ତେବେ ଏହି କାମ କେଉଁ ଅନୁଦାନରୁ କେତେ ଟଙ୍କା ଓ କିଏ କାମ କରୁଛି କୌଣସି ସୂଚନା ଫଳକ ଲାଗି ନ ଥିବାରୁ ଜନ ସାଧାରଣଙ୍କୁ ଅନ୍ଧାରରେ ରଖି କାର୍ଯ୍ୟ କରାଯାଉଛି। ତେବେ ଅଟକଳ ମୁତାବକ ସିମେଣ୍ଟ, ବାଲି ଓ ଚିପ୍ସର ପରିମାଣ ଠିକ୍ ରହୁ ନ ଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନ୍ୟ ପକ୍ଷରେ କାର୍ଯ୍ୟସ୍ଥଳରେ ଠିକାଦାର ଓ ଯନ୍ତ୍ରୀ ରହୁ ନାହାନ୍ତି। ତେବେ ସୂଚନା ଫଳକ ନେଇ ଠିକାଦାରଙ୍କୁ ଯୋଗାଯୋଗ କରିବାରୁ ଟେଣ୍ଡର କାମରେ ସୂଚନା ଫଳକ ଲାଗେ ନାହିଁ ବୋଲି କହିଥିଲେ। ସେହିପରି ଯନ୍ତ୍ରୀ ବିଜିଲା ଏକ୍କାଙ୍କୁ ଯୋଗାଯୋଗ କରିବାରୁ ସେଭଳି କୌଣସି କାମ ହୋଇ ନ ଥିବା ପ୍ରକାଶ କରିଥିଲେ। ତେବେ ଯନ୍ତ୍ରୀଙ୍କ ଅଗୋଚରରେ କିଭଳି କାର୍ଯ୍ୟ ସମାପନ ହେଲା ତାହା ଏଠାରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାର୍ଯ୍ୟ ହେଲା ଦିନଠାରୁ ଗୋଟିଏ ଦିନ ବି ଏଥିରେ ପାଣି ଦିଆଯାଇ ନ ଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ସରକାର କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ପୂର୍ବରୁ ସ୍ୱଚ୍ଛତା ପାଇଁ ସୂଚନା ଫଳକ ବାଧ୍ୟତାମୂଳକ କରିଛନ୍ତି। ଏଠାରେ କେଉଁ ନିୟମ ଅବଲମ୍ବନ କରାଯାଉଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



## ନାଁ କଟିଗଲା; ଦେଇପାରିଲେନି ଭୋଟ୍

**ବିନିକା, ୨୪।୫(ସମିସ):** ପ୍ରତି ୫ବର୍ଷରେ ଥରେ ଆସୁଥିବା ଗଣତନ୍ତ୍ରର ମହାନ ପର୍ବ ସାଧାରଣ ନିର୍ବାଚନରେ ଭୋଟଦାନ କରିବା ହେଉଛି ଜଣେ ଭାରତୀୟ ନାଗରିକର କର୍ତ୍ତବ୍ୟ। ଏଥିପାଇଁ ପ୍ରଶାସନିକ କ୍ଷେତ୍ରରେ ନିର୍ବାଚନ ପୂର୍ବରୁ ସଚେତନତା ଅବଲମ୍ବନ କରାଯାଉଛି; ହେଲେ ଅତ୍ୟନ୍ତ ପରିତାପର ବିଷୟ ଦୀର୍ଘ ଦଶନ୍ଧି ଧରି ଭୋଟ ଦାନ କରି ଆସୁଥିବା ଜଣେ ୫୫ବର୍ଷୀୟ ନାଗରିକ ଚଳିତ ସାଧାରଣ ନିର୍ବାଚନରେ ନିଜର ବହୁମୂଲ୍ୟ ମତଦାନ କରି ପାରି ନାହାନ୍ତି। ବିନିକା ସହର ଗଡ଼ଭିତରପଡ଼ା ନିବାସୀ ବିଜେ ସାମଲ (୫୫) ଏଥର ଭୋଟଦାନରୁ ବଞ୍ଚିତ ହୋଇଛନ୍ତି। ୧୯୮୦ରୁ ବିଜ୍ଞାପିତ ପରିଷଦ ହେଉ କି ସାଧାରଣ ନିର୍ବାଚନରେ ଅଂଶ ଗ୍ରହଣ କରି ନିଜର ବହୁମୂଲ୍ୟ ଭୋଟ ଦେଉଛନ୍ତି; ହେଲେ ଚଳିତ ନିର୍ବାଚନରେ ଭୋଟର ତାଲିକାରୁ ତାଙ୍କ ନାଁ କଟି ଯାଇଥିବାରୁ ସେ ଭୋଟ ଦେଇ ପାରିନାହାନ୍ତି। ଏ ନେଇ ସେ ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ପାଇ ନ ଥିଲେ।



# ପୁରାତନ ମନ୍ଦିରର ରକ୍ଷଣାବେକ୍ଷଣ ନାହିଁ

**ସୋନପୁର, ୨୪।୫(ସମିସ)**





ମନ୍ଦିର ମାଳିନୀ ସହର ସୋନପୁର। ଅଷ୍ଟବିଷ୍ଣୁ, ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଏବଂ ଚାରି ହନୁମାନଙ୍କ ମନ୍ଦିର ସମେତ ଏହି ସହରରେ ୧୦୮ଟି ମନ୍ଦିର ରହିଛି। ଏହି ଜିଲ୍ଲାରେ ରହିଛି ବୈଦ୍ୟନାଥ ଶିବ ମନ୍ଦିର, ପାପକ୍ଷୟ ଘାଟ ଏବଂ ପାତାଳୀ ଶ୍ରୀକ୍ଷେତ୍ର ଭଳି ପବିତ୍ର ସ୍ଥାନ। ରାମେଶ୍ୱରଠାରେ ତିନି ନଦୀର ସମାଗମ ହୋଇଥିବାରୁ ଏହି ପୁଣ୍ୟ ତ୍ରିବେଣୀ ସଙ୍ଗମଠାରେ ବୁଡ ପକାଇବାକୁ ବିଭିନ୍ନ ପୁଣ୍ୟ ଦିବସରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗେ। ବିଭିନ୍ନ ପୌରାଣିକ ବର୍ଣ୍ଣନା ଅନୁସାରେ ସୋନପୁର ସହରକୁ ଦ୍ୱିତୀୟ ବାରଣାସୀ କୁହାଯାଏ। ତେବେ ସୋନପୁରରେ ଖୁବ୍ କାରୁକାର୍ଯ୍ୟ ସମ୍ପନ୍ନ ସୂର୍ଯ୍ୟ ମନ୍ଦିର ଥିଲା। ଏହା କେଶବ ଆଦିତ୍ୟ ମନ୍ଦିର ନାମରେ ଖ୍ୟାତ ଥିଲା। ତେବେ ଇତିହାସ ପୃଷ୍ଠାରେ ବିଲୀନ ସୋନପୁରର କେଶବ ଓ ଆଦିତ୍ୟ ମନ୍ଦିର। ମହାନଦୀ-ତେଲନଦୀ ସଂଗମସ୍ଥଳର ଅନତି ଦୂରରେ ସୁବର୍ଣ୍ଣମେରୁ ମନ୍ଦିର ନିକଟରେ ଏହି ମନ୍ଦିର ରହିଥିଲା। ତବେ ମୃତ୍ତିକା କ୍ଷୟ ଯୋଗୁଁ ହେଉ କିମ୍ବା ବନ୍ୟା ସମୟରେ ପ୍ରବଳ ପାଣି ମାଡ ଯୋଗୁଁ ହେଉ ଏହି କେଶବ-ଆଦିତ୍ୟ ମନ୍ଦିର ଧ୍ୱଂସ ହୋଇ ଯାଇଛି। ସପ୍ତମ ଶତାବ୍ଦୀରେ ସୋନପୁର ସହରରେ ଏହି ମନ୍ଦିରର ଅବସ୍ଥିତି ନେଇ ଐତିହାସିକମାନେ ମତ ଦିଅନ୍ତି। ସେହିପରି ବଜ୍ରଯାନର ପ୍ରବର୍ତ୍ତିକା ଇନ୍ଦ୍ରଭୂତିଙ୍କ ଇଷ୍ଟଦେବୀ ବଜ୍ରବରାହିଙ୍କ ମନ୍ଦିର ମଧ ସୋନପୁରରେ ଅବସ୍ଥିତ ଥିବା ପ୍ରମାଣ ମିଳେ। ଅଞ୍ଚଳର ସୁନାମଧନ୍ୟ ଜ୍ୟୋତିଷ ତଥା ସିଦ୍ଧ ତାନ୍ତ୍ରିକ ସ୍ୱର୍ଗତ ଚକ୍ରପାଣି ମହାପାତ୍ରଙ୍କ ମତାନୁସାରେ ଏହି ମନ୍ଦିରର କିଛି ପଥର ଖଣ୍ଡ ଖମ୍ବେଶ୍ୱରୀ ମନ୍ଦିରର ପଛପଟରେ ସୁରକ୍ଷିତ ରଖାଯାଇଛି।

- **ସୋନପୁରରେ ଥିଲା କାରୁକାର୍ଯ୍ୟପୂର୍ଣ୍ଣ ସୂର୍ଯ୍ୟ ମନ୍ଦିର**
- **ନଦୀରେ ବିଲୀନ ହୋଇ ଇତିହାସ ପାଲଟିଗଲା**

ବିଭିନ୍ନ ଦେବା ଦେବୀ ନାମରେ ଏବେ ବି ଏହି ପଥର ଖଣ୍ଡ ପୂଜା ପାଉଛନ୍ତି। ସୋନପୁର ବଳିଯାତ୍ରା ସହ ଏହାର ସମ୍ପର୍କ ଖୁବ୍ ନିବିଡ। ବଳି ବା କାଳିସିଙ୍କ ପାଦକୁ ଏହି ପଥରରେ ଛୁଆଁଇ ଦେଲେ କାଳିସି ଦେହରୁ ଦେବତା ଛାଡି ଯାଇଥାଏ। ଅନୁରୂପ ଭାବେ ହରଡଖୋଲ ପଞ୍ଚାୟତ ବୈଦ୍ୟନାଥ ଗ୍ରାମରେ ଥିବା କାଳେଶ୍ୱର ମନ୍ଦିର ମଧ ତେଲନଦୀ ଗର୍ଭରେ ବିଲୀନ ହୋଇ ଯାଇଛି। ଠିକ୍ ତେଲନଦୀ କୂଳରେ ଏହା ଏକ ସୁଉଚ୍ଚ ମନ୍ଦିର ଥିଲା। ତେଲନଦୀର ବନ୍ୟାପାଣି ପ୍ରଭାବରେ ମନ୍ଦିର ଧ୍ୱଂସ ପାଇଗଲା। ସେହି ସ୍ଥାନରେ ଏବେ ମନ୍ଦିରର ଚିହ୍ନ ଓ କିଛି ପଥର ଖଣ୍ଡ ରହିଛି। ଇତିହାସ ପାଲଟି ଯାଇଥିବା ସୋନପୁରର ଏହି ମନ୍ଦିର ଗୁଡିକ ଉପରେ ଅଧିକ ଗବେଷଣା ହୋଇ ପାରିଲେ ଆହୁରି ଲୁକ୍କାୟିତ ତଥ୍ୟ ସବୁ ଲୋକଲୋଚନକୁ ଆସି ପାରନ୍ତା। ସୋନପୁରରେ ଥିବା ପୁରାତନ କୀର୍ତ୍ତି ରାଜିର ଠିକ୍ ଭାବେ ରକ୍ଷଣାବେକ୍ଷଣ ନ ହେଲେ ଏଭଳି ଗୋଟିଏ ପରେ ଗୋଟିଏ ମନ୍ଦିର ଧ୍ୱଂସ ହୋଇଯିବ।

## ମହାନଦୀ ଆଳତି ଘାଟରେ ସ୍ୱତନ୍ତ୍ର ଯୋଗ ପ୍ରଶିକ୍ଷଣ ଶିବିର



**ବୌଦ୍ଧ, ୨୪।୫(ସମିସ):** ଶୁକ୍ରବାର ସକାଳେ ମହାନଦୀ ଆଳତି ଘାଟରେ ସ୍ୱତନ୍ତ୍ର ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗପୀଠ ଦ୍ୱାରା ପ୍ରଶିକ୍ଷିତ ଯୋଗ ଶିକ୍ଷକ ଅରୁଣ ଯୋଶୀ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବ୍ୟାୟାମ, ଆସନ, ପ୍ରାଣାୟାମ ସହିତ ମିଶ୍ରଦଣ୍ଡ ଓ ସଙ୍ଗୀତମୟ ଯୋଗଶିକ୍ଷା ଅଭ୍ୟାସ କରାଇଥିଲେ। ଯୋଗ ଶିକ୍ଷକ ସମୀର ସାହୁ ରାଷ୍ଟ୍ର ଗୀତ ଗାନ କରିଥିଲେ। ବରିଷ୍ଠ ଯୋଗ ଶିକ୍ଷକ ଶଶାଙ୍କ ଶେଖର ପୁରୋହିତଙ୍କ ସମେତ ନଟବର ଅଗ୍ରୱାଲା, ଦିଲ୍ଲୀପ ଚୌଧୁରୀ, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଜ୍ଞା ଦାସ, ସୌମ୍ୟାସୁମନ ପୁରୋହିତ ପରିଚାଳନା କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୬ • ପାଉଣ୍ଡ ୧୦୫.୭୯
- ୟୁରୋ ୯୦.୬୬ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୨୯୦ (ନୂଆଦିଲ୍ଲୀ)
- ରୁପା : ୯୨,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୫,୪୧୦.୦୦
- ନିଫ୍ଟି ୨୨,୯୫୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ବାଜିରାଓ ଏକାଡେମୀର ‘ଟକ୍ ଟୁ ଟପ୍ପର-୨୦୨୩’

**ଭୁବନେଶ୍ୱର,୨୪।୫(ସମିସ):** ବାଜିରାଓ ଆଇଏଏସ୍ ଏକାଡ଼େମୀ ପକ୍ଷରୁ ଗୁରୁବାର ‘ଟକ୍ ଟୁ ଆଇଏଏସ୍ ଟପ୍ପର’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବଭାରତୀୟ ପ୍ରଶାସନିକ ସେବା-୨୦୨୩ରେ ଦ୍ୱିତୀୟ ସ୍ଥାନରେ ଥିବା ଓଡ଼ିଶାର ଅନିମେଶ ପ୍ରଧାନଙ୍କ ସହ ଆଲୋଚନା କରିବା ପାଇଁ ୟୁପିଏସ୍‌ସି ଆଶାୟୀମାନେ ସୁଯୋଗ ପାଇଥିଲେ। ଜଣେ ୟୁପିଏସ୍‌ସି ଆଶାୟୀ ଦିଲ୍ଲୀରେ ରୁହନ୍ତୁ କି ନିଜ ଜନ୍ମ ମାଟିରେ, ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ପାଠପଢ଼ା ପ୍ରତି କେତେ ଉତ୍ସର୍ଗୀକୃତ, କେତେ ପରିଶ୍ରମ କରୁଛନ୍ତି, ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଅନିମେଶ କହନ୍ତି।




ପାଠପଢ଼ାରେ ଟେକ୍ନୋଲୋଜି ବର୍ତ୍ତମାନ ବହୁଳ ଭାବେ ଉପଯୋଗୀ ହୋଇପାରୁଛି। ଏହାର ସକାରାତ୍ମକ ବ୍ୟବହାର ଜରୁରୀ। କିପରି ପଢ଼ିଲେ ଅଳ୍ପ ସମୟରେ ଅଧିକ ପାଠ ମନେରହୁଛି, ତାହା ନିଜେ ନିଜକୁ ପରଖିବା ଉଚିତ। ଆଶାୟୀମାନେ ପାଉଥିବା ଷ୍ଟଡ଼ି ମ୍ୟାଟେରିଆଲ ମଧ୍ୟରୁ କେଉଁଗୁଡ଼ିକ ପରୀକ୍ଷା ଉପଯୋଗୀ ତାହା ବାଛିବା ଦାୟିତ୍ୱ ମଧ୍ୟ ପିଲାଙ୍କର। ପଢ଼ିବା ସମୟରେ କୌଣସି ବିଷୟବସ୍ତୁ ଅବୁଝା ଲାଗିଲେ ତୁରନ୍ତ ମୋବାଇଲ୍ ଫୋନ୍‌ରେ ଉତ୍ତର ଖୋଜିବା ଉଚିତ ନୁହେଁ, ବରଂ ଅବୁଝା ବିଷୟ ବା ଶବ୍ଦକୁ ଲେଖି ରଖି ପରବର୍ତ୍ତୀ ସମୟରେ ତାହାକୁ ବିସ୍ତୃତ ଭାବେ ପଢ଼ିନେବା ଉଚିତ ବୋଲି ଅନିମେଶ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ନିଜର ସଫଳତା ପଛରେ ରହିଥିବା ସଂଘର୍ଷ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଏକାଡ଼େମୀର ପ୍ରତିଷ୍ଠାତା ଡ଼ାଇରେକ୍ଟର ଦିଲ୍ଲୀପ କୁମାର ଏହି ଅବସରରେ ଅନିମେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଠିକ୍ ମାର୍ଗଦର୍ଶନରେ କଠିନ ପରିଶ୍ରମ ଓ ଉପଯୁକ୍ତ ଷ୍ଟଡ଼ି ମ୍ୟାଟେରିଆଲ୍ର ଅଧ୍ୟୟନ ଛାତ୍ରଛାତ୍ରୀଙ୍କୁ ସଫଳତାର ରାସ୍ତା ଦେଖାଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶିକା ଜ୍ୟୋତି କୁମାରୀ ଓ ପ୍ରୋଗ୍ରାମିଂ ଡ଼ାଇରେକ୍ଟର ବ୍ରିଜେଶ ଭାରତୀ ଉପସ୍ଥିତ ଥିଲେ। ସିଇଓ ଶୁଭ୍ରାଂଶୁ ଶେଖର ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦାନୀ କୋଇଲା ଆମଦାନି ମାମଲା

# ତଦନ୍ତର ଶୀଘ୍ର ସମାଧାନ ପାଇଁ ଆବେଦନ

**ନୂଆଦିଲ୍ଲୀ,୨୪।୫(ଏଜେନ୍ସି)**

ଆଦାନୀ ଗ୍ରୁପ ଦ୍ୱାରା ଇଣ୍ଡୋନେସିଆରୁ କୋଇଲା ଆମଦାନୀ କ୍ଷେତ୍ରରେ ଅତ୍ୟଧିକ ମୂଲ୍ୟାୟନ କରାଯାଇଥିବା ନେଇ ହୋଇଛି ବଡ଼ ଅଭିଯୋଗ। କୋଇଲା ଆମଦାନୀ ମାମଲାର ତଦନ୍ତ ଶୀଘ୍ର ସମାଧାନ କରିବା ପାଇଁ ୨୧ ଅନ୍ତର୍ଜାତୀୟ ସଂଗଠନ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ଚିଠି ଲେଖି ଆବେଦନ କରିଛନ୍ତି। ଏହି ସଂଗଠନଗୁଡିକ ଅଭିଯୋଗର ଯାଞ୍ଚ କରୁଥିବା ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଦ୍ୱାରା ବିଚାରାଧୀନ ମାମଲାର ଶୀଘ୍ର ସମାଧାନ କରିବାକୁ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡଙ୍କୁ ଏହି ଅନୁରୋଧ କହିଛନ୍ତି।

ଜୀବାଶ୍ମ ଇନ୍ଧନର ନିରନ୍ତର ବ୍ୟବହାର ବିରୋଧରେ ସେମାନେ ଦୃଢ଼ ଭାବରେ ଛିଡା ହୋଇଥିବା ସଂଗଠନଗୁଡିକ କହିଛନ୍ତି। ଲଣ୍ଡନ ସ୍ଥିତ ଫାଇନାନ୍ସିଆଲ ଟାଇମ୍ସର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଏହି ଚିଠି ଲେଖାଯାଇଛି, ଯେଉଁଥିରେ ଜର୍ଜ ସୋରୋସ୍ ସମର୍ଥିତ ସଂଗଠିତ ଅପରାଧ ଏବଂ ଦୁର୍ନୀତି ରିପୋର୍ଟିଂ ପ୍ରକଳ୍ପ (ଓସିସିଆର୍‌ପି) ୨୦୧୩ରେ ଆଦାନୀ ଗ୍ରୁପ୍ ସ୍ୱଳ୍ପ ମୂଲ୍ୟର କୋଇଲାକୁ ଉଚ୍ଚ ମୂଲ୍ୟର ଇନ୍ଧନ ଭାବରେ ବିକ୍ରି କରି ଠକେଇ କରିଥିବା ସନ୍ଦେହ କରାଯାଉଥିଲା। ରିପୋର୍ଟ ଅନୁଯାୟୀ, ତାମିଲନାଡୁର ତାଞ୍ଜେଡକୋ ସହିତ କାରବାରରେ ଆଦାନୀ ଗ୍ରୁପ୍ ଦ୍ୱାରା ‘ନିମ୍ନ ମାନର କୋଇଲାକୁ ମହଙ୍ଗା ସ୍ୱଚ୍ଛ ଇନ୍ଧନ ଦର୍ଶାଇ ବିକ୍ରି କରାଯାଇଛି।

**୨୧ ଅନ୍ତର୍ଜାତୀୟ ସଂଗଠନର ସିଜେଆଇଙ୍କୁ ଚିଠି**



ପ୍ରଧାନ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କୁ ଚିଠି ଲେଖିଥିବା ୨୧ଟି ନ୍ତର୍ଜାତୀୟ ସଂଗଠନ ମଧ୍ୟରେ ଅଷ୍ଟ୍ରେଲିଆନ ସେଣ୍ଟର ଫର ଇଣ୍ଟରନ୍ୟାସନାଲ ଜଷ୍ଟିସ, ବ୍ୟାଙ୍କଟ୍ରାକ, ବବ୍ ବ୍ରାଉନ ଫାଉଣ୍ଡେସନ, କଲଚର ଅନଷ୍ଟେନଡ, ଇକୋ, ବିଲୁପ୍ତ ବିଦ୍ରୋହ, ଫ୍ରେଣ୍ଡସ୍ ଅଫ୍ ଦ ଆର୍ଥ ଅଷ୍ଟ୍ରେଲିଆ, ଲଣ୍ଡନ ମାଇନିଂ ନେଟୱାର୍କ, ମାକେ କଞ୍ଜରଭେସନ୍ ଗ୍ରୁପ, ମାର୍କେଟ ଫୋର୍ସ, ମନି ରିବେଲିଅନ୍, ଷ୍ଟାଣ୍ଡ ଏର୍ଥ, ଷ୍ଟପ୍ ଆଦାନୀ, ସଡ୍ରାଇଜ୍ ମୁଭ୍‌ମେଣ୍ଟ,, ଟିପିଂ ପଏଣ୍ଟ, ଟ୍ରାନ୍ସପରେନ୍ସି ଇଣ୍ଟର ନ୍ୟାସନାଲ ଅଷ୍ଟ୍ରେଲିଆ, ଡବ୍ଲୁ ଆଣ୍ଡ ଜେ ନାଗାନା ୟାରବାୟାନ କଲଚରାଲ କଷ୍ଟୋଡିଆନ୍ସ ଏବଂ କୁଇନ୍ସଲ୍ୟାଣ୍ଡ ସଂରକ୍ଷଣ ପରିଷଦ ଆଦି ରହିଛନ୍ତି।

ଅନ୍ୟପକ୍ଷରେ ଆଦାନୀ ଗୋଷ୍ଠୀ ଏହା ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ପୂର୍ବତନ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀଙ୍କ ସମେତ ବିରୋଧୀଦଳ ନେତାମାନେ ଏହି ଭୁଲ ଘଟଣାର ଯାଞ୍ଚ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବାକୁ ଦାବି କରିଛନ୍ତି। ଗ୍ରୁପର ମୁଖପାତ୍ର କହିଛନ୍ତି ଯେ କୋଇଲାର ଗୁଣବତ୍ତା ସ୍ୱତନ୍ତ୍ର ଭାବେ ଲୋଡିଂ ଏବଂ ଡିସଚାର୍ଜ ସମୟରେ ପରୀକ୍ଷା କରାଯାଇଥିଲା। ଏହା ମଧ୍ୟ ତାମିଲନାଡୁ ଜେନେରେସନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁସନ୍ କମ୍ପାନୀ (ଟାନ୍ ଜେଡକୋ)ର ସ୍ୱାମୀ ଶୁଳ୍କ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ ନିମ୍ନମାନର କୋଇଲା ଯୋଗାଣ ଅଭିଯୋଗ କେବଳ ଭିତ୍ତିହୀନ ଏବଂ ଅନ୍ୟାୟ ନୁହେଁ ବରଂ ଏହା ସମ୍ପୂର୍ଣ୍ଣ ଅବୈଧ। ମୁଖପାତ୍ରଙ୍କ ଅନୁଯାୟୀ, ପ୍ରଦାନ କରାଯାଇଥିବା କୋଇଲା ଗୁଣ ଉପରେ ନିର୍ଭର କରେ। ପରୀକ୍ଷା ପ୍ରକ୍ରିୟା ମାଧ୍ୟମରେ ଏହା ନିର୍ଣ୍ଣୟ କରାଯାଏ। ମାର୍ଚ୍ଚ ୨୦୧୬ରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ୨୦୧୧ରୁ ୨୦୧୫ ମଧ୍ୟରେ ଇଣ୍ଡୋନେସିଆରୁ କୋଇଲା ଆମଦାନୀକୁ ଅଧିକ ମୂଲ୍ୟ ଦେଇଥିବାର ଅଭିଯୋଗ ହେତୁ ଆଦାନୀ ଗୋଷ୍ଠୀ କମ୍ପାନୀଗୁଡିକ ବିରୋଧରେ ତଦନ୍ତ ଆରମ୍ଭ କରିଥିଲା।

# ଫିକି ଫ୍ଲୋ ଭୁବନେଶ୍ୱର ପକ୍ଷରୁ ମହିଳା ଉଦ୍ୟୋଗୀଙ୍କ ପାଇଁ ବାଣିଜ୍ୟ ଏବଂ ବିନିଯୋଗ କର୍ମଶାଳା

**ଭୁବନେଶ୍ୱର,୨୪।୫(ସମିସ)**




ଫିକି ଫ୍ଲୋ ଭୁବନେଶ୍ୱର ପକ୍ଷରୁ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଏଠାରେ ଏକ ବାଣିଜ୍ୟ ଏବଂ ବିନିଯୋଗ କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ଏହି ସ୍ୱତନ୍ତ୍ର କର୍ମଶାଳାରେ ପୂର୍ବ ଏବଂ ଉତ୍ତର ପୂର୍ବ ଭାରତର ବ୍ରିଟିଶ ହାଇ କମିଶନରଙ୍କ ପ୍ରତିନିଧିମାନେ ଯୋଗଦେଇ ଓଡ଼ିଶାର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବ୍ରିଟେନରେ ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗର ସୁଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ଅର୍ଥନୈତିକ ସମ୍ପର୍କ ବୃଦ୍ଧି ତଥା ବ୍ୟବସାୟରେ ମହିଳାଙ୍କୁ ସଶକ୍ତ ପାଇଁ ପାରସ୍ପରିକ ପ୍ରତିବଦ୍ଧତା ଦର୍ଶାଯାଇଛି। ଡ଼େପୁଟି ହାଇକମିଶନର ଡ. ଆଣ୍ଡ୍ରିୟୁ ଫ୍ଲେମିଂଙ୍କ ନେତୃତ୍ୱରେ ବ୍ରିଟିଶ ପ୍ରତିନିଧିମାନେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବ୍ରିଟେନର ଦୃଢ ସମର୍ଥନ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ପୁଞ୍ଜି ପ୍ରବାହ ନେଟୱାର୍କିଂ ସୁଯୋଗ ଏବଂ ତାଲିମ କାର୍ଯ୍ୟକ୍ରମମାନ ରହିଛି।

ଫିକି ଫ୍ଲୋ-ଭୁବନେଶ୍ୱରର ଅଧକ୍ଷା ରଶ୍ମୀ ସାହୁ ସମ୍ଭାବ୍ୟ ସହଯୋଗକୁ ନେଇ ଆଶାବାଦୀ ଥିବା କହିଛନ୍ତି। ଆମର ସହଭାଗୀ ମହିଳା ଉଦ୍ୟୋଗୀମାନଙ୍କୁ ବିଶ୍ୱ ବଜାରରେ ଏକୀଭୂତ କରିବା ପାଇଁ ଏହି ସହଭାଗୀତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ବ୍ରିଟେନର ଚମତ୍କାର ଅର୍ଥବ୍ୟବସ୍ଥା ନବୀକରଣ ତଥା ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ଦେଇଥାଏ ବୋଲି ଫ୍ଲୋ-ଭୁବନେଶ୍ୱରର ପ୍ରତିଷ୍ଠାତା ଅଧକ୍ଷା ଧରିତ୍ରୀ ପଟ୍ଟନାୟକ କହିଛନ୍ତି। ଆଲୋଚନାର ପ୍ରମୁଖ କ୍ଷେତ୍ରଗୁଡ଼ିକ ହେଉଛି ଦ୍ୱିପାକ୍ଷିକ ମାନସିକତା କାର୍ଯ୍ୟକ୍ରମ ପ୍ରତିଷ୍ଠା, ଭାରତୀୟ ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ୍ ପାଇଁ ବ୍ରିଟେନ ବଜାରକୁ ପ୍ରବେଶ ସହଜ କରିବା ଏବଂ ଟେକ୍ନୋଲୋଜି, ସ୍ୱାସ୍ଥ୍ୟସେବା ଓ ସ୍ଥାୟୀ ଉତ୍ପାଦ ପରି ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ସୃଷ୍ଟି କରିବା। ବ୍ରିଟେନ ମହିଳାମାନଙ୍କୁ ବ୍ୟବସାୟରେ ସହାୟତା କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଆମେ ଭାରତର ଗତିଶୀଳ ମହିଳା ଉଦ୍ୟୋଗୀମାନଙ୍କ ସହ ଭାଗିଦାରୀ କରିବାରେ ଅତୁଳନୀୟ ସମ୍ଭାବନା ଦେଖୁ। ଏକ ସମୃଦ୍ଧ ଇକୋସିଷ୍ଟମ ନିମନ୍ତେ ମିଳିତ ଭାବେ ଆମେ କାର୍ଯ୍ୟ କରି ଅର୍ଥନୀତିକୁ ସୁଦୃଢ କରିପାରିବା ବୋଲି ଡ. ଆଣ୍ଡ୍ରିୟୁ ଫ୍ଲେମିଂଙ୍କ କହିଛନ୍ତି। ଏହି ପଦକ୍ଷେପ ଭାରତ ଏବଂ ବ୍ରିଟେନ ମଧ୍ୟରେ ଅର୍ଥନୈତିକ ସହଯୋଗକୁ ମଜବୁତ କରି ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ନୂତନ ରାସ୍ତା ଖୋଲିବ ବୋଲି ଫିକି ଫ୍ଲୋର ସଦସ୍ୟାମାନେ ଆଶାବ୍ୟକ୍ତ କରିଛନ୍ତି।

# ଖିମଜୀ ଜୁଏଲର୍ସ କଟକ ଷ୍ଟୋର୍‌ର ୧୩ତମ ବାର୍ଷିକ ପୂର୍ତ୍ତି

**ଭୁବନେଶ୍ୱର,୨୪।୫(ସମିସ)**

ଖିମଜୀ ଜୁଏଲର୍ସ ତାହାର କଟକ ଷ୍ଟୋର୍‌ର ୧୩ତମ ବାର୍ଷିକ ପୂର୍ତ୍ତି ଅବସରରେ ଚଳିତମାସ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ବହୁବିଧ ସ୍ୱତନ୍ତ୍ର ରିଆତି ଅଫର ଘୋଷଣା କରିଛି। ଏଥିରେ ଗ୍ରାହକମାନେ ସୁନା ଗହଣା ଗଢା ମଜୁରୀ ଉପରେ ଫ୍ଲାଟ୍ ୩୦% ଛାଡ, ହୀରା ଗହଣା ଗଢା ମଜୁରୀ ଉପରେ ଫ୍ଲାଟ୍ ୨୦% ଛାଡ ଏବଂ ଓଜନିଆ ରୂପା ଜିନିଷର ଗଢା ମଜୁରୀ ଉପରେ ଫ୍ଲାଟ୍ ୨୦% ଛାଡ ପାଇପାରିବେ। ଏହି ବର୍ଷପୂର୍ତ୍ତି ଉତ୍ସବ ପାଳନ ଖିମଜୀ ଜୁଏଲର୍ସର ସୁଦୀର୍ଘ ପରମ୍ପରା ଏବଂ ଉତ୍କର୍ଷ ନିମନ୍ତେ ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଦୀର୍ଘ ୮୮ ବର୍ଷର ସମୃଦ୍ଧ ଐତିହ୍ୟକୁ ନେଇ ଖିମଜୀ ଜୁଏଲର୍ସ ଅତି ନିଖୁଣ କାରିଗରୀ ଏବଂ ଅତୁଳନୀୟ ଗୁଣବତ୍ତା ସହିତ ଏକ ସୁପରିଚିତ ନାମ ହୋଇଛି। ଏ ସମ୍ପର୍କରେ ଖିମଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମଜୀ କହିଛନ୍ତି, ଆମ କଟକ ଷ୍ଟୋର୍‌ର ୧୩ତମ ବର୍ଷ ପୂର୍ତ୍ତି ଆମ ମାନଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହୋଇଛି। ଆମ ଗ୍ରାହକମାନେ ଏହି ବର୍ଷଗୁଡିକରେ ଆମ ପ୍ରତି ରଖିଆସିଥିବା ବିଶ୍ୱାସ,ପ୍ରତିବଦ୍ଧତା ଓ ସମର୍ଥନକୁ ପ୍ରଶଂସା କରୁଛୁ। ଏହି ଅନନ୍ୟ ଅବସର ପାଳନ କରିବା ନିମନ୍ତେ ଆମେ ଆମ କୃତଜ୍ଞତାର ନିଦର୍ଶନ ସ୍ୱରୂପ ଆନନ୍ଦ ଓ ଉତ୍ସାହର ସହିତ ସ୍ୱତନ୍ତ୍ର ରିହାତି ଅଫର୍ ପ୍ରଦାନ କରୁଛୁ। ଖିମଜୀ ଜୁଏଲର୍ସର ଗୁଣବତ୍ତା ଏବଂ ଗ୍ରାହକ ସନ୍ତୁଷ୍ଟି ନିମନ୍ତେ ଏକନିଷ୍ଠ ଉତ୍ସର୍ଗୀକୃତ ଭାବ ତାହାର ସ୍ଥିତିକୁ ଓଡ଼ିଶାରେ ସର୍ବାଧିକ ବିଶ୍ୱସନୀୟ ଜୁଏଲର ଭାବରେ ସୁଦୃଢ କରିଛି। ଏହି ଉତ୍ସବ ପାଳନ କେବଳ ଆଉ ଗୋଟିଏ ବର୍ଷକୁ ନେଇ ଆଗକୁ ବଢିବା ନୁହେଁ, ବରଂ ତାହାସହିତ ଆଗ ଗ୍ରାହକମାନେ ଆକାଂକ୍ଷା ରଖୁଥିବା ଅତୁଳନୀୟ ମୂଲ୍ୟ ଏବଂ ଅନନ୍ୟ ସେବା ଯୋଗାଇଦେବାକୁ ଆମର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ କରୁଛି।

**ମେ’ ୨୬ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିଆତି ଅଫର୍**



# ‘ଟ୍ରିପଲ ଏ’ ଖୋର୍ଦ୍ଧାରେ କ୍ୟାରିୟର ଫେୟାର



**ଭୁବନେଶ୍ୱର,୨୪।୫(ସମିସ):** ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ ‘ଏ’ରେ କ୍ୟାରିୟର ଫେୟାର ଭୁବନେଶ୍ୱର ସିବିଏସଇ କାର୍ଯ୍ୟାଳୟର ରିଜିଓନାଲ ଅଫିସର କେ. ଶ୍ରୀନିବାସନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଟ୍ରିପଲ ‘ଏ’ ଓ ଭୁବନେଶ୍ୱରର ପ୍ରତିଷ୍ଠିତ କ୍ୟାରିୟର ମ୍ୟାପର ନିର୍ଦ୍ଦେଶକ ଯଶୋବନ୍ତ ନାରାୟଣ ସିଂଘଲାଲଙ୍କ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ମେଳାରେ ବିଦ୍ୟାଳୟର ଅଧକ୍ଷା ଦିପ୍ତିମୟୀ ମହାନ୍ତି ଓ ପ୍ରତିଷ୍ଠାତା ଡ଼ା. ନନ୍ଦକିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ। ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଭବିଷ୍ୟତ ଜୀ ବନରେ କିଭଳି ଭାବରେ ନିଜର କ୍ୟାରିୟର ଚୟନ କରି ସଫଳ ହେବେ, ତାହା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ଏହି କ୍ୟାରିୟର ଫେୟାରରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଜ୍ଞାନ, କଳା, ବାଣିଜ୍ୟ, ନ୍ୟୁଟ୍ରାଲ, କମ୍ପିଟେଟିଭ ଓ ଧନ୍ଦାମୁଳକ ଆଦି ବିଭିନ୍ନ ବିଭାଗ ଅର୍ନ୍ତଭୁକ୍ତ ଥିଲା, ଯାହା ଅଭିଭାବକ ଛାତ୍ରଛାତ୍ରୀ ଓ ସର୍ବସାଧାରଣଙ୍କ ନିମନ୍ତେ ଦିନ ୧୧ ଟାରୁ ୨ଟା ପର୍ଯ୍ୟନ୍ତ ଉନ୍ମୁକ୍ତ ଥୁଲା।



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାଶ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଆର୍‌ବିଆଇ କାର୍ଯ୍ୟାଳୟରେ ଆଇଡିବିଆଇ ବ୍ୟାଙ୍କର ଭୁବନେଶ୍ୱର ଜୋନାଲ ମୁଖ୍ୟ ସୁଜିତ କୁମାର କେନ୍ଦ୍ରୀୟ ବ୍ୟାଙ୍କ ମୁଖ୍ୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଷ୍ଟେଟ ବ୍ୟାଙ୍କ ଦ୍ୱାରା ବାଲୁକା କଳା ମାଧ୍ୟମରେ ଭୋଟର ସଚେତନତା




**ଭୁବନେଶ୍ୱର,୨୪।୫(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଏହାର ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟ ଓ ଶାଖା ମାନଙ୍କରେ ଭୋଟର ସଚେତନତା ନିମିତ୍ତ ବିଭିନ୍ନ କାର୍ଯକ୍ରମ ହାତକୁ ନିଆଯାଇଛି। ଏହି ଅଭିଯାନର ଅଂଶ ବିଶେଷ ଏକ ବାଲୁକା ଳାକୃତି ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥିଙ୍କ ଦ୍ୱାରା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ସମ୍ମୁଖ ରେ ଉନ୍ମୋଚିତ ହେଇଯାଇଛି। ଶ୍ରୀ ପରୁଥି ଗଣତନ୍ତ୍ରର ଏହି ମହାନ ପର୍ବରେ ଭୋଟ ଦାନ ସୁନିଶ୍ଚିତ କରିବାକୁ ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗ ତଥା ସାଧାରଣ ଜନତାଙ୍କୁ ପରାମର୍ଶ ଦେଇଥିଲେ। ଏହି ବାଲୁକା କଳାକୃତିଟି ଷ୍ଟେଟ ବ୍ୟାଙ୍କର କର୍ମଚାରୀ ଶ୍ରୀ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ।

# ୧୦୬ ବର୍ଷ ପୁରୁଣା ୧୦ ଟଙ୍କିଆ ନୋଟ୍‌ର ହେବ ନିଲାମ

**ନୂଆଦିଲ୍ଲୀ,୨୪।୫(ଏଜେନ୍ସି)**

ପୁରାତନ ତଥା ମୁଦ୍ରା ଏବଂ ପେଟିଂର ସର୍ବଦା ଚାହିଦା ରହିଥାଏ। ଏଭଳି ସାମଗ୍ରୀଗୁଡିକ ବ୍ରିଟେନର ମେ’ ଫେୟାରସ୍ଥିତ ଅକ୍ସନ୍ ହାଉସ୍ ନୁନାନ୍ସରେ ନଲାମ କରାଯାଇଥାଏ। ଏହି ନିଲାମୀରେ ଚଳିତଥର ୧୦୬ ବର୍ଷ ପୁରୁଣା ୧୦ ଟଙ୍କିଆ ନୋଟ୍‌ର ନିଲାମ କରାଯିବ। ୧୦ ଟଙ୍କା ମୂଲ୍ୟର ଏହି ୨ଟି ନୋଟ୍‌କୁ ଅତି କମ୍‌ରେ ୪ ଲକ୍ଷ ଟଙ୍କାରେ ନିଲାମ କରାଯିବ। ପ୍ରକୃତରେ ଏହି ଦୁଇଟି ୧୦ ଟଙ୍କିଆ ନୋଟ୍ ଲଣ୍ଡନର ଏମଏସ୍ ଶିରାଲା ଜାହାଜରୁ ମିଳିଥିଲା। ଏବେ ଏହି ୧୦ ଟଙ୍କିଆ ନୋଟ୍ ପାଇଁ ମେ’ ୨୯ ବୁଧବାର ନୁନାନ୍ସ ମେ’ ଫେୟାରରେ ନିଲାମ ଡକାଯିବ। ଏହି ଦୁଇ ନୋଟ୍‌ର ସ୍ୱତନ୍ତ୍ରତା ହେଉଛି ଯେ, ଏହା ଉପରେ କାହାରି ଦସ୍ତଖତ ନାହିଁ ଓ ଏହାର କାଗଜର ମାନ ବେଶ ଭଲ ରହିଛି। ଆହୁରିମଧ ଏହି ମାନର ନୋଟ୍ କାଗଜ ବର୍ତ୍ତମାନ ଦୁର୍ଲଭ। ଏହାର ସିରିଅଲ୍ ନମ୍ବର ବି ଏ ପର୍ଯ୍ୟନ୍ତ ସ୍ପଷ୍ଟ ନଜର ଆସୁଛି।

ନିଲାମ ହେଉଥିବା ଏହି ୧୦ ଟଙ୍କିଆ ନୋଟ୍ ବ୍ୟାଙ୍କ ଅଫ୍ ଇଂଲଣ୍ଡ ଦ୍ୱାରା ଛାପାଯାଇଥିଲା। ଏହାକୁ ଜର୍ମାନ୍ ୟୁ ବୋଟ୍ ଏସଏସ୍ ଶିରାଲା ଜାହାଜରେ ଲଦି ଭାରତ ପଠାଯାଉଥିଲା। ଏହି ଜାହାଜ ବୁଡି ଯାଇଥିଲା। ଏହି ଜାହାଜରେ ଲଦା ଯାଇଥିବା ଅଧିକାଂଶ ଭାରତୀୟ ନୋଟ୍‌କୁ ନଷ୍ଟ କରିଦିଆଗଲା କିନ୍ତୁ ଏହି ୨ ନୋଟ୍ ଏବେ ବି ସୁରକ୍ଷିତ ରହିଛି। ଏହି ନିଲାମୀରେ ଭାରତ ସରକାରଙ୍କ ଆଉ କିଛି ଦୁର୍ଲଭ ନୋଟ୍ ବି ନିଲାମ ହେବ। ଏଥିରେ ଭାରତରେ ବ୍ରିଟିଶ ଶାସନ ସମୟରେ ଛାପା ଯାଇଥିବା ୧୦୦ ଟଙ୍କିଆ ଏକ ନୋଟ୍ ବି ନିଲାମ ପାଇଁ ରଖାଯିବ। ଏହା ଉପରେ ହସ୍ତାକ୍ଷର ଓ କୋଲକାତା ମୋହର ଲାଗିଛି। ଏହା ୧୯୧୭ରୁ ୧୯୩୦ ମଧ୍ୟରେ ଛପା ଯାଇଥିଲା। ଏହି ନୋଟ୍ ପଛରେ ହିନ୍ଦୀ ଓ ବଙ୍ଗଳା ସହିତ ବିଭିନ୍ନ ଭାରତୀୟ ଭାଷାରେ ୧୦୦ ଟଙ୍କା ଲେଖାଯାଇଛି।




- ୨ ଲକ୍ଷ ଟଙ୍କାରେ ହେବ ନିଲାମ
- ୧୯୧୭ରୁ ୧୯୩୦ ମଧ୍ୟରେ ଛପା ଯାଇଥିଲା
- ନୋଟ୍ ପଛରେ ହିନ୍ଦୀ, ବଙ୍ଗଳା ସହ ଅନ୍ୟ ଭାରତୀୟ ଭାଷାରେ ୧୦୦ ଟଙ୍କା ଲେଖାଯାଇଛି

# ମରାମତି ହେଲା ଅଚଳ ନଳକୂଅ

**ଶଗଡ଼ା, ୨୪।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ବାଞ୍ଜିମୁଣ୍ଡା ଗ୍ରାମରେ ଥିବା ନଳକୂପଟି ଶେଷରେ ମରାମତି ହୋଇଛି। ଦୀର୍ଘ ୧୪ଦିନ ହେବ ଏହା ଅଚଳ ହୋଇ ପଡ଼ି ରହିଥିଲା। ଏଣୁ ଗାଁର ୩୦ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନଳକୂପ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ; ହେଲେ କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ୨୧ତାରିଖରେ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ଶୁକ୍ରବାର ନଳକୂଅ ମରାମତି କରାଯାଇଛି।

ସକାଳ ପ୍ରଭାବ



**୧୪ ଦିନ ହେଲା ବାଞ୍ଜିମୁଣ୍ଡାର ୩୦ ପରିବାର ପାଣି ପାଇଁ କଲବଲ ହେଉଥିଲେ**

# ନୃସିଂହ ମନ୍ଦିରରେ ସାମୂହିକ ବ୍ରତୋପନୟନ



**ବଲାଙ୍ଗିର, ୨୪।୫(ସମିସ):** ବଲାଙ୍ଗିର ନୃସିଂହମନ୍ଦିର ପରିସରରେ ମହନ୍ତ ମହାରାଜ ବ୍ରଜ ମୋହନ ଶରଣ ଦେବ ଓ ଗୁରୁ ଭାଇଉଣୀ ସେବା ସଂଘ ଟ୍ରଷ୍ଟ ମିଳିତ ସହଯୋଗରେ ବଲାଙ୍ଗିର, ବରଗଡ଼, ନୂଆପଡ଼ା, ଫୁଲବାଣୀ ଇତ୍ୟାଦି ଜିଲ୍ଲାରୁ ଆସିଥିବା ୧୭ ଜଣ ବ୍ରାହ୍ମଣ ବାଳକଙ୍କୁ ନିଶୁଳ୍କ ବ୍ରତୋପନୋୟନ କରାଯାଇଥିଲା। ବିଶିଷ୍ଟ ପଣ୍ଡିତ ମୁରାରୀ ମିଶ୍ରଙ୍କ ଦ୍ୱାରା ଏହି ସଂସ୍କାର କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ପବିତ୍ର ସଂସ୍କାର କାର୍ଯ୍ୟକ୍ରମରେ ଗୁରୁଭାଇ ଭଉଣୀ ସେବା ସଂଘ ଟ୍ରଷ୍ଟର ସଭାପତି ପଣ୍ଡିତ ଚନ୍ଦ୍ର କୁମାର ପୁରୋହିତ, ସମ୍ପାଦକ ପଣ୍ଡିତ ନାରାୟଣ ପୁରୋହିତ, ଯୁଗ୍ମ ସମ୍ପାଦକ ତଥା ନୃସିଂହ ମନ୍ଦିର ପୂଜକ ପଣ୍ଡିତ ଗୋବର୍ଦ୍ଧନ ଶତପଥୀ, କୋଷାଧ୍ୟକ୍ଷ ପଣ୍ଡିତ ଜଗମୋହନ ତ୍ରିପାଠୀ, କାର୍ଯ୍ୟକାରୀ ସଦସ୍ୟ ପଣ୍ଡିତ ଭକ୍ତଚରଣ ଦାଶଙ୍କ ସହିତ ଉପଦେଷ୍ଟା କମିଟିର ସଦସ୍ୟ କିଶୋର କୁମାର ପୁରୋହିତ ଉପସ୍ଥିତ ଥିଲେ। ମନୋଜ କୁମାର ଅଗ୍ରୱାଲ, ବ୍ରଜ ମୋହନ ସାହୁ, ଗଣପତି ପୁରୋହିତ, ଗିରିଶ ଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ ଓ ସିଦ୍ଧେଶ୍ୱର ମିଶ୍ର ସାମଗ୍ରୀ ଓ ଆର୍ଥିକ ସହାୟତା ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟରାମ ମିଶ୍ର, ବାଦଲ ମହାକୁର ଯାଦବ, ପର୍ଶୁରାମ ନାୟକ, ସଂକୀର୍ତ୍ତନ ତ୍ରିପାଠୀ ସମେତ ଅନେକ ସହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

ଅନ୍ୱେଷା ଯୋଜନା ବାଟବଣା

# ଗରିବ ବଦଳରେ ସରକାରୀ କର୍ମଚାରୀଙ୍କ ପୁଅ, ଝିଅ

**କଣ୍ଟାବାଞ୍ଜି, ୨୪।୫(ସମିସ)**

ବଲାଙ୍ଗିର ଜିଲ୍ଲା ଉପାନ୍ତ ତୁରେକେଲା ବ୍ଲକରେ ଅନେକ ଗରିବ ଶ୍ରେଣୀ ପରିବାର ବସବାସ କରନ୍ତି। ନିଜ ପରିବାର ପ୍ରତିପୋଷଣ କରିବାକୁ ପୁରା ପରିବାର ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ବେଳେ ପାଠପଢ଼ାରୁ ବାଦ ପଡୁଥିଲେ ଶ୍ରମିକ ମାନଙ୍କ ପୁଅ ଝିଅ। ଏହି ସମସ୍ୟାକୁ ନଜରରେ ରଖି ରାଜ୍ୟ ସରକାର ଗ୍ରାମାଞ୍ଚଳର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗ ଶ୍ରମିକ ଯେଉଁମାନେ ବିପିଏଲ ଶ୍ରେଣୀ ଅନ୍ତର୍ଭୁକ୍ତ ପରିବାରର ଛାତ୍ର ଛାତ୍ରୀଙ୍କୁ ହଷ୍ଟେଲରେ ରଖି ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର ଅନ୍ୱେଷା ଯୋଜନା ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାର ଅନ୍ୱେଷା ଯୋଜନା ମାଧ୍ୟମରେ ଘରୋଇ ସ୍କୁଲ ପାଠପଢ଼ାଇ ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି। ଗୋଟିଏ ପିଲା ପ୍ରତି ବର୍ଷକୁ ରାଜ୍ୟ ସରକାର ପ୍ରାୟ ୨୮୦୦୦ ହଜାର ଟଙ୍କା ବହନ କରୁଥିବା ଜଣାପଡ଼ିଛି। ଯାହାଫଳ ରେ ଗରିବ ପରିବାର ପିଲା ଭଲ ପାଠ ପଢ଼ି ବଡ ମଣିଷ ହେବେ ସେଥି ପାଇଁ ରାଜ୍ୟ ସରକାର ପ୍ରୟାସ କରୁଥିବା ବେଳେ ଏହି ଯୋଜନାକୁ ବାଟବଣା କରୁଛନ୍ତି ସ୍ଥାନୀୟ କିଛି ଦଲାଲ ଓ ବିଭାଗୀୟ ଅଧିକାରୀ। ଗରିବ ବଦଳରେ ସରକାରୀ କର୍ମଚାରୀଙ୍କ ପୁଅ, ଝିଅ ଅନ୍ୱେଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି।

**ସତ ଉଗାଳିଲେ ହଷ୍ଟେଲ କର୍ମଚାରୀ**

ସୂଚନା ଅନୁସାରେ ତୁରେକେଲା ବ୍ଲକ ହିଆଁଲ ଗାଁଠାରେ ଅନ୍ୱେଷା ଯୋଜନାରେ ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରହିବାକୁ ହଷ୍ଟେଲ ନିର୍ମାଣ କରାଯାଇଛି। ଯେଉଁ ଛାତ୍ରଛାତ୍ରୀ ଏହି ଯୋଜନା ଅନ୍ତର୍ଭୁକ୍ତ ଅଛନ୍ତି ସେମାନେ ଏହି ହଷ୍ଟେଲ ରେ ରହି ବସ୍ ଯୋଗେ ଘରୋଇ ସ୍କୁଲ ପାଠପଢ଼ିବାକୁ ଯିବେ କିନ୍ତୁ ଗରିବ ଶ୍ରେଣୀ ବଦଳରେ ଅନେକ ସରକାରୀ କର୍ମଚାରୀଙ୍କ ପୁଅ ଝିଅ ମଧ୍ୟ ଅନ୍ୱେଷା ଯୋଜନାରେ ସାମିଲ ହୋଇଥିବା ଜଣାପଡ଼ିଛି। ଅନ୍ୱେଷା ଯୋଜନାରେ ତୁରେକେଲା ବ୍ଲକରେ ପ୍ରାୟ ୧୫ ଜଣ ସରକାରୀ କର୍ମଚାରୀଙ୍କ ପୁଅ ଝିଅ ସାମିଲ ଥିବା ଅନ୍ୱେଷା ହଷ୍ଟେଲର କର୍ମଚାରୀ ସତ ଉଗାଳିଥିବା ଏକ ଭିଡିଓରୁ ଜଣାପଡ଼ିଛି। ତେବେ ବିପିଏଲ ଶ୍ରେଣୀ ଛାତ୍ରଛାତ୍ରୀ ବଦଳରେ ସରକାରୀ କର୍ମଚାରୀଙ୍କ ପୁଅଝିଅ ଅନ୍ୱେଷା ଯୋଜନାରେ ସାମିଲ ହେଲେ କେମିତି। ଅନ୍ୟପକ୍ଷରେ ସ୍ଥାନୀୟ କିଛି ଦଲାଲ ସକ୍ରିୟ ହୋଇ ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତରା କରି ସରକାର କର୍ମଚାରୀଙ୍କ ଠାରୁ ହାତଗୁଞ୍ଜା ନେଇ ଅଧିକାରୀ ଓ ଦଲାଲ ଭାଗବଣ୍ଟା କରି ଏଭଳି କରିଥବା ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ବଲାଙ୍ଗିର ଜିଲ୍ଲା ମଙ୍ଗଳ ଅଧିକାର ଅଲେଖ ବିଶ୍ୱାଳ ଙ୍କୁ ପଚାରିବାରୁ ଏନେଇ ଆମ ପାଖକୁ ଏହିଭଳି କୌଣସି ଅଭିଯୋଗ ଆସିନାହିଁ, ଯେଉଁ ସରକାରୀ କର୍ମଚାରୀ ଙ୍କ ପୁଅ ଝିଅ ପାଠ ପଢୁଛନ୍ତି ସେମାନେ ବିପିଏଲ ଶ୍ରେଣୀ ଅନ୍ତର୍ଭୁକ୍ତ ଥିବେ। ଯଦି କୌଣସି ସରକାରୀ କର୍ମଚାରୀ ଆବସ ଯୋଜନାରେ ଘର ତିଆରି କଲେ ତା' ଘର ଭଙ୍ଗା ଯାଉଛି କି ବୋଲି ସେ କହିଥିଲେ। ଜଣେ ଜିଲ୍ଲାସ୍ତରୀୟ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସୁରକ୍ଷା ଦେଉଥିବା ଚର୍ଚ୍ଚା ହେଉଛି।

# ନିର୍ବାଚନ କାର୍ଯ୍ୟରେ ଥିବା କର୍ମଚାରୀଙ୍କ ମୃତ୍ୟୁ, କ୍ଷତିପୂରଣ ଦାବି କଲେ ପରିବାରବର୍ଗ

**ବରଗଡ଼, ୨୪।୫(ସମିସ):** ବରଗଡ଼ ବାପୁଜୀ ଭିନ୍ନକ୍ଷମ ସ୍କୁଲର ଶିକ୍ଷକ ଗୁଣନିଧି ସାହୁ ନିର୍ବାଚନ କାର୍ଯ୍ୟ କରୁଥିବା ସମୟରେ ହୃଦଘାତରେ ପ୍ରାଣ ହରାଇଥିବାରୁ ତାଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହୋଇଛି। ଏ ନେଇ ଶୁକ୍ରବାର ସ୍ୱର୍ଗତ ସାହୁଙ୍କ ପତ୍ନୀ ସୁନିତା ସାହୁ ବିଧାନସଭା ନିର୍ବାଚନ ମଣ୍ଡଳୀର ଆରଓଙ୍କୁ ଭେଟି ଲିଖିତ ଦାବି କରିଥିଲେ। ଗତ ମାର୍ଚ୍ଚ ୨୫ ତାରିଖରେ ତାଙ୍କର ବାଇପାସ ସର୍ଜରୀ ହୋଇଥିବାରୁ ନିର୍ବାଚନ କାର୍ଯ୍ୟରୁ ତାଙ୍କୁ ବାଦ ଦେବା ପାଇଁ ସେ ନିବେଦନ କରିଥିଲେ। ମାତ୍ର ପ୍ରଶାସନ ତରଫରୁ ପଦକ୍ଷେପ ନିଆଯାଇନଥିବାରୁ ସମସ୍ତ ତାଲିମ କାର୍ଯ୍ୟକ୍ରମ ସହିତ ୧୯ ତାରିଖରେ ପୋଲିଂ ପାର୍ଟିମାନଙ୍କୁ ପ୍ରେରଣ କାମ ସମ୍ପାଦନ କରିଥିଲେ। ତେବେ ରାତିରେ ସେ ହଠାତ ତଳେ ପଡ଼ି ଯିବା ପରେ ତାଙ୍କୁ ବିକାଶ ହସପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ପରଦିନ ୨୦ ତାରିଖ ଦିନ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏଣୁ ଏହାର ଉଚିତ ପଦକ୍ଷେପ ନିଆଯାଇ ସ୍ୱର୍ଗତ ସାହୁଙ୍କ ପରିବାରକୁ ନିୟମାନୁସାରେ ରହିଥିବା କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ଏଠାରେ ପ୍ରକାଶ ଥାଉକି ସ୍ୱର୍ଗତ ସାହୁ ତାଙ୍କ ପଛରେ ସ୍ତ୍ରୀ ସୁନିତାଙ୍କ ସମେତ ଦୁଇଝି ଝିଅ ସ୍ୱପ୍ନା ଓ ଲିପସାଙ୍କୁ ଛାଡ଼ି ଯାଇଥିବା ବେଳେ ପରିବାର ପୋଷଣ ପାଇଁ ଅନ୍ୟ କେହି ନଥିବାରୁ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜନସାଧାରଣରେ ଦାବି ହୋଇଛି।



# ଷୋଳପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ସିନାପାଲି,୨୪।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ପଞ୍ଚାୟତ ରାବଣଛକଠାରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ହୋଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ଉଦନ୍ତୀ ନଦୀରୁ ପୂର୍ଣ୍ଣ ଜଳ କଳସ ଆଣି ସିନାପାଲି ସହର ପରିକ୍ରମା ପୂର୍ବକ ଯଜ୍ଞମଣ୍ଡପରେ କଳସ ସ୍ଥାପନ କରିଥିଲେ। ନାମଯଜ୍ଞରେ କର୍ତ୍ତା ଭାବରେ ଅଜିତ ଯୋଶୀ ସପତ୍ନୀକ କର୍ତ୍ତା ଦାଟିତ୍ୱ ନିର୍ବାହ କରୁଥିବାବେଳେ ପୂଜକ ଭାବରେ ଧବଳେଶ୍ୱର ପୋରୋହିତ ନିର୍ବାହ କରୁଛନ୍ତି। ନାମଯଜ୍ଞ କମିଟିର ସଭାପତି ନରେଶ ମେହେର, ସମ୍ପାଦକ ମନୋରଞ୍ଜନ ମେହେର, କୋଷାଧ୍ୟକ୍ଷ ଦୁଷ୍ମନ୍ତ ମେହେରଙ୍କ ସମେତ ସୁନୀଲ, ପ୍ରମୋଦ, ବିକାଶ, ବବଲୁ, ଜନ୍ମେ, ବିମଲ, ମଳୟ, ଅନିଲ, ଶିଶିର ପ୍ରମୁଖ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।





# ଜଟେସିଂହାରେ ସନ୍ଥ କବିଙ୍କ ଜୟନ୍ତୀ

**ସୁବଳୟା, ୨୪।୫ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଜଟେସିଂହାରେ ବୈଶାଖ ପୂର୍ଣ୍ଣିମା ସନ୍ଧ୍ୟାରେ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଅନେକ ମହିମା ଧର୍ମାବଲମ୍ବୀ ଓ ଶ୍ରଦ୍ଧାଳୁ କବିଙ୍କ ଜନ୍ମ ପୀଠରେ ଧୁନି ପ୍ରଜ୍ୱଳନ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ।

**ପଦ୍ମତୋଳି ଗାଁର ୩୫ ପରିବାର ଅନ୍ଧାରରେ ଥିଲେ**

# ୫ଦିନ ପରେ ଗାଁକୁ ଆସିଲା ବିଜୁଳି

**ଶଗଡ଼ା, ୨୪।୫ (ସମିସ):** ସରକାର ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକେ ବିଦ୍ୟୁତ୍ ଭଳି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ପଦ୍ମତୋଳି ଗ୍ରାମରେ ଗତ ୫ଦିନ ହେବ ଟ୍ରାନ୍ସଫର୍ମରର ଫ୍ୟୁଜ୍ ତାରଟି ଛିଣ୍ଡି ଯାଇଥିଲା। ଏହା ଫଳରେ ୩୫ ପରିବାର ଅନ୍ଧାରରେ ରହୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଫ୍ୟୁଜ୍ ମରାମତି ପାଇଁ ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ଫୋନ୍ କଲେ ମଧ୍ୟ ଯିବା ଯିବା କହି ଦିନ ଗଡ଼ାଇ ଚାଲିଥିଲେ। ଏ ନେଇ ଶୁକ୍ରବାର ଦୈନିକ 'ସକାଳ'ରେ ଖବର ପକାଶ ପାଇଥିଲା। ଏହାପରେ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଛି।

ସକାଳ ପ୍ରଭାବ

# ସରଣ୍ଡାରେ ପୁରାଣ ଶାସ୍ତ୍ର ପାଠ



**ବୌଦ୍ଧ, ୨୪।୫(ସମିସ):** ବୌଦ୍ଧ ବ୍ଲକ ସରଣ୍ଡାରେ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ପୁରାଣ ପାଠ କରାଯୋଇଛି। ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶଙ୍କ ନେତୃତ୍ୱରେ ଭାଗବତ, ଗୀତା, ବିଷ୍ଣୁ ସହସ୍ରନାମ, ସୁନ୍ଦରକାଣ୍ଡ ପାଠ କରାଯାଇଥିଲା। ବର୍ତ୍ତମାନ ସମାଜ ଆଧୁନିକତା ଆଡକୁ ଗତି କରୁଥିବାରୁ ଲୋକେ ପୁରାଣ ଶାସ୍ତ୍ରଠାରୁ ଦୂରେଇ ଯାଉଛନ୍ତି। ଏହାର ପ୍ରଚାର ପ୍ରସାର ପାଇଁ ଜିଲ୍ଲା ବ୍ରାହ୍ମଣ ସମାଜ ପ୍ରୟାସ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଦାଶ, ବାବାଜୀ ଦାଶ, ପିତାମ୍ବର ଆଚାର୍ଯ୍ୟ, ରଞ୍ଜିତ ହୋତା, ବ୍ରହ୍ମାନନ୍ଦ ଶତପଥୀ ସୁବାସ ହୋତା, ଜ୍ଞାନରଞ୍ଜନ ମିଶ୍ର, ସଞ୍ଜୀବ ମିଶ୍ର, ମିନୁପ୍ରସାଦ ମିଶ୍ର, ସୂର୍ଯ୍ୟେନ୍ଦ୍ର ଶତପଥୀ, ସଞ୍ଜୟ ଶଙ୍କର ପୁରୋହିତ, ଆଶୁତୋଷ ପଣ୍ଡା ପୁରାଣ ପାଠ କରିଥିଲେ।

# ଭୋଟ୍ ସରିଲା; ଅଙ୍କ କଷୁଛନ୍ତି ନେତା, କର୍ମୀ

**ବିନିକା, ୨୪।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ୨୦ତାରିଖ ମତଦାନ ସରିଛି। ଇଭିଏମ୍ ଅଚଳ, କାଁ ଭାଁ ବାକ୍‌ବିତଣ୍ଡାକୁ ଛାଡ଼ିଦେଲେ ଭୋଟଦାନ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ଏବେ କର୍ମୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ସଭିଁଏ ଅଙ୍କ କଷିବାରେ ଲାଗିଛନ୍ତି। କିଏ କେତେ ଭୋଟ୍ ପାଇବ ସେ ନେଇ ଆଲୋଚନା ଚାଲିଛି। କେତେକ ବୁଥ୍‌ରେ ମତଦାନକୁ ନେଇ ଦ୍ୱନ୍ଦ୍ୱ ଓ ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। କେଉଁ ଦଳର ପ୍ରାର୍ଥୀଙ୍କୁ କେଉଁଠୁ କେତେ ଭୋଟ ମିଳିବ, କେତେ ଭୋଟ୍‌ରେ ପ୍ରାର୍ଥୀ ବିଜୟୀ ହେବେ, ବିରୋଧୀଙ୍କ ଭିତରେ କିଏ ପ୍ରଥମ ହେବ, ସ୍ୱାଧୀନ ପ୍ରାର୍ଥୀଙ୍କ ସ୍ଥାନ କେଉଁ ସ୍ଥାନରେ ରହିବ ତାହାକୁ ନେଇ ସାଧାରଣ ଲୋକଙ୍କ ଭିତରେ ଜୋରଦାର ଆଲୋଚନା ହେଉଛି। ଚା ଖଟିରୁ ଆରମ୍ଭ କରି ପାନ ଦୋକାନ, କ୍ଲବ୍ ଘର, ବିଭିନ୍ନ ଛକ ଏପରିକି ବିଭିନ୍ନ ସ୍ଥାନରେ ଲୋକ ଜମାଟ ବାନ୍ଧିଲେ ଚଳିତ ସାଧାରଣ ନିର୍ବାଚନର ଫଳାଫଳକୁ ନେଇ ଚର୍ଚ୍ଚା କରୁଥିବା ଦେଖିବାକୁ ମିଳୁଛି। ଚର୍ଚ୍ଚା ଏପରି ହେଉଛି ଯେ ନିଜ ନିଜ ଜିତିବା ନେଇ ଯୁକ୍ତିତର୍କ ହେଉଛି। ମୋଦି ଲହର ସାରା ଓଡ଼ିଶାରେ ବୋହିଛି। ଯେଉଁ ଆଡେ ପଚାରିବ ଭୋଟର ପଦ୍ମ ଫୁଲକୁ ଭୋଟ ଦେଇଥିବା କହୁଛନ୍ତି। ତେଣୁ ଏଥର ବିଜେପି ପ୍ରାର୍ଥୀ ରଘୁନାଥ ଜଗଦଲାଙ୍କ ବିଜୟ ସୁନିଶ୍ଚିତ ବୋଲି ବିଜେପି ସମର୍ଥକ, କର୍ମୀ ଦାବି କରୁଛନ୍ତି।




# ଗତବର୍ଷ ତୁଳନାରେ ଏଥର ଅଧା ଆଦାୟ ହେବ ତେନ୍ତୁଳି

**ଭବାନୀପାଟଣା, ୨୪।୫(ସମିସ)**

କଳାହାଣ୍ଡି ଜିଲ୍ଲାରେ ତେନ୍ତୁଳି ସଂଗ୍ରହ କରି ଯେଉଁଭଳି ଲାଭବାନ ହେବା କଥା ତାହା ହେଉନାହିଁ। ସାଧାରଣତଃ ଆଦିମ ତଥା ପଛୁଆ ବର୍ଗର ଲୋକ ବିଶେଷ କରି ଆଦିବାସୀମାନେ ଅନେକ ବିଷୟ ଜାଣିପାରନ୍ତି ନାହିଁ। ପୁରୁଷ ପୁରୁଷ ଧରି ଜୀବନ ଜୀବିକାର ବିଭିନ୍ନ ଚାହିଦା ପୂରଣ ପାଇଁ ତେନ୍ତୁଳି ଗଛ ଉପରେ ନିର୍ଭର କରି ଆସୁଥିବା ପରିବାରଙ୍କୁ ଉଚିତ ପ୍ରାପ୍ୟ ମିଳୁ ନ ଥିବା ଉଦ୍‌ବେଗର କାରଣ ହୋଇଛି। ଆଦିବାସୀ ଉନ୍ନୟନ ସମବାୟ ନିଗମ ତଥା ଟିଡିସିସି ସଂସ୍ଥା କଳାହାଣ୍ଡିରେ ତେନ୍ତୁଳି କୁଇଣ୍ଟାଲ ପିଛା ୩୬ ଶହ ଟଙ୍କାରେ ସଂଗ୍ରହ କରୁଥିବା କୁହାଯାଇଛି; କିନ୍ତୁ ଗ୍ରାମାଞ୍ଚଳରେ କୁଇଣ୍ଟାଲ ପ୍ରତି ୮ ଶହରୁ ଏକ ହଜାରରେ ବି ତେନ୍ତୁଳି ବିକ୍ରି ଚାଲିଛି। ତେବେ ଟିଡିସିସି ସିଧାସଳଖ ଏସ୍‌ଏଚ୍‌ଜି ମହିଳା ଗ୍ରୁପଙ୍କ ଜରିଆରେ ଏହି ତେନ୍ତୁଳି ସଂଗ୍ରହ ପ୍ରକ୍ରିୟା ଜାରି ରଖି ଆସୁଛି। ଏସ୍‌ଏଚ୍‌ଜି ଗ୍ରୁପ ତେନ୍ତୁଳି ସଂଗ୍ରହକାରୀଙ୍କ ସହ ଯୋଗସୂତ୍ର ରଖି ସଂଗୃହିତ ତେନ୍ତୁଳିକୁ ଗଚ୍ଛିତ ରଖୁଛନ୍ତି। ପରବର୍ତ୍ତୀ ସମୟରେ ଟିଡିସିସିକୁ ହସ୍ତାନ୍ତର କରୁଛନ୍ତି। ଏହି କାର୍ଯ୍ୟ ପାଇଁ କୁଇଣ୍ଟାଲ ପିଛା ୭୨ ଟଙ୍କା ଟିଡିସିସିଠାରୁ ପାଉଛନ୍ତି। ଅନ୍ୟପକ୍ଷରେ ତେନ୍ତୁଳି ସଂଗ୍ରହକାରୀ ସରକାରୀ ଧାର୍ଯ୍ୟ ଦର ଅନୁସାରେ କୁଇଣ୍ଟାଲ ପିଛା ୩୬୦୦ ଟଙ୍କା ଟିଡିସିସରୁ ନିଜ ପ୍ରାପ୍ୟ ନେଉଛନ୍ତି। ଶାଳ ମଞ୍ଜି ଭଳି ତେନ୍ତୁଳି ମଧ୍ୟ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଅଧିବାସୀଙ୍କ ଏକ ଲାଭକାରୀ ମାଧ୍ୟମ। ଆଦିବାସୀ ଉନ୍ନୟନ ସମବାୟ ନିଗମ କଳାହାଣ୍ଡି ଜିଲ୍ଲାରେ ଲାଞ୍ଜିଗଡ଼, ଏମ୍. ରାମପୁର, ଥୁଆମୂଳ ରାମପୁର, ଭବାନୀପାଟଣା ଓ କଳମପୁର ଅଞ୍ଚଳକୁ ବାଦ୍ ଦେଲେ ଅନ୍ୟ ବ୍ଲକ ଗୁଡିକରୁ ତେନ୍ତୁଳି ସଂଗ୍ରହ କରିବା ଜଣାପଡୁନାହିଁ। ଯଦିଓ କୋକସରା ଭଳି କେତେକ ବ୍ଲକରେ ତେନ୍ତୁଳି ସଂଗ୍ରହ କରାଯାଉଛି; କିନ୍ତୁ ଟିଡିସିସି ଏଥିପ୍ରତି ଧ୍ୟାନ ଦେଉନାହିଁ। ଏହା ଫଳରେ ଅତି କମ୍ ମୂଲ୍ୟରେ ତେନ୍ତୁଳି ସଂଗ୍ରହକାରୀ ଦଲାଲଙ୍କ ହାତକୁ ଟେକି ଦେଉଛନ୍ତି। ଦଲାଲ୍ କିଲୋ ପିଛା ୨୦ ଟଙ୍କା ଏବଂ ୫୦ କେଜି ବସ୍ତା ପ୍ରତି ୭୦୦ ଟଙ୍କରୁ କମ୍ ମୂଲ୍ୟରେ ନେଇଯାଉଛନ୍ତି। ଟିଡିସିସି ଦ୍ୱାରା କୁଇଣ୍ଟାଲ ପିଛା ଦିଆଯାଉଥିବା ଏମଏସ୍‌ପି ମୂଲ୍ୟ ୩୬୦୦ ଟଙ୍କାରୁ ଅଧିକ ଦରରେ ବାହାରିଆ ବେପାରୀଙ୍କୁ ଚାଷୀ ବିକ୍ରି କରୁଥିବା ବିଷୟ ଟିଡିସିସି କହୁଛି। କେଉଁଠି ଢିଲାପଣ କିମ୍ବା ଗଳାବାଟ ରହିଛି ତାହା ତଦନ୍ତସାପେକ୍ଷ। କଳାହାଣ୍ଡି ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ମଧ୍ୟରେ ଟିଡିସିସି ପ୍ରବେଶ କରି ତେନ୍ତୁଳି ସଂଗ୍ରହକାରୀଙ୍କୁ ପ୍ରୋତ୍ସାହନ ଦେଇଥିଲେ ତେନ୍ତୁଳି ସଂଗ୍ରହକାରୀ ଲାଭବାନ ହୁଅନ୍ତେ। କଳାହାଣ୍ଡି ଜିଲ୍ଲାରେ ଟିଡିସିସି ଅଧୀନରେ ଥିବା ୫ଟି ବ୍ଲକର ୪୧ଟି ଏସ୍‌ଏଚ୍‌ଜି ମହିଳା ଗ୍ରୁପ୍ କାମ କରୁଥିବା ବେଳେ ଏଯାବତ୍ ୯୫୦ ଜଣ ହିତାଧିକାରୀଙ୍କଠାରୁ ୬୮୭୦ କୁଇଣ୍ଟାଲ ତେନ୍ତୁଳି ଟିଡିସିସି ଗତବର୍ଷ ସଂଗ୍ରହ କରିଥିବା ଜଣାପଡ଼ିଛି; ଯାହାର ମୂଲ୍ୟ ୨କୋଟି ୪୭ଲକ୍ଷ ୩୫ହଜାରରୁ ଅଧିକ। ଏହା ଆଗକୁ ବୃଦ୍ଧି ପାଇ ପ୍ରାୟ ୭୦୦୦ କୁଇଣ୍ଟାଲରେ ପହଞ୍ଚିବ ବୋଲି ଆକଳନ କରାଯାଇଥିଲା; କିନ୍ତୁ ଚଳିତ ବର୍ଷ ତେନ୍ତୁଳି ଗଛରେ ତେନ୍ତୁଳି ମାତ୍ରାଧିକ ହୋଇ ନ ଥିବା ସଂସ୍ଥାର କର୍ମକର୍ତ୍ତା ପ୍ରକାଶ କରି ଚୁପ୍ ବସି ପଡ଼ିଛନ୍ତି। ତେବେ ଅଧାରୁ ଅଧିକ କମିବା ଘଟଣା ସହଜରେ ବିଶ୍ୱାସ କରିହେଉନି। କଳାହାଣ୍ଡି ଜିଲ୍ଲାରେ ୧୦ ହଜାର କୁଇଣ୍ଟାଲ ତେନ୍ତୁଳି ସଂଗ୍ରହ ହୋଇପାରିବ ବୋଲି ଆଶା କରାଯାଉଛି; କିନ୍ତୁ ତେନ୍ତୁଳିକୁ ରଖିବା ପାଇଁ ଶୀତଳ ଭଣ୍ଡାରର ବ୍ୟବସ୍ଥା ନାହିଁ। ଏହାଦ୍ୱାରା କଳାହାଣ୍ଡି ସଂଗୃହିତ ତେନ୍ତୁଳିକୁ ସମ୍ବଲପୁର ଶୀତଳଭଣ୍ଡାରକୁ ପଠାଯାଉଛି। ଅନଲାଇନ୍ ବଜାର ବ୍ୟବସ୍ଥା ଭିତ୍ତିରେ ତେନ୍ତୁଳି ବିକ୍ରିବଟା କରାଯାଉଛି। କଳାହାଣ୍ଡି ଜିଲ୍ଲାରେ ଶୀତଳ ଭଣ୍ଡାର ନିର୍ମାଣ କରାଗଲେ ଏବଂ ଅଧିକରୁ ଅଧିକ ହିତାଧିକାରୀଙ୍କୁ ଟିଡିସିସି ଦ୍ୱାରା ଯୋଡି ଦିଆଗଲେ ବହୁ ସଂଖ୍ୟାରେ ତେନ୍ତୁଳି ସଂଗ୍ରହକାରୀ ଲାଭବାନ୍ ହୋଇପାରନ୍ତେ। ଚଳିତ ବର୍ଷ କେବଳ ୨୫୦୦ରୁ ୩୦୦୦ କୁଇଣ୍ଟାଲ ତେନ୍ତୁଳି ସଂଗ୍ରହ ହୋଇପାରେ ବୋଲି ଟିଡିସିସି ଆକଳନ କରିଛି। ୪୧ଟି ଏସଏଚଜି ଗ୍ରୁପ ବର୍ତ୍ତମାନ ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ପଟେ ଦଲାଲଙ୍କ ଦୌରାତ୍ମ୍ୟ ଏବଂ ଅନ୍ୟଦିଗରେ ତେନ୍ତୁଳିର ଅଭାବଜନିତ ବଜାର ବ୍ୟବସ୍ଥା ଏଥର ଚାଷୀଙ୍କ ପାଇଁ କାଳ ସାଜିଛି। ଟିଡିସିସି ତେନ୍ତୁଳି ସଂଗ୍ରହ ନୀତିକୁ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଚାଷୀ ବି ପଇସା ରୋଜଗାର କରିପାରନ୍ତେ।



# କ୍ରୀଡ଼ା ସଂଘର ଚୟନ ପାଇଁ ପ୍ରସ୍ତୁତି ବୈଠକ

**ସୋନପୁର, ୨୪।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ପୀୟୂଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୭୦ତମ ରାଜ୍ୟସ୍ତରୀୟ ଜୁନିୟର ଆଥ୍‌ଲେଟିକ୍ ଲିଗ୍ ପାଇଁ ସୁବର୍ଣ୍ଣପୁର ଦଳ କିପରି ଭଲ ପ୍ରଦର୍ଶନ କରିବ ସେ ନେଇ ଆଲୋଚନା ହୋଇଛି। ଏ ନେଇ ଜିଲ୍ଲାସ୍ତରୀୟ ଚୟନ ଶିବିର ଆସନ୍ତା ୨୮ ତାରିଖ ସକାଳ ୭ଟାରେ ଗାନ୍ଧୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ। ଏହି ଚୟନ ଶିବିରରେ ବିଭିନ୍ନ ବର୍ଗର ବାଳକ ଓ ବାଳିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବ। ସମସ୍ତ ପ୍ରତିଯୋଗୀ ପରିଚୟ ପତ୍ର, ଆଧାର କାର୍ଡ଼ କିମ୍ବା ଜନ୍ମ ପ୍ରମାଣ ପତ୍ର ସାଙ୍ଗରେ ଧରି ଆସିବେ। ଏଥିରେ ଭାଗ ନେବାକୁ ଇଚ୍ଛୁକ ପ୍ରତିଯୋଗୀ ମୋବାଇଲ ନମ୍ବର ୯୯୩୮୮୨୨୩୭୧ (ରିକୁ), ୭୦୦୮୫୯୬୧୮୫ (କଲିମ୍) ଓ ୯୧୨୪୮୫୯୬୬୬ ୬୬ ରେ (ଟକା)ଙ୍କୁ ଯୋଗାଯୋଗ କରିପାରିବେ।

ଏହି ବୈଠକରେ ଜିଲ୍ଲା କ୍ରୀଡ଼ା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସହସମ୍ପାଦକ ନନ୍ଦକିଶୋର ତ୍ରିପାଠୀ, ଫୁଟବଲ ସମ୍ପାଦକ ରାଜୀବ ସାହୁ, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁବାସ ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ବାଘ, ଭୁକୁଲୁ ବକ୍ସି, ଗୌରୀଶ୍ୟାମ ପଣ୍ଡା, ଦିଲ୍ଲୀପ ଗୁରୁ, ଜିତେନ୍ଦ୍ର ସାହୁ, କଇରୁ ସ୍ୱାଇଁ, ଆଦିତ୍ୟ କିଶୋର ଦାନୀ, କଲିମ ମହମ୍ମଦ, ବଳରାମ ପଟ୍ଟନାୟକ, ଗତିକୃଷ୍ଣ ମିଶ୍ର, ସତ୍ୟନାରାୟଣ ରାଓ, କମଳାକାନ୍ତ ସାହୁ, ଦିଗାମ୍ବର ଶତପଥୀ, ସୁଦର୍ଶନ ପଣ୍ଡାଙ୍କ ସହ ଜିଲ୍ଲା କ୍ରୀଡ଼ା ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଅନୁଷ୍କାଙ୍କ ମାର୍ଗରେ କ୍ୟାଟ୍ରିନା





ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଗର୍ଭବତୀ ଥିବା କଥା ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ଲଣ୍ଡନର ଏକ ରାସ୍ତାରେ କ୍ୟାଟ୍ରିନା ଓ ତାଙ୍କ ସ୍ୱାମୀ ଭିକି କୌଶଲ ଏକାଠି ବୁଲୁଥିବାର ଭିଡିଓ ଭାଇରାଲ୍ ହୋଇଛି । ଭିଡିଓରେ କ୍ୟାଟ୍ରିନା ବେଶ୍ ଆସ୍ତେ ଆସ୍ତେ ଚାଲୁଥିବାର ଦେଖାଯିବା ସହ ତାଙ୍କ ସହ ଅନ୍ୟ ପଥଚାରୀ ଯେପରି ତାଙ୍କ ସହ ବାଡ଼େଇ ହୋଇ ନ ଯାନ୍ତୁ, ଭିକି ସେଥିପ୍ରତି ଦୃଷ୍ଟି ଦେଉଥିବାର ଦେଖାଯାଇଛନ୍ତି । ଏଥିରୁ ସେ ଗର୍ଭବତୀ ଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଛନ୍ତି । କିଛି ଦିନ ପୂର୍ବରୁ ଭିକିଙ୍କ ଜନ୍ମଦିନ ଉପଲକ୍ଷେ କ୍ୟାଟ୍ରିନା ଇନ୍‌ଷ୍ଟାଗ୍ରାମ୍‌ରେ କିଛି ଫଟୋ ସେୟାର୍ କରିଥିଲେ । ଏଥିରେ ସେ ତିନୋଟି ହାର୍ଟ ଇମୋଜି ସହ ତିନୋଟି କେକ୍ ଫଟୋ ଲଗାଇଥିଲେ । ଏଥିରୁ ମଧ୍ୟ କ୍ୟାଟ୍ ଗର୍ଭବତୀ ଥିବା ଆଭାସ ଦେଉଛି । ବିଗତ କିଛିଦିନ ହେଲାଣି ସେଲିବ୍ରିଟିମାନେ ତାଙ୍କ ବ୍ୟକ୍ତିଗତ ଜୀବନକୁ ଗଣମାଧ୍ୟମଠାରୁ ଦୂରେଇ ରଖୁଥିବା ଜଣାପଡୁଛି । ବିରାଟ କୋହଲି ଓ ଅନୁଷ୍କା ଶର୍ମା ମଧ୍ୟ କିଛି ଏହିପରି କରିଥିଲେ । ସେମାନଙ୍କର ପୁଅ ଅକାୟ ଲଣ୍ଡନରେ ଜନ୍ମ ନେଇଥିଲା । ତେବେ ଗଣମାଧ୍ୟମକୁ ଏଡ଼ାଇବା ପାଇଁ ଅନୁଷ୍କାଙ୍କ ଭଳି କ୍ୟାଟ୍ରିନା ମଧ୍ୟ ଲଣ୍ଡନରେ ତାଙ୍କ ପ୍ରଥମ ସନ୍ତାନକୁ ଜନ୍ମ ଦେଇପାରନ୍ତି ବୋଲି ଏବେ ଚର୍ଚ୍ଚା ହେଉଛି । କିନ୍ତୁ ଏନେଇ କ୍ୟାଟ୍ରିନା କିମ୍ବା ଭିକି କିଛି କହିନାହାନ୍ତି ।

## ଆଜିର ଇତିହାସ

- ୧୯୬୩- ଆଫ୍ରିକୀୟ ଦେଶଙ୍କୁ ଏକଜୁଟ୍ କରିବା ପାଇଁ ଆଫ୍ରିକାର ୩୨ଟି ଦେଶ ଆଫ୍ରିକୀୟ ସଂଘର ଗଠନ କଲେ ।
- ୧୯୮୫- ବାଂଲାଦେଶରେ ଆସିଥିବା ତୋଫାନରେ ୧୦ ହଜାର ଲୋକଙ୍କ ପ୍ରାଣହାନି ।
- ୧୯୯୧- ଇସ୍ରାଏଲ ୧୪,୦୦୦ ଇହୁଦିଙ୍କୁ ଇଥୋପିଆରୁ ବାହାର କଲା ।
- ୧୯୯୮ -ପରମାଣୁ ପରୀକ୍ଷା ପାଇଁ ଭାରତ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ୟୁରୋପୀୟ ସଂଘର ୧୫ଟି ଦେଶ ସହମତି ପ୍ରକାଶ କଲେ ।
- ୨୦୦୫- ବଲିଉଡ୍ ଅଭିନେତା ସୁନୀଲ ଦତ୍ତଙ୍କ ଦେହାନ୍ତ ।
- ୨୦୦୮ - ନାସା ଦ୍ୱାରା ପଠାଯାଇଥିବା ରୋବଟ୍ ମଙ୍ଗଳ ଗ୍ରହରେ ପହଞ୍ଚିଲା ।

## ଆଜି ଆସିଥିଲେ

### ଭକ୍ତି ସଙ୍ଗୀତର ଏକ ସମର୍ପିତ ସ୍ୱର

# ଭିକାରୀ ବଳ



ଆଜି ଓଡ଼ିଆ ଭଜନ ଓ ଜଣାଣ ଗାୟନ ପରମ୍ପରାର ଏକନିଷ୍ଠ ସାଧକ ଭିକାରୀ ବଳଙ୍କର ଜନ୍ମଜୟନ୍ତୀ । ଓଡ଼ିଆଙ୍କ ପ୍ରତ୍ୟେକ ଭାବ ଓ ଅଭାବକୁ ଗୀତ କରି ସେ ଗାଉଥିଲେ । 'କୋଠଭୋଗଖିଆ...' 'ମୁଁ ତ ବଡ଼ ଦେଉଳର ପାରାରେ...', 'ହାତରେ ମୋ' ମୁଠାମୁଠା ଶରଧାବାଲି...' ସେ ଗାଇଥିବା ପ୍ରତ୍ୟେକ ଗୀତ, ସଙ୍ଗୀତ ଭକ୍ତିରସର ଭାବଧାରା ପ୍ଲାବିତ କରେ ଅଗଣିତ ଜଗନ୍ନାଥପ୍ରେମୀଙ୍କ ହୃଦୟକୁ । ତାଙ୍କ ସଙ୍ଗୀତରେ ଥିଲା ଭାବ ଆଉ ଭକ୍ତି । ତାଙ୍କର ପ୍ରତିଟି ଭଜନରେ ଥିଲା ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ସମର୍ପଣ ଭାବ । ଓଡ଼ିଆ ଭକ୍ତି ସଙ୍ଗୀତ ଜଗତ ପ୍ରତି ତାଙ୍କ ଅବଦାନ ଅତୁଳନୀୟ । ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କ ପରେ ଭିକାରୀ ବଳ ଭଜନକୁ ଓଡ଼ିଶାରେସର୍ବାଧିକଲୋକପ୍ରିୟକରାଇପାରିଥିଲେ । ଭିକାରୀ ବଳ ୧୯୨୯ ମସିହା ଆଜିର ଦିନରେ ଓଡ଼ିଶାର କେନ୍ଦ୍ରାପଡ଼ା ସ୍ଥିତ ସୋବଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ରାମଚନ୍ଦ୍ର ବଳ ଓ ମାତା ଗେହ୍ଲାରାଣୀ । ଭିକାରୀ ବଳ ଖୁବ୍ ଛୋଟ ଥିଲାବେଳେ ତାଙ୍କ ବାପା, ମାଆଙ୍କର ମୃତ୍ୟୁ ହୋଇଥିଲା । ପ୍ରାଥମିକ ଶିକ୍ଷା ପରେ ସେ କେନ୍ଦ୍ରାପଡ଼ା ଜିଲ୍ଲା କଦଳୀବଣ ହାଇସ୍କୁଲରେ ନାମ ଲେଖାଇଥିଲେ । ସେଠାରେ ସେ ନବମ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ । ଏହା ପରେ ନିଜ ଗାଁ ସୋବଳାରେ ସେ ଯାତ୍ରା ଦଳରେ ଯୋଗ ଦେଇଥିଲେ । ସେଠାରେ ସେ ଗୀତ ଗାନ, ହାରମୋନିୟମ ବଜାଇବା, ଅଭିନୟ ଆଦି ଶିଖିଥିଲେ । ଏହାପରେ ସେ ଏକ ପାଖ ସ୍କୁଲ, ଗୋକୁଳାନନ୍ଦ ସଙ୍ଗୀତ ସଦନରେ ସଙ୍ଗୀତ ଶିକ୍ଷକ ହୋଇଥିଲେ । ଭିକାରୀ ବଳ ୨୦ ବର୍ଷ ବୟସରେ ଉଷାରାଣୀ ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ କର୍ମସଂସ୍ଥାନ ପାଇଁ ସେ କଟକ ଚାଲି ଆସିଥିଲେ । ଗୁରୁ କ୍ଷିତିଜ ମିତ୍ରଙ୍କ ସହାୟତାରେ ସେ କଟକ କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ସଙ୍ଗୀତରେ ଶିକ୍ଷାଲାଭ କରିଥିଲେ । ଏହାପରେ ସେ ଆକାଶବାଣୀ କଟକରେ ଏ- ଗ୍ରେଡ୍ ଗାୟକ ଭାବରେ ୧୯୬୩ରେ କାମ ଆରମ୍ଭ କଲେ । 'ପ୍ରାଣ ମିତଣୀ ବାରେ ଚାହାଁରେ' ଗୀତ ପାଇଁ ସେ ଅନେକ ଲୋକପ୍ରିୟତା ଅର୍ଜନ କରିଥିଲେ । କିନ୍ତୁ, 'କୋଠଭୋଗଖିଆ' ଭଜନରୁ ତାଙ୍କର ଲୋକପ୍ରିୟତା ଅନେକ ବଢ଼ିଯାଇଥିଲା । ଏହା ୭୦ ଦଶକରେ ଏକ ବହୁଳ ଲୋକପ୍ରିୟ ଭଜନର ମାନ୍ୟତା ପାଇଥିଲା ଏବଂ ଆଜି ଯାଏଁ ମଧ୍ୟ ରହିଛି । ତାଙ୍କର ଜଗନ୍ନାଥ ଭଜନ ଓ ଗୀତ ଗୋବିନ୍ଦର ପଦ ଆବୃତ୍ତି ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା । ସେ ଅନେକ ଚମ୍ପୂ, ଛାନ୍ଦ ଓ ଲୋକଗୀତ ମଧ୍ୟ ଗାଇଥିଲେ । ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସେ କଣ୍ଠଦାନ କରିଥିଲେ । ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବ ତାଙ୍କୁ 'ଭଜନ ସମ୍ରାଟ' ଉପାଧିରେ ଭୂଷିତ କରିଥିଲେ । ସେ ଜଗନ୍ନାଥଙ୍କର ଚାମର ସେବା ନିମନ୍ତେ ମଧ୍ୟ ସୁଯୋଗ ପାଇଥିଲେ । ସେ ଓଡ଼ିଶା ଓ ଓଡ଼ିଶା ବାହାରୁ ବହୁ ସମ୍ମାନ, ସ୍ୱୀକୃତି ଓ ପୁରସ୍କାର ଲାଭ କରିଥିଲେ । ୨୦୧୦ ମସିହା ନଭେମ୍ବର ୨ ତାରିଖରେ ୮୧ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ସେ ତାଙ୍କର ସଙ୍ଗୀତମୟ ଜୀବନକୁ ସମ୍ପୂର୍ଣ୍ଣ ଭାବେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମର୍ପି ଦେଇଥିଲେ ।

# ଗୋଟିଏ ଛାତ ତଳେ ଚାରିପିଢ଼ି



ପରିବାର ମଧ୍ୟରେ ଏକାଠି ରହିବାର ମଜା ନିଆରା । ଆଜି ବି ଏମିତି କିଛି ପରିବାର ଅଛନ୍ତି, ଯେଉଁଠି ଗୋଟିଏ ଘରେ ସମସ୍ତେ ମିଳିମିଶି ରହୁଛନ୍ତି । ଏପରି ଏକ ଏକାନ୍ନବର୍ତ୍ତୀ ପରିବାର ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ଗୋରଖପୁରରେ । ଗୋରଖପୁରର ଏକ ଛୋଟିଆ ଗାଁରେ ଛାତ୍ରଧାରୀ ଯାଦବଙ୍କ ପରିବାରରେ ମୋଟ୍ ୭୫ ଜଣ ଲୋକ ଏକାଠି ମିଳିମିଶି ରହିଥାନ୍ତି । ୫୦ ରୁ ୬୦ ବର୍ଷ ହେଲାଣି ଏହି ପରିବାରର ଚାରି ପିଢ଼ିର ଲୋକେ ଏକାଠି ବାସ କରୁଛନ୍ତି । ସମସ୍ତଙ୍କ ପାଇଁ ଗୋଟିଏ ସ୍ଥାନରେ ଖାଦ୍ୟ ରନ୍ଧା ଯାଇଥାଏ । ଏହି ପରିବାରରେ ମୁଖିଆ କହିଲେ ୪ ଭାଇ, ଏମାନଙ୍କ ମଧ୍ୟରୁ ଦୁଇଭାଇଙ୍କର ନିକଟ ଅତୀତରେ ମୃତ୍ୟୁ ହୋଇଛି । ପରିବାରର ସବୁଠୁ ବରିଷ୍ଠ ସଦସ୍ୟଙ୍କ କହିବାନୁସାରେ, 'ଏହି ପରିବାରରେ ପିଲାଠାରୁ ବଡ଼ ସମସ୍ତେ ସଂସ୍କାରୀ ହୋଇଥିବାରୁ ଏବେକା ସମୟରେ ସମସ୍ତେ ଗୋଟିଏ ଛାତ ତଳେ ଏକାଠି ମିଳିମିଶି ରହିପାରୁଛନ୍ତି । ଯଦିବା କେବେକେବେ ଘରର ସଦସ୍ୟଙ୍କ ଭିତରେ ଛୋଟମୋଟ କଳିଝଗଡ଼ା ଲାଗିଥାଏ, ତାହା ପରିବାର ଭିତରେ ହିଁ ସମାଧାନ ହୋଇଯାଏ । ଘରରେ ସମସ୍ତ ମହିଳା ମିଳିମିଶି କାମ କରନ୍ତି । ଆଉ ଘରର ପୁରୁଷମାନେ ଚାଷବାସ କାମ କରନ୍ତି । ପରିବାର କିଛି ସଦସ୍ୟ ସରକାରୀ ଚାକିରି ମଧ୍ୟ କରୁଛନ୍ତି ।' ପରିବାର ସବୁ ସଦସ୍ୟଙ୍କ ପାଇଁ ଗୋଟିଏ ଓଳିର ରୁଟି ପାଇଁ ୭ରୁ ୮ କେଜି ଅଟା, ୭ରୁ ୮ କେଜି ଚାଉଳ ଓ ଅଢ଼େଇ କେଜି ଡାଲି ଆବଶ୍ୟକ ହୋଇଥାଏ । ବଡ଼ ପରିବାର ହୋଇଥିବାରୁ ଘରର ସଦସ୍ୟମାନେ ନିଜେ ପନିପରିବା ଚାଷ କରନ୍ତି । କେବଳ ସେତିକି ନୁହେଁ, ଘରର ମୁରବି ଓ ତାଙ୍କ ପତ୍ନୀ ଉଭୟ ଗାଁର ମୁଖିଆ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଚାକିରିରେ ପରିବର୍ତ୍ତନ ହେବ । ରାଜନୀତିରେ ସଫଳ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ । ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ପ୍ରେମ ଜୀବନ ସୁଖମୟ ହେବ ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଅଧିକ ପରିଶ୍ରମ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ବାଦବିବାଦରୁ ଦୂରେଇ ରହିବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଉଧାର ଧନ ଫେରିପାଇବେ । ଚାକିରିରେ ନୂଆ ସୁଯୋଗ ଜୁଟିବ । ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ସିଂହ:** ନିବେଶରୁ ଲାଭ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ତରିବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି । ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ । ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ । ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଧାରକରଜ କରିବାରୁ ରକ୍ଷା ପାଇବେ । ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ଖୁସିରେ ବିତିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ମକର:** ନାଚ, ଗୀତରେ ସଫଳତା ମିଳିବ । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ବିଦେଶ ଯାତ୍ରା ଯୋଗ ଅଛି । ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ । ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

## ପହେଳି





- ସବୁଜ ରଙ୍ଗର ସେ ଏକ ଫଳ
ତା'ଦେହରେ ଥାଏ ଅଧିକ ଜଳ
ସାଲାଡ ପାଇଁ ସେ ହୁଅଇ ଖୋଜା
ଖାଇଲେ ଲାଗଇ ପାଟିକୁ ମଜା
ଚୋପା ଛେଲି ଲୁଣ ମସଲା ଭରି
ଦୋକାନୀ ବିକଇ ଯତନ କରି
ଭାରି ସୁଆଦିଆ ଫଳଟି ସିଏ
କହି ପାରିବ କି ତା'ନାମ କିଏ ।
ଉତ୍ତର-କାକୁଡ଼ି

- ଗୋଲାକାର ଫଳ ଟାଣୁଆ ଖୋଳ
ପାଚି ଖସିପଡ଼େ ଗଛରୁ ତଳ
ଭିତର ହଳଦୀ ମଞ୍ଜିଟି ଅଠା
ଚିନି ପାଣି ଦେଇ ହୁଏ ଚକଟା
ନଡ଼ିଆ କଦଳୀ ତା'ସାଥେ ଦେଇ
ପିଅନ୍ତି ରାଇଜେ ଭଉଣୀ ଭାଇ
ଖରାଦିନେ ସିଏ ଦେହକୁ ହିତ
କହିପାରିବ କି ତା'ନାମ ମିତ ।
ଉତ୍ତର-ବେଲ

- କଞ୍ଚାବେଳେ ତା'ର ରଙ୍ଗଟି ସବୁଜ
ପାଟିକୁ ଲାଗଇ ଖଟା
ପାଚିଗଲେ ସିଏ ହଳଦିଆ ଦିଶେ
ସ୍ୱାଦ ହୋଇଯାଏ ମିଠା
ଆମରି ଦେଶରେ ଫଳରାଜା ସିଏ
ଗ୍ରୀଷ୍ମ କାଳରେ ଫଳେ
ଅନେକ ରୂପରେ ଅନେକ ନାଆଁରେ
ହାଟ ବଜାରରେ ମିଳେ ।
ଉତ୍ତର-ଆମ୍ବ

- ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର,
ମୋ-୭୩୫୫୬୩୪୩୪୬

## ବିଷମ ଗ୍ରୀଷ୍ମ



ମନୀଷା ପ୍ରିୟଦର୍ଶିନୀ ଖଣ୍ଡେଇ

ବିଷମ ଲାଗଇ ଗ୍ରୀଷ୍ମ ଋତୁ
ସନ୍ତାପିତ ମନ ଉତ୍ତାପ ହେତୁ ।
ଅବିରତ ଝାଳ ଦେହରୁ ଗଡ଼େ
ଅଂଶୁଘାତ ପାଇଁ ଆଶଙ୍କା ବଢ଼େ ।
ସହି ହୁଏନାହିଁ ଖରାର ଦାଉ
ଏହି ସମୟରେ କଷଣ ପାଉ ।
ତଥାପି ଆମର ପଶେନି ଚେତା
ଗଛ କାଟି ଆମେ କରୁଛୁ ରାସ୍ତା ।
ଆଗକୁ ଆସୁଛି ବରଷା କାଳ
ଚାରା ଲଗାଇବା ଆମେ ସକଳ ।
ସୁନ୍ଦର ସବୁଜ ଗଢ଼ିବା ଧରା
ବାଧିବନି ଆଉ ଗ୍ରୀଷ୍ମେ ଖରା । ■

ଅଷ୍ଟମ ଶ୍ରେଣୀ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବିସିପୁର
ମୟୂରଭଞ୍ଜ

## ବାୟାଚଢ଼େଇ





ପ୍ରଶାନ୍ତ କୁମାର ସାହୁ

ଗୁରୁ ମୋର ହୋଇଯାଅ ବାଇଚଢ଼େଇ
ଘରଟିଏ କରିବି ମୁଁ ଦିଅ ଶିଖେଇ ।
କି ସୁନ୍ଦର ଲାଗେ ତୁମ ପତର ଘର!
ବରଷାରେ ପାଣି ଗଳେ ଚାଳରୁ ମୋର ।
ପବନରେ ଖେଳୁଅଛି ନିଇତି ଦୋଳି
ମଣିଷ ବୁଦ୍ଧିରେ ମୁହିଁ ପାରୁନି ତୋଳି ।
କିଏ ତୁମ ଗୁରୁ ତାଙ୍କୁ କୋଟି ପ୍ରଣାମ
ବିଶ୍ୱକର୍ମା ଅବା କିଏ କୁହ ତ ନାମ ?
ନ କହିଲେ ନାହିଁ ମୋର କି ଦରକାର
ଶିଷ୍ୟଟିଏ କରିଦିଅ ହେବି ତୁମର ।
ଖୁଦ ଚାଉଳରେ ଦେବି ଦକ୍ଷିଣା ତୁମ
ଭକତିରେ କରୁଥିବି କୋଟି ପ୍ରଣାମ ।
ଶ୍ରେଷ୍ଠ କାରିଗର ତୁମେ ଦେଲି ମାନ୍ୟତା
ତୁମ ପାଇଁ ଲେଖିବି ମୁଁ ଗୀତ କବିତା । ■

- ଇନ୍ଦିପୁର, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬

# ସୁମନ

## ସତ କଥାକୁ ପୁରସ୍କାର





ଡ. ରବିନାରାୟଣ ସାହୁ

ଲିଟୁ ଓ ମିଟୁ ଦୁଇ ସାଙ୍ଗ । ଖେଳ ବୁଲାଠାରୁ ସ୍କୁଲ ଯିବା ଯାଏ ସବୁକାମ ଦୁହେଁ ମିଳିମିଶି କରନ୍ତି । ସୁବିଧା ଓ ଅସୁବିଧାରେ ଦୁହେଁ ଦୁହିଁଙ୍କୁ ସାହାଯ୍ୟ ବି କରନ୍ତି । ମିଟୁ ଗରିବ । ଲିଟୁ ଧନୀ । ମିଟୁ ଭଲ ପଢ଼େ । ଭାରି ସରଳ । ସତକଥା କହେ । କପଟ ବା ଛଳନା କ'ଣ ଜାଣେ ନାହିଁ । ଲିଟୁ ପୂରା ଓଲଟା । ଭାରି ଦୁଷ୍ଟ । ତଥାପି ଦୁହେଁ, ଭଲ ସାଙ୍ଗ ।

ଥରେ ଶ୍ରେଣୀରେ ପଢୁଥିବାବେଳେ, ଲିଟୁ ଦେଖିଲା, ରୋଶନ ନୂଆ କଲମଟିଏ ଆଣି ଲେଖୁଛି । ରୋଶନର କଲମ ପ୍ରତି ଲିଟୁର ଭାରି ଲୋଭ ହେଲା । ଖାଇବା ଛୁଟି ବେଳେ ରୋଶନ ଜଳଖିଆ ଖାଇ ହାତ ଧୋଇ ଗଲାବେଳେ ଲିଟୁ, ରୋଶନ ବ୍ୟାଗରୁ କଲମଟି ନେଇ ଆସିଲା । ମିଟୁ କିନ୍ତୁ ଦେଖିନେଲା ଓ ଲିଟୁକୁ ବାରଣ କରି କଲମଟି ରଖିଦେବାକୁ କହିଲା । ଲିଟୁ ମନା କଲା । କହିଲା "ତୁ ତ ଜାଣିଲୁ ଏକଥା, କିନ୍ତୁ କାହାକୁ କହିବୁ ନାହିଁ" । ଏତିକି କହି ମନେ ମନେ ଭାବିଲା ମିଟୁ ତ ତା'ର ଭଲ ସାଙ୍ଗ ସେ କ'ଣ କହିବ । ମିଟୁ କିନ୍ତୁ କହିଲା , "ମୁଁ ନିଜ ଆଡ଼ୁ ସିନା କାହାକୁ କହିବି ନାହିଁ, କିନ୍ତୁ ମୋତେ ଯିଏ ପଚାରିବ, ମୁଁ ସତକଥା କହିଦେବି" । ଲିଟୁ ତଥାପି ଭାବିଲା – "ସେ ତାକୁ ଡରେଇ ଦେଉଛି, ସତରେ କ'ଣ କହିବ । ଭଲ ସାଙ୍ଗ ଯେତେବେଳେ ନିଶ୍ଚୟ କଥାଟିକୁ ଗୋପନ ରଖିବ" ।

ଖାଇବା ଛୁଟି ପରେ ସାହିତ୍ୟ ଗୁରୁମା ଆସି ପାଠପଢ଼ା ଆରମ୍ଭ କଲେ । କଳାପଟାରେ କଠିନ ଶବ୍ଦମାନଙ୍କର ଅର୍ଥ ଲେଖି ପିଲାମାନଙ୍କୁ ଖାତାରେ ଲେଖିବାକୁ କହିଲେ । ରୋଶନ ଖାତା ଖୋଲି ଲେଖିବା ପାଇଁ କଲମ ବାହାର କଲାବେଳକୁ ତାହା ପାଇଲା ନାହିଁ । ସଙ୍ଗେ ସଙ୍ଗେ ଗୁରୁମା'ଙ୍କୁ ଯାଇ କହିଲା, ଗୁରୁମା', ଖାଇବା ଛୁଟି ଆଗରୁ କଲମଟି ଥିଲା, ଏବେ କିନ୍ତୁ କଲମଟି ବ୍ୟାଗରେ ନାହିଁ" । ଗୁରୁମା ଜଣ ଜଣ କରି ସବୁ ଛାତ୍ରଛାତ୍ରୀଙ୍କୁ କଲମ ବିଷୟରେ ପଚାରିଲେ । ଲିଟୁକୁ ବି ପଚାରିଲେ । ଲିଟୁ ମନା କଲା । ଶେଷରେ ମିଟୁକୁ ପଚାରିବାରୁ ମିଟୁ ସତ କଥା କହିଦେଲା । ଲିଟୁର ବ୍ୟାଗ ଖୋଜିବାରୁ ତା' ବ୍ୟାଗ ଭିତରୁ ରୋଶନର ନୂଆ କଲମଟି ମିଳିଗଲା । ଲିଟୁ ଚୋରି କରି ପୁଣି ମିଛ କହିଥିବାରୁ ଗୁରୁମା ବହୁତ ଗାଳିକଲେ ଓ ଭବିଷ୍ୟତରେ ଏପରି ନ କରିବାକୁ ବୁଝେଇ ଦେଲେ । ମିଟୁ ନ ଡରି ସତକଥା କହିଥିବାରୁ ତାକୁ ଧନ୍ୟବାଦ ଦେଲେ । ମିଟୁ ଓ ଲିଟୁ ଦୁହେଁ ଭଲ ସାଙ୍ଗ ବୋଲି ସମସ୍ତେ ଜାଣିଥିଲେ । ଭଲସାଙ୍ଗ ହୋଇ ବି ମିଟୁ ସତକଥା କହିବା ବିଷୟ ସ୍କୁଲ ଠାରୁ ଗାଆଁ ପର୍ଯ୍ୟନ୍ତ ସବୁଠି ଚର୍ଚ୍ଚା ହେଲା । ସେବର୍ଷ ସାଧାରଣତନ୍ତ୍ର ଦିବସରେ ସତକଥା କହିବା ଭଳି ଭଲଗୁଣ ଯୋଗୁଁ ମିଟୁକୁ ପୁରସ୍କୃତ କରାଗଲା । ମିଟୁର ଏପରି ସ୍ୱଭାବ ସମସ୍ତଙ୍କ ପାଇଁ ଗୋଟିଏ ଉଦାହରଣ ପାଲଟିଗଲା । ସତକଥା କହିଲେ ଯେ ପୁରସ୍କାର ମିଳୁଛି । ପୁଣି ସମସ୍ତେ ପ୍ରଶଂସା କରୁଛନ୍ତି ଜାଣି ପିଲାମାନଙ୍କ ମନ ବଦଳିଗଲା । ସେହିଦିନଠାରୁ ସେ ସ୍କୁଲରେ କେହି କାହା ଖାତା ବହି ବା କଲମ ଚୋରି କଲେ ନାହିଁ କି କେହି ମିଛ ବି କହିଲେ ନାହିଁ । ■

- ବରଗଡ଼
ମୋ-୯୮୬୧୦୮୯୩୪୮

## ସକାଳ ଶିଶୁ କୁଇଜ୍-୧୧୯

(୧) ଜବଲପୁର ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର : ____________

(୨) ଚିନ୍ନାର ବନ୍ୟପ୍ରାଣୀ ଅଭୟାରଣ୍ୟ ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର : ____________

(୩) ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ କିଏ ଥିଲେ?
ଉତ୍ତର : ____________

(୪) କେଉଁ ରୋଗ କାରଣରୁ ଶରୀର ହଳଦିଆ ପଡ଼ିଯାଏ?
ଉତ୍ତର : ____________

(୫) ଆଇଜଲ ଭାରତର କେଉଁ ରାଜ୍ୟର ରାଜଧାନୀ?
ଉତ୍ତର : ____________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**
- ମନସ୍ୱିନୀ ମହାରଣା, ଦେବଗଡ଼
- ଅବିନାଶ ଦାସ, ସାକ୍ଷୀଗୋପାଳ, ପୁରୀ
- ଶୁଭଶ୍ରୀ ମେହେର, ବାରିପଦା

**ଆମର ଯୋଗାଯୋଗ ଠିକଣା**
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ତୁମ ଅଙ୍କା ଛବି





ବିଦ୍ୟୁତ୍‌ପ୍ରଭା ନାୟକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବୀରବରପୁର, କେନ୍ଦୁଝର





ଶ୍ରଦ୍ଧାଞ୍ଜଳି ଚଇନି
ନବମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଜଗମୋହନପୁର, କେନ୍ଦୁଝର





ପଲ୍ଲବୀ ଆଚାର୍ଯ୍ୟ
ସପ୍ତମ ଶ୍ରେଣୀ
ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ
ମୂଷାଗାଡ଼ିଆ, ମୟୂରଭଞ୍ଜ

# ଯୁରୋପ୍ ଗସ୍ତ: ତୃତୀୟ ମ୍ୟାଚ୍‌ରେ ଭାରତୀୟ କନିଷ୍ଠ ହକି ଦଳ ପରାସ୍ତ

ବ୍ରେଡା, ୨୪ା୫(ଏଜେନ୍ସି): ଯୁରୋପ୍ ଗସ୍ତରେ ଯାଇଥିବା ଭାରତୀୟ କନିଷ୍ଠ ହକି ଦଳ ତା'ର ତୃତୀୟ ମ୍ୟାଚ୍‌ରେ ପରାସ୍ତ ହୋଇଛି। ନେଦରଲାଣ୍ଡସର ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ସ୍ଥିତ ବ୍ରେଡା ସହରରେ ଅନୁଷ୍ଠିତ ଏହି ମୁକାବିଲାରେ ଭାରତ ୪-୫ ଗୋଲରେ ବ୍ରେଡାସ୍ ହକି ଭେରେନିଙ୍ଗିଙ୍ଗ ପୁଶ୍ ଦଳଠାରୁ ପରାସ୍ତ ହୋଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ବେଲଜିୟମକୁ ଭେଟିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ୪-୨ ଗୋଲ୍ ପେନାଲ୍ଟି ସୁଟ୍ ଆଉଟରେ ବିଜୟୀ ହୋଇଥିଲା। ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିବା ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୨-୩ ଗୋଲରେ ପରାସ୍ତ ହୋଇଥିଲା। ଏବେ ଭାରତୀୟ କନିଷ୍ଠ ଦଳ ୨୮ ତାରିଖରେ ତା'ର ପରବର୍ତ୍ତୀ ତଥା ଚତୁର୍ଥ ମୁକାବିଲାରେ ମୋଞ୍ଚେନଗ୍ଲାଡବାକ୍‌ରେ ଜର୍ମାନୀକୁ ଭେଟିବ।

ଯୁରୋପ୍ ଗସ୍ତର ତୃତୀୟ ମୁକାବିଲାରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଭାରତୀୟ ଅଧିନାୟକ ରୋହିତ ୧୮ ତମ ମିନିଟ୍‌ରେ, ସୌରଭ ଆନନ୍ଦ ୨୪, ଅଙ୍କିତ ପଲ ୩୨ ଓ ଅର୍ଶଦୀପ ସିଂ ୫୮ ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଶେଷ ମିନିଟ୍‌ରେ ଗୋଲ ସ୍କୋର କରି ବ୍ରେଡାସ୍ ହକି ଭେରେନିଙ୍ଗିଙ୍ଗ ପୁଶ୍ ବାଜି ମାରିଥିଲା। ଭାରତୀୟ ଦଳ ପଛରେ ରହିଥିଲେ ମଧ୍ୟ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। କିନ୍ତୁ ଚାପ ନିୟନ୍ତ୍ରଣ କରିବାରେ ସଫଳ ହୋଇ ନଥିଲା।




## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

# ଜିତିପାରିଲାନି ଭାରତୀୟ ପୁରୁଷ ଦଳ

ନୂଆଦିଲ୍ଲୀ, ୨୪ା୫(ଏଜେନ୍ସି)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ର ଯୁରୋପ ଲେଗ୍‌ରେ ଭାରତୀୟ ପୁରୁଷ ଦଳ ବିଶ୍ୱର ୩ ନଂ ଦଳ ତଥା ଆୟୋଜକ ବେଲଜିୟମଠାରୁ ପରାସ୍ତ ହୋଇଛି। ଭାରତ ଏହି ମ୍ୟାଚ୍‌ରେ ବେଲଜିୟମଠାରୁ ୧-୪ ଗୋଲରେ ପରାସ୍ତ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତର ରକ୍ଷଣଭାଗରର ଦୁର୍ବଳାତ ପଦାରେ ପଡ଼ିଥିଲା ଓ ବେଲଜିୟମ ଏହାର ଫାଇଦା ଉଠାଇ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା। ଏହାପୂର୍ବରୁ ବୁଧବାର ଅନୁଷ୍ଠିତ ମୁକାବିଲାରେ ଭାରତ ସୁଟ୍‌ଆଉଟ୍‌ରେ ୫-୪ ଗୋଲରେ ଅର୍ଜେଣ୍ଟିନାକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୨- ୨ ଗୋଲରେ ଅମୀମାଂସିତ ରହିଥିଲା। ଶନିବାର ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ପୁଣିଥରେ ବେଲଜିୟମକୁ ଭେଟିବ।

ଆଣ୍ଟୱେର୍ପରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଯୁବ ଷ୍ଟ୍ରାଇକର ଅଭିଷେକ ଭାରତ ପାଇଁ ଏକମାତ୍ର ଗୋଲ ସ୍କୋର କରିଥିଲେ। ସେ ୫୫ତମ ମିନିଟ୍‌ରେ ଫିଲ୍ଡ ଗୋଲ ମାଧ୍ୟମରେ ଭାରତର ପରାଜୟ ବ୍ୟବଧାନକୁ କମାଇଥିଲେ। ଅପରପକ୍ଷରେ ବେଲଜିୟମ ଅଧିନାୟକ ଫେଲିକ୍ସ ଡେନାୟେର ୨୨ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇ ଘରୋଇ ଦଳ ପାଇଁ ଖାତା ଖୋଲିଥିଲେ। ସେହିପରି ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଦୁଇଟି ଗୋଲ ଦେଇଥିଲେ। ସେ ୩୪ତମ ମିନିଟ୍ ପେନାଲ୍ଟି କର୍ଣ୍ଣର ଜରିଆରେ ଓ ଅନ୍ତିମ ତଥା ୬୦ତମ ମିନିଟ୍‌ରେ ପେନାଲ୍ଟି ସୁଟ୍‌ରେ ଗୋଲ ଦେଇଥିଲେ। ସେହିପରି ସେଡ୍ରିକ୍ ଚାର୍ଲିଏର ୪୯ତମ ମିନିଟ୍‌ରେ ଫିଲ୍ଡ ଗୋଲ ଦେଇଥିଲେ। ବେଲିଜୟମ ଆକ୍ରମଣକୁ ଭାରତୀୟ ରକ୍ଷଣଭାଗ ପ୍ରତିହତ କରିପାରି ନଥିଲା। ଭାରତୀୟ ଡିଫେନ୍ସ ଚାପକୁ ସମ୍ଭାଳିବାରେ ବିଫଳ ହୋଇଥିଲା। ଦଳର ପରାଜୟ ପରେ ଭାରତୀୟ ଅଧିନାୟକ ହରମନପ୍ରୀତ ସିଂ ନୈରାଶ୍ୟ ଜାହିର କରିଛନ୍ତି। ଆମ ରକ୍ଷଣଭାଗରେ ଉନ୍ନତି ହେବା ଆବଶ୍ୟକ ବୋଲି ସେ ସ୍ୱିକାର କରିଛନ୍ତି। ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଭାରତୀୟ ଖେଳାଳି ତା'ର ଫାଇଦା ଉଠାଇପାରି ନଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଭାରତ ପ୍ରୟାସ କରିବ।



## ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨

# ଫାଇନାଲରେ କମ୍ପାଉଣ୍ଡ ମିକ୍ସଡ ଟିମ୍

ନୂଆଦିଲ୍ଲୀ, ୨୪ା୫(ଏଜେନ୍ସି): ଜ୍ୟୋତି ସୁରେଖା ଭେନମ ଓ ପ୍ରିୟାଂଶଙ୍କୁ ନେଇ ଗଠିତ ମିକ୍ସଡ ଭାରତୀୟ ଟିମ୍ ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୨'ର ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ଚୀନ୍‌ର ସାଙ୍ଘାଇରେ ଚାଲିଥିବା ଷ୍ଟେଜ୍-୨ ବିଶ୍ୱକପ୍‌ରୁ ଭାରତର ଦ୍ୱିତୀୟ ପଦକ ଜିତିବା ନିଶ୍ଚିତ ହୋଇଛି। ଜ୍ୟୋତି, ପରନୀତ କୌର ଓ ଅଦିତି ସ୍ୱାମୀଙ୍କୁ ନେଇ ଗଠିତ ମହିଳା କମ୍ପାଉଣ୍ଡ ଟିମ୍ ବୁଧବାର ଫାଇନାଲରେ ପ୍ରବେଶ କରିବା ସହ ପ୍ରଥମ ପଦକ ପକ୍କା କରିଥିଲେ।

ସେହିପରି ଏକକ ବିଭାଗରେ ଯୁବ ତୀରନ୍ଦାଜ ପ୍ରଥମେଶ ଫୁଗେ ଓ ମହିଳା ବିଭାଗରେ ଦୀପିକା ସେମିଫାଇନାଲରେ ପ୍ରବେଶ କରିବା ସହ ଭାରତ ଲାଗି ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଛନ୍ତି। ଅନ୍ୟମାନେ ନିରାଶ କରିଛନ୍ତି। ମିକ୍ସଡ ଟିମ୍ ଫାଇନାଲରେ ଜ୍ୟୋତି ଓ ପ୍ରିୟାଂଶଙ୍କ ସହ ଆମେରିକୀୟ ଯୋଡି ଅଲିଭିଆ ଡିନ୍ ଓ ସାୱେର ସୁଲିଭାନଙ୍କର ମୁକାବିଲା ହେବ। ଫାଇନାଲ ମୁକାବିଲା ଶନିବାର ଅନୁଷ୍ଠିତ ହେବ।






# ମହିଳା ଦଳ ମଧ୍ୟ ବେଲଜିୟମ୍‌ଠୁ ହାରିଲା

ନୂଆଦିଲ୍ଲୀ, ୨୪ା୫(ଏଜେନ୍ସି): ପୁରୁଷ ଦଳ ଭଳି ଭାରତୀୟ ମହିଳା ଦଳ ମଧ୍ୟ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମୁକାବିଲାରେ ପରାସ୍ତ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମୁକାବିଲାରେ ଭାରତ ୦-୨ ଗୋଲରେ ପରାସ୍ତ ହୋଇଛି। ନୂଆ ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ଓ ଅଧିନାୟିକା ସାଲିମା ଟେଟେଙ୍କ ନେତୃତ୍ୱରେ ଭାରତର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ଆରମ୍ଭରୁ ଭାରତୀୟ ମହିଳା ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ ମଧ୍ୟ ମିଳିଥିବା ସୁଯୋଗ ସଦ୍ ବ୍ୟବହାର କରିପାରି ନଥିଲେ ଓ ଗୋଲ ଦେବାରେ ସଫଳ ହୋଇ ନଥିଲେ। ବେଲଜିୟମ ଖେଳାଳିମାନେ ଦୁଇଟି ଫିଲ୍ଡ ଗୋଲ ଦେଇଥିଲେ। ଦଳ ତରଫରୁ ଆଲେକ୍ସିଆ ଟି ସେର୍ଷ୍ଟେଭେନ୍ସ ୩୪ତମ ମିନିଟ୍‌ରେ ଗୋଲ ଦେଇ ବେଲଜିୟମକୁ ଅଗ୍ରଣୀ କରାଇଥିଲେ। ଏହାର ଠିକ୍ ଦୁଇ ମିନିଟ୍ ପରେ ଦେୱାତ ଲୋଇସ୍ ଗୋଲ ଦେଇ ଦଳକୁ ୨-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଆରମ୍ଭରୁ ଭାରତ ପେନାଲ୍ଟି କର୍ଣ୍ଣର ପାଇଥିଲା। କିନ୍ତୁ ଗୋଲ ହୋଇପାରି ନଥିଲା। ପ୍ରଥମାର୍ଦ୍ଧରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ବେଲଜିମୟକୁ ବ୍ୟାକ୍‌ଫୁଟକୁ ନେଇଯାଇଥିଲା। ଘରୋଇ ଦଳ ମଧ୍ୟ କାଉଣ୍ଟର ଆଟାକ କରିଥିଲା। ଅଭିଜ୍ଞ ଗୋଲ କିପର ସବିତା ପୁନିଆଙ୍କ ନେତୃତ୍ୱରେ ଭାରତୀୟ ରକ୍ଷଣଭାଗ ଦମ୍‌ଦାର ପ୍ରଦର୍ଶନ କରିଥିଲା ଓ ପ୍ରଥମାର୍ଦ୍ଧରେ ବେଲିଜିୟମର ଆକ୍ରମଣକୁ ପଣ୍ଡ କରିଥିଲା। ତୃତୀୟ କ୍ୱାର୍ଟରେ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ପୁଣି ଥରେ ଗୋଲ ଦେବାରେ ବିଫଳ ହୋଇଥିଲା। ଶେଷରେ ବେଲଜିୟମ ନିଜର ଅଗ୍ରଣୀ ବଜାୟ ରଖି ବିଜୟୀ ହୋଇଥିଲା। ଶନିବାର ଭାରତୀୟ ମହିଳା ଦଳ ପୁଣି ଥରେ ବେଲଜିୟମକୁ ଭେଟିବ। ନୂଆ କୋଚ୍ ଓ ଅଧିନାୟିକା ନେତୃତ୍ୱରେ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ପ୍ରୟାସ କରିବ ବୋଲି ଆଶା କରାଯାଉଛି।

# ଜାଭି ହର୍ଣ୍ଣାଣ୍ଡେଜ୍ ବହିଷ୍କୃତ



ମାଡ୍ରିଦ୍, ୨୪ା୫(ଏଜେନ୍ସି): ବିଶ୍ୱର ଅନ୍ୟତମ ଖ୍ୟାତନାମା ଫୁଟବଲ କ୍ଲବ୍ ବାର୍ସିଲୋନା ଚଳିତବର୍ଷ ଗୋଟିଏ ହେଲେ ଟ୍ରଫି ଜିତିବାରେ ସମର୍ଥ ହୋଇପାରି ନାହିଁ। ଏହା ଫଳରେ ୨୦୨୧ରୁ ପ୍ରଶିକ୍ଷକ ଦାୟିତ୍ୱରେ ରହିଥିବା ଜାଭି ଫର୍ଣ୍ଣାଷଣ୍ଡେଜ୍‌ଙ୍କୁ କ୍ଲବ୍ ବହିଷ୍କୃତ କରିଛି। ସେ ଦାୟିତ୍ୱ ଛାଡ଼ିବା ପୂର୍ବରୁ ସେଭିଲାରେ ରବିବାର ଖେଳାଯିବାକୁ ଥିବା ଲା ଲିଗା ମୁକାବିଲାରେ ଦାୟିତ୍ୱ ସମ୍ଭାଳିବେ। ପୂର୍ବରୁ ଚଳିତବର୍ଷ ଆରମ୍ଭରେ ଜାଭିଙ୍କୁ ବିଦା କରିବା ଲାଗି ନିଷ୍ପତ୍ତି ହୋଇଥିଲା। କିନ୍ତୁ କ୍ଲବ୍‌ର କିଛି ସଦସ୍ୟ ତାଙ୍କୁ ସମର୍ଥନ ଦେବାରୁ ତାଙ୍କୁ ଏହି ପଦରେ ରଖାଯାଇଥିଲା। ଏବେ ସଭାପତି ଜୋଆନ ଲାର୍ପୋଟା ତାଙ୍କୁ ପ୍ରଶିକ୍ଷକ ପଦରୁ ବିଦା କରିବାକୁ ସମସ୍ତ ପ୍ରକାର ନିଷ୍ପତ୍ତି ନେଇସାରିଛନ୍ତି। ଚଳିତ ସିଜନରେ ଏଠାରେ ତାଙ୍କ ଲାଗି ଶେଷ ବୋଲି ଲାପୋର୍ଟା କହିଛନ୍ତି। ଜାଭିଙ୍କ ସ୍ଥାନରେ ଜର୍ମାନୀ ତଥା ବେୟର୍ଣ୍ଣ ମ୍ୟୁନିକ୍‌ର ପୂର୍ବତନ ପ୍ରଶିକ୍ଷକ ହାନ୍‌ସି ଫ୍ଲିକ୍ ବାର୍ସିଲୋନା ଦାୟିତ୍ୱରେ ରହିବେ ବୋଲି ଆଶା କରାଯାଉଛି।

## ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସେମିଫାଇନାଲରେ ସିନ୍ଧୁ

କୁଆଲାଲମ୍ପୁର, ୨୪ା୫(ଏଜେନ୍ସି)

ସ୍ଥାନୀୟ ଅକ୍ଷିଆତା ଏରିନାରେ ଚାଲିଥିବା ୩ କୋଟି ୫୦ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ମାଲେସିଆ ମାଷ୍ଟର୍ସ ବ୍ୟାଡିମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଅଭିଜ୍ଞ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ଏକକ ପ୍ରତିଯୋଗିତାରେ ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ବିଶ୍ୱର ୧୫ ନଂ ଖେଳାଳି ସିନ୍ଧୁ ୨୧-୧୩, ୧୪-୨୧, ୨୧-୧୨ରେ ଟପ୍ ସିଡ୍ ଖେଳାଳି ଚୀନ୍‌ର ହାନ୍ ୟୁଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେମିରେ ସିନ୍ଧୁ ଏବେ ଥାଇଲାଣ୍ଡର ବୁସାନନ ଓନଗବାମ୍‌ରୁଙ୍ଗଫାନ୍‌ଙ୍କୁ ଭେଟିବେ। ବୁସାନନ ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆର ପୁତ୍ରି କୁସୁମା ୱାରଦାନୀଙ୍କୁ ୨୧-୧୨, ୨୧-୨୩, ୨୧-୧୬ରେ ପରାସ୍ତ କରି ସେମିକୁ ଉଠିଛନ୍ତି। ବିଜୟୀ ହେବାକୁ ସିନ୍ଧୁଙ୍କୁ ବେଶ୍ କଷ୍ଟ କରିବାକୁ ପଡ଼ିଥିଲା ଓ ସେ ୫୫ ମିନିଟ୍‌ର ସଂଘର୍ଷ ପରେ ବିଜୟୀ ହୋଇଥିଲେ। ପ୍ରି- କ୍ୱାର୍ଟର ଫାଇନାଲରେ ସିନ୍ଧୁ କୋରିଆର ୟୁ ଜିନ୍ ସିମ୍‌ଙ୍କୁ ୫୯ ମିନିଟ୍‌ରେ ୨୧-୧୩, ୧୨-୨୧, ୨୧-୧୪ରେ ପରାସ୍ତ କରି ଅଗ୍ରଗତି କରିଥିଲେ। ଶେଷଥର ପାଇଁ ସିନ୍ଧୁ ୨୦୨୨ରେ ସିଙ୍ଗାପୁର ଓପନ୍ ଟାଇଟଲ ଜିତିଥିଲେ।

### କ୍ୱାର୍ଟରରେ ହାରିଲେ ଚଲିହା

ସେହପରି ଅନ୍ୟତମ ଭାରତୀୟ ମହିଳା ଖେଳାଳି ଅଶ୍ମିତା ଚଲିହା କ୍ୱାର୍ଟର ଫାଇନାଲରେ ଚୀନ୍‌ର ଷଷ୍ଠ ସିଡ୍ ଖେଳାଳି ଝାଙ୍ଗ ୟିମାନଙ୍କଠାରୁ ୧୦-୨୧, ୧୫-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଚଲିହା ପୂର୍ବରୁ ପ୍ରି- କ୍ୱାର୍ଟର ଫାଇନାଲରେ ୨୧-୧୯, ୧୬-୨୧, ୨୧-୧୨ରେ ଆମେରିକାର ବେଇୱେନ ଝାଙ୍ଗଙ୍କୁ ହରାଇ କ୍ୱାର୍ଟରକୁ ଉଠିଥିଲେ। ପୂର୍ବରୁ ଅନ୍ୟ ବର୍ଗର ପ୍ରତିଯୋଗିତାଗୁଡ଼ିକରେ ଭାରତୀୟ ଖେଳାଳିମାନେ ପରାସ୍ତ ହୋଇ ବିଦାୟ ନେଇସାରିଛନ୍ତି।







## ବିଶ୍ୱକପ୍ ପୂର୍ବରୁ ବଡ଼ ବିପର୍ଯ୍ୟୟ

# ଟି-୨୦ ସିରିଜ୍ ଜିତିଲା ଆମେରିକା

ହଷ୍ଟନ, ୨୪ା୫(ଏଜେନ୍ସି)

ଆମେରିକାର ହଷ୍ଟନସ୍ଥିତ ପ୍ରେୟରି ଭିୟୁ କ୍ରିକେଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଆମେରିକା ୬ ରନରେ ବିଜୟ ହାସଲ କରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଆମେରିକା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏହି ସିରିଜ ଜିତିବା ସହ ଆମେରିକା ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଏହାପୂର୍ବରୁ ୨୧ ତାରିଖରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ଆମେରିକା ୫ ୱିକେଟରେ ବିଜୟ ହାସଲ କରିଥିଲା। ଏହି ଗ୍ରାଉଣ୍ଡରେ ଶନିବାର ତୃତୀୟ ଓ ଅନ୍ତିମ ଟି-୨୦ ମ୍ୟାଚ୍ ଖେଳାଯିବ। ଆମେରିକା ତୃତୀୟ ମ୍ୟାଚ୍ ଜିତି କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଥିବା ବେଳେ ବାଂଲାଦେଶ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ପ୍ରୟାସ କରିବ।

### ୩ ୱିକେଟ ନେଇ ଅଲି ଖାନ୍ ଶ୍ରେଷ୍ଠ ଖେଳାଳି

ବାଂଲାଦେଶ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଆମେରିକାର ୬ ୱିକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୯.୩ ଓଭରରେ ୧୩୮ ରନକରି ଅଲଆଉଟ ହେବା ସହ ବିଜୟଠାରୁ ୭ ରନ ଦୂରରେ ରହିଯାଇଥିଲା। ପାକିସ୍ତାନ ଜନ୍ମିତ ୩୩ ବର୍ଷୀୟ ଆମେରିକା ଦ୍ରୁତ ବୋଲର ଅଲି ଖାନ୍ ୨୫ ରନରେ ଦେଇ ୩ ୱିକେଟ ନେବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବାଂଲାଦେଶ ତରଫରୁ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ସର୍ବାଧିକ ୩୬ ରନ ସଂଗ୍ରହ କରିଥିବା ବେଳେ ସକିବ ଅଲ ହାସନ ୩୦, ତୋହିଦ ହୃଦୟ ୨୫ ଓ ଓପନର ତାନଜିଦ୍ ହାସନ୍ ୧୯ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଆମେରିକା ତରଫରୁ ଅଲି ଖାନ୍ ୩, ସୌରଭ ନେତ୍ରାଭାଲକର ଓ ଶାଦ୍‌ଲେ ଭାନ୍ ସଲ୍‌କୱିକ୍ ଦୁଇଟି ଲେଖାଏ, ଜଶଦୀପ ସିଂ ଓ କୋରି ଆଣ୍ଡରସନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

**ଦ୍ୱିତୀୟ ମ୍ୟାଚ୍‌ରେ ହାରିଲା ବାଂଲାଦେଶ**

### ମୋନାଙ୍କ ସର୍ବାଧିକ ସ୍କୋରର

ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ତରଫରୁ ଭାରତ ଜନ୍ମିତ ଅଧିନାୟକ ମୋନାଙ୍କ ପଟେଲ ୩୮ ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ଗୋଟିଏ ଛକା ସହ ସର୍ବାଧିକ ୪୨ ରନ ସଂଗ୍ରହ କରିଥିଲେ। ଷ୍ଟିଭେନ୍ ଟେଲର ୩୧, ଆରୋନ ଜୋନ୍ସ ୩୫ ଓ କୋରି ଆଣ୍ଡରସନ ୧୧ ରନକରି ଆଉଟ ହୋଇଥିଲେ ଓ ଅନ୍ୟମାନେ ଦୁଇଅଙ୍କ ସ୍ୱର୍ଶ କରିପାରି ନଥିଲେ। ବାଂଲାଦେଶ ତରଫରୁ ବୋଲିଂରେ ଶୋରିଫୁଲ ଇସ୍‌ଲାମ, ମୁସ୍ତାଫିଜୁର ରହମାନ ଓ ରିସାଦ ହୋସେନ ଦୁଇଟି ଲେଖାଏ ୱିକେଟ ଅକ୍ତିଆର କିରଥିଲେ।

# ଅଷ୍ଟ୍ରେଲୀୟଙ୍କୁ ଅନୁରୋଧ କରାଯାଇ ନାହିଁ: ଶାହ

ନୂଆଦିଲ୍ଲୀ, ୨୪ା୫(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଲାଗି କୌଣସି ଅଷ୍ଟ୍ରେଲୀୟ ପ୍ରଶିକ୍ଷକଙ୍କୁ ଯୋଗାଯୋଗ କରାଯାଇ ନାହିଁ କିମ୍ବା ଅନୁରୋଧ କରାଯାଇ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହ କହିଛନ୍ତି। ଗଣମାଧ୍ୟମରେ ରିକି ପଣ୍ଟିଂଙ୍କୁ ଏହି ପଦ ଲାଗି ଅନୁରୋଧ କରାଯାଇଥିବା ଓ ପଣ୍ଟିଂ ତାହାକୁ ଅସ୍ୱୀକାର କରିଥିବାର ରିପୋର୍ଟ ପ୍ରକାଶ ପାଇଛି। ଏଭଳି ରିପୋର୍ଟକୁ ଅସ୍ୱୀକାର କରିଛନ୍ତି ଜୟ ଶାହ। ତାଙ୍କ ମତରେ ମୁଁ କିମ୍ବା ବିସିସିଆଇ ପକ୍ଷରୁ କେହି ପଣ୍ଟିଂ କିମ୍ବା କୌଣସି ଅଷ୍ଟ୍ରେଲୀୟଙ୍କୁ ଯୋଗାଯୋଗ କରାଯାଇନାହିଁ। ଏଭଳି ଖବରର କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି। ଏବେ ରାହୁଲ ଦ୍ରାବିଡ଼ କୋଚ୍ ଦାୟିତ୍ୱରେ ରହିବାକୁ ମନା କରିବା ପରେ ଗୌତମ ଗମ୍ଭୀରଙ୍କୁ ଏହି ଦାୟିତ୍ୱ ଦିଆଯିବ ବୋଲି ଆଶା କରାଯାଉଛି। କିନ୍ତୁ ଦ୍ରାବିଡ଼ଙ୍କ ପରେ ଭିଭିଏସ୍ ଲକ୍ଷ୍ମଣ ହେଡ୍ କୋଚ୍ ହେବାକୁ ଆଶାୟୀ ଥିବାରୁ ଏହାକୁ ନେଇ ଅଡୁଆ ସ୍ଥିତି ଉପୁଜିଛି।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

### ଦ୍ୱିତୀୟ କ୍ୱାଲିଫାୟରରେ କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ

# ଶାହାବାଜ ଅହମ୍ମଦଙ୍କ ଘାତକ ବୋଲିଂ

ଚେନ୍ନଇ, ୨୪।୫(ଏଜେନ୍ସି)



ହେନରୀ କ୍ଲାସେନ୍‌ଙ୍କ ଅର୍ଦ୍ଧଶତକ ଓ ରାହୁଲ ତ୍ରିପାଠୀଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌-୨୦୨୪ର ରାଜସ୍ଥାନ ରୟାଲ୍ସ ବିପକ୍ଷ ଦ୍ୱିତୀୟ କ୍ୱାଲିଫାୟରରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପ୍ରଥମେ ବ୍ୟାଟିଂ କରି ୯ ୱିକେଟରେ ୧୭୫ ରନ୍ କରିଛି। ହାଇଦ୍ରାବାଦ୍ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ତ୍ରିପାଠୀ ୧୫ ବଲ୍‌ରୁ ୩୭ ଓ କ୍ଲାସେନ ୩୪ ବଲ୍‌ରେ ୫୦ ରନ୍ କରିଥିଲେ। ଟ୍ରାଭିସ୍ ହେଡ୍‌ଙ୍କ ବ୍ୟାଟରୁ ୩୪ ରନ୍ ମିଳିଥିଲା। ଏହି ମ୍ୟାଚ୍‌ରେ ହାଇଦ୍ରାବାଦ୍ ହରାଇଥିବା ୯ଟି ୱିକେଟ ମଧ୍ୟରୁ ରାଜସ୍ଥାନ ପେସ୍ ବୋଲରଙ୍କୁ ୮ଟି ୱିକେଟ ମିଳିଛି। ତାହା ମଧ୍ୟରୁ ଟ୍ରେଣ୍ଟ ବୋଲ୍ଟ ଓ ଆଭେଷ ଖାନ ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲାବେଳେ ସନ୍ଦୀପ ଶର୍ମା ୨ଜଣଙ୍କ ୱିକେଟ ନେଇଛନ୍ତି। ଜବାବରେ ରାଜସ୍ଥାନ ରୟାଲ୍ସ ୧୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୨ ଓଭରରେ ୫ ୱିକେଟ ହରାଇ ୮୦ ରନ୍ କରିନେଇଛି। ଏହି ସମୟରେ ଧ୍ରୁବ ଜୁରେଲ ୯ ଓ ସିମରନ ହେଟମାୟର ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଟମ୍ କୋହଲର-କ୍ୟାଡମୋର ୧୦, ଯଶସ୍ୱୀ ଜୟସ୍ୱାଲ ୪୨, ସଞ୍ଜୁ ସାମସନ ୧୦, ରିୟାନ ପରାଗ ୬ ରନ୍ କରି ଆଉଟ ହୋଇଛନ୍ତି। ହାଇଦ୍ରାବାଦ ପକ୍ଷରୁ ଶାହାବାଜ ଅହମ୍ମଦ ୩ଟି, ପ୍ୟାଟ କମିନ୍ସ ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଏହି ମ୍ୟାଚ୍ ରୋଚକ ସ୍ଥିତିରେ ପହଞ୍ଚିଛି।

ଆଜିର ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚରେ ଯିଏ ବିଜୟୀ ହେବ ସେହି ଦଳ ଫାଇନାଲରେ ପ୍ରବେଶ କରିବ। ପୂର୍ବରୁ ପ୍ରଥମ କ୍ୱାଲିଫାୟରରେ ହାଇଦ୍ରାବାଦ୍‌କୁ ୮ ୱିକେଟରେ ପରାସ୍ତ କରି କୋଲକାତା ନାଇଟ୍ ରାଇଡର୍ସ ପ୍ରଥମ ଦଳ ଭାବେ ଫାଇନାଲ ଟିକଟ ହାସଲ କରିନେଇଛି। ସେହିପରି ଏଲିମିନେଟରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ୱିକେଟରେ ହରାଇ ରାଜସ୍ଥାନ ଦ୍ୱିତୀୟ କ୍ୱାଲିଫାୟର ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ମେ ୨୬ ତାରିଖ ରବିବାର ଏଠାରେ ଫାଇନାଲ ମୁକାବିଲା ହେବ।

### ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ

ରାଜସ୍ଥାନ ରୟାଲ୍ସ ଟସ୍ ଜିତିବା ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। କିନ୍ତୁ ହାଇଦ୍ରାବାଦ୍ ଆରମ୍ଭରୁ ଅଭିଷେକ ଶର୍ମା (୫ବଲ୍‌ରେ ୧୨ରନ୍)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ରାହୁଲ ତ୍ରିପାଠୀ ୧୫ ବଲ୍‌ରୁ ୫ଚୌକା ଓ ୨ଛକା ସହ ୩୭ ରନ୍ କରି ରନ ହାର ବଜାୟ ରଖିଥିଲେ। ଏହା ପରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଆଇଡେନ ମାର୍କରାମ ୧ ଓ ରନ୍ ଲାଗି ସଂଘର୍ଷ କରୁଥିବା ହେଡ୍ ୩୪ ରନ୍ କରି ଆଉଟ ହୋଇଯାଇଥିଲେ। ଏମାନଙ୍କ ସହ ନୀତିଶ ରେଡ୍ଡୀ ୫ ଓ ଅବଦୁଲ ସମଦ ୦ ରନ୍ କରି ଆଉଟ ହେବା ପରେ ହାଇଦ୍ରାବାଦ୍ ୧୨୦ ରନ୍‌ରେ ୬ଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା। ହେନ୍‌ରିକ୍ କ୍ଲାସେନ ୩୩ ବଲ୍‌ରେ ୪ ଛକା ସହ ଅର୍ଦ୍ଧଶତକ ପୂରଣ କରିବାପରେ ଆଉଟ ହୋଇଯାଇଥିଲେ। ସେ ଓ ଶାହାବାଜ ଅହମ୍ମଦ୍ ୭ମ ୱିକେଟ ଭାଗୀଦାରିରୁ ୨୫ ବଲ୍‌ରେ ୪୩ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଶାହାବାଜ୍ ୧୮ ବଲ୍‌ରେ ଗୋଟିଏ ଛକା ସହ ୧୮ ରନ୍ କରିଥିଲେ।

ରାଜସ୍ଥାନର ପେସ୍ ବୋଲରମାନେ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଚମତ୍କାର ବୋଲିଂ ପ୍ରଦର୍ଶନ କରି ଦଳକୁ ଫାଇଦାରେ ରଖିଥିଲେ। ଏମାନେ ହାଇଦ୍ରାବାଦ୍ ହରାଇଥିବା ୯ଟି ୱିକେଟ ମଧ୍ୟରୁ ୮ଜଣଙ୍କୁ ଆଉଟ କରିଥିଲେ। ଏହା ମଧ୍ୟରୁ ଟ୍ରେଣ୍ଟ ବୋଲ୍ଟ ଓ ଆଭେଷ ଖାନ୍ ୩ଜଣ ଲେଖାଏଁ ଓ ସନ୍ଦୀପ ଶର୍ମା ୨ଜଣଙ୍କୁ ଆଉଟ କରିଥିଲେ। ଦଳରେ ଦୁଇଜଣ ବିଶ୍ୱସ୍ତରୀୟ ସ୍ପିନ୍ ବୋଲର ଯଥା ରବିଚନ୍ଦ୍ରନ ଅଶ୍ୱିନ ଓ ଯୁଜବେନ୍ଦ୍ର ଚହଲ ଥିଲେ ମଧ୍ୟ ଜଣେ ହେଲେ ଖେଳାଳିଙ୍କୁ ଆଉଟ କରିପାରି ନ ଥିଲେ। ଏମାନଙ୍କ ୮ ଓଭରରୁ ୭୭ ରନ୍ ଖର୍ଚ୍ଚ ହୋଇଥିଲା।

## ଆଫ୍ରିଦୀ ଟି-୨୦ ବିଶ୍ୱକପ୍ ଆମ୍ବାସାଡର

ଦୁବାଇ, ୨୪।୫(ଏଜେନ୍ସି)



ପାକିସ୍ତାନର ପୂର୍ବତନ ଅଧିନାୟକ ସାହିଦ୍ ଆଫ୍ରିଦୀଙ୍କୁ ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଜୁନ୍‌ରେ ଖେଳାଯିବାକୁ ଥିବା ଆଇସିସି ଟି-୨୦ ବିଶ୍ୱକପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ଆଇସିସି ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଆଫ୍ରିଦୀଙ୍କୁ ମିଶାଇ ଏହି ମେଗା ଇଭେଣ୍ଟ ଲାଗି ଆମ୍ବାସାଡରଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ଏହା ପୂର୍ବରୁ ଭାରତର ତାରକା ଖେଳାଳି ଯୁବରାଜ ସିଂ, ୱେଷ୍ଟଇଣ୍ଡିଜ୍‌ର ଦୁଇ ସୁପରଷ୍ଟାର ତଥା କ୍ରିକେଟର କ୍ରିସ୍ ଗେଲ ଓ କିମ୍ବଦନ୍ତୀ ଆଥ୍‌ଲେଟ ଉସେନ ବୋଲ୍ଟଙ୍କୁ ଆମ୍ବାସାଡର ନିଯୁକ୍ତ କରାଯାଇଥିଲା। ୨୦୦୭ରେ ପାକିସ୍ତାନକୁ ଫାଇନାଲରେ ପ୍ରବେଶ କରାଇବା ଓ ୨୦୦୯ରେ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜଣେ ବିସ୍ଫୋରକ ବ୍ୟାଟିଂ ଅଲରାଉଣ୍ଡର ଭାବେ ଆଫ୍ରିଦୀଙ୍କର ବେଶ ଲୋକପ୍ରିୟତା ରହିଛି।

## ଭାଷ୍ୟକାର ଭୂମିକାରେ କାର୍ତ୍ତିକ



ନୂଆଦିଲ୍ଲୀ, ୨୪।୫(ଏଜେନ୍ସି)

ଜୁନ୍ ପହିଲାରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଅଭିଜ୍ଞ ଭାରତୀୟ ୱିକେଟକିପର ବ୍ୟାଟର ଦୀନେଶ କାର୍ତ୍ତିକ ଭାଷ୍ୟକାର ଭୂମିକାରେ ଅବତୀର୍ଣ୍ଣ ହେବେ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏ ନେଇ ଶୁକ୍ରବାର ଘୋଷଣା କରିଛି। ଆଇସିସି ବିଶ୍ୱକପ୍ ପାଇଁ କମେଣ୍ଟ୍ରି ପ୍ୟାନେଲର ଘୋଷଣା କରିଛି। ଏଥିରେ କାର୍ତ୍ତିକ ସ୍ଥାନ ପାଇଛନ୍ତି। ଏହି ପ୍ୟାନେଲରେ ୪୦ଜଣ ଭାଷ୍ୟକାର ସ୍ଥାନ ପାଇଛନ୍ତି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୩୮ ବର୍ଷୀୟ କାର୍ତ୍ତିକ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ତରଫରୁ ପ୍ରତିନିଧିତ୍ୱ କରିଥିଲେ। ତେବେ ଆରସିବି ଏଲିମିନେଟରରେ ରାଜସ୍ଥାନ ରୟାଲ୍ସଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। କାର୍ତ୍ତିକ ଏହି ମ୍ୟାଚ୍‌ରେ ଆଇପିଏଲରୁ ଅବସର ନେଇଛନ୍ତି।

## ନେଦରଲାଣ୍ଡସକୁ ହରାଇଲା ଆୟର୍ଲାଣ୍ଡ

ଦି ହଗ୍, ୨୪।୫(ଏଜେନ୍ସି): ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜରେ ଶୁକ୍ରବାର ଅନୁଷ୍ଠିତ ମୁକାବିଲାରେ ଆୟର୍ଲାଣ୍ଡ ୩ ରନରେ ଘରୋଇ ନେଦରଲାଣ୍ଡସକୁ ପରାସ୍ତ କରିଛି। ନେଦରଲାଣ୍ଡସ ଓ ଆୟର୍ଲାଣ୍ଡ ଦଳକୁ ବାଦ୍ ଦେଲେ ଏହି ତ୍ରିରାଷ୍ଟ୍ରୀୟ ସିରିଜରେ ସ୍କଟଲାଣ୍ଡ ମଧ୍ୟ ଅଂଶଗ୍ରହଣ କରିଛି। ସ୍ଥାନୀୟ ସ୍ପୋର୍ଟ୍ସପାର୍କ ୱେଷ୍ଟଭିଲେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନେଦରଲାଣ୍ଡସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୬ ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ ନେଦରଲାଣ୍ଡସ ୫ ୱିକେଟ ହରାଇ ୧୫୮ ରନରେ ସୀମିତ ରହବା ଫଳରେ ବିଜୟଠାରୁ ୬ ରନ ଦୂରରେ ରହିଯାଇଥିଲା।



### ବିଶ୍ୱ ପାରାଆଥ୍‌ଲେଟିକ୍ ଚାମ୍ପିଅନସିପ

## ଜାଭେଲିନ୍‌ରେ ରିଙ୍କୁ ସିଂଙ୍କୁ କାଂସ୍ୟ

ନୂଆଦିଲ୍ଲୀ, ୨୪।୫(ଏଜେନ୍ସି): ଭାରତର ରିଙ୍କୁ ସିଂ ବିଶ୍ୱ ପାରାଆଥ୍‌ଲେଟିକ ଚାମ୍ପିଅନସିପର ପୁରୁଷ ଏଫ୍‌୪୬ କାଟେଗୋରୀର ଜାଭେଲିନ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରିଙ୍କୁ ଚତୁର୍ଥ ପଦକ୍ଷେପରେ ୬୨.୭୭ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଭାରତ ଲାଗି ୧୩ତମ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହି କାଟେଗୋରୀରେ କ୍ୟୁବାର ଗୁଇଲେରମୋ ଭାରୋନା ଓ ଶ୍ରୀଲଙ୍କାର ଦିନେଶ ପ୍ରିୟନାଥ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରିଙ୍କୁଙ୍କ ସଫଳତା ସହ ଭାରତ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ କାଂସ୍ୟ ସହ ମୋଟ ୧୩ଟି ପଦକ ଜିତି ତାଲିକାରେ ଷଷ୍ଠ ସ୍ଥାନରେ ରହିଛି।

## ଦକ୍ଷିଣ ଆଫ୍ରିକାକୁ ୨୮ ରନ୍‌ରେ ହରାଇଲା ୱେଷ୍ଟଇଣ୍ଡିଜ୍

କିଙ୍ଗଷ୍ଟନ୍, ୨୪।୫(ଏଜେନ୍ସି)


ଫାଇଲ ଫଟୋ

କାମଚଳା ଅଧିନାୟକ ବ୍ରାଣ୍ଡନ କିଙ୍ଗ୍‌ଙ୍କ ଧୂଆଁଧାର ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ସଫଳତା ଫଳରେ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଟି-୨୦ରେ ଆୟୋଜକ ୱେଷ୍ଟଇଣ୍ଡିଜ୍ ୨୮ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଦଳର ପ୍ରମୁଖ ଖେଳାଳିମାନେ ଆଇପିଏଲ୍ ଖେଳୁଥିବାରୁ ସ୍ଥାନ ପାଇ ନାହାନ୍ତି। ଏହା ସତ୍ତ୍ୱେ କିଙ୍ଗ୍ ୪୫ବଲ୍‌ରୁ ୬ଟି ଲେଖାଏଁ ଚୌକା ଓ ଛକା ବଳରେ ୭୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ୧୭୫ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କାଏଲ ମାୟର୍ସ ୩୪ ଓ ରୋଷ୍ଟୋନ ଚେଜ୍ ୩୨ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। ଭ୍ରମଣକାରୀ ଦଳର ଦୁଇ ବରିଷ୍ଠ ପେସ୍ ବୋଲର ଓଟ୍‌ନିଏଲ ବାର୍ଟମ୍ୟାନ୍ ଓ ଆଣ୍ଡିଲ ଫେଲୁକୱାଓ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ୧୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୧୯.୫ ଓଭରରେ ୧୪୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ରୀଜା ହେଣ୍ଡ୍ରିକ୍ସ ୫୧ ବଲ୍ ଖେଳି ୬ଟି ଲେଖାଏଁ ଚୌକା ଓ ଛକା ସହ ସର୍ବାଧିକ ୮୭ ରନ୍ କରିଥିଲେ। କାମଚଳା ଅଧିନାୟକ ରାସି ଭାନ ଡର ଡୁସେନ ୧୭ ଓ ମାଥ୍ୟୁ ବ୍ରିଜ୍‌କେ ୧୯ ରନ୍ କରି ଦଳ ପକ୍ଷରୁ ଦୁଇ ଅଙ୍କ ଛୁଇଁବାରେ ସମର୍ଥ ହୋଇଥିଲେ। ୱେଷ୍ଟଇଣ୍ଡିଜ୍‌ର ୨୨ ବର୍ଷୀୟ ଫାଷ୍ଟ ବୋଲର ମାଥ୍ୟୁ ଫୋର୍ଡ ଓ ୨୯ ବର୍ଷୀୟ ଗୁଡକେଶ ମୋତି ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଓବେଦ ମ୍ୟାକ୍‌କୟ ମଧ୍ୟ ୨ଜଣଙ୍କ ୱିକେଟ ନେଇଥିଲେ। କିଙ୍ଗ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲାବେଳେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଇଣ୍ଡିଜ୍ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ବାକିଥିବା ୨ଟି ମ୍ୟାଚ୍ ଏହିଠାରେ ମେ ୨୫ ଓ ୨୬ରେ ବା ଶନିବାର ଓ ରବିବାର ଖେଳାଯିବ। ଟି-୨୦ ବିଶ୍ୱକପ୍ ଲାଗି ଆଇଡେନ ମାର୍କରାମ ଓ ରୋଭମାନ ପାୱେଲଙ୍କୁ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ୍‌ର ଅଧିନାୟକ ମନୋନୀତ କରାଯାଇଛି। ଉଭୟ ଖେଳାଳି ଆଇପିଏଲ୍ ଖେଳୁଛନ୍ତି।

## ପୁଣି ହାରିଲେ ଜୋକୋଭିଚ୍

ଜେନେଭା, ୨୪।୫(ଏଜେନ୍ସି): ସ୍ୱିଜରଲାଣ୍ଡର ଜେନେଭାରେ ଚାଲିଥିବା ଏଟିପି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୧ ନଂ ଖେଳାଳି ନୋଭାକ ଜୋକୋଭିଚ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଫାଇନାଲକୁ ଉଠିବାରେ ବଞ୍ଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମୁକାବିଲାରେ ଜୋକୋଭିଚ୍ ୪-୬, ୬-୦, ୧-୬ ସେଟ୍‌ରେ ବିଶ୍ୱର ୪୩ ନଂ ଖେଳାଳି ଚେକ୍ ଗଣରାଜ୍ୟର ଅଣସିଡ୍ ଖେଳାଳି ଟୋମାସ ମାକାକଙ୍କଠାରୁ ପରାସ୍ତ ହୋଇଛନ୍ତି। ବିପର୍ଯ୍ୟୟ ଘଟାଇ କ୍ୟାରିୟରର ସବୁଠାରୁ ବଡ଼ ବିଜୟ ହାସଲ କରିବା ସହ ଟୋମାସ ଫାଇନାଲରେ ପ୍ରବେଶ କରିଛନ୍ତି। ଏବେ ସେ ଫାଇନାଲରେ ଦ୍ୱିତୀୟ ସେମିଫାଇନାଲ ବିଜେତା ଦ୍ୱିତୀୟ ସିଡ୍ ନରୱେର କାସ୍ପେର ରୁଡ୍ କିମ୍ବା ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ଭେଟିବେ।

## ୟୁରୋକପ୍ ପରେ ଅବସର ନେବେ ଗିରୋଡ୍

ପ୍ୟାରିସ୍, ୨୪।୫(ଏଜେନ୍ସି): ଫ୍ରାନ୍ସର ଅଭିଜ୍ଞ ଷ୍ଟ୍ରାଇକର ଓଲିଭର ଗିରୋଡ୍ ଅବସର ନେବେ ବୋଲି ସୂଚନା ଦେଇଛନ୍ତି। ଫ୍ରାନ୍ସର ଏହି ୩୭ ବର୍ଷୀୟ ସର୍ବାଧିକ ଗୋଲ ସ୍କୋରର ଆଗାମୀ ୟୁରୋକପ୍ ପରେ ଅବସର ନେବେ ବୋଲି କହିଛନ୍ତି। ସେ ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିଅନ ଫ୍ରାନ୍ସ ଦଳର ସଦସ୍ୟ ଥିଲେ। ସେ ଏପର୍ଯ୍ୟନ୍ତ ୧୩୧ଟି ମ୍ୟାଚ୍ ଖେଳି ୫୭ଟି ଗୋଲ ସ୍କୋର କରିଛନ୍ତି। ଏସି ମିଲାନର ଏହି ଅଭିଜ୍ଞ ଫୁଟବଲ ପୂର୍ବରୁ ଆର୍ସେନାଲ ଓ ଚେଲସି କ୍ଲବ ତରଫରୁ ପ୍ରତିନିଧିତ୍ୱ କରିଥିଲେ। କତାରରେ ଅନୁଷ୍ଠିତ ୨୦୨୨ ଫିଫା ବିଶ୍ୱକପ୍‌ରେ ସେ ୪ଟି ଗୋଲ ସ୍କୋର କରିଥିଲେ। ଏହି ବିଶ୍ୱକପ୍‌ରେ ସେ ଥିରେରୀ ହେନେରିଙ୍କୁ ପଛରେ ପକାଇ ଫ୍ରାନ୍ସର ସର୍ବାଧିକ ଗୋଲ ସ୍କୋରର ବିବେଚିତ ହୋଇଥିଲେ। ୨୦୨୦ ୟୁରୋକପ୍‌ରେ ଫ୍ରାନ୍ସ ପ୍ରି- କ୍ୱାର୍ଟର ଫାଇନାଲରେ ସୁଇଜରଲାଣ୍ଡଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା।

### କୁଏତ ଓ କତାର ବିପକ୍ଷ ଫିଫା ବିଶ୍ୱକପ୍ କ୍ୱାଲିଫାୟର

# ୨୭ ଜଣିଆ ଭାରତୀୟ ଫୁଟବଲ ଦଳ ଘୋଷଣା

ଭୁବନେଶ୍ୱର, ୨୪।୫ (ସମିସ)



କୁଏତ ଓ କତାର ବିପକ୍ଷ ଫିଫା ବିଶ୍ୱକପ୍ କ୍ୱାଲିଫାୟର ମୁକାବିଲା ଲାଗି ଭାରତୀୟ ଫୁଟବଲ ଦଳ ଘୋଷଣା କରାଯାଇଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ୩୨ ଜଣ ଖେଳାଳିଙ୍କୁ ନେଇ ଶିବିର ଚାଲିଛି। ଏହି ଶିବିରରୁ ୫ଜଣ ଖେଳାଳି ଯଥା ପୁର୍ବା ଲାଚେମ୍ପା, ପାର୍ଥିବ ଗୋଗୋଇ, ଇମ୍ରାନ ଖାନ୍, ମହମ୍ମଦ୍ ହାମଦ ଓ ଜିତିନ ଏମ୍‌ଏସ୍‌ଙ୍କୁ ଶିବିରରୁ ବାଦ୍ ଦିଆଯାଇଛି। ଏହା ଫଳରେ ଆଉ ୨୭ ଜଣ ଖେଳାଳି ଦଳରେ ରହିଛନ୍ତି। ଏହି ଖେଳାଳିଙ୍କୁ ନେଇ ଭାରତ କୁଏତ ସହ କୋଲକାତାର ଯୁବଭାରତୀ କ୍ରୀଡ଼ାଙ୍ଗନରେ ଜୁନ୍ ୬ରେ ଏବଂ କତାର ସହ କତାରରେ ଜୁନ୍ ୧୧ରେ ମୁକାବିଲା କରିବ। ଶିବିରରେ ଥିବା ଖେଳାଳିମାନେ କଳିଙ୍ଗରେ ମେ ୨୯ ତାରିଖଯାଏ ଅଭ୍ୟାସ କରିବେ। ଏହା ପରେ ସେମାନେ କୋଲକାତା ଅଭିମୁଖେ ଯାତ୍ରା କରିବେ। ବିବେକାନନ୍ଦ ଯୁବଭାରତୀୟ କ୍ରୀଡ଼ାଙ୍ଗନରେ ଏମାନେ ଅଭ୍ୟାସ କରିବେ। ଏହାପରେ ଜୁନ୍ ୬ରେ କୁଏତ ସହ ମୁକାବିଲା କରିବେ। ଏହି ମ୍ୟାଚ୍ ପରେ ଦଳ କତାର ଯିବ ଓ ସେଠାରେ କତାର ସହ ଜୁନ୍ ୧୧ରେ ମ୍ୟାଚ୍ ଖେଳିବ।

ନିଜ ଗ୍ରୁପ୍‌ରେ ଭାରତ ଏବେ ସୁଦ୍ଧା ୪ଟି ମ୍ୟାଚ୍‌ରୁ ୪ ପଏଣ୍ଟ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛି। ଲିଗ୍ ମ୍ୟାଚ୍ ପରେ ଦୁଇ ଶ୍ରେଷ୍ଠ ଦଳ ଫିଫା କ୍ୱାଲିଫାୟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ। ଏହି ଦୁଇ ଦଳ ମଧ୍ୟ ୨୦୨୭ ସାଉଦି ଆରବରେ ହେବାକୁ ଥିବା ଏଏଫସି ଏସିଆନ୍ କପ୍ ଲାଗି ଯୋଗ୍ୟତା ଅର୍ଜନ କରିବେ।

### ଭାରତୀୟ ଦଳ

ଗୁରପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ ଓ ବିଶାଳ କୈଥ (ଗୋଲରକ୍ଷକ), ଆମି ରଣୱାଡେ, ଅନୱାର ଅଲି, ଜୟ ଗୁପ୍ତା, ଲାଲଚୁଙ୍ଗନୁଙ୍ଗା, ମେହତାବ ସିଂ, ନରେନ୍ଦର, ନିଖିଲ ପୂଜାରୀ, ରାହୁଲ ଭେକେ, ଶୁଭାଶିଷ ବୋଷ (ସମସ୍ତେ ରକ୍ଷଣଭାଗ), ଅନିରୁଦ୍ଧ ଥାପା, ବ୍ରାଣ୍ଡନ ଫର୍ଣ୍ଣାଣ୍ଡିସ୍, ଏଡମଣ୍ଡ ଲାଲରିଣ୍ଡିକା, ଜିକ୍‌ସନ ସିଂ, ଲାଲିଆନଜୁଆଲା ଚାଙ୍ଗଟେ, ଲିଷ୍ଟନ କୋଲାକୋ, ମହେଶ ସିଂ, ନନ୍ଦକୁମାର ଶେକର, ସାହାଲ ଅବଦୁଲ ସମଦ, ସୁରେଶ ସିଂ (ସମସ୍ତେ ମଧ୍ୟଭାଗ), ଡେଭିଡ୍ ଲାଲହ୍ଲାନସଙ୍ଗା, ମାନବୀର ସିଂ, ରହିମ ଅଲି, ସୁନୀଲ ଛେତ୍ରୀ ଓ ବିକ୍ରମ ପ୍ରତାପ ସିଂ (ସମସ୍ତେ ଅଗ୍ରଭାଗ)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର